ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୪/୨୦୧୮ (୧୬ ପୃଷ୍ଠା ) Sambalpur, Tuesday, December 4/ 2018 ★★
୧୪ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ମଲାଇକା, ଅର୍‌ବାଜ୍ ମୁହାଁମୁହିଁ**

ଦୀପିକା-ରଣବୀରଙ୍କ ବିବାହ ପାର୍ଟିରେ ବଲିଉଡ୍‌ର ଚର୍ଚ୍ଚିତ ତାରକା ମଲାଇକା ଆରୋରା ଓ ତାଙ୍କ ପୂର୍ବତନ ଜୀବନସାଥୀ ଅର୍‌ବାଜ୍ ଖାନ ମୁହାଁମୁହିଁ ହୋଇଛନ୍ତି। **୦୨**

**୧୫** **ମଧୁସ୍ମିତାଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ମଧୁସ୍ମିତା ବେହେରାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଓଡ଼ିଶା ସିନିୟର ମହିଳା କ୍ରିକେଟ ଦଳ ୬ଉଇକେଟରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି।









କଳିଙ୍ଗ ଷ୍ଟାଡିୟମରେ ସୋମବାର ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହକି ବିଶ୍ୱକପ୍ ମ୍ୟାଚର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

## ପୋଲାଭରମ୍ ପ୍ରକଳ୍ପ ବିବାଦ



- ରାଜ୍ୟ ସରକାରଙ୍କୁ ଝଟକା
- ସମସ୍ତ ତଥ୍ୟ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ
- ଜାନୁୟାରୀ ପ୍ରଥମ ସପ୍ତାହରେ ପରବର୍ତ୍ତୀ ଶୁଣାଣି

ପୋଲାଭରମ ପ୍ରକଳ୍ପ ବିବାଦକୁ ନେଇ ରାଜ୍ୟ ସରକାରଙ୍କୁ ଜୋରଦାର ଝଟକା ଲାଗିଛି। ସୋମବାର ଏହି ମାମଲାର ଶୁଣାଣି କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସ୍ଥଗିତ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟ ମନାକରି ଦେଇଛନ୍ତି। ତେବେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କୁ ଦେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେତେ ଅଞ୍ଚଳ ବୁଡ଼ିବ, କେତେଜଣ କ୍ଷତିଗ୍ରସ୍ତ ହେବେ ସେ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ସେହି ତଥ୍ୟ ଆଧାରରେ ଓଡ଼ିଶା ଏବଂ ଛତିଶଗଡ଼ ନିଜ ରାଜ୍ୟରେ ଜନ ଶୁଣାଣି କରିପାରିବେ ବୋଲି କୋର୍ଟ କହିଛନ୍ତି । ଜାନୁୟାରୀ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ପୋଲାଭରମ୍ ପ୍ରକଳ୍ପ ବିବାଦକୁ ନେଇ ସୁପ୍ରିମକୋର୍ଟ ନଭେମ୍ବର ୨୯ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ଓଡ଼ିଶା ଏବଂ ଛତିଶଗଡ଼ରେ ଜନଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଡିସେମ୍ବର ୧ ତାରିଖ ସୁଦ୍ଧା ଜନଶୁଣାଣି ପାଇଁ ଟର୍ମସ୍ ଆଣ୍ଡ କଣ୍ଡିସନ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ଏକ ଅନ୍ତରୀଣ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଏକ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ପୋଲାଭରମ୍ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁଥିବା ଲୋକମାନେ ନ୍ୟାୟ ମିଳିବା ନେଇ ଆଶା ସଞ୍ଚାର ହୋଇଥିଲା। ମାତ୍ର ପ୍ରକଳ୍ପ କାର୍ଯ୍ୟ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଦେଇ ନ ଥିବାରୁ ଓଡ଼ିଶାର ଆଶା ମଉଳିବାରେ ଲାଗିଛି।

ନଭେମ୍ବର ୨୭ରେ କେନ୍ଦ୍ର ସରକାର ଓଡ଼ିଶା ଏବଂ ଛତିଶଗଡ଼ରେ ଏକ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଜନ ଶୁଣାଣି କରିବାକୁ କୋର୍ଟଙ୍କୁ ଅବଗତ କରିଥିଲେ। ତେବେ ନଭେମ୍ବର ୨୯ ତାରିଖରେ ସତ୍ୟପାଠ ଦାଖଲ କରି କେନ୍ଦ୍ର ସରକାର ଏଭଳି ପ୍ରସ୍ତାବରୁ ଓହରି ଯାଇଥିଲେ। ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଜନଶୁଣାଣି କରିବା ଲାଗି ଭୁଲବଶତଃ କୁହାଯାଇଥିଲା ବୋଲି ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଉଭୟ ରାଜ୍ୟରେ ଜନଶୁଣାଣି ହୋଇଥିବା ବିଷୟ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଓଡ଼ିଶା, ତେଲେଙ୍ଗାନା ଏବଂ ହାଇଦ୍ରାବାଦସ୍ଥିତ ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ରେଡିନେସ ଫର ଏମ୍ପାଓ୍ୱାରମେଣ୍ଟ ଥ୍ରୁ ☞ପୃଷ୍ଠା–୪

**ହକି ବିଶ୍ୱକପ୍**

**ଫଳାଫଳ**

**ସୋମବାର**

ପ୍ରଥମ ମ୍ୟାଚ
ସ୍ପେନ୍ -୧
ଫ୍ରାନ୍ସ -୧
ଦ୍ୱିତୀୟ ମ୍ୟାଚ
ଆର୍ଜେଣ୍ଟିନା-୩
ନ୍ୟୁଜିଲାଣ୍ଡ-୦

**ଆଜିର ସମ୍ପାଦକୀୟ**

**ଫ୍ରାନ୍ସରୁ ଶିକ୍ଷା**

**ଆଜିର ମନ୍ତବ୍ୟ**

"କଂଗ୍ରେସ ମିଛ ପ୍ରଚାରର ବିଶ୍ୱବିଦ୍ୟାଳୟ ପାଲଟିଯାଇଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ବର୍ତ୍ତମାନ ସୁଦ୍ଧା ଦେଶର ୨୮ ରାଜ୍ୟର ୧୧୭ ଜିଲାକୁ ଆକାଂକ୍ଷୀ ଜିଲା ଭାବେ ଘୋଷଣା କରାଯାଇଛି।
– ନୀତି ଆୟୋଗ

NECC NATIONAL EGG CO-ORDINATION COMMITTEE 03.12.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 76 | 127 | 137 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers

**■ ୟୁପି, କଶ୍ମୀରରେ ଆଇନ ହାତକୁ ନେଲେ ଲୋକେ**

# ଗୋ ସୁରକ୍ଷା ନାଁରେ ହିଂସା

**ବୁଲନ୍ଦସହର/କଠୁଆ,୩।୧୨(ପି.ଟି.)**

## ଉତ୍ତ୍ୟକ୍ତଙ୍କ ଲଙ୍କାକାଣ୍ଡ



ବୁଲନ୍ଦସହରରେ ପୋଲିସକୁ ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼।

- ବୁଲନ୍ଦସହରରେ ଗୋହତ୍ୟା ଗୁଜବରୁ ଉତ୍ତେଜନା
- ଟେକାମାଡ଼ରେ ପୋଲିସ ଇନ୍ସପେକ୍ଟର ମୃତ
- ପୋଲିସ ଗୁଳିମାଡ଼ରେ ଟଳିଲେ ଯୁବକ
- ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- କଠୁଆରେ ଟ୍ରକ୍ ଜାଳିଦେଲେ, ରାଜପଥ ରୋକିଲେ

ଉତ୍ତରପ୍ରଦେଶ (ୟୁପି) ଓ ଜମ୍ମୁ-କଶ୍ମୀରରେ ଗୋ ସୁରକ୍ଷା ନାମରେ ହିଂସା। ୟୁପିର ବୁଲନ୍ଦ୍‌ସହରରେ ଗୋହତ୍ୟା ଗୁଜବକୁ ନେଇ ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ ଦେଖିବାକୁ ମିଳିଛି। ଲୋକଙ୍କ ଟେକାମାଡ଼ରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ଜୀବନ ଯାଇଥିବାବେଳେ ଜବାବୀ କାର୍ଯ୍ୟାନୁଷ୍ଠାନ ବେଳେ ଗୁଳିମାଡ଼ରେ ଟଳିପଡ଼ିଛନ୍ତି ଜଣେ ଯୁବକ। ଯୋଗୀ ଆଦିତ୍ୟନାଥ ସରକାର ଏହାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ କଶ୍ମୀରର କଠୁଆ ଜିଲାରେ ଗୋ ଚାଲାଣ ହେଉଥିବାବେଳେ ଗୋରୁ ବୋଝେଇ ଟ୍ରକ୍‌କୁ ଜାଳି ଦିଆଯାଇଛି। ତଥାକଥିତ ଗୋରକ୍ଷକମାନେ ବ୍ୟାପକ ଭଙ୍ଗାରୁଜା କରିବା ସହ ଜମ୍ମୁ-ପଠାନ୍‌କୋଟ୍ ଜାତୀୟ ରାଜପଥରେ ରାସ୍ତା ରୋକୋ କରିଛନ୍ତି। ଉଭୟ ହିଂସାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ବୁଲନ୍ଦ୍‌ସହରରେ କେତେବେଳେ ଦଙ୍ଗା ଭଳି ସ୍ଥିତି ସୃଷ୍ଟି ହୁଏ ତାହା କହିହୁଏ ନାହିଁ। ଦୁଇ ସମ୍ପ୍ରଦାୟକୁ ନେଇ ଦଙ୍ଗା ଏଠାରେ ନୂଆକଥା ନୁହେଁ। ମହାଉ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ସୋମବାର ସ୍ଥାନୀୟ ଲୋକେ କେତେକ ଗାଈ ଓ ବାଛୁରୀଙ୍କ ଶରୀରର କିଛି ଅଂଶ ପାଇବା ପରେ ଗୋ ହତ୍ୟା ଗୁଜବ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଏହାକୁ ନେଇ ଚିଙ୍ଗ୍‌ରାଓ୍ୱଠି କ୍ରସିଂରେ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ବିଭିନ୍ନ ହିନ୍ଦୁ ସଙ୍ଗଠନର ସଦସ୍ୟ ଓ ଉତ୍ତ୍ୟକ୍ତ ଗ୍ରାମବାସୀ ଗୋରୁଙ୍କ ଦେହାବଶେଷକୁ ଏକ ଟ୍ରାକ୍ଟର ଟ୍ରଲିରେ ଚିଙ୍ଗ୍‌ରାଓ୍ୱଠି ଥାନାକୁ ଆଣି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ବୁଲନ୍ଦ୍‌ସହର-ଗଡ଼ ରାଜପଥ ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ☞ପୃଷ୍ଠା–୪

**■ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି**

# ୨୪ ଘଣ୍ଟିଆ ମହାବନ୍ଦ

**ବଲାଙ୍ଗୀର ଅଫିସ,୩।୧୨**

- ୪ ଟ୍ରେନ୍ ବାତିଲ, ୪ ଟ୍ରେନ୍‌ର ରୁଟ୍ ପରିବର୍ତ୍ତିତ
- ସମ୍ବଲପୁରରେ ରହିଲା ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି
- ରାୟଗଡ଼ାରୁ ଫେରିଲା ବିଶାଖାପାଟଣା-ରାୟପୁର ପାସେଞ୍ଜର
- ସମ୍ମିଳିତ ହେଲେ କଂଗ୍ରେସ, ବିଜେଡି, ଭାଜପା ନେତା

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ୨୪ଘଣ୍ଟିଆ ବଲାଙ୍ଗୀର ଜିଲା ମହାବନ୍ଦକୁ ବିପୁଳ ସମର୍ଥନ ମିଳିଛି। ମହାବନ୍ଦ ଯୋଗୁ ବଲାଙ୍ଗୀର, ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି, ତୁଷରା ସହରାଞ୍ଚଳ ସମେତ ସମସ୍ତ ବ୍ଲକ ତଥା ଗ୍ରାମାଞ୍ଚଳରେ ଜୀବନଯାତ୍ରା ଠପ୍ ହୋଇଯାଇଥିଲା। ମହାବନ୍ଦ ପାଇଁ ୪ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ ୪ଟିର ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ବଲାଙ୍ଗୀର ଆସି ନ ପାରି ସମ୍ବଲପୁରଠାରେ ଅଟକିଥିବାବେଳେ ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍ ରାୟଗଡ଼ାରୁ ଫେରିଯାଇଥିଲା। ☞ପୃଷ୍ଠା–୪





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଟି ଭାରତ ତିଆରି କରୁଛନ୍ତି । ଗୋଟିଏ ଅନିଲ୍ ଅମ୍ବାନୀଙ୍କ ଭଳି କୋଟିପତିଙ୍କ ପାଇଁ ହୋଇଥିବାବେଳେ ଅନ୍ୟଟି ଋଣବୋଝରେ ନଇଁପଡ଼ିଥିବା ଗରିବ ଚାଷୀଙ୍କ ପାଇଁ ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



## ସଂକ୍ଷେପରେ

### କଙ୍ଗୋରେ ସଂଘର୍ଷ: ୧୫ ନିହତ

**ବୁକାଭୁ(କଙ୍ଗୋ),୩।୧୨(ପି.ଟି.)**- ପୂର୍ବ କଙ୍ଗୋରେ ସୈନ୍ୟବାହିନୀ ଏବଂ ପୂର୍ବତନ ଜେନେରାଲଙ୍କ ଅନୁଗତ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୫ ଜଣ ନିହତ ହୋଇଛନ୍ତି। ଧର୍ମୀୟ ଉତ୍ତେଜନାପ୍ରବଣ ଫିଜିରେ ସୋମବାର ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରହିଥିଲା। ନିର୍ବାଚନ ବିଳମ୍ବିତ କରାଉଥିବା ରାଷ୍ଟ୍ରପତି ଯୋସେଫ କାବିଲାଙ୍କୁ ବହିଷ୍କାର କରିବା ଏହି ବିଦ୍ରୋହର ଉଦ୍ଦେଶ୍ୟ ବୋଲି ଜଣାପଡିଛି। ସଂଘର୍ଷରେ ବିଦ୍ରୋହୀଙ୍କ କମାଣ୍ଡର ଆଲିଦାଙ୍କ ସମେତ ୧୨ ଯୋଦ୍ଧା ନିହତ ହୋଇଥିଲା ବେଳେ ୩ ଯବାନ ଅସ୍ତ୍ରଶସ୍ତ୍ର ସହ ପାଣିରେ ବୁଡିଯାଇଥିବା ଜଣାପଡିଛି।

### ଆମୋନିଆ ଗ୍ୟାସ୍ ଲିକ୍: ୧୪ ଗୁରୁତର

**ମୁମ୍ବାଇ,୩।୧୨(ପି.ଟି.)**- ମହାରାଷ୍ଟ୍ରର ରତ୍ନଗିରି ଜିଲାରେ ଥିବା ଏକ କେମିକାଲ୍ ପ୍ଲାଣ୍ଟରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ୧୪ ଜଣ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥଙ୍କ ମଧ୍ୟରେ ୬ ମହିଳା ଓ ୪ ଜଣ ପିଲା ଅଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲାର ପର୍ଶୁରାମ ଅଞ୍ଚଳରେ ଥିବା ଏମଆଇଡିସି ଶିଳ୍ପାଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଶୁକ୍ରବାର ସକାଳେ ଲିଟମସ୍ ଅର୍ଗାନିକ ପ୍ରା.ଲିଃରେ କର୍ମଚାରୀମାନେ କାର୍ଯ୍ୟରତ ଥିଲାବେଳେ ଗ୍ୟାସ୍ ଲିକ୍ ହୋଇଥିଲା। କ୍ଷତିଗ୍ରସ୍ତଙ୍କ ଏତଲା ଭିତ୍ତିରେ କମ୍ପାନୀର ମ୍ୟାନେଜର ଏବଂ ସୁପରଭାଇଜରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

### ଆତଙ୍କବାଦୀଙ୍କ ୧୦ ସହଯୋଗୀ ଗିରଫ

**ଶ୍ରୀନଗର,୩।୧୨(ପି.ଟି.)**-ଜମ୍ମୁ-କଶ୍ମୀରର ପୁଲଓ୍ବାମା ଜିଲାରୁ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ୧୦ ସହଯୋଗୀଙ୍କୁ ଗିରଫ କରାଯାଇଛି। ଅବନ୍ତିପୁରାର ତ୍ରାଲ ଅଞ୍ଚଳ ଏବଂ ପାମ୍ପୋରରୁ ସେମାନଙ୍କୁ ଗିରଫ କରାଯିବା ସହ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଜେଇଏମ୍ କରିଥିବା ଦୁଇଟି ବଡ଼ ଆକ୍ରମଣ ଯୋଜନା ଧରାପଡିଯାଇଛି। ଏମାନେ ତ୍ରାଲ ଅଞ୍ଚଳରେ ସାଧାରଣ ଜନତା ଏବଂ ସୁରକ୍ଷା ବଳକୁ ଟାର୍ଗେଟ କରି ଆତଙ୍କ ଖେଳାଇବା ଲାଗି ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଏହାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଜବତ ଦସ୍ତାବିଜରୁ ଗିରଫ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ୟୁନିସ ନବୀ ନାଏକ, ଫଏଜ ଅହମଦ ଓ୍ବାନି, ରାୟାଜ ଅହମଦ ଗନାଇ, ବିଲାଲ ଅହମଦ ରାଠେର, ଜାଭେଦ ଅହମଦ ପାରାୟ, ୟାସିର ବଶିର ଓ୍ବାନି, ତାହିର ୟୁସୁଫ ଲୋନ୍, ରଫିକ ଅହମଦ ଭଟ୍ଟ, ଜାଭେଦ ଅହମଦ ଖଣ୍ଡାୟ ଏବଂ ଇମ୍ରାନ ନାଜିର। ସେମାନଙ୍କ ଠାରୁ ଜିଲେଟିନ୍ ଷ୍ଟିକ, ଡେଟୋନେଟର, ଆଇଇଡି ପ୍ରଭୃତି ସାମଗ୍ରୀ ଏବଂ ଗ୍ରେନେଡ ଜବତ ହୋଇଛି।

ଇତିହାସର ଆଇନାରେ

### ଡିସେମ୍ବର ୪ର ପ୍ରମୁଖ ଘଟଣା

୧୯୧୮ ଡିସେମ୍ବର ୪ ତାରିଖରେ ଆମେରିକା ରାଷ୍ଟ୍ରପତି ଉଡ୍ରୋ ଓ୍ବିଲସନ ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଶାନ୍ତି ଆଲୋଚନା



ଲାଗି ଭର୍ସାଇଲିସ ଯାତ୍ରା କରିଥିଲେ। କ୍ଷମତାରେ ଥାଇ ୟୁରୋପ ଗସ୍ତ କରିବାରେ ସେ ଥିଲେ ପ୍ରଥମ ଆମେରିକା ରାଷ୍ଟ୍ରପତି। ତେବେ ପରବର୍ତ୍ତୀ ସମୟରେ ତାଙ୍କର ଭର୍ସାଇଲିସ ଚୁକ୍ତି ସିନେଟରେ ଖାରଜ ହୋଇଯାଇଥିଲା ଏବଂ ଆମେରିକା ଲିଗ୍ ଅଫ ନେସନ୍ସ ବାହାରେ ରହିଥିଲା।

୧୯୮୨ ଡିସେମ୍ବର ୪ ତାରିଖରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଏହାର ବର୍ତ୍ତମାନର ସମ୍ବିଧାନକୁ ଅନୁମୋଦନ କରିଥିଲା ଏବଂ ସେହିଦିନଠାରୁ ଉକ୍ତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ପଞ୍ଚମ ନ୍ୟାସନାଲ ପିପୁଲ୍ସ କଂଗ୍ରେସରେ ସମ୍ବିଧାନ ଗୃହୀତ ହେବା ପରେ ବର୍ତ୍ତମାନ ସୁଦ୍ଧା ମାତ୍ର ୫ ଥର ସଂଶୋଧନ ହୋଇଛି।

## ■ ବିଧାନସଭା ଲଢ଼େଇକୁ ୪ ଦିନ ବାକି: ରୋଚକ ମୋଡ଼ରେ ପ୍ରଚାର

# ବଢୁଛି ତେଲେଙ୍ଗାନା ତାତି

**ହାଇଦ୍ରାବାଦ,୩।୧୨**

ତେଲେଙ୍ଗାନା ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୪ ଦିନ ବାକିଥିବାବେଳେ ସବୁ ଦଳ ପକ୍ଷରୁ ହାଇଭୋଲଟେଜ୍ ପ୍ରଚାର ଚାଲିଛି। କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ଗଡ଼ରକ୍ଷା ପାଇଁ ଅଣ୍ଟାଭିଡ଼ିଥିବାବେଳେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍)କୁ ହଟାଇ କ୍ଷମତା ଅକ୍ତିଆର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି କଂଗ୍ରେସ ଓ ଭାଜପା। ଏଭଳି ସମୟରେ କେସିଆର୍‌ଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଟାର୍ଗେଟ ନିର୍ବାଚନକୁ ସରଗରମ କରିଛି। ସେପଟେ ଭାଜପାର ଷ୍ଟାର କ୍ୟାମ୍ପେନର୍ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ତୋଫାନି ଗସ୍ତ ରାଜ୍ୟ ତଥା ଜାତୀୟ ରାଜନୀତିରେ ଉଷ୍ମତା ସୃଷ୍ଟି କରିଛି। ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ବାଇସି ଓ ତାଙ୍କ ଭାଇ ଆକବରୁଦ୍ଦିନ ଓ୍ବାଇସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଯୋଗୀଙ୍କୁ ନେଇ ଦେଇଥିବା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ପ୍ରଚାରକୁ ରୋଚକ ମୋଡ଼ରେ ପହଞ୍ଚାଇଛି।

୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନା ବିଧାନସଭା ପାଇଁ ଆସନ୍ତା ୭ରେ ଭୋଟଗ୍ରହଣ କରାଯିବ। ନିର୍ବାଚନ ପ୍ରଚାର ଶେଷ ହେବାକୁ ଆଉ ଦୁଇଦିନ ବାକି



ଅସାଦୁଦ୍ଦିନ ଓ୍ବାଇସି



ଆକବରୁଦ୍ଦିନ ଓ୍ବାଇସି

ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଉଭୟ ରାଜ୍ୟର ଟିଆର୍ଏସ୍ ଏବଂ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ସୋମବାର ଗଡ଼ଓ୍ବାଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି, ଟିଆର୍ଏସ୍ ଅଧ୍ୟକ୍ଷ କେସିଆର୍ ଜିଏସ୍‌ଟି ବିଲ୍, ବିମୁଦ୍ରୀକରଣ, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଭଳି ବିଭିନ୍ନ ସମୟରେ ଏନ୍‌ଡିଏକୁ ସମର୍ଥନ କରିଛନ୍ତି। କେସିଆର୍ ଭାଜପାର 'ବି' ଟିମ୍ ହୋଇଥିବାରୁ ସେ କେବେ ମୋଦିଙ୍କୁ ସମାଲୋଚନା କରନ୍ତି ନାହିଁ। ଟିଆର୍ଏସ୍-ଏନ୍‌ଡିଏ ମଧ୍ୟରେ ଭିତିରି ବୁଝାମଣା ଅଛି। ଉଭୟ ଟିଆର୍ଏସ୍ ଏବଂ ଭାଜପାକୁ ତେଲେଙ୍ଗାନାବାସୀ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ଭୋଟ ଦିଅନ୍ତୁ। କଂଗ୍ରେସ କ୍ଷମତାକୁ ଆସିଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର କେସିଆର୍ ଏଭଳି ଅଭିଯୋଗକୁ ଖଣ୍ଡନ କରି ନିଜକୁ ଲୋକଙ୍କ ଏଜେଣ୍ଟ ଭାବେ ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ 'ନିଜାମ୍' ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ। ସେ କହିଛନ୍ତି, ଭାରତ ହେଉଛି ତାଙ୍କ ବାପାଙ୍କ ଦେଶ। ତେଣୁ ତାଙ୍କୁ ନିଜାମ୍‌ଙ୍କ ଭଳି ଦେଶରୁ ବାହାର କରିଦେବା ଅଧିକାର କାହାରି ନାହିଁ। ଯୋଗୀଙ୍କୁ ଇତିହାସ ଜଣାନାହିଁ। ତେଣୁ ସେ ଇତିହାସ ପଢ଼ିଥିବା ଲୋକଙ୍କୁ ନିଜାମ୍‌ଙ୍କ ବିଷୟରେ ପଚାରି ବୁଝନ୍ତୁ। ଯୋଗୀ ନିଜ ନିର୍ବାଚନମଣ୍ଡଳୀ ଓ ରାଜ୍ୟ କଥା ବୁଝନ୍ତୁ ବୋଲି ଅସାଦୁଦ୍ଦିନ ପରାମର୍ଶ ଦେଇଛନ୍ତି। ସେହିପରି ଅସାଦୁଦ୍ଦିନଙ୍କ ଭାଇ ତଥା ଏଆଇଏମ୍ଆଇଏମ୍ ବିଧାୟକ ଆକବରୁଦ୍ଦିନ ଓ୍ବାଇସି ଯୋଗୀ ଓ ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ

### ମୋଦି-ଯୋଗୀଙ୍କୁ ଅସାଦୁଦ୍ଦିନ ଭ୍ରାତାଙ୍କ ଉତ୍ତେଜନାପୂର୍ଣ୍ଣ ଜବାବ

କହିଛନ୍ତି, ହାଇଦ୍ରାବାଦରେ ତାଙ୍କର ଆଗାମୀ ୧୦୦ ପିଢ଼ି ପର୍ଯ୍ୟନ୍ତ ରହିବେ। ସେମାନଙ୍କୁ ସେଠାରୁ କେହି ବାହାର କରିପାରିବେ ନାହିଁ। ସେହିପରି ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ସେ କଟୁଭାଷା ବ୍ୟବହାର କରି କହିଛନ୍ତି, ମୋଦି ସବୁବେଳେ ନିଜକୁ ଚା' ବାଲା ବୋଲି କହୁଛନ୍ତି। ସେ ସେହି ଢଙ୍ଗରେ ବ୍ୟବହାର ମଧ୍ୟ ଦେଖାଉଛନ୍ତି। ତାଙ୍କଠାରେ କେବଳ ଜଣେ ଚା' ବାଲାର ମାନସିକତା ରହିଛି। ମୋଦି ଏଭଳି ମାନସିକତାରୁ ମୁକ୍ତ ହୋଇ ପ୍ରଧାନମନ୍ତ୍ରୀ ଭଳି ବ୍ୟବହାର ଦେଖାନ୍ତୁ ଓ କାର୍ଯ୍ୟ କରନ୍ତୁ ବୋଲି ଆକବରୁଦ୍ଦିନ ତାଚ୍ଛଲ୍ୟ କରିଛନ୍ତି। ବିକାରାବାଦ ଜିଲାର ତନ୍ଦୁରରେ ରବିବାର ଏକ ସଭାକୁ ସମ୍ବୋଧିତ କରି ଯୋଗୀ ଆଦିତ୍ୟନାଥ କହିଥିଲେ, ତେଲେଙ୍ଗାନାରେ ଭାଜପା କ୍ଷମତାସୀନ ହେଲେ ଅସାଦୁଦ୍ଦିନଙ୍କୁ ନିଜାମ୍‌ଙ୍କ ହାଇଦ୍ରାବାଦରୁ ପଳାୟନ କରିବାକୁ ପଡ଼ିବ।



ମୁଁ ଭାଜପାର 'ବି' ଟିମ୍ କି କଂଗ୍ରେସର 'ଏଜେଣ୍ଟ' ନୁହେଁ। ମୁଁ କେବଳ ତେଲେଙ୍ଗାନା ଜନସାଧାରଣଙ୍କର ଏଜେଣ୍ଟ।

- କେ. ଚନ୍ଦ୍ରଶେଖର ରାଓ, ଟିଆର୍ଏସ୍ ଅଧ୍ୟକ୍ଷ

## ୧୦ରେ ବିରୋଧୀ ମେଳି

**ନୂଆଦିଲ୍ଲୀ,୩।୧୨(ପି.ଟି.)**

୨୦୧୯ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବାରେ ଲାଗିଛନ୍ତି। ଏହିକ୍ରମରେ ଆସନ୍ତା ୧୦ରେ ବିରୋଧୀ ନେତାମାନେ ଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ମେଳି କରିବାକୁ ଯାଉଛନ୍ତି। ତେଲେଙ୍ଗାନା ସମେତ ୫ ରାଜ୍ୟ ବିଧାନସଭା ନିର୍ବାଚନର ଫଳାଫଳ ଏହି ଦିନ ଆସିବାକୁ ଥିବାବେଳେ ଦିନକ ପରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବ। ତେଣୁ ଟିଡିପି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ସମସ୍ତ ବିରୋଧୀ ଦଳକୁ ନେଇ ଏକ ଅଣଭାଜପା ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଚଳାଇଛନ୍ତି। ବୈଠକରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବ ଓ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ବିରୋଧୀ ନେତା ଯୋଗଦେବେ।

## ଲୋକ ସଭା ସହ ୪ ବିଧାନସଭା ଭୋଟ

**ନୂଆଦିଲ୍ଲୀ,୩।୧୨(ପି.ଟି.)**



ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଏବଂ ଅରୁଣାଚଳପ୍ରଦେଶ ନିର୍ବାଚନ ଅନୁଷ୍ଠିତ ହୋଇପାରେ। ନିର୍ବାଚନ ଆୟୋଗଙ୍କ ଏକ ଉଚ୍ଚସ୍ତରୀୟ ସୂତ୍ରରୁ ଏହା ଜଣାପଡିଛି। ଏହି ୪ ରାଜ୍ୟର ନିର୍ବାଚନ ମେ' ଏବଂ ଜୁନ୍ ମାସରେ ଶେଷ ହେବ। ଜମ୍ମୁ-କଶ୍ମୀର ବିଧାନସଭାକୁ ଭାଙ୍ଗିଦିଆଯାଇଥିବାରୁ ସେଠାରେ ମଧ୍ୟ ଉକ୍ତ ସମୟରେ ନିର୍ବାଚନ ହେବା ଯଥେଷ୍ଟ ସମ୍ଭାବନା ରହିଛି।

ପୂର୍ବଭଳି ଓଡ଼ିଶା ସମେତ ୪ ରାଜ୍ୟର ବିଧାନସଭା ନିର୍ବାଚନ ଲୋକ ସଭା ସହ ଏକସଙ୍ଗରେ ହେବ। ଜମ୍ମୁ-କଶ୍ମୀର ବିଧାନସଭା ଭଙ୍ଗ ହୋଇଥିବାରୁ ନିର୍ବାଚନ ଆୟୋଗ ସେଠାରେ ୬ ମାସ ମଧ୍ୟରେ ନିର୍ବାଚନ କରିବାକୁ ବାଧ୍ୟ। ଆସନ୍ତା ବର୍ଷ ମେ ସୁଦ୍ଧା ସେଠାରେ ନିର୍ବାଚନ ସାରିବାକୁ ହେବ। ତେଣୁ ଏହି ରାଜ୍ୟର ନିର୍ବାଚନ ଲୋକସଭା ନିର୍ବାଚନ ସହ କିମ୍ବା ଏହା ପୂର୍ବରୁ ହୋଇପାରେ ବୋଲି ଉକ୍ତ ସୂତ୍ରରୁ ଜଣାପଡିଛି। ତେବେ ଲୋକ ସଭା ନିର୍ବାଚନ ଲାଗି ଜମ୍ମୁ-କଶ୍ମୀରରେ ସୁରକ୍ଷା ବାହିନୀ ମୁତୟନ ହୋଇଥିଲା ବେଳେ ବିଧାନସଭା ନିର୍ବାଚନ କରାଇବା ସୁବିଧାଜନକ ହେବ ବୋଲି ଏହି ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ସିକିମ ବିଧାନସଭା କାର୍ଯ୍ୟକାଳ ୨୦୧୯ ମେ ୨୭ରେ ଶେଷ ହେବାକୁ ଥିଲାବେଳେ ଓଡ଼ିଶାରେ ଜୁନ୍ ୧୧, ଆନ୍ଧ୍ରପ୍ରଦେଶରେ ଜୁନ୍ ୧୮ ଏବଂ ଅରୁଣାଚଳ ପ୍ରଦେଶରେ ଜୁନ୍ ୧ରେ ବିଧାନସଭା କାର୍ଯ୍ୟକାଳ ଶେଷ ହେବ। ଲୋକ ସଭା ନିର୍ବାଚନ ଲାଗି ପ୍ରସ୍ତୁତି ବେଳେ ଉକ୍ତ ରାଜ୍ୟ ବିଧାନସଭାଗୁଡିକର କାର୍ଯ୍ୟକାଳ ଶେଷ ହେଉଥିବାରୁ ସେଠାରେ ଏକସଙ୍ଗେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ସ୍ୱାଭାବିକ। ଏଥିସହିତ ଯଦି ମହାରାଷ୍ଟ୍ର ଏବଂ ହରିୟାଣା ବିଧାନସଭା ନିର୍ବାଚନ କରାଯାଏ ତେବେ ୨୦୧୯ରେ ଆଉ ନିର୍ବାଚନ କରିବାକୁ ପଡିବ ନାହିଁ। ତେବେ ଏଥିପାଇଁ ଲୋକସଭା ନିର୍ବାଚନର ୬ ମାସ ପୂର୍ବରୁ ଦୁଇ ରାଜ୍ୟ ବିଧାନସଭାକୁ ଭଙ୍ଗ କରିବାକୁ ହେବ।

## ଜାନୁୟାରୀରେ ଜାକିଆଙ୍କ ଆବେଦନର ଶୁଣାଣି

**ନୂଆଦିଲ୍ଲୀ,୩।୧୨(ପି.ଟି.)**

ବହୁଚର୍ଚ୍ଚିତ ୨୦୦୨ ଗୋଧ୍ରା ଦଙ୍ଗା ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଜାକିଆ ଜାଫ୍ରି ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣି ଆସନ୍ତା ଜାନୁୟାରୀ ତୃତୀୟ ସପ୍ତାହକୁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ୍ ଏ.ଏମ୍. ଖାନ୍‌ଓ୍ବାଲିକର ଏବଂ ଜଷ୍ଟିସ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି।

ଜାକିଆ ହେଉଛନ୍ତି ଗୁଜରାଟର ପୂର୍ବତନ ଏମ୍.ପି. ଏହସାନ୍ ଜାଫ୍ରିଙ୍କ ସ୍ତ୍ରୀ। ଦଙ୍ଗା ବେଳେ ଏହସାନ୍‌ଙ୍କୁ ହତ୍ୟା କରାଯାଇଥିଲା।



ଏସ୍ଆଇଟିର ନିଷ୍ପତ୍ତି ବିରୋଧରେ ଜାକିଆ ଗୁଜରାଟ ହାଇକୋର୍ଟରେ କରିଥିବା ଆବେଦନ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ପୂର୍ବରୁ ଅନ୍ୟତମ ପିଟିଶନର ତଥା ସାମାଜିକ କର୍ମୀ ତିସ୍ତା ସେତଲଭାଦଙ୍କ ଆବେଦନକୁ ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟ ପୂର୍ବରୁ କହିଥିଲେ।

## ଫୁର୍ସତ

### ନିଲାମ ହେବ ଆଇନଷ୍ଟାଇନଙ୍କ ଚିଠି

**ନ୍ୟୁୟର୍କ:** 'ଈଶ୍ୱର ଏବଂ ଧର୍ମ'ର କୌଣସି ସତ୍ତା ନ ଥିବା ସମ୍ପର୍କିତ ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନଙ୍କ ହାତଲେଖା ଚିଠିର ଦ୍ୱିତୀୟବାର ନିଲାମ ଡକାଯିବ। ନ୍ୟୁୟର୍କ ସହର ଖ୍ରୀଷ୍ଟି ହାଉସ୍‌ଠାରେ ଏହା ଆୟୋଜିତ ହେବ। ମୃତ୍ୟୁକୁ ଆଲିଙ୍ଗନ କରିବାର ବର୍ଷେ ପୂର୍ବରୁ ଆଇନଷ୍ଟାଇନ ଏହି ନାସ୍ତିକ ଚିଠି ଲେଖିଥିଲେ। ଜର୍ମାନ ଦାର୍ଶନିକ 'ଚୁଜ୍ ଲାଇଫ୍: ଦ' ବାଇବ୍ଲିକାଲ୍ କଲ୍' ପୁସ୍ତକର ରଚୟିତା ଗୁଟ୍‌କିଣ୍ଡଙ୍କ ନିକଟକୁ ସେ ଏହି ଚିଠି ପଠାଇଥିଲେ। ୨୦୦୮ରେ ଏହି ହାତଲେଖା ଚିଠିର ନିଲାମ ଡକାଯାଇଥିଲା। ଏହି ଚିଠି ୧.୫



ମିଲିୟନ ଡଲାରରେ ବିକ୍ରି ହେବ ବୋଲି ଜଣାଯାଇଛି। ଆଇନଷ୍ଟାଇନ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୋ ପାଇଁ ଈଶ୍ୱର କେବଳ ଏକ ଶବ୍ଦ ମାତ୍ର।

### ୧୮୦ କି.ମି. ଟପିଲା ଟ୍ରେନ୍-୧୮ର ବେଗ

**ଚେନ୍ନାଇ:**

ଭାରତର ପ୍ରଥମ ଇଞ୍ଜିନ ବିହୀନ ଟ୍ରେନ୍ ରବିବାର ପରୀକ୍ଷାମୂଳକ ଭାବେ ଚଳାଚଳ କରାଯାଇଛି। ଟ୍ରେନ୍-୧୮ ଘଣ୍ଟା ପ୍ରତି ୧୮୦ କିଲୋମିଟରରୁ ଅଧିକ ବେଗରେ ଯାଇଥିଲା। ୧୦୦ କୋଟି ଟଙ୍କା ବ୍ୟୟରେ ସ୍ୱଦେଶୀ ଜ୍ଞାନକୌଶଳରେ ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ଟ୍ରେନ୍-୧୮ ଭାରତର ଦ୍ରୁତତମ ଟ୍ରେନ୍। ଏହାକୁ କୋଟା-ସାଓ୍ବାଇ ମାଧୋପୁର ସେକ୍ସନ



ମଧ୍ୟରେ ଚଳାଚଳ କରାଯାଇଥିଲା। ଏହି ପରୀକ୍ଷାମୂଳକ ଚଳାଚଳ ବେଳେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନାହିଁ। ଆସନ୍ତା ଜାନୁୟାରୀରୁ ଏହା ବ୍ୟବସାୟିକ ଭାବେ ଚଳାଚଳ କରିବା ଆଶା କରାଯାଉଛି ବୋଲି ଫ୍ୟାକ୍ଟ୍ରିର ମହାପ୍ରବନ୍ଧକ ଏସ୍.ମଣି କହିଛନ୍ତି। ଏହାର ବେଗ ୨୦୦ କି.ମି.କୁ ବୃଦ୍ଧି କରାଯାଇପାରିବ ବୋଲି କୁହାଯାଉଛି। ଏହି ଟ୍ରେନ୍‌ରେ ଓ୍ବାଇଫାଇ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ, ଜିପିଏସ୍ ଭିତ୍ତିକ ଯାତ୍ରୀ ସୂଚନା ବ୍ୟବସ୍ଥା ରହିଛି।

### ମଲାଇକା, ଅର୍‌ବାଜ୍ ମୁହାଁମୁହିଁ

**ମୁମ୍ବାଇ:**

ଦୀପିକା-ରଣବୀରଙ୍କ ବିବାହ ପାର୍ଟିରେ ବଲିଉଡ୍‌ର ଚର୍ଚ୍ଚିତ ତାରକା ମଲାଇକା ଆରୋରା ଓ ତାଙ୍କ ପୂର୍ବତନ ଜୀବନସାଥୀ ଅର୍‌ବାଜ୍ ଖାନ୍ ମୁହାଁମୁହିଁ ହୋଇଛନ୍ତି। ଦୀର୍ଘଦିନର ବିଚ୍ଛେଦ ପରେ ଗୋଟିଏ ଛାତ ତଳେ ମଲାଇକା ଏବଂ ଅରବାଜ୍‌ଙ୍କୁ ପ୍ରଥମଥର ଦେଖିବାକୁ ମିଳିଥିଲା। ଦୁହେଁ ପରସ୍ପରଠାରୁ ସମ୍ପର୍କ ଛିନ୍ନ କରିବା ପରେ ଅଲଗା ରହିଆସୁଥିଲେ। ପାର୍ଟିରେ ଅରବାଜ ତାଙ୍କର ବାନ୍ଧବୀ ଜର୍ଜିଆଙ୍କ ସହ ପୂର୍ବରୁ ଉପସ୍ଥିତ ରହିଥିଲାବେଳେ ମଲାଇକା ତାଙ୍କ ନୂଆ ବନ୍ଧୁ ଅର୍ଜୁନ କପୁରଙ୍କ ସହ ସେଠାରେ ପହଞ୍ଚିଥିଲେ। ଅରବାଜ୍ ଓ ଜର୍ଜିଆଙ୍କୁ ଏକାଠି ଦେଖି ମଲାଇକା ମୁହଁ ବୁଲାଇ ଚାଲିଯାଇଥିଲେ। ଅରବାଜ୍ ମଧ୍ୟ ମଲାଇକାଙ୍କୁ ଦେଖି ବନ୍ଧୁମାନଙ୍କ ସହ



ବାର୍ତ୍ତାଳାପରେ ମସ୍‌ଗୁଲ ରହିଥିଲେ।

ବୈବାହିକ ଜୀବନରେ ଯବନିକା ପଡ଼ିବା ପରେ ମଧ୍ୟ ଉଭୟ ମଲାଇକା ଓ ଅରବାଜଙ୍କ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ରହିଥିଲା। କିନ୍ତୁ ଅରବାଜ-ଜର୍ଜିଆଙ୍କ ପ୍ରେମ ସମ୍ପର୍କ ପଦାକୁ ଆସିବା ପରେ ତିକ୍ତତା ବଢ଼ିଥିଲା। ପରେ ଅର୍ଜୁନ କପୁରଙ୍କ ସହ ନିବିଡ଼ତା ବଢ଼ିବା ପରେ ମଲାଇକା ତାଙ୍କ ନାମରୁ ଖାନ୍ 'ସାଙ୍ଗିଆ' ହଟାଇ ଦେଇଥିଲେ। ଫଟୋ-ଭିଡ଼ିଓ ଶେୟାରିଂ ଆପ୍‌ରେ ସେ ତାଙ୍କ ନାମ ମଲାଇକା ଆରୋରା ରଖିଛନ୍ତି। ହେଲେ ଇନ୍‌ଷ୍ଟାଗ୍ରାମ୍‌ରେ ମଲାଇକା ଆରୋରା ଖାନ୍ ଅପରିବର୍ତ୍ତିତ ରହିଛି।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୪.୫ |
| ଚାନ୍ଦବାଲି | ୨୭.୯ | ୧୬.୮ |
| କଟକ | ୨୮.୨ | ୧୫.୦ |
| ପାରାଦ୍ୱୀପ | ୨୮.୭ | ୧୭.୭ |
| ଭୁବନେଶ୍ୱର | ୨୯.୭ | ୧୫.୮ |
| ଗୋପାଳପୁର | ୨୯.୭ | ୧୭.୪ |
| ପୁରୀ | ୨୯.୦ | ୧୮.୦ |
| ଅନୁଗୋଳ | ୨୭.୧ | ୧୩.୪ |
| ବାରିପଦା | ୨୬.୪ | ୧୪.୬ |
| ଝାରସୁଗୁଡ଼ା | ୨୮.୪ | ୧୪.୦ |
| କେନ୍ଦୁଝର | ୨୫.୭ | ୧୩.୯ |
| ସମ୍ବଲପୁର | ୨୯.୮ | ୧୪.୦ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୨୮.୭ | ୧୪.୮ |
| ତାଳଚେର | --- | ୧୪.୩ |
| ଭବାନୀପାଟଣା | ୨୯.୦ | ୧୪.୦ |
| ବଲାଙ୍ଗୀର | ୨୮.୫ | ୧୪.୦ |
| କୋରାପୁଟ | ୨୭.୪ | ୧୨.୦ |
| ଫୁଲବାଣୀ | --- | ୮.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | --- |
| ସୋନପୁର | ୨୯.୮ | ୧୬.୦ |
| ଦାରିଙ୍ଗିବାଡ଼ି | --- | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




ବ୍ଲୁହ୍ୱେଲ୍ ଗେମ୍ ଅନେକ ସ୍କୁଲ୍ ପିଲାଙ୍କ ଜୀବନ ନେଇଥିଲା। ଏବେ ପୁଣି ସ୍କୁଲ ପିଲାଙ୍କ ପାଇଁ ଘାତକ ସାଜିଛି ମାରଭେଲ୍ ଗେମ୍। ରାଜସ୍ଥାନ ସିରୋହି ଜିଲାର ଆବୁରୋଡ଼ସ୍ଥିତ ହାଉସିଂ ବୋର୍ଡରେ ବିପିନ ରାଓ୍ବ ନାମକ ଜଣେ ଛାତ୍ରଙ୍କ ମୃତଦେହ ମିଳିଛି। ସେ ଆତ୍ମହତ୍ୟା ପୂର୍ବରୁ କାନ୍ଥରେ 'ଆଇ କୁଇଟ୍' ଲେଖିଛନ୍ତି। ଛାତ୍ରଙ୍କ ଖାତାରେ ମାରଭେଲ୍ ଗେମ୍ ସମ୍ପର୍କରେ ଲେଖାଯାଇଥିବା ପୋଲିସ ସୂଚନା ଦେଇଛି। ଖେଳର କେତେକ ସ୍ତର(ଷ୍ଟେପ୍) ସମ୍ପର୍କରେ ଖାତାରେ ଲେଖାଯାଇଛି। ସେ ମୋବାଇଲ୍‌ରେ ମାରଭେଲ୍ ଗେମ୍ ଖେଳୁଥିବାର ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ଜାନୁୟାରୀ ୨୦କୁ ଘୁଞ୍ଚିଲା ଏଏସ୍ଓ ପରୀକ୍ଷା

**ଭୁବନେଶ୍ୱର,୩।୧୨(ବ୍ୟୁରୋ):** ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍ଓ) ଗ୍ରୁପ୍-ବି ଲିଖିତ ପରୀକ୍ଷା ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବ ନିର୍ଦ୍ଧାରିତ ତାରିଖ ଡିସେମ୍ବର ୨୩ରେ ପରୀକ୍ଷା ନ କରି ୨୦୧୯ ଜାନୁୟାରୀ ୨୦ରେ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ(ଓପିଏସ୍‌ସି)। ଏ ନେଇ ଓପିଏସ୍‌ସି ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ଓପିଏସ୍‌ସି ତରଫରୁ ଗତ ସେପ୍ଟେମ୍ବରରେ ୫୦୦ଟି ଗ୍ରୁପ୍-ବି ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଗତ ଅକ୍ଟୋବର ୧୦ରେ ଶେଷ ହୋଇଥିଲା। ହେଲେ ନିର୍ଦ୍ଧାରିତ ପଦବୀଠାରୁ ମାତ୍ରାଧିକ ପ୍ରାର୍ଥୀ ଆବେଦନ କରିଥିବାରୁ ପରୀକ୍ଷା ନିୟନ୍ତ୍ରଣରେ ହେବାକୁ ଥିବା ସମସ୍ୟାକୁ ଉପଲବ୍ଧି କରି ଜାନୁୟାରୀ ୨୦କୁ ପରୀକ୍ଷା ଘୁଞ୍ଚାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପୁନଃନିର୍ଦ୍ଧାରଣ କରିବା ଓ ପୁନଃବଣ୍ଟନ କରିବା ସହ ନିୟମାବଳୀ ଅନୁଯାୟୀ ପ୍ରାର୍ଥୀ ଚୟନ କରିବା ପାଇଁ ସମୟ ଲାଗିବ ବୋଲି ଓପିଏସ୍‌ସି ପକ୍ଷରୁ ଦର୍ଶାଯାଇଛି। ଏହାସହ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଆବେଦନକାରୀ ଓପିଏସ୍‌ସି ୱେବ୍‌ସାଇଟ୍ www.opsc.gov.in କୁ ଯାଇ ଦେଖିପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଚୟନ ପ୍ରାର୍ଥୀମାନେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଅଧୀନ ଓଡ଼ିଶା ସେକ୍ରେଟାରିଏଟ୍ ସର୍ଭିସ୍‌ରେ ନିଯୁକ୍ତ ହେବେ। ଆସିଷ୍ଟାଣ୍ଟ ସେକ୍ସନ ଅଫିସରର ଗ୍ରୁପ୍-ବି ଲେଭଲ୍‌ରେ ସେମାନଙ୍କୁ ନିଯୁକ୍ତି ଦିଆଯିବ। ୫୦୦ଟି ପଦବୀ ମଧ୍ୟରୁ ୧୬୬ଟି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ।


ଭିଜିଲାନ୍ସ ଦ୍ୱାରା ଗିରଫ ବାସନ୍ତୀ ନାଏକ।

### ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ସୁପରଭାଇଜର

**ଭବାନୀପାଟଣା,୩।୧୨(ଡି.ଏନ.ଏ.):** ଭବାନୀପାଟଣା ଆଇସିଡିଏସ୍‌ର ସୁପରଭାଇଜର ବାସନ୍ତୀ ନାଏକ ୩୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ସୋମବାର ଧରାପଡି ଜେଲ ଯାଇଛନ୍ତି। ଭବାନୀପାଟଣା ସଦର ଆଇସିଡିଏସ୍‌ର ସୁପରଭାଇଜର ବାସନ୍ତୀ ପରିଆଗାଁର ଅଙ୍ଗନ୍ୱାଡି ପରିଚାଳନା ପାଇଁ ଆସିଥିବା ୩ ମାସର ବିଲ ୩୫ ହଜାର ୫୦୦ ଟଙ୍କା କାଉଣ୍ଟର ସାଇନ ପାଇଁ ୩୫ ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପରିଆଗାଁର ଅଙ୍ଗନ୍ୱାଡି କର୍ମୀ ଗୀତାଞ୍ଜଳି ନାଏକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ସୁପରଭାଇଜର ନାଏକ ସେହି ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନଙ୍କ ହାତରେ ଧରାପଡିଥିଲେ। କୋରାପୁଟ ଡିଭିଜନ ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ବେହେରାଙ୍କ ନିର୍ଦ୍ଦେଶରେ କଳାହାଣ୍ଡି ଭିଜିଲାନ୍ସ ବିଭାଗ ଡି.ଏସ.ପି. ସତ୍ୟବାନ ମହାନନ୍ଦ, ରାୟଗଡ଼ା ଇନ୍ସପେକଟର କଳାବାତୀ ବାଗ, ଇନ୍ସପେକ୍ଟର ପ୍ରମିଳା ସୁନା ଓ ଜୟପୁର ଇନ୍ସପେକ୍ଟର ଆର. ବିଜୟ ରୁଦ୍ରିଆ ଭିଜିଲାନ୍ସର ଏକ ଟିମ୍ ସୁପରଭାଇଜରଙ୍କ ଦାବି ମୁତାବକ ୩୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ନାଏକଙ୍କୁ ଗିରଫ କରିଛନ୍ତି । ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୩୪/୧୮) ରୁଜୁ କରିଛି ।

### ବିଶ୍ୱଭୂଷଣଙ୍କ ଆତ୍ମଜୀବନୀ 'ସଂଗ୍ରାମ ସରିନାହିଁ' ଉନ୍ମୋଚିତ

**ଭୁବନେଶ୍ୱର, ୩।୧୨(ବ୍ୟୁରୋ):** ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଲିଖିତ ଆତ୍ମଜୀବନୀ 'ସଂଗ୍ରାମ ସରିନାହିଁ' ପୁସ୍ତକ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ଏହି ପୁସ୍ତକ ଆଗାମୀ ପିଢିମାନଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ, ବିଶ୍ୱଭୂଷଣଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗଦାନ କରି ନିଜକୁ ଗୌରବାନ୍ୱିତ ମନେକରୁଛି। ଯେପରିଭାବେ ନିଜର ଲମ୍ବା ସମୟର ତପସ୍ୟା ଓ ଅନୁଭୂତିକୁ ନେଇ ଏହି ପୁସ୍ତକ ଲେଖାଯାଇଛି ତାହା ନୂଆ ପିଢିମାନଙ୍କୁ ବିଶେଷ ସହାୟକ ହେବ। ନୂଆପିଢିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହେବାସହ ସଂଗ୍ରାମ ସରିନାହିଁର ଚ୍ୟାପ୍ଟର-୨ ଆସୁ ବୋଲି ଧର୍ମେନ୍ଦ୍ର ଲେଖକ ବିଶ୍ୱଭୂଷଣଙ୍କୁ ନିବେଦନ କରିଛନ୍ତି।




### ଫୁଲବାଣୀ ୮, ଦାରିଙ୍ଗବାଡ଼ି ୯ ଡିଗ୍ରୀ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। କେତେକ ସ୍ଥାନରେ ପାରଦ ୧୧ ଡିଗ୍ରୀ ତଳେ ରହିଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ୧୫ରୁ ୧୮ ଡିଗ୍ରୀ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ଥିବାବେଳେ ଦାରିଙ୍ଗିବାଡି ୯, ସୁନ୍ଦରଗଡ଼ ୧୧, ବାଲେଶ୍ୱର ୧୪.୫, ଅନୁଗୋଳ ୧୩.୪, ବାରିପଦା ୧୪.୬, ଝାରସୁଗୁଡା ୧୪, କେନ୍ଦୁଝର ୧୩.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




# ଫ୍ୟୁଜ୍ ବାନ୍ଧୁଥିବାବେଳେ ଜଳିଗଲେ ଲାଇନ୍ ମ୍ୟାନ୍

**ଲଖନପୁର,୩।୧୨(ଡି.ଏନ୍.ଏ.)**

- ଉତ୍ତେଜନା, ବିଦ୍ୟୁତ୍ ବିଭାଗକୁ ଦାୟୀ କଲେ ସ୍ଥାନୀୟ ଲୋକେ
- କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ଝାରସୁଗୁଡ଼ା ଜିଲା ବେଲପାହାଡ ବିଦ୍ୟୁତ୍ ସେକ୍ସନ୍ ଅଧୀନ ଝାରୁପଡ଼ା ସବ୍‌ଷ୍ଟେଶନ୍‌ର ରେଙ୍ଗାଲି ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ଲାଇନ୍‌ମ୍ୟାନ୍ ଟ୍ରାନ୍ସଫର୍ମରରେ ଫ୍ୟୁଜ୍ ବାନ୍ଧୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜୀବନ୍ତ ଜଳି ଯାଇଛନ୍ତି। ମୃତକ ହେଲେ କାହ୍ନୁଚରଣ ସାହୁ (୨୮)। ତାଙ୍କ ଘର ଛତିଶଗଡ଼ ସରିଆ ଥାନା ଅଧୀନ ରତ୍ନପାଲି। ସକାଳ ପ୍ରାୟ ସାଢ଼େ ୮ଟା ବେଳେ ଏହି ଘଟଣା ଘଟିଛି।

ଖବରପାଇ ଲଖନପୁର ଅଗ୍ନିଶମ କର୍ମଚାରୀମାନେ ଟ୍ରାନ୍ସଫର୍ମରରେ ଜଳୁଥିବା ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଲାଇନ୍‌ମ୍ୟାନ୍ ସାହୁଙ୍କ ମୃତଦେହ ଅର୍ଦ୍ଧଦଗ୍ଧ ହୋଇସାରିଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକମାନେ ଏଥିପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଥିଲେ। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ,ପରିବାରର ଜଣଙ୍କୁ ଚାକିରି , କନିଷ୍ଠଯନ୍ତ୍ରୀ ଓ କେତେଜଣ ଲାଇନ୍‌ମ୍ୟାନ୍‌ଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେମାନେ ଦାବି କରି ପଞ୍ଚଗାଁ ଛକରେ ୪୯ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଏହାପରେ ବି ବିଭାଗୀୟ ଅଧିକାରୀମାନେ କେହି ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥିଲା।

ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ବ୍ରଜରାଜନଗର ଏସ୍‌ଡିପିଓ ରାମପ୍ରସାଦ ସାହୁ, ରେଙ୍ଗାଲି ଥାନା ଆଇଆଇସି ପ୍ରତାପ ରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଦିନ ପ୍ରାୟ ସାଢ଼େ ୧୨ଟାରେ ବ୍ରଜରାଜନଗର ୱେସ୍କୋର ନିର୍ବାହୀ ଯନ୍ତ୍ରୀ କଳ୍ପତରୁ ନନ୍ଦ, ବେଲପାହାଡ଼ ସବ୍‌ଡିଭିଜନର ଏସ୍‌ଡିଓ ସନ୍ତୋଷ କୁମାର ପୂଜାହାରୀ ଘଟଣାସ୍ଥଳରେ ପହଞ୍ଚି ସହାୟତା ରାଶି ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ୱେସ୍କୋ ତରଫରୁ ୨ ଲକ୍ଷ ଓ ଠିକାଦାର ୩ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି କହିଥିଲେ। ଏଥିସହିତ ମୃତକଙ୍କ ପରିବାରର ଜଣଙ୍କୁ ଠିକାସଂସ୍ଥାରେ ନିଯୁକ୍ତି ପ୍ରଦାନ କରାଯିବ, ଝାରୁପଡ଼ା ସବ୍‌ଷ୍ଟେଶନର ଲାଇନ୍‌ମ୍ୟାନ୍‌ମାନଙ୍କୁ ଅନ୍ୟତ୍ର ବଦଳି ହେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୩ଟାରେ ପରିସ୍ଥିତି ଶାନ୍ତି ପଡିଥିଲା । ମୃତକଙ୍କ ଭିଣୋଇ ସୁରସେନ ଭୋଇ ଏ ନେଇ ରେଙ୍ଗାଲି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୫୧/୧୮)ରୁଜୁ ହୋଇଛି। ମଙ୍ଗଳବାର ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ରବିରତ୍ନ ପ୍ରଧାନ, ସଞ୍ଜିତ ପ୍ରଧାନ, ଦ୍ୱିତୀୟ ଭୋଇ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ସୂଚନାଯୋଗ୍ୟ, ୱେସ୍କୋରୁ ଟେଣ୍ଡର ପାଇ କାମ କରୁଥିବା ଠିକାସଂସ୍ଥା ନୀଳାଦ୍ରି ସିକ୍ୟୁରିଟ୍ ସର୍ଭିସ୍ ଅଧୀନରେ କାହ୍ନୁଚରଣ ଲାଇନ୍‌ମ୍ୟାନ୍ ଭାବେ ଝାରୁପଡା ସବ୍‌ଷ୍ଟେଶନ୍‌ରେ କାମ କରୁଥିଲେ । ନିକଟସ୍ଥ ରେଙ୍ଗାଲି ଗ୍ରାମର ଏକ ଟ୍ରାନ୍ସଫର୍ମରରେ ଫ୍ୟୁଜ୍ କଟିଯାଇଥିବାରୁ ଗ୍ରାମରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଏ ସମ୍ପର୍କରେ ଉପଭୋକ୍ତାମାନେ ଅଭିଯୋଗ କରିବାରୁ ଡ୍ୟୁଟିରେ ଥିବା ସାହୁ ସବ୍‌ଷ୍ଟେଶନ୍‌ରେ ଲାଇନ୍ କାଟି(ଏଲ୍‌ସି) ରେଙ୍ଗାଲି ଗ୍ରାମକୁ ଫ୍ୟୁଜ୍ ବାନ୍ଧିବା ପାଇଁ ଯାଇଥିଲେ। ସେ ଟ୍ରାନ୍ସଫର୍ମର ଉପରେ ଚଢି ଫ୍ୟୁଜ୍ ବାନ୍ଧୁଥିବେଳେ କେହି ହଠାତ୍ ଲାଇନ୍ ସଂଯୋଗ କରିଦେବାରୁ ଏପରି ଦୁଃଖଦ ଘଟଣା ଘଟିଥିବା ଅନୁମାନ କରାଯାଉଛି। ଗ୍ରାମବାସୀଙ୍କ ଆଖି ଆଗରେ ଏପରି ଘଟଣା ଘଟିଥିଲେ ମଧ୍ୟ ସେମାନଙ୍କ ପାଖରେ ଲାଇନମ୍ୟାନଙ୍କୁ ବଞ୍ଚାଇବାର କୌଣସି ଚାରା ନ ଥିଲା। ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବାରୁ ଝାରୁପଡ଼ା ସବ୍‌ଷ୍ଟେଶନ କର୍ମଚାରୀମାନେ ଅଫିସ ଛାଡ଼ି ପଳାଇଥିଲେ। ଫଳରେ ଦିନ ତମାମ ସେହି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସନ୍ଧ୍ୟାରେ ସେହି କର୍ମଚାରୀମାନେ ଫେରିବା ପରେ ସବ୍‌ଷ୍ଟେଶନରୁ ମୃତଦେହ ଉଦ୍ଧାର ସହ ମରାମତି କାମ ଆରମ୍ଭ ହୋଇଥିଲା।


କ୍ଷତିପୂରଣ ଦାବିରେ ଲୋକମାନେ ୪୯ନଂ. ଜାତୀୟ ରାଜପଥକୁ ପଞ୍ଚଗାଁ ଛକରେ ଅବରୋଧ କରିଛନ୍ତି ।

### ତ୍ୱରିତ ପଦକ୍ଷେପ ପାଇଁ ଏନ୍‌ଏଚ୍‌ଆରସିଙ୍କୁ ଅନୁରୋଧ

**ଝାରସୁଗୁଡ଼ା ଅଫିସ,୩।୧୨**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେଙ୍ଗାଲିରେ ସୋମବାର ସକାଳେ ଟ୍ରାନ୍ସଫର୍ମରରେ ଫ୍ୟୁଜ୍ ବାନ୍ଧୁଥିବା ବେଳେ ବିଦ୍ୟୁତ ବିଭାଗର ଜଣେ ଠିକା କର୍ମଚାରୀ ଜଳି ଯାଇଛନ୍ତି । ରାଜ୍ୟ ଶକ୍ତି ବିଭାଗର ଅବହେଳାରୁ ଏହି ଘଟଣା ଘଟିଥିବା ଦର୍ଶାଇ ପୁରୀର ସାମାଜିକ କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ ବିଭାଗର ଅବହେଳା ପାଇଁ କାହ୍ନୁ ଚରଣ ସାହୁ(୨୭)ଙ୍କ ମୃତ୍ୟୁ ହୋଇଥିବାରୁ ଶକ୍ତି ବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା, ପୋଲିସ ତରଫରୁ ଉଚ୍ଚସ୍ତରୀୟ ତଦନ୍ତ, କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ମାନବାଧିକାର କମିଶନ ନିକଟରେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ସକାଳେ ରେଙ୍ଗାଲି ସବ୍-ଷ୍ଟେଶନରେ ଫ୍ୟୁଜ୍ ବାନ୍ଧୁଥିବା ବେଳେ ହଠାତ ବିଦ୍ୟୁତ ସଂଯୋଗ ଯୋଗୁ ଠିକା କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ମଙ୍ଗଳବାର ରାଉରକେଲା ସ୍ଥିତ ଇଲେକ୍ଟ୍ରିକାଲ ଇନସ୍ପେକ୍ଟର ରେଙ୍ଗାଲି ଆସିବେ। ଏହାସହ ସମାନ୍ତରାଳ ଭାବେ ଏକ ବିଭାଗୀୟ ତଦନ୍ତ ମଧ୍ୟ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ।

## ସମ୍ପ୍ରସାରଣ ହେବ ବିଜୁ ପଟ୍ଟନାୟକ ବିମାନବନ୍ଦର

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**




- ନିର୍ମାଣ ହେବ ତୃତୀୟ ଟର୍ମିନାଲ
- ଖର୍ଚ୍ଚ ହେବ ୯୩୦ କୋଟି ଟଙ୍କା
- ଜାନୁୟାରୀରୁ ଝାରସୁଗୁଡ଼ା ବିମାନବନ୍ଦରରୁ ପୁଣି ଉଡ଼ିବ ବିମାନ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିନକୁ ଦିନ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାତ୍ରୀ ଅଭିବୃଦ୍ଧି କ୍ଷେତ୍ରରେ ଏହା ଦେଶର ଏକ ନମ୍ବର ବିମାନବନ୍ଦରର ମାନ୍ୟତା ପାଇଛି। ଏହାକୁ ଆଖି ଆଗରେ ରଖି ଭୁବନେଶ୍ୱର ବିମାନବନ୍ଦରରେ ଖୁବ୍‌ଶୀଘ୍ର ତୃତୀୟ ଟର୍ମିନାଲ୍ ନିର୍ମାଣ ହେବ। ଏଥିପାଇଁ ୯୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଉଷା ପାଢ଼ୀ କହିଛନ୍ତି। ସୂଚନା ଅନୁସାରେ, ଟର୍ମିନାଲ-୧ ନିକଟରେ ଟର୍ମିନାଲ-୩ ନିର୍ମାଣ ହେବ। ଏଥିରେ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ରହିବ। ବର୍ଷକୁ ପ୍ରାୟ ୬୦ଲକ୍ଷ ଯାତ୍ରୀଙ୍କୁ ପରିଚାଳନା କରିବା ଭଳି କ୍ଷମତା ରହିବ। ୨୦୧୯ ଜୁଲାଇ ମାସରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେବେ ଟର୍ମିନାଲ-୩ କେବଳ ଡୋମେଷ୍ଟିକ ଏବଂ ଟର୍ମିନାଲ-୧ ଓ ୨ ଅନ୍ତର୍ଜାତୀୟ ବିମାନ ପାଇଁ ବ୍ୟବହାର ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବର୍ଷକ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦର ଦେଇ ୩୯.୪ ପ୍ରତିଶତ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏପରି କି ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ଅଭିବୃଦ୍ଧି ହାର ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ କୋଲକାତା ଭଳି ବିମାନବନ୍ଦରଠାରୁ ବହୁ ଅଧିକ ରହିଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଦେଶର ୧୫ଟି ବ୍ୟସ୍ତବହୁଳ ବିମାନବନ୍ଦର ତାଲିକା ପ୍ରକାଶ ପାଇଛି। ସେଥିରେ ଅଧିକ ଯାତ୍ରୀ ଯାତାୟାତ କରିବାରେ ଦିଲ୍ଲୀ ଏକ ନମ୍ବର ସ୍ଥାନରେ ଥିଲେ ମଧ୍ୟ ଯାତ୍ରୀ ଅଭିବୃଦ୍ଧି ହାରରେ ଭୁବନେଶ୍ୱର ବିମାନବନ୍ଦର ଶୀର୍ଷରେ ରହିଛି।

ଅନ୍ୟପଟେ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏକ ଖୁସି ଖବର ରହିଛି। ୨୦୧୯ ଜାନୁୟାରୀ ପ୍ରଥମ ସପ୍ତାହରୁ ଝାରସୁଗୁଡ଼ା ବିମାନବନ୍ଦର (ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର)ରୁ ପୁଣି ଥରେ ବିମାନ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଛି। ଗତ ସେପ୍ଟେମ୍ବର ୨୨ରେ 'ଉଡାନ' ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନ ବନ୍ଦରରୁ ବିମାନ ସେବା ଉଦ୍‌ଘାଟନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ଏହି ସେବା ବନ୍ଦ ହୋଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିବା ସହିତ ଅନେକ ରାଜନୈତିକ ଦଳ ମଧ୍ୟ ଏଥିରେ ହସ୍ତକ୍ଷେପ କରିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ମନୀଷା କୋଇରାଲା

**ପୁରୀ ଅଫିସ,୩।୧୨**

ବଲିଉଡ୍ ଅଭିନେତ୍ରୀ ମନୀଷା କୋଇରାଲା ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସୋମବାର ସକାଳ ୬ଟା ୧୫ରେ ମନୀଷା ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ସେତେବେଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପାଇଁ ପ୍ରସ୍ତୁତି ଚାଲିଥିଲା। ପ୍ରାୟ ୧୫ ମିନିଟ୍ ଅପେକ୍ଷା କରିବା ପରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇଥିଲା। ଏହି ସମୟରେ ମନୀଷା ଭିତର କାଠ ନିକଟରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିଥିଲେ। ମନୀଷାଙ୍କୁ ମନ୍ଦିର ଭିତରେ ଅନ୍ୟ ଦର୍ଶନାର୍ଥୀମାନେ ପ୍ରାୟତଃ ଜାଣିପାରି ନ ଥିଲେ। ଜଣେ ସାଧାରଣ ଦର୍ଶନାର୍ଥୀ ଭାବେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସାରି ସେ ବେହେରଣ ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ସମୟ ଅଭାବରୁ ବେଢ଼ା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ନ ପାରି ସେ ଫେରିଯାଇଥିଲେ।


ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ମନୀଷା କୋଇରାଲା।

## ଜଳିଗଲା ୫୬ ବଖରା


ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

**ସୋରଡ଼ା,୩।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକର ରାଇବନ୍ଧ ଗ୍ରାମର ମଝି ସାହିରେ ସୋମବାର ଭୋରରେ ଅଗ୍ନିକାଣ୍ଡ ଘଟି ୨୬ ପରିବାରର ୫୬ ବଖରା ଜଳିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଭୋରରୁ ସମସ୍ତେ ଶୋଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବାରୁ କୌଣସି ସାମଗ୍ରୀ ଉଦ୍ଧାର କରାଯାଇପାରି ନ ଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତହସିଲଦାର ଅମର କୁମାର ବସନ୍ତରାୟ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ଅଗ୍ନିକାଣ୍ଡରେ ବଂଶୀଧର ସ୍ୱାଇଁ, ମୀନକେତନ ସ୍ୱାଇଁଙ୍କ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ପୂର୍ବରୁ ଏହି ୨ ପରିବାରଙ୍କ ଘର ଜଳିଯାଇଥିଲା କିନ୍ତୁ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ଗୃହ ନ ମିଳିବାରୁ ସେମାନେ ଚାଳଘର ନିର୍ମାଣ କରି ରହୁଥିଲେ। ବିଜୁ ଯୁବ ବାହିନୀ ପକ୍ଷରୁ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି।

### ■ହୋସ୍‌ଲା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ପୁରସ୍କାର ଘୋଷଣା, ହକି ବିଶ୍ୱକପ୍‌କୁ ଆମନ୍ତ୍ରଣ



ଜାତୀୟ ଶିଶୁ ମହୋତ୍ସବ 'ହୋସ୍‌ଲା-୨୦୧୮'ରେ ଭାଗ ନେଇ ଫେରିଥିବା ଓଡ଼ିଶାର ଶିଶୁ ପ୍ରତିଯୋଗୀଙ୍କୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଶିଶୁ ମହୋତ୍ସବ 'ହୋସ୍‌ଲା-୨୦୧୮'ରେ ଭାଗ ନେଇ ଫେରିଥିବା ଓଡ଼ିଶାର ଶିଶୁ ପ୍ରତିଯୋଗୀଙ୍କୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ମହୋତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିବା ସହ କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ହକି ବିଶ୍ୱକପ୍ ଖେଳ ଦେଖିବାକୁ ଆମନ୍ତ୍ରଣ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତି ପିଲାଙ୍କୁ ୫୦ହଜାର ଟଙ୍କା, ଦ୍ୱିତୀୟ ହୋଇଥିବା ପିଲାଙ୍କୁ ୩୦ହଜାର ଓ ତୃତୀୟ ସ୍ଥାନରେ ଥିବା ପିଲାଙ୍କୁ ୨୦ହଜାର ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

ସୂଚନାଯୋଗ୍ୟ, ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ପିଲାମାନଙ୍କୁ ନେଇ ନଭେମ୍ବର ୨୬ରୁ ୨୯ତାରିଖ ପର୍ଯ୍ୟନ୍ତ ଏହି ଜାତୀୟ ଶିଶୁ ମହୋତ୍ସବ ଚାଲିଥିଲା। ଏଥିରେ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଯୋଗଦେଇ ଫୁଟବଲ, ଚେସ୍, ଆଥ୍‌ଲେଟିକ୍ସ, ଚିତ୍ରାଙ୍କନ, ତର୍କ ଓ ମଡେଲ ନିର୍ମାଣ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶାରୁ ୩୭ଜଣ ପିଲା ଭାଗ ନେଇ ୧୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ସହ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥିରେ ଭାଗ ନେଇଥିବା ୧୮ଟି ପ୍ରତିଯୋଗୀ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ଟାଇଟଲ ଅର୍ଜନ କରିଥିଲା।



ରାଜସ୍ଥାନରେ ନିର୍ବାଚନ ପ୍ରଚାର କରିବାକୁ ଆସିଥିବା ଜଣେ ପ୍ରାର୍ଥୀ ସ୍ଥାନୀୟ ସ୍କୁଲରେ ପିଲାଙ୍କୁ ଗଣିତ ପଢ଼ାଇଛନ୍ତି। ସୁରସାଗର ବିଧାନସଭା ଆସନ ପାଇଁ କଂଗ୍ରେସରୁ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ପ୍ରଫେସର ଅୟୁବ ଖାଁ ଏପରି କରିଛନ୍ତି। କିଛି ଛାତ୍ର ଗଣିତ ପ୍ରଶ୍ନର ସମାଧାନ ପାଇଁ ତାଙ୍କୁ ଅନୁରୋଧ କରିଥିଲେ। ପେସାରେ ଗଣିତ ଅଧ୍ୟାପକ ଥିବା ଅୟୁବ ତୁରନ୍ତ ବ୍ଲାକ୍ ବୋର୍ଡରେ ଏହା ସମାଧାନ କରିଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..................................



ମାମୁନ୍
ପରିବାରବର୍ଗ



ମିଥିଲେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୋଲିସ ଅସ୍ତ୍ରାଗାରରୁ ଗୁଳି ଚୋରି ଘଟଣା, ଆଇଜିଙ୍କ ତଦନ୍ତ ଆରମ୍ଭ

**ସୁନ୍ଦରଗଡ଼,୩।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ପୋଲିସ ଅସ୍ତ୍ରାଗାରରୁ ୬୦ରାଉଣ୍ଡ ଗୁଳି ଚୋରି ଘଟଣାର ସୋମବାର ତଦନ୍ତ ଆରମ୍ଭ କରିଛନ୍ତି ପଶ୍ଚିମାଞ୍ଚଳ ଆଇଜି କବିତା ଜଲାନ। ସେ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପି ସୌମ୍ୟା ମିଶ୍ରାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଶଙ୍କରାସ୍ଥିତ ରିଜର୍ଭ ପୋଲିସରେ ଥିବା ଅସ୍ତ୍ରାଗାର ପରିଦର୍ଶନ କରିଥିଲେ। ଏହି ଘଟଣାରେ ରିଜର୍ଭ ପୋଲିସ ଇନ୍ସପେକ୍ଟରଙ୍କ ରିପୋର୍ଟ ଆଧାରରେ ଟାଉନ ଥାନାରେ ଏକ ମାମଲା (ନଂ.୨୪୫/୧୮) ରୁଜୁ ହୋଇଛି। ଏସ୍‌ପି ମିଶ୍ରା ଅସ୍ତ୍ରାଗାର ଡ୍ୟୁଟିରେ ନିୟୋଜିତ ଏପିଆର୍ କନଷ୍ଟେବଲ ଗୁଲଶନ କିରୋଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ପରେ ଶନିବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏପରି କି ୩ଜଣ ହାବିଲଦାରଙ୍କୁ ଏସ୍‌ପି କାରଣଦର୍ଶାଅ ନୋଟିସ ଜାରି କରିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ରହିଥିବା ଅସ୍ତ୍ରାଗାରରୁ କିଭଳି ୪ଟି ମ୍ୟାଗାଜିନ୍‌ରେ ଥିବା ୬୦ ରାଉଣ୍ଡ ଗୁଳି ଗାଏବ୍ ହୋଇଯାଇଥିଲା, ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମାଞ୍ଚଳ ଆଇଜି ସୁନ୍ଦରଗଡ଼ ଆସି ତଦନ୍ତ କରିବା ସହ ଘଟଣାରେ ସମ୍ପୃକ୍ତ ଏବଂ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କର କୌଣସି ଆପରାଧିକ ସଂଗଠନ ସହ ସମ୍ପର୍କକୁ ପୋଲିସ ଅସ୍ୱୀକାର କରିଥିଲେ ହେଁ ଏ ନେଇ ଅଧିକ ଖୋଳତାଡ଼ ଜାରି ରହିଛି।

# ଶକ୍ତି ବ୍ୟବହାରରେ ବିଶ୍ୱରେ ଭାରତ ତୃତୀୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ଦେଶର ଦୀର୍ଘମିଆଦୀ ଅର୍ଥନୀତିରେ ପ୍ରଗତି ଆଣିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱରେ ଶକ୍ତିବ୍ୟବହାରରେ ଭାରତ ୩ନମ୍ବର ସ୍ଥାନରେ ରହିଛି। ଆସନ୍ତା ୨୦ରୁ ୩୦ବର୍ଷ ମଧ୍ୟରେ ଆମେ ୧ କିମ୍ବା ୨ନମ୍ବର ରହିବୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦେଶବାସୀଙ୍କୁ ଅଧିକରୁ ଅଧିକ ଅର୍ଥନୈତିକ ପ୍ରଗତି ମିଳିବା ପାଇଁ ଉଦ୍ୟମ କରାଯାଉଛି। ସ୍ଥାନୀୟ ରେଲୱେ ଅଡିଟୋରିୟମରେ ଆୟୋଜିତ ଅଲ ଇଣ୍ଡିଆ ଲାଇଫ ଇନ୍ସ୍ୟୁରାନ୍ସ ଏଜେଣ୍ଟ ଫେଡେରେଶନର ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେଇ ଧର୍ମେନ୍ଦ୍ର ଏଜେଣ୍ଟମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରି କହିଛନ୍ତି ଯେ, ଦେଶରେ ଆଜି ୧୧ଲକ୍ଷ ଏଜେଣ୍ଟ ଲୋକମାନଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି। ସେମାନଙ୍କ ଉପରେ ବର୍ତ୍ତମାନ ସାରା ଦେଶ ଭରଷା କରିପାରୁଛି। ଏହାଦ୍ୱାରା ଦେଶର ଅର୍ଥନୀତିର ବିକାଶ ହୋଇପାରିଛି। ଏହା ଆମକୁ ସ୍ୱୀକାର କରିବାକୁ ପଡିବ ବୋଲି ସେ କହିଛନ୍ତି। ନୂଆ ଟେକ୍ନୋଲୋଜିର ବ୍ୟବହାର ଫଳରେ ବର୍ତ୍ତମାନ ସବୁ କାମ ମଧ୍ୟ ସୁବିଧାରେ ହୋଇପାରିଛି। ଜିଏସ୍‌ଟି ଲାଗୁ ହେବାପରେ ଏହାର ସୁଫଳ ମିଳିପାରିଛି। ଦେଶରେ ଥିବା ଏଲଆଇସି ଏଜେଣ୍ଟମାନଙ୍କ ଦକ୍ଷତା ବିକାଶ ଉପରେ ଦୃଷ୍ଟି ଦେବା ପାଇଁ ଉଦ୍ୟମ କରାଯିବା ଦରକାର। କେନ୍ଦ୍ର ସରକାର ବୀମା ଭିତରେ ଅଧିକରୁ ଅଧିକ ଲୋକଙ୍କୁ ପରିସରଭୁକ୍ତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନା ଦ୍ୱାରା ୫୦କୋଟି ଲୋକଙ୍କୁ ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ କରାଯାଇଛି। ଯେତେବେଳେ ଭାଜପା କ୍ଷମତାକୁ ଆସିଲା ସେତେବେଳେ ୧୩କୋଟି ଲୋକଙ୍କୁ ଏଲ୍‌ପିଜି ସଂଯୋଗ କରାଯାଇଥିବାବେଳେ ଏହା ବର୍ତ୍ତମାନ ୨୫କୋଟିରେ ପହଞ୍ଚିଛି। ପ୍ରତ୍ୟେକ ହିତାଧିକାରୀ ବୀମାରେ ସାମିଲ ହୋଇପାରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ■ ଯୌତୁକ ପାଇଁ ବଧୂ ହତ୍ୟା

# ଗୋଡ଼ହାତ ବାନ୍ଧି ଜାଳିଦେଲେ

■ ୭ ମାସର ଶିଶୁକନ୍ୟା ଉଦ୍ଧାର
■ ଶାଶୁ ଓ ୨ ନଣନ୍ଦ ଗିରଫ

**ମାର୍ଶାଘାଇ,୩।୧୨(ଡିଏନଏ)**

ଯୌତୁକ ପାଇଁ ମହାକାଳପଡା ବ୍ଲକ ତିଖିରୀ ପଞ୍ଚାୟତ ବାଲିସୁଆଁ ଗ୍ରାମରେ ଭାରତୀ ନାମ୍ନୀ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ହାତଗୋଡ ବାନ୍ଧି କିରୋସିନ ଢାଳି ପୋଡି ମାରି ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଗ୍ରାମବାସୀଙ୍କ ସହାୟତାରେ ସଂପୃକ୍ତ ମହିଳାଙ୍କ ସାତ ମାସର ଶିଶୁକନ୍ୟା ଅଳ୍ପକେ ରକ୍ଷା ପାଇଯାଇଛି । ଏହି ଘଟଣାରେ ଅଭିଯୁକ୍ତ ଶାଶୁ ଓ ୨ ନଣନ୍ଦଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, କେନ୍ଦ୍ରାପଡା ଜିଲା ବାଲିସୁଆଁ ଗ୍ରାମର ନିଶାକର ସ୍ୱାଇଁଙ୍କ ପୁଅ ନିର୍ମଳ ଙ୍କୁ ଦେଢ ବର୍ଷ ତଳେ ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ ବଡପାଳ ଗ୍ରାମର ଗଗନ ବିହାରୀ ଦାସଙ୍କ ଝିଅ ଭାରତୀ (୨୩) ବିବାହ କରିଥିଲେ। ବିବାହ ସମୟରେ ନଗଦ ୧ଲକ୍ଷ ଟଙ୍କା ସହ ସମସ୍ତ ଆସବାବପତ୍ର ଏବଂ ସୁନା ଅଳଙ୍କାର ଦିଆଯାଇଥିଲା। ତେବେ ବିବାହ ପରେ ଅଧିକ ୫୦ହଜାର ଟଙ୍କା ଯୌତୁକ ଦାବି କରି ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୁ ଓ ନଣନ୍ଦ ଭାରତୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ଗତ ରବିବାର ରାତି ପ୍ରାୟ ସାଢେ ୯ଟା ସମୟରେ ଶାଶୁ ଏବଂ ୪ ନଣନ୍ଦ ମିଶି ଭାରତୀଙ୍କ ହାତ ଗୋଡ ବାନ୍ଧି କିରୋସିନ ଢାଳି ନିଆଁ ଲଗାଇ ଦେଇ ଘରର କବାଟ ବାହାର ପଟୁ ବନ୍ଦ କରି ଦେଇଥିଲେ। ଘର ପୋଡି ଯାଉଥିବା ଦେଖି ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ସେହି ଘର ଭିତରେ ପୋଡି ଯାଉଥିବା ଭାରତୀ ଓ ଝିଅର କରୁଣ ଚିତ୍କାର ଶୁଣି ଗ୍ରାମବାସୀ କବାଟ ଭାଙ୍ଗି ପ୍ରଥମେ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଭାରତୀଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଦମକଳ ଗାଡିରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଭାରତୀଙ୍କ ଭାଇ ରଶ୍ମିରଞ୍ଜନ ଦାସ ଏ ନେଇ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଭାରତୀଙ୍କ ଶାଶୁ ସରସ୍ୱତୀ ସ୍ୱାଇଁ(୫୫), ବିବାହିତା ନଣନ୍ଦ ବାସନ୍ତୀ ସ୍ୱାଇଁ (୩୫) ,ଅବିବାହିତା ନଣନ୍ଦ ସୁକାନ୍ତି ସ୍ୱାଇଁ(୨୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କାଳନ୍ଦୀ ବେହେରା ପ୍ରକାଶ କରିଛନ୍ତି। ବାପଘରେ ରହୁଥିବା ଅନ୍ୟ ୨ ଜଣ ବିବାହିତା ନଣନ୍ଦ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଦଫା ୪୯୮(ଏ), ୩୪୨,୩୨୬,୫୦୬, ୩୦୭,୩୦୪(ବି),୩୦୨ ,୩୪ ଏବଂ ଯୌତୁକ ନିରୋଧ ଆଇନର ୪ ଦଫାରେ ଏକ ମାମଲା ରୁଜୁ କରାଯାଇଛି। ଏହାର କେସ ନଂ ୨୦୭/୧୮ । ସୂଚନାଯୋଗ୍ୟ ଯେ, ଭାରତୀଙ୍କ ସ୍ୱାମୀ ଚେନ୍ନାଇରେ ରହି ଚାକିରି କରନ୍ତି ।

ପ୍ରଥମ ପୃଷ୍ଠାରୁ...

## ସ୍ଥଗିତାଦେଶ...

ଲେଜିଟିମେଟ ଆକ୍ସନ(ଆରଇଏଲଏ) ପକ୍ଷରୁ ଦାଏର କରାଯାଇଥିବା ପିଟିଶନର ଶୁଣାଣି କରି କୋର୍ଟ ଜନଶୁଣାଣି ପାଇଁ ଟର୍ମସ୍ ଆଣ୍ଡ କଣ୍ଡିସନ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୨ ତାରିଖରେ ଓଡ଼ିଶା ସରକାରଙ୍କ ପିଟିଶନ ଆଧାରରେ ୪ ସପ୍ତାହ ମଧ୍ୟରେ ପ୍ରକଳ୍ପର ପରିବେଶ ଅନୁମତି ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଭେମ୍ବର ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। କୋର୍ଟରେ ଚାଲୁ ରହିଥିବା ବିଭିନ୍ନ ବିବାଦର ସମାଧାନ ପୂର୍ବରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ। ଏଥିରେ ରାଜ୍ୟର ବହୁ ଜଙ୍ଗଲ ଓ ଉର୍ବର ଚାଷ ଜମି ଜଳମଗ୍ନ ହୋଇଯିବ। ମାଲକାନଗିରି ଜିଲାର ଆଦିମ ଆଦିବାସୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ୨୦୧୫ ସେପ୍ଟେମ୍ବର ୧୬, ୨୦୧୭ ନଭେମ୍ବର ୨୩ ଏବଂ ୨୦୧୮ ଜୁଲାଇ ୧୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ଏହା ଉପରେ ପ୍ରଧାନମନ୍ତ୍ରୀ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ର ପ୍ରଦେଶର ୨୭୬, ଛତିଶଗଡ଼ର ୪ ଏବଂ ଓଡ଼ିଶାର ୮ଟି ଗ୍ରାମ ଜଳମଗ୍ନ ହେବ ବୋଲି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଲୋକସଭାରେ ସୂଚନା ଦେଇଥିବାବେଳେ ଓଡ଼ିଶା ସରକାରଙ୍କ ତଥ୍ୟ କହୁଛି ଏହା ଦ୍ୱାରା ମାଲକାନଗିରି ଜିଲା ମୋଟୁ ତହସିଲ ଅଧୀନରେ ଥିବା ୨୫ଟି ଆଦିବାସୀ ପଡ଼ାଗ୍ରାମ ସହ ୭,୬୫୬ ହେକ୍ଟର ଚାଷ ଓ ଜଙ୍ଗଲ ଜମି ସମ୍ପୂର୍ଣ୍ଣ ବୁଡ଼ିଯିବ । ଆଦିବାସୀମାନେ ବାସହରା ହୋଇଯିବେ।

## ଗୋ ସୁରକ୍ଷା...

ଏଥିରୁ କ୍ଷାନ୍ତ ରହିବାକୁ କହିବାରୁ ସୁରକ୍ଷା ବଳ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଉପଜିଲାପାଳ ଅବିନାଶ କୁମାର ମୌର୍ଯ୍ୟ ସେଠାରେ ପହଞ୍ଚିବା ପରେ ବିକ୍ଷୋଭକାରୀମାନେ ଅଧିକ ହିଂସ୍ର ହୋଇ ଉଠିଥିଲେ। ଉତ୍ତ୍ୟକ୍ତ ଲୋକେ ଅନେକ ଯାନବାହନରେ ନିଆଁ ଲଗାଇଦେଇଥିଲେ। ସେମାନଙ୍କ ଟେକାମାଡ଼ରେ ଗୁରୁତର ହୋଇଥିବା ସ୍ୟାନା ଥାନାର ଏସ୍‌ଏଚ୍‌ଓ ସୁବୋଧ କୁମାର ସିଂଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୋଲିସ ଆତ୍ମରକ୍ଷା ପାଇଁ ଭିଡ଼ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୨୦ ବର୍ଷୀୟ ଯୁବକ ସୁମିତ ପ୍ରାଣ ହରାଇଛନ୍ତି। ଅସାମାଜିକଙ୍କୁ ଚିହ୍ନଟ କରିଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ତନାଘନା ଚଳାଇଛି। ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି ବୋଲି ଏସ୍‌ଏସ୍‌ପି କେ.ବି. ସିଂ ଏବଂ ଜିଲାପାଳ ଅନୁଜ କୁମାର ଝା ସୂଚନା ଦେଇଛନ୍ତି। ସେହିପରି କଠୁଆ ଜିଲାର ହୀରାନଗର ଅଞ୍ଚଳସ୍ଥିତ ପଠ୍ୱାଲ ଗ୍ରାମରେ ଗୋସୁରକ୍ଷା ଅଳରେ ଅନୁରୂପ ହିଂସା ଦେଖିବାକୁ ମିଳିଛି। ଏକ ଟ୍ରକ୍‌ରେ ବେଆଇନ ଭାବେ କେତେକ ଗାଈ ଓ ମଇଁଷି ଚାଲାଣ କରାଯାଉଥିବା ସ୍ଥାନୀୟ ଲୋକେ ପୂର୍ବାହ୍ନ ୧୧ଟାରେ ଜାଣିବାକୁ ପାଇଥିଲେ। ସେମାନେ ଜମ୍ମୁ-ପଠାନ୍‌କୋଟ୍ ଜାତୀୟ ରାଜପଥ ଅବରୋଧ କରି ଗୋରୁଙ୍କୁ ସୁରକ୍ଷିତ ଭାବେ ବାହାରକୁ ଉଦ୍ଧାର କରି ଆଣିଥିଲେ। ପରେ ସେମାନେ ରାମଲୀଳା ମଇଦାନରେ ଉକ୍ତ ଟ୍ରକ୍‌ରେ ନିଆଁ ଲଗାଇଦେଇଥିଲେ। ଟ୍ରକ୍‌ର ଡ୍ରାଇଭର ଓ ତାଙ୍କ ସହଯୋଗୀ ପ୍ରାଣବିକଳରେ ସେଠାରୁ ଫେରାର ହୋଇଯାଇଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ପୋଲିସ ଲାଠିଚାର୍ଜ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏଥିରେ କେତେଜଣ ଆହତ ହୋଇଛନ୍ତି। ଇତିମଧ୍ୟରେ ସାମ୍ବା ଜିଲାରେ ପୋଲିସ ୨ ଜଣ ଚାଲାଣକାରୀଙ୍କୁ ଗିରଫ କରିବା ସହ ୧୬ ଗୋରୁଙ୍କୁ ଉଦ୍ଧାର କରିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୨୪ ଘଣ୍ଟିଆ...

୪ଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଡାକସେବା, ସିଭିଲ କୋର୍ଟ, ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୋମବାର ସକାଳ ୬ଟାରୁ ମିଳିତ କ୍ରିୟାନୁଷ୍ଠାନ କମିଟି, ଜିଲା ଓକିଲ ସଂଘ, ଅଟୋରିକ୍ସା ସଂଘ, ମାଲଗୋଦାମପଡ଼ାବାସୀ, ରାଜନୈତିକ ଦଳ କଂଗ୍ରେସ, ନାଗରିକ କମିଟି ସଦସ୍ୟମାନେ ବଲାଙ୍ଗୀର ରେଲୱେ ଷ୍ଟେଶନରେ ଏକ ମାଲଗାଡ଼ି ଅଟକାଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକ, ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି, ସମ୍ପାଦକ ଅମନ ନାଗ, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ନାଗରିକ କମିଟି ସଭାପତି ଭବାନୀ ଶତପଥୀ ଓ ଅନ୍ୟମାନେ ରେଲରୋକୋ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ସଭାପତି ନାୟକଙ୍କ ଅଧ୍ୟକ୍ଷତାରେ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ବିଧାୟକ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି, ଡା. ଜ୍ୟୋତ୍ସ୍ନାମୟୀ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡ଼ଙ୍ଗୀ, ଭାଜପାର ଡା. ବାସୁଦେବ ପତି, ଗୋପାଳଜୀ ପାଣିଗ୍ରାହୀ, ପ୍ରଭାସ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, ଅନନ୍ତ ଦାଶ, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ଗୁରୁଶ୍ରୀ ଘାସିରାମ ମିଶ୍ର, ଡ. ଶ୍ରୀକର ମିଶ୍ର, ଜିଲା କରଣ ସମାଜ ସଭାପତି ଅସୀମ ପଟ୍ଟନାୟକ, ରବି ବହିଦାର, କୃଷକ ନେତା ସୁଧୀର ପରିଛା, ଅରୁଣ ମିଶ୍ର, ଡା. ଲକ୍ଷ୍ମୀକାନ୍ତ ମହାପାତ୍ର, ବିଶ୍ୱଜିତ ନାୟକ, ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ଜିଲା ଆଦିବାସୀ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇ, ସୁରୁଲାଲ ମଟାରୀ, ସାନନ୍ଦ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର, ଦୀନେଶ ନାଗ, ଡ. ବିପିନ କୁଶଲିଆ, ଦ୍ୱିଜ ଦଳପତି, ଶଶୀ ପୁରୋହିତ, ନୀଳମଣି ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଯଶବନ୍ତ ସିଂ କମିଶନ ରିପୋର୍ଟ ଆଧାରରେ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ଦାବି କରିଥିଲେ। ସରକାର ତୁରନ୍ତ ଏ ନେଇ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ପାଲ କମିଶନ ରିପୋର୍ଟକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନ କରିବାକୁ ଦାବି କରାଯାଇଥିଲା। ଏହି ମହାବନ୍ଦ ଯୋଗୁ ରେଳ ଷ୍ଟେଶନଗୁଡ଼ିକ ଜନଶୂନ୍ୟ ହୋଇଯାଇଥିଲା। ୨୬ ଓ ୫୭ ନମ୍ବର ଜାତୀୟ ରାଜପଥ ସହ ରାଜ୍ୟ ରାଜପଥଗୁଡ଼ିକରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବଲାଙ୍ଗୀର ଆକ୍ସନ କମିଟି, ଜିଲା କରଣ ସମାଜ, ଘରୋଇ ବସ୍ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ, ଓସ୍ତୁ, ରାଜେନ୍ଦ୍ର କଲେଜ ଛାତ୍ର ସଂଘ, ପୌର ସଂସ୍ଥା ସଫେଇ କର୍ମଚାରୀ ସଂଘ, ଜନମୋର୍ଚ୍ଚା, ମାରୱାଡି ଯୁବା ମଞ୍ଚ, ଜିଲା ବଣିକ ସଂଘ, ଟ୍ୟାକ୍ସ ବାର୍ ଆସୋସିଏଶନ୍ ଓ ଶତାଧିକ ସଂଗଠନ ବନ୍ଦରେ ସାମିଲ ହୋଇଥିଲେ। ରାତି ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଜାରି ରହିଛି। ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଛି।




ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ବନ୍ଦ ପାଳନ ତଥା ପ୍ରତିବାଦ ସଭାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।


# classified

real estate

**SALE**

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.-250/-,160/-. 9937746907, 9337259012. D-64382

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

**Plan approved plot sale near Infocity- 2 & GITAM College, Gangapada, BBSR. Cost @ 600 sqft. 7682927930.** D-9762

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

**AFFIDAVIT**

By virtue of an affidavit before Notary Public, Bangalore on 15 Nov., 2017, I Gautam Kumar Mohanty, Vill&PO- Patia, PS.- Chandrasekharpur, Bhubaneswar, Dist.- Khurdha, Odisha hereby declare that my Son's name is Gaurav Kumar Mohanty which is wrongly recorded as Gaurav Mohanty in my service record and his date of birth is 16.10.1998. This affidavit is sworn to be filed before the concerned authority for necessary action. D-58017

**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନଗେନ୍ଦ୍ର ନାଥ ପାତ୍ର**
ପ୍ଲଟ ନଂ. ୫, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୦୧।୧୯୪୮
ତିରୋଧାନ: ୧୦।୧୨।୨୦୧୨
ହଠାତ୍ ଆମକୁ ଛାଡି ଚାଲିଯିବ, କେବେ ଭାବି ନ ଥିଲୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ଆଗକୁ ଚାଲିବାକୁ ପ୍ରେରଣା ଦେଇଛି। ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ, ସ୍ତ୍ରୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ସମସ୍ତ କଏରଇଣ୍ଡିଆ କର୍ମଚାରୀବର୍ଗ। ଧ-୯୮୧୨

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ସାଗ୍ନିକ ସୌରଭ ମାଇତି**
ବାପା- ସୁକୁମାର ମାଇତି, ମା- ଚମ୍ପାବତୀ ମାଇତି
କରଞ୍ଜମାଳ, ଭଦ୍ରକ
ପଞ୍ଚମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ମା, ଅଜା, ଆଈ, ଜେଜେମା ଓ ପରିବାରବର୍ଗ। ଧ-୯୬୫୫

**Birthday Wish**



**Krishna Kumari Devi**
(Secretary, VEMS Group)
Sahid Nagar, Bhubaneswar
Mam, Many many Happy returns of the day. Best wishes from: Bandana Das & all teachers & students of Venkateswar School, Shanti Nagar, Jharapada, BBSR. D-65094

**ତୃତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା**



(ସାଇସୋମ)
**ଶ୍ରୀ ସିଦ୍ଧାର୍ଥ ସୋମ ଆଚାର୍ଯ୍ୟ**
ଆର୍ଯ୍ୟହୋମ୍, ଅଲାରପୁର ଶାସନ, ଟଙ୍କପାଣି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ମମି-ଡାଡି: କୃଷ୍ଣା-କମଲ୍, ବନ୍ଧୁ ଓ ଆଚାର୍ଯ୍ୟ ପରିବାରବର୍ଗ। ଧ-୫୮୦୧୬

**4th Birthday Wish**



(Mamun)
**Saismita**
At/Po-Athantar
ଚତୁର୍ଥ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ। ଧ-୯୮୦୩

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ସ୍ୱସ୍ତିକ (ଓମ୍)
ୱିଲସନ୍ ଗାର୍ଡେନ, ବାଙ୍ଗାଲୋର
ଆଜି ଜନ୍ମଦିନ ଅବସରରେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହିତ ଚଲାପଥ କୁସୁମିତ କରନ୍ତୁ, ଏହା ହିଁ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସିରିଡ଼ିସାଇଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ : ଗିରିଜା (ଅଜା), ବିଜୟଲକ୍ଷ୍ମୀ (ଆଈ) ଓ ଗୁରୁପ୍ରସାଦ (ମାମୁଁ)
ଧ-୯୭୯୩

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



(ପାପୁ)
**ଆସୁତୋଷ ଦାଶ**
ସ୍ଥାନ- ପିପିଲି, ଦକ୍ଷିଣ ନୂଆଗାଁ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ମଙ୍ଗଳ ହେଉ। ଶୁଭେଚ୍ଛା ସହ: ପାପା-ମାମା, ଭଉଣୀ- ନିକି, ରିକି, ଜେଜେବାପା-ଜେଜେମା, କାକା, ମଉସା- ମାଉସୀ, ଅଜା-ଆଈ। ଧ-୯୮୧୩

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଧନ ସପ୍ତମାଧିପ ଶୁକ୍ରଙ୍କ ସାନ୍ନିଧ୍ୟରେ ବୈଷୟିକ ସୁଖ, ସମ୍ପଦର ଅଭିବୃଦ୍ଧି ଜନିତ ପ୍ରଫୁଲ୍ଲତା ଅନୁଭବ କରିବେ। ଦୂରଯାତ୍ରାର ସୁଯୋଗ ପାଇବେ। କର୍ମସ୍ଥାନରେ କେତୁଙ୍କ କୁପ୍ରଭାବରେ ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ପ୍ରଭୃତି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ**
ସ୍ୱଗୃହୀ ଶୁକ୍ର ପ୍ରଭାବରୁ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ କେତେକାଂଶରେ ଭଲ ରହିବ। ଶୁକ୍ର ଯୁକ୍ତ ଚନ୍ଦ୍ର ହେତୁ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। ଆର୍ଥିକ ଅଭିବୃଦ୍ଧି ସହ ବନ୍ଧୁମିଳନ ମାଧ୍ୟମରେ ଦିନଟି ଅତିବାହିତ କରିବେ। ତଥାପି ମତାନ୍ତର ଜନିତ କର୍ମ ଓ ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅଶାନ୍ତି ଉପୁଜିପାରେ।

**ମିଥୁନ**
କର୍ମାଧିପ ପାପଗ୍ରହ ଯୋଗୁ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରୁହନ୍ତୁ। ଅନ୍ୟଥା ଆପଣ ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇ ପଡିବେ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢିପାରେ। କଚେରି ମାମଲା କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଦୂରେଇଯିବ।

**କର୍କଟ**
କେନ୍ଦ୍ର ଓ କୋଣଭାବସ୍ଥ ଗ୍ରହମାନେ ଆପଣଙ୍କୁ ଉଚ୍ଚ ସମ୍ମାନ, ଭ୍ରମଣ ସୁଖ, ବନ୍ଧୁଙ୍କ ଆତିଥ୍ୟ ପ୍ରଦାନ କରି ଆପ୍ୟାୟିତ କରିବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାନ କରିବେ। କ୍ରୀଡା, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ ହେବେ।

**ସିଂହ**
କର୍ମସ୍ଥାନ ପ୍ରତି ତିନୋଟି ଗ୍ରହଙ୍କ ପ୍ରତ୍ୟକ୍ଷଦୃଷ୍ଟି ଏକାଧାରରେ ଅର୍ଥ,ସମ୍ମାନ ଓ ନୂତନ ସମ୍ପର୍କ ସୃଷ୍ଟି କରିବ। ଅତୀତ ଘଟଣାଗୁଡିକର ସମୀକ୍ଷା କରି ଭାବବିହ୍ୱଳ ହେବା ସାଙ୍ଗକୁ ପ୍ରକୃତ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିପାରିବେ ନାହିଁ। ଶିକ୍ଷା,ପରୀକ୍ଷା,ସାକ୍ଷାତକାର, ସାହିତ୍ୟ ସାଧନା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ରାଶ୍ୟାଧିପ ବୁଧ ଦେବଗୁରୁଙ୍କ ସଙ୍ଗଲାଭ ଜନିତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। କ୍ରୀଡା, କଳା, ସଙ୍ଗୀତ, ଚଳଚ୍ଚିତ୍ର ପାଇଁ ଦିନଟି ଭଲ। ପଡୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି।

**ତୁଳା**
ଗୁରୁ କ୍ଷେତ୍ରସ୍ଥ ଶନି ହେତୁ ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡିପାରେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ। ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହୋଇପାରେ ।

**ବିଛା**
କୃଷ୍ଣପକ୍ଷର ଦ୍ୱାଦଶ ଚନ୍ଦ୍ର କଲ୍ୟାଣକାରକ ହେତୁ ଯାତ୍ରା ଫଳପ୍ରଦ ହେବ। କିନ୍ତୁ ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେ ହିଁ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ଅଫିସ୍‌ରେ ଥିବା ସମୟରେ ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ଘରୋଇ ସମସ୍ୟା ଆଲୋଚନା ପ୍ରସଙ୍ଗରେ ପର କଥାରେ ପଡି ଘର ଲୋକମାନଙ୍କୁ ଭୁଲ୍ ବୁଝି ପାରନ୍ତି।

**ଧନୁ**
ଭାଗ୍ୟାଧିପତି ରବିଙ୍କ ସହ ଦେବଗୁରୁ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ସମୟ ଦେଇପାରନ୍ତି। ସାହିତ୍ୟ, ଗବେଷଣା, ସଭାସମିତିରେ ସୁନାମ ଅର୍ଜନ କରିବେ। ଅର୍ଥ ସମ୍ପର୍କ ଓ ପାରିବାରିକ କ୍ଷେତ୍ର ପୂର୍ବବତ୍ ଅକ୍ଷୁଣ୍ଣ ରହିବ।

**ମକର**
କେତୁ ଓ ମଙ୍ଗଳଙ୍କ ସ୍ଥାନ ସ୍ଥିତି ପ୍ରଭାବରେ ଆପଣଙ୍କ କଥା ଓ କାମରେ ତାଳମେଳ ରହି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ଝଗଡା ଲାଗିପାରେ ମାତ୍ର ସଭାସମିତି, ଆଲୋଚନାରୁ ଶୁଭଫଳ ପାଇବେ।

**କୁମ୍ଭ**
ପାରିବାରିକ ସମସ୍ୟାରେ ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ନିଷ୍ପତ୍ତି ନେବାରେ ବହୁତ ସମୟ ଲାଗିପାରେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଅନ୍ୟଥା ପରେ ଅନୁତାପ କରିବାକୁ ପଡିବ। ବ୍ୟବସାୟ,ସଭାସମିତି, ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ ।

**ମୀନ**
ରାଶି ଓ ରାଶ୍ୟାଧିପତିଙ୍କ ଗୁଣଧର୍ମ ଅନୁଯାୟୀ ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କଳା,ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

ଆଜି ମାର୍ଗଶିର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର, ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ଦିବା ଘ୯।୧୪ମି. ଗତେ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ମକର ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ,ଦିବା ଘ୮।୫୬ମି. ଗତେ ଘ୧୦।୧୬ମି. ମଧ୍ୟେ, ଘ୧୧।୩୭ମି. ଗତେ ଘ୧।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୬ମି. ଗତେ ଘ୧୧।୩୭ମି. ମଧ୍ୟେ, ଘ୨।୨୦ମି. ଗତେ, ଘ୩।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୧୯ମି. ଗତେ ଘ୩।୪୨ମି. ମଧ୍ୟେ ରାହୁକାଳ।



ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୋମବାର ସୁରକ୍ଷାବଳ- ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ସ୍ଥାନୀୟ ସନ୍‌ଗ୍ରାନ୍ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚିଥିବା ଖବର ପାଇ ସୁରକ୍ଷାବଳ ଆରମ୍ଭ କରିଥିଲେ ଘେରାବନ୍ଦୀ। ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ପାଇଁ ସତର୍କ ସୂଚନା ଦିଆଯାଇଥିଲା। ତେବେ ସେମାନେ ସୁରକ୍ଷାବଳଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ଜବାବରେ ସୁରକ୍ଷାବଳଙ୍କ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା।






## ସଂକ୍ଷେପରେ

### ଜେଲରୁ ମୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆୟରଙ୍କ ଚିଠି

**ଭୁବନେଶ୍ୱର,୩।୧୨ (ବ୍ୟୁରୋ):** ଶ୍ରୀମନ୍ଦିର, ସୂର୍ଯ୍ୟ ମନ୍ଦିର ସମେତ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ର ଝାରପଡ଼ା ଜେଲ୍‌ରେ ଅଛନ୍ତି। ବିଧାନସଭା ଗୃହ କମିଟି କ୍ଷମା ପ୍ରଦାନ କରିଥିଲେ ମଧ ତାଙ୍କୁ ଏପର୍ଯ୍ୟନ୍ତ ଜାମିନ ମିଳିନାହିଁ। ଏପରିସ୍ଥଳେ ସେ ଲେଖିଥିବା ଏକ ଚିଠି ପଦାକୁ ଆସିଛି। ତାଙ୍କୁ କ୍ଷମା କରିବା ସହ ମାମଲା ପ୍ରତ୍ୟାହାର ପାଇଁ ଅଭିଜିତ ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ହେଲେ ଜେଲ ବିଭାଗ ଉକ୍ତ ଚିଠିକୁ ୧୩ ଦିନ ଧରି ନିଜ ପାଖରେ ରଖିଥିଲେ। ଦୁଇ ଦିନ ହେବ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରେ ଲାଗିଛି। ସେ କିଛି ଖାଉ ନ ଥିବାବେଳେ ପେଟରେ ଭୀଷଣ ଯନ୍ତ୍ରଣା ହେଉଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସର୍ଜରି ବିଭାଗରେ ଚିକିତ୍ସା କରାଯାଉଛି। ଏପରିସ୍ଥଳେ ଜେଲ୍ ବିଭାଗ ଡିଆଇଜି ସୋମବାର ଉକ୍ତ ଚିଠିକୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ଏଠାରେ ପ୍ରଶ୍ନ ଉଠୁଛି ଅଭିଯୁକ୍ତଙ୍କ ଚିଠିକୁ ୧୩ ଦିନ କ'ଣ ପାଇଁ ଜେଲ ବିଭାଗ ଚାପି ରଖିଥିଲା ତାହାକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିଜିତ୍‌ଙ୍କୁ ନ ମୁକୁଳାଇବାକୁ ଏପରି ଯୋଜନା ହୋଇଥିବା କୁହାଯାଉଛି। ତେବେ ଏ ସଂକ୍ରାନ୍ତରେ ଜେଲ ବିଭାଗର ଆଇଜିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନି।

### କ୍ୟାପିଟାଲ ହସ୍ପିଟାଲରେ ଦାନ୍ତ ପରୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୨(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାନ୍ତରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ସୋମବାର ଅପରାହ୍ନ ପ୍ରାୟ ୫ଟାରେ କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ। କଡ଼ା ସୁରକ୍ଷା ମଧରେ ମୁଖ୍ୟମନ୍ତ୍ରୀ ଦାନ୍ତ ବିଭାଗରେ ପହଞ୍ଚିବା ପରେ ଡାକ୍ତର ତାଙ୍କ ଦାନ୍ତର ପରୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଆସିଥିବା ଶୁଣି ହସ୍ପିଟାଲରେ ତାଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଅଧ ଘଣ୍ଟା ପରେ ମୁଖ୍ୟମନ୍ତ୍ରୀ ହସ୍ପିଟାଲ ବାହାରକୁ ଆସିବା ପରେ ସିଧା ନବୀନ ନିବାସ ଚାଲିଯାଇଥିଲେ।

# ଗୁଡ୍ ନିଉଜ୍ ଇଣ୍ଡିଆର ଡ୍ରିମ୍ ସେଣ୍ଟରରେ ଯାଞ୍ଚ

**ଝାରସୁଗୁଡ଼ା ଅଫିସ,୩।୧୨**

ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଗୁଡ୍ ନିଉଜ୍ ଇଣ୍ଡିଆର ଶେଲଟେର ହୋମରେ ନାବାଳିକା ଛାତ୍ରୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ଗୁଡ ନିଉଜ୍ ଇଣ୍ଡିଆର ପ୍ରତ୍ୟେକ ଶେଲଟର ହୋମରେ ଯାଞ୍ଚ କରାଯାଉଛି। ସେଥିପାଇଁ ସୋମବାର ଝାରସୁଗୁଡା ସହର ଉପକଣ୍ଠ ପଞ୍ଚପଡାସ୍ଥିତ ଗୁଡ ନିଉଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଜିଲା ପ୍ରଶାସନର ଏକ ପାଞ୍ଚଜଣିଆ ଟିମ୍ ଯାଞ୍ଚ କରିଛନ୍ତି। ଯାଞ୍ଚବେଳେ ପ୍ରଶାସନିକ ଟିମ୍ ଗୁଡ୍ ନିଉଜ ଇଣ୍ଡିଆର ବିଭିନ୍ନ କାଗଜପତ୍ର ନିଜ ଅଧୀନକୁ ନେଇଛନ୍ତି।

ପ୍ରାଥମିକ ଅନୁସନ୍ଧାନ ଅନୁସାରେ, ଏଠାରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଜିଲାର ମୋଟ ୧୫୬ ବାଳକ, ବାଳିକା ରହୁଛନ୍ତି। ସେଥିରୁ ୨୬ ଜଣ ଛାତ୍ରୀଛାତ୍ର ୧୮ ବର୍ଷରୁ ଅଧିକ ହୋଇଥିବା ବେଳେ ଅବଶିଷ୍ଟ ନାବାଳିକା ଓ ନାବାଳକ। ପୂର୍ବରୁ ୨୦୧୩ରୁ ୨୦୧୬ ଯାଏଁ ଏହି କେନ୍ଦ୍ର କିଶୋର ନ୍ୟାୟ ଆଇନ ଅଧୀନରେ ପ୍ରମାଣପତ୍ର ପାଇ ପରିଚାଳିତ ହେଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଗୁଡ ନିଉଜ ଇଣ୍ଡିଆରେ ରହି ଅନ୍ୟାନ୍ୟ ଛାତ୍ରୀଛାତ୍ର ଶିକ୍ଷା ଅଧୟନ କରୁଥିବାରୁ ଏହାର ପ୍ରମାଣପତ୍ର ପ୍ରତ୍ୟାହାର କରାଯାଇଥିଲା ଏବଂ ଏହାକୁ ଗଣଶିକ୍ଷା ବିଭାଗ ଅଧୀନରେ ପଞ୍ଜୀକରଣ କରିବାକୁ ଜିଲା ପ୍ରଶାସନ ପରାମର୍ଶ ଦେଇଥିଲା। ଢେଙ୍କାନାଳ କେଳେଙ୍କାରୀ ପରେ ସୋମବାର ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସମୀର ମିଶ୍ର, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଆନନ୍ଦିନୀ ପାଢୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁପ୍ରଭା ସେଠ୍ ପ୍ରମୁଖ ସେଠାକୁ ଯାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅନ୍ତେବାସୀ, ପରିଚାଳକ ଆଲୋକ ଦୀପଙ୍କ ଏବଂ ଅନ୍ୟ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଥିଲେ। ତେବେ ଏହି କେନ୍ଦ୍ର ପରିଚାଳନା ଲାଗି ରାଜ୍ୟ ସରକାରଙ୍କ କୌଣସି ପ୍ରମାଣପତ୍ର ଯାଞ୍ଚ ଟିମ୍ ନିକଟରେ ଦାଖଲ କରିପାରି ନ ଥିଲେ ବୋଲି ଶିଶୁ ମଙ୍ଗଳ କମିଟିର ଅଧକ୍ଷା ପାଢୀ କହିଛନ୍ତି। ମଙ୍ଗଳବାର ପୁନଶ୍ଚ ଯାଞ୍ଚ କରିବା ପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି ପ୍ରକାଶ କରିଛି।



ପ୍ରଶାସନିକ ଯାଞ୍ଚ ଟିମ୍ ଗୁଡ ନିଉଜ ଇଣ୍ଡିଆ କର୍ମଚାରୀଙ୍କୁ ପଚରାଉଚୁରା କରୁଛନ୍ତି।

■ ନବକଳେବର ପ୍ରସଙ୍ଗ

# ବିଭ୍ରାଟ ନୁହେଁ, ବିଭ୍ରାନ୍ତି

**ପୁରୀ ଅଫିସ,୩।୧୨**

■ ଦାରୁ ଏବେ ବ୍ରହ୍ମମୟ, ମତ ଦେବାକୁ ଆମେ କିଏ
■ ୯୫ ପ୍ରତିଶତ ସେବକ ଭଲ

୨୦୧୫ ନବକଳେବରରେ କିଛି ବିଭ୍ରାଟ ନାହିଁ, ଏହା ବିଭ୍ରାନ୍ତି। ସତ କଥାକୁ ବିଭିନ୍ନ ଢଙ୍ଗରେ ଉପସ୍ଥାପନ କରି ଏହାକୁ ଜଟିଳ କରିଦିଆଯାଇଛି ବୋଲି କହିଛନ୍ତି ଶ୍ରୀମନ୍ଦିରର ବିଦାୟୀ ନୀତି ପ୍ରଶାସକ ପ୍ରଦୀପ ଦାଶ। ସୋମବାର ଦାୟିତ୍ୱ ହସ୍ତାନ୍ତର କରିବା ଅବସରରେ ସେ ଗଣମାଧମକୁ କହିଛନ୍ତି ଯେ, ନବକଳେବରରେ ବିଳମ୍ବ ହୋଇଛି ବୋଲି ମନ୍ଦିର ପ୍ରଶାସନ ସବୁବେଳେ କହିଆସିଛି। ପ୍ରାଚୀନ ପୋଥି କିମ୍ବା ନବକଳେବର ନଥିକୁ ଘାଣ୍ଟିଲେ ପୂର୍ବରୁ ୩/୪ଟି ନବକେଳବରରେ ଏହିଭଳି ସମସ୍ୟା ହୋଇଥିବା ଜଣାପଡିବ। କିନ୍ତୁ ୨୦୧୫ ନବକବେଳରରେ ବିଳମ୍ବ ଅଧିକ ହୋଇଛି। ଏହା ସତ୍ୟ ସେବକଙ୍କ ମଧରେ ବାଦ ବିବାଦ ଅଧିକ ବଢିଛି। ବିଳମ୍ବ ପାଇଁ କେଉଁମାନେ ଦାୟୀ ତାହା ଦେଖିବା ପାଇଁ ମନ୍ଦିର ପ୍ରଶାସନ ମଧ ଚେଷ୍ଟା କରିଛି ବୋଲି ଦାଶ କହିଛନ୍ତି। ସେହିପରି ମହାପ୍ରଭୁଙ୍କ ଦାରୁର ମାନ ଏବଂ ଫିଙ୍ଗିଂ ନେଇ ଉଠୁଥିବା ଅଭିଯୋଗ ସଂକ୍ରାନ୍ତରେ ସେ କହିଥିଲେ ଯେ, ଫିଙ୍ଗିଂ ହେଉ ଅବା ଦାରୁ ପୋଲା ସେ ଯାହା ବି ହେଉ ସେହି ଦାରୁ ଗତ ୩ ବର୍ଷ ହେଲା ବ୍ରହ୍ମମୟ ହୋଇଗଲେଣି। ସେହି ବ୍ରହ୍ମଙ୍କୁ କେବଳ ଓଡ଼ିଶାବାସୀ ନୁହେଁ, ବିଶ୍ୱବାସୀ ଗ୍ରହଣ କରିସାରିଲେଣି। ପ୍ରତିଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଆରାଧନା କରୁଛନ୍ତି। ଏହାପରେ କିଛି ଖୋଳତାଡ଼ କରିବା କିମ୍ବା ମତ ଦେବା ପାଇଁ ଆମେ କିଏ? ବିଶେଷକରି ଜଣେ ସେବକ ଏ ବିଷୟରେ କିଛି କହିବା ଉଚିତ ନୁହେଁ।

୫ ବର୍ଷ ଧରି ଶ୍ରୀମନ୍ଦିର ନୀତି ପ୍ରଶାସକ ରହିବା ଅନୁଭୂତି ସମ୍ପର୍କରେ ସେ କହିଥିଲେ, ସମସ୍ତଙ୍କୁ ସାଥିରେ ନେଇ କାମ କରିବାକୁ ସବୁବେଳେ ଚେଷ୍ଟା କରିଆସିଛି। ଶ୍ରୀମନ୍ଦିର ୯୦ରୁ ୯୫ ପ୍ରତିଶତ ସେବକ ବହୁତ ଭଲ। ସେମାନଙ୍କର ତ୍ୟାଗ, ଉତ୍ସର୍ଗୀକୃତ ମନୋଭାବ ରହିଛି। ତେଣୁ ନୀତି ନିର୍ବାହ କରିବାରେ କୌଣସି ପ୍ରକାର ଅସୁବିଧା ହେଉନାହିଁ। ୫ ପ୍ରତିଶତ ସେବକ ଅଛନ୍ତି ଯେଉଁମାନେ ବିଭିନ୍ନ କଥାକୁ ଅଲଗା ଢଙ୍ଗରେ ନିଅନ୍ତି ବୋଲି ପ୍ରଦୀପ ଦାଶ କହିଛନ୍ତି।

# ତଦନ୍ତ ପରିସରଭୁକ୍ତ ହେବ ସବୁ ଶେଲ୍‌ଟର ହୋମ୍: ଡିଜିପି

**ଭୁବନେଶ୍ୱର,୩।୧୨ (ବ୍ୟୁରୋ)**

■ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ
■ ସନ୍ଦେହ ହେଉଥିଲେ ଚଢ଼ାଉ କରି ସିଲ୍ କର
■ ପୁଣି ଜାରି ହେଲା ସର୍କୁଲାର

ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ନାବାଳିକାଙ୍କୁ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ଓଡିଶା ପୋଲିସର ନିଦ ଭାଙ୍ଗିଛି। ଯେଭଳି ଏହି ଘଟଣାର ପୁନରାବୃତ୍ତି ନ ଘଟେ ସେଥିଲାଗି ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୋମବାର ଏ ସଂକ୍ରାନ୍ତରେ ସୂଚନାଦେଇ ଶର୍ମା କହିଛନ୍ତି, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଗଲେ ଉକ୍ତ ସଂସ୍ଥାର ଅନ୍ୟ ଶାଖାରେ ନାବାଳିକାଙ୍କୁ ନିର୍ଯାତନା ଦିଆଯାଉଥିଲା କି ନାହିଁ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରାଜ୍ୟରେ ଚାଲୁଥିବା ସମସ୍ତ ଶେଲ୍‌ଟର ହୋମ୍ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ଦେବାକୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜିଲାରେ କେତେ ଶେଲ୍‌ଟର ହୋମ୍ ରହିଛି, ସେ ସବୁ ପଞ୍ଜୀକୃତ ହୋଇଛି କି ନାହିଁ ଓ କିପରି କାର୍ଯ୍ୟ କରୁଛି, ସେସବୁର ଟିକିନିଖି ଜଣାଇବାକୁ କୁହାଯାଇଛି। ଏପରିକି ସନ୍ଦେହ ହେଉଥିଲେ ପୋଲିସ ସେଠାରେ ଚଢ଼ାଉ କରିବା ସହ ପ୍ରାଥମିକ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ। ଯେଉଁ ଶେଲ୍‌ଟର ହୋମ୍‌ରେ ଯୌନ ନିର୍ଯାତନା ଦିଆଯାଉଥିବା ଠୋସ୍ ପ୍ରମାଣ ମିଳୁଛି, ତୁରନ୍ତ ତାହାକୁ ସିଲ୍ କରିବାକୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ସମସ୍ତ ଏସ୍‌ପିଙ୍କୁ ଚିଠି କରାଯାଇଥିବା ଡିଜିପି ଶର୍ମା ସୂଚନା ଦେଇଛନ୍ତି।

ଏ ନେଇ ମଧ ଡିଜିପି ଏକ ସର୍କୁଲାର ଜାରି କରିବା ସହ କଡାକଡି ପାଳନ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଶେଲଟର ହୋମ୍‌ରେ ଯୌନ ନିର୍ଯାତନା ରୋକିବା ପାଇଁ ପୋଲିସ ଡିଜି ଏକ ସର୍କୁଲାର ଜାରି କରିଥିଲେ। ହେଲେ ଏହାକୁ ଉଲ୍ଲଂଘନ କରାଯାଇଥିଲେ ମଧ କୌଣସି ସ୍ଥାନରେ ପୋଲିସ କିଛି ବି ପଦକ୍ଷେପ ଗ୍ରହଣ କରି ନ ଥିଲା। ଫଳରେ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଦୀର୍ଘଦିନ ହେବ ଏଭଳି ଜଘନ୍ୟ ଘଟଣା ଘଟିଚାଲିଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରୁଥିବା ବେଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି, ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଅଣପଞ୍ଜୀକୃତ ଆଶ୍ରୟ ଗୃହରେ ଚଢାଉ ଜାରି ରହିଛି। ଭାଜପା କହିଲେ ନୁହେଁ, ମୁଖ୍ୟମନ୍ତ୍ରୀ କହିଲେ ମୁଁ ଇସ୍ତଫା ଦେବି ବୋଲି ମନ୍ତ୍ରୀ ସାମଲ କହିଛନ୍ତି।

ସୂଚନାଯୋଗ୍ୟ, ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଯୌନ ଶୋଷଣ ଘଟଣାରେ ଅନୁଷ୍ଠାନର ଚେୟାରମ୍ୟାନ ଡ. ଫୟାଜ ରେହମାନଙ୍କୁ ମଙ୍ଗଳବାରଠାରୁ ଦୁଇଦିନିଆ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ମିଳିଛି। ତାଙ୍କଠାରୁ ଆହୁରି ବହୁ ତଥ୍ୟ ହାସଲ କରିବାକୁ ପୋଲିସ ଆଶା ରଖିଥିବାବେଳେ ପୁରୀ, ରାୟଗଡ଼ା, ଭଦ୍ରକ ସମେତ ଅନ୍ୟ ଜିଲାରେ ଥିବା ଶାଖାଗୁଡିକରେ ଚଢ଼ାଉ କରାଯାଇଥିବା ଜଣାପଡିଛି।

### ଦାୟିତ୍ୱ ଗ୍ରହଣ କଲେ ଶ୍ରୀମନ୍ଦିର ନୂଆ ନୀତି ପ୍ରଶାସକ

# ଆଲୋଚନା ମାଧମରେ ସମନ୍ୱୟ ରଖାଯାଇପାରିବ

**ପୁରୀ ଅଫିସ,୩।୧୨:**

ଶ୍ରୀମନ୍ଦିରର ନୀତି ପ୍ରଶାସକ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବିଶ୍ୱଜିତ ବିଶ୍ୱାଳ। ଅପରାହ୍ନରେ ତାଙ୍କୁ ବିଦାୟୀ ନୀତି ପ୍ରଶାସକ ପ୍ରଦୀପ ଦାଶ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂଆ ନୀତି ପ୍ରଶାସକ ବିଶ୍ୱାଳ ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆବଶ୍ୟକ କାଗଜପତ୍ରରେ ବିଶ୍ୱାଳ ଦସ୍ତଖତ କରିବା ପରେ ବିଦାୟୀ ନୀତି ପ୍ରଶାସକ ତାଙ୍କୁ କେତେକ ଚାବି ହସ୍ତାନ୍ତର କରିଥିଲେ। ବିଶ୍ୱାଳ କାର୍ଯ୍ୟରେ ଯୋଗଦେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଗଣମାଧମକୁ ନିଜ ପ୍ରତିକ୍ରିୟାରେ ସେ କହିଥିଲେ ଯେ, ମହାପ୍ରଭୁଙ୍କ କୃପାରୁ ତାଙ୍କ ସେବା କରିବାର ସୁଯୋଗ ମିଳିଛି। ଶ୍ରୀମନ୍ଦିର ନୀତି ସମ୍ପର୍କରେ ମୋର ଜ୍ଞାନ ନାହିଁ। ପ୍ରଥମେ ମହାପ୍ରଭୁଙ୍କ ସେବାପୂଜା, ପରମ୍ପରା ବିଷୟରେ ଜାଣିବାକୁ ଚେଷ୍ଟା କରିବି। ପୂର୍ବରୁ ମନ୍ଦିର ଯେପରି ଶୃଙ୍ଖଳିତ ଭାବେ ଚାଲିଆସୁଛି ସେହି ଧାରାକୁ ବଜାୟ ରଖିବା ଲାଗି ଉଦ୍ୟମ କରିବି। ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ ସବୁକିଛି ସୁରୁଖୁରୁରେ ଚାଲିବ। ପ୍ରତ୍ୟକ୍ଷ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଆସିବ। ହେଲେ ଏହି ସମସ୍ୟାକୁ ସମାଧାନ କରିବାକୁ ପଡିବ। ସେହିପରି ଆଲୋଚନା ମାଧମରେ ସେବାୟତଙ୍କ ସହ ସମନ୍ୱୟ ରକ୍ଷା କରି ଠାକୁରଙ୍କ ନୀତିକାନ୍ତିକୁ ସୁରୁଖୁରୁରେ ସମ୍ପନ୍ନ କରିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ନୂଆ ନୀତି ପ୍ରଶାସକ କହିଛନ୍ତି।


INDIAN PORT RAIL CORPORATION LTD
(A Govt. Of India Enterprise)
Under Ministry of Shipping

"Carting Of Concrete Sleepers From Kaipadar Road Station of East Coast Railway To Paradip Port"
Tender No. : IPRCL/BBS/T/PPT-BOT/2
DT 01/12/2018
OPEN TENDER, Estimated cost Rs 108 Lakh, Date of Opening 08-01-2019 For details, please visit www.iprcl.org


### ହାତୀମୃତ୍ୟୁ ଘଟଣା: କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଲା ବନ ବିଭାଗ

**ଭୁବନେଶ୍ୱର,୩।୧୨ (ବ୍ୟୁରୋ)**

ଆଠଗଡ଼ ଓ ଦେବଗଡ଼ ହାତୀ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ସୋମବାର କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଛି ବନ ବିଭାଗ। ଗତ ସେପ୍ଟେମ୍ବର ୨୭ରେ ଦେବଗଡ଼ ଜିଲା ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରେ ଏକ ହାତୀକୁ ମାରି ତା'ର ଦାନ୍ତକୁ କାଟି ନିଆଯାଇଥିଲା। ଏହି ଘଟଣାରେ ଗତ ୧୪ ତାରିଖରେ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଗତ ଫେବୃଆରୀ ୨୧ ତାରିଖରେ କଟକ ଜିଲା ଆଠଗଡ଼ ଅଞ୍ଚଳରେ ଏକ ହାତୀର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଅକ୍ଟୋବର ୨୬ ରାତିରେ ଢ଼େଙ୍କାନାଳ ଜିଲା ସଦର ଫରେଷ୍ଟ ରେଞ୍ଜ ଅଧିନ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ୩ଜଣଙ୍କୁ ଗିରଫ କରିଥିଲା।










ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। – ଶ୍ରୀଅରବିନ୍ଦ



# ଫ୍ରାନ୍ସରୁ ଶିକ୍ଷା

ଫ୍ରାନ୍ସରେ ଦୀର୍ଘ ବର୍ଷ ପରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଆର୍ଥିକ ସଂସ୍କାରକୁ ବିରୋଧ କରାଯାଇ ହୋଇଥିବାରୁ ବ୍ୟାପକ ରୂପ ଧାରଣ କରିଛି। ଆକାଶଛୁଆଁ ଟିକସ ଯୋଗୁ ସାଧାରଣ ଲୋକଙ୍କ ପାଖରେ କ୍ରୟ କରିବାର ଶକ୍ତି ହ୍ରାସ ପାଇଛି। ଜନସାଧାରଣ ଏହାକୁ ଅନୁଭବ କରିବା ପରେ ଫରାସୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଆର୍ଥିକ ଉଦାରୀକରଣ ଯୋଗୁ ଦେଶର ସ୍ଥିତି ସୁଦୃଢ଼ ହେବା ସହ ବେକାରି ସମସ୍ୟା ଦୂର କରିବାରେ ଏହା ସହାୟକ ହେବ ବୋଲି ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଯୁକ୍ତି ଦର୍ଶାଇଥିଲେ ମଧ୍ୟ ତାହା ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରି ନାହିଁ। ଫଳରେ ଗଣହିଂସାରେ କେବଳ ରାଜଧାନୀ ପ୍ୟାରିସ୍‌ରେ ୧୩୩ ଜଣଙ୍କ ସମେତ ଦେଶରେ ୨୬୦ ଆହତ ହୋଇଛନ୍ତି। ଅସଂଖ୍ୟ ଗାଡ଼ିମୋଟର ଓ ଦୋକାନରେ ନିଆଁ ଲଗାଇ ଦିଆଯାଇଥିବା ବେଳେ ଲୁଟତରାଜ ଘଟିଛି। ଜରୁରିକାଳୀନ ପରିସ୍ଥିତି ଉପୁଜିଥିବାରୁ ସେଠାରେ ବିରୋଧୀ ଓ ସାଧାରଣ ଲୋକ ଏକାଠି ହୋଇଯାଇଛନ୍ତି। ବିକ୍ଷୋଭକୁ ଅଗ୍ନି ସଂଯୋଗ କରୁଥିବା 'ୟେଲୋ ଜ୍ୟାକେଟ୍' ପରିହିତ ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ମାକ୍ରଁଙ୍କ ଇସ୍ତଫା ଦାବି କରିଛନ୍ତି।

ଫ୍ରାନ୍ସରେ ଆର୍ଥିକ ସଂସ୍କାର ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିଳ୍ପପତିଙ୍କୁ ସୁହାଇଲା ଭଳି ହୋଇଥିବାରୁ ସାମଗ୍ରୀର ଦରବୃଦ୍ଧି ଲୋକଙ୍କୁ ହନ୍ତସନ୍ତ କରିଛି। ଟିକସ ଉପରେ ସରକାରଙ୍କ ନିୟନ୍ତ୍ରଣ ନ ରହିବା ଯୋଗୁ କରଦାତାଙ୍କ ଉପରେ ଅତ୍ୟଧିକ ବୋଝ ପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଯେତେବେଳେ ସାଧାରଣ ଲୋକ ପାଖରେ ଅର୍ଥର ଅଭାବ ଦେଖାଦେବ, ସେତେବେଳେ ଶାସନ ବିରୋଧରେ ସ୍ୱର ଉଠିବା ସ୍ୱାଭାବିକ। ଫ୍ରାନ୍ସ ଏବେ ସେଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହି ପ୍ରେକ୍ଷାପଟରେ ଭାରତୀୟଙ୍କ ସ୍ୱଭାବକୁ ଦେଖାଯାଉ। ଭାରତୀୟମାନେ ସବୁଥିରେ ଚଳାଇ ନେବାର ମନୋଭାବ ଦେଖାଉଥିବାରୁ ଜନସାଧାରଣଙ୍କ ଅସନ୍ତୋଷ ଶାସନ ଓ ପ୍ରଶାସନକୁ ବ୍ୟଥିତ କରୁନାହିଁ। ଏଠାରେ ଫ୍ରାନ୍ସ ଭଳି ହିଂସାକାଣ୍ଡ ଉପୁଜାଇବାର ମାନସିକତାକୁ ପ୍ରୋତ୍ସାହନ ଦେବା ଆମର ଲକ୍ଷ୍ୟ ନୁହେଁ। କିନ୍ତୁ ସାମଗ୍ରିକ ଭାବେ ଏକ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକଜୁଟ ହେବା କ୍ୱଚିତ୍ ଦେଖାଯାଉଛି। ଆର୍ଥିକ ସଂସ୍କାର ଯୋଗୁ କାହାର ବେଶି କ୍ଷତି ଘଟୁଛି ତାହାକୁ ସାଧାରଣରେ ଆକଳନ କରାଯାଇ ନ ଥାଏ। ଭାରତରେ କେବଳ କୃଷକମାନେ ଅନେକ ବର୍ଷ ପରେ ତାଙ୍କର ଦୟନୀୟ ପରିସ୍ଥିତିର ସମାଧାନ ଦାବି କରି ରାସ୍ତାକୁ ଓହ୍ଲାଇଛନ୍ତି। କିନ୍ତୁ ବମ୍ବେଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ କୌଣସି ସ୍ଥାନରେ ସେମାନଙ୍କୁ ସର୍ବନିମ୍ନ ସହଯୋଗ କିମ୍ବା ସହାନୁଭୂତି ମିଳୁ ନ ଥିବାର ଲକ୍ଷ୍ୟ କରାଯାଉଛି। ନିଜ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ନ ପାଇବା ଓ ଦୈନନ୍ଦିନ ଚଳଣି ଅସହାୟ ସ୍ଥିତିକୁ ଆସିଥିବାରୁ ନଭେମ୍ବର ୩୦ରେ ଦେଶର ବିଭିନ୍ନ ଆଡୁ ଆସିଥିବା ଚାଷୀ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କଲେ। ଦୁର୍ଭାଗ୍ୟର ବିଷୟ, କୌଣସି ସରକାରୀ କର୍ତ୍ତୃପକ୍ଷ ସେମାନଙ୍କ ଦୁଃଖ ଶୁଣିବାକୁ ଆଗେଇ ଆସି ନ ଥିଲେ କି ସେମାନଙ୍କୁ କିଛି ଆଶ୍ୱାସନା ମିଳି ନ ଥିଲା। ୨୦୧୪ରେ କେନ୍ଦ୍ରରେ ଭାଜପା ସରକାର ଅବସ୍ଥାପିତ ହେବା ପରେ ଜଳସେଚନ ଓ କୃଷି ସମ୍ବନ୍ଧୀୟ ଭିତ୍ତିଭୂମି ବୃଦ୍ଧି ଲାଗି ଅନେକ ପ୍ରତିଶ୍ରୁତି ଦିଆଯାଇଛି। ପାର୍ଲାମେଣ୍ଟ ଓ ବାହାରେ କୃଷକଙ୍କ ଆୟ ୨୦୨୨ ସୁଦ୍ଧା ଦୁଇଗୁଣା ହେବ ବୋଲି ଯାହା କୁହାଯାଉଛି, ତାହା କେବଳ ନିର୍ବାଚନୀ ଚାଲ୍‌ରେ ପରିଣତ ହୋଇଛି। ଦେଶବ୍ୟାପୀ କୃଷକଙ୍କ ବିକ୍ଷୋଭ ଓ ଆତ୍ମହତ୍ୟା କୃଷି ସମ୍ବନ୍ଧୀୟ ଅବନତିର ଚିତ୍ର ପ୍ରଦର୍ଶନ କରୁଛି।

ସାଧାରଣ ଭାରତୀୟ ଶୋଷଣର ଶିକାର ହେଉଥିଲେ ମଧ୍ୟ ଠିକ୍ ଭାବେ ପ୍ରତିବାଦ କରିବାକୁ ଆଗେଇ ଆସି ନ ଥାନ୍ତି। ପ୍ରତ୍ୟେକଙ୍କ ଲକ୍ଷ୍ୟ ତାଙ୍କ ପାଇଁ ଆଉ କେହି ପଦକ୍ଷେପ ନିଅନ୍ତୁ। କିନ୍ତୁ ଜାତି, ଧର୍ମ ଓ ଈଶ୍ୱରଙ୍କୁ ନେଇ ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଅନେକେ ଏକାଠି ହୋଇଯାଇଥାଆନ୍ତି। ତାହାଦ୍ୱାରା ସେମାନଙ୍କ ଜୀବନଧାରଣ ମାନଦଣ୍ଡରେ ଅଭିବୃଦ୍ଧି ଘଟୁ ନାହିଁ। ବରଂ ଦଙ୍ଗା ଘଟାଇ ପରସ୍ପରର ଜୀବନ ନେଉଛେ। ଫ୍ରାନ୍ସରେ ସାଧାରଣ ଲୋକ ସ୍ୱତଃପ୍ରବୃତ୍ତ ରାସ୍ତାକୁ ଓହ୍ଲାଇବା ଦର୍ଶାଉଛି ଯେ ସେମାନେ ବାସ୍ତବତାକୁ ବୁଝି ଭୁଲ ନିଷ୍ପତ୍ତିକୁ ପ୍ରତିରୋଧ କରିବାକୁ ଆଗଭର। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫ୍ରାନ୍ସ ଏକ ପ୍ରଥମ ବିଶ୍ୱ ବା ଉନ୍ନତିର ଶୀର୍ଷରେ ପହଞ୍ଚିଥିବା ଅନ୍ୟତମ ରାଷ୍ଟ୍ର। କିନ୍ତୁ ଇଜିପ୍ଟ ତୃତୀୟ ବିଶ୍ୱର ଦେଶ ହୋଇଥିଲେ ମଧ୍ୟ ସେଠାରେ ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ 'ଆରବ ସ୍ପ୍ରିଙ୍ଗ୍' ଏକ ଯୁବ ଆନ୍ଦୋଳନ ହାସଲ କରିପାରିଥିଲା। ଭାରତରେ ସବୁବେଳେ କୁହାଯାଏ, ରାଜନୀତିକରଣ କରା ନ ଯାଉ। ଅପରପକ୍ଷରେ ଯେକୌଣସି ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ଆରମ୍ଭ ହେବା ମାତ୍ରକେ ତାହା ରାଜନୈତିକ ଦୃଷ୍ଟିକୋଣରୁ କରାଯାଉଛି ବୋଲି କହି ରୋକିଦିଆଯାଏ। ଏହା ଫଳରେ ଦୀର୍ଘ ୭୦ରୁ ଊର୍ଦ୍ଧ୍ୱ ବର୍ଷ ବିତିଯାଇଥିବା ସତ୍ତ୍ୱେ ସ୍ୱାଧୀନ ଭାରତରେ ସାଧାରଣ ନାଗରିକ ଅର୍ଥନୈତିକ ଏବଂ ସାମାଜିକ ସ୍ତରରେ ଅସୁରକ୍ଷିତ ହୋଇରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଡିସେମ୍ବର ୧୯୯୩**

- ବରିଷ୍ଠ କଂଗ୍ରେସ ନେତା ବୀରଭଦ୍ର ସିଂଙ୍କ ହିମାଚଳ ପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ।
- ଦେଶରେ ରୁଗ୍ଣ ହୋଇପଡିଥିବା ବ୍ୟାଙ୍କର ଚାରି ହଜାର ଶାଖା ବନ୍ଦ କରିଦେବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | 2 | | | D | 9 | 5 | | | 7 | 8 |
| | 5 | | D | | | 0 | 7 | | | | | | | |
| | | | | | A | | 5 | | | 6 | D | E | | |
| | D | | | | E | | | | | | | | | |
| C | | 8 | 3 | | 1 | | | | | B | | | 6 | |
| | | | | 1 | 8 | E | | | B | | | | A | 5 |
| | | 7 | | 9 | | 5 | | | | 0 | | | | D |
| 3 | | 4 | | | | 8 | | | 7 | | | | | B |
| E | | | 6 | | | D | | | | | | 1 | | |
| | | | 5 | | | | B | | | | 3 | 8 | 2 | C |
| 5 | | 3 | | | | | 0 | | | E | 4 | | 9 | |
| A | 2 | | 7 | | 0 | | 9 | | | | 6 | C | 8 | |
| | | 1 | | C | | | | 8 | | | 9 | 0 | 4 | 3 |
| B | | | | | | 2 | | | | 3 | | | | E |
| | | C | 4 | | | 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | B | 9 | 8 | A | C | 1 | 7 | D | 4 | 6 | 3 | E | 2 |
| 9 | 7 | 1 | 3 | 2 | 6 | B | D | E | 8 | C | 5 | 0 | 4 | A |
| 4 | 8 | E | B | 5 | D | 0 | 2 | 3 | 7 | 1 | A | 6 | 9 | C |
| 6 | C | 2 | 0 | 4 | E | A | 8 | 5 | 9 | B | 3 | 7 | D | 1 |
| 3 | A | D | C | 7 | 1 | 6 | 9 | 4 | E | 2 | 0 | 5 | B | 8 |
| E | 4 | 5 | 2 | A | 9 | D | 0 | 6 | B | 7 | 1 | C | 8 | 3 |
| 8 | 2 | 0 | 6 | B | C | 5 | 4 | 9 | 3 | E | D | A | 1 | 7 |
| C | D | 7 | 8 | 3 | 5 | 1 | B | 2 | A | 6 | 9 | 4 | 0 | E |
| 1 | 6 | 9 | 4 | D | 7 | E | 3 | A | 0 | 8 | C | 2 | 5 | B |
| A | B | 3 | E | 1 | 0 | 8 | 7 | C | 4 | 5 | 2 | 9 | 6 | D |
| B | 0 | C | A | E | 4 | 2 | 6 | 8 | 5 | D | 7 | 1 | 3 | 9 |
| 2 | 9 | 6 | 7 | C | B | 4 | 5 | D | 1 | 3 | 8 | E | A | 0 |
| 5 | 3 | 4 | D | 9 | 8 | 7 | A | 1 | 2 | 0 | E | B | C | 6 |
| 7 | E | 8 | 1 | 0 | 3 | 9 | C | B | 6 | A | 4 | D | 2 | 5 |
| D | 1 | A | 5 | 6 | 2 | 3 | E | 0 | C | 9 | B | 8 | 7 | 4 |

ଗତକାଲିର ଉତ୍ତର

# ରାଜନୀତିରେ ଦୋମୁହାଁ ନୀତି



ବୈକୁଣ୍ଠନାଥ ମିଶ୍ର

ରାଜନୈତିକ ଦଳଗୁଡ଼ିକ ମିଶ୍ର ଚରିତ୍ରର ଅଧିକାରୀ। ସେମାନେ ପ୍ରାୟତଃ ଦୋମୁହାଁ ନୀତି ଅବଲମ୍ବନ କରିଥାନ୍ତି। ସରକାରରେ ଥିବାବେଳେ ଯାହାସବୁ ଅସୁନ୍ଦର, ଅନୀତି ବା ଅକରଣୀୟ ବୋଲି ନିନ୍ଦା କରନ୍ତି, ସରକାରରୁ ଯିବା ପରେ ସେସବୁ ସୁନ୍ଦର, ନୀତିପୂର୍ଣ୍ଣ ଓ କରଣୀୟ ହୋଇଯାଏ। ସେହିପରି ବିରୋଧୀଙ୍କ ଉକ୍ତି ଓ କୃତି ସରକାରକୁ ଆସିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ବଦଳିଯାଏ। ଏହାର ଅନେକ ଉଦାହରଣ ଥିଲେ ମଧ୍ୟ ପ୍ରସଙ୍ଗ ଦୃଷ୍ଟିରୁ ସେଥିମଧ୍ୟରୁ ଅଳ୍ପ କିଛି ଏଠାରେ ଉପସ୍ଥାପନ କରାଯାଉଛି। ବିରୋଧୀ ଦଳଙ୍କ ଆହୂତ ବନ୍ଦକୁ ଶାସକ ଦଳ ଅଗଣତାନ୍ତ୍ରିକ କହୁଥିବା ବେଳେ ଘଟଣାକ୍ରମେ ଶାସକ ଦଳ କ୍ଷମତାରୁ ଯାଇ ବିରୋଧୀ ଆସନରେ ବସିବା ପରେ ସବୁ ଅନୀତି ନୀତିକୁ ରୂପାନ୍ତରିତ ହୋଇଯାନ୍ତି। କିଛିଦିନ ତଳେ କଂଗ୍ରେସ ଓ ତା' ସହଯୋଗୀ ଦଳଙ୍କ ଡାକରାରେ ଭାରତ ବନ୍ଦ ପାଳିତ ହୋଇଥିଲା। ଏହା ଯଦିଚ ତୈଳଦର ବୃଦ୍ଧି ପ୍ରତିବାଦ ପାଇଁ ଉଦ୍ଦିଷ୍ଟ ଥିଲା, ବାସ୍ତବରେ ଏହାର ଅନ୍ତର୍ନିହିତ କାରଣ ଭିନ୍ନ ଥିଲା। ୨୦୧୪ ନିର୍ବାଚନରେ ଜନମତ ଦ୍ୱାରା ପ୍ରତ୍ୟାଖ୍ୟାତ କଂଗ୍ରେସ ନିଜକୁ କ୍ରିୟାଶୀଳ ଓ ଜନହିତକାରୀ ବୋଲି ପ୍ରତିପାଦିତ କରିବାର ଏହା ଥିଲା ଅନନ୍ୟ ଅବସର। ବନ୍ଦ ସମର୍ଥକଙ୍କ ମତରେ ଏହା ଅଭୂତପୂର୍ବ ସଫଳତା ଲାଭ କରିଛି। ତୈଳଦର ବୃଦ୍ଧି ପ୍ରକାରାନ୍ତରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଘଟାଇଛି। ପରିବହନ ଓ ଯାତ୍ରୀଭଡ଼ା ବୃଦ୍ଧିର ଏହା ପ୍ରମୁଖ ଉତ୍ସ। ତେବେ ବର୍ତ୍ତମାନ ତୈଳଦର ହ୍ରାସ ପାଇଥିବାରୁ ବସ୍ ଭଡ଼ା କିଛି ପରିମାଣରେ ହ୍ରାସ ପାଇଛି, ଯଦିଚ ଅନ୍ୟାନ୍ୟ ଭଡ଼ା ଓ ଦର ପୂର୍ବବତ୍ ରହିଛି।

ଅନ୍ୟାୟର ପ୍ରତିବାଦ ଗଣତନ୍ତ୍ର ପାଇଁ ଶୁଭଙ୍କର। ସମ୍ବିଧାନର ୧୯ ଧାରା ଅନୁଯାୟୀ ଜନସାଧାରଣଙ୍କ ଅନ୍ୟତମ ମୌଳିକ ଅଧିକାର ହେଉଛି ସରକାରଙ୍କର ଜନବିରୋଧୀ ନୀତିକୁ ଶାନ୍ତିପୂର୍ଣ୍ଣ ଓ ସମ୍ମିଳିତ ବିରୋଧ କରିବା। ଏଥିରେ କୌଣସି ଅସ୍ତ୍ରଶସ୍ତ୍ରର ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଆନ୍ଦୋଳନ, ଧର୍ମଘଟ ଇତ୍ୟାଦି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଅସମୀଚୀନ ନୁହେଁ। ତୈଳଦର ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ଅଗଣିତ ଆର୍ଥିକ ଅନଗ୍ରସରଙ୍କ ପାଇଁ ନିଶ୍ଚିତଭାବେ ଏକ ଦଣ୍ଡସ୍ୱରୂପ। ଏହା ଉଭୟ ଗୃହସ୍ଥ ଓ ଗୃହିଣୀଙ୍କ ଉପରେ ଏକ ଶକ୍ତ ପ୍ରହାର। ସାଧାରଣ ଲୋକଟିଏ ବୁଝେନାହିଁ ଅର୍ଥନୀତିର ଜଟିଳ ସମୀକରଣକୁ। ସେ କେବଳ ଏତିକି ଚାହେଁ ତା' ତେଲଲୁଣ ସଂସାରର ଚକ୍ର ଉଠାଣି ଗଡ଼ାଣି ଦେଇ ଗଡ଼ିଚାଲୁ। ଏଥିରେ ସାମାନ୍ୟ ପ୍ରତିବନ୍ଧକ ତା'ପାଇଁ ଦୁର୍ବିଷହ।

୨୦୧୪ରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ବିଶ୍ୱବଜାରରେ ଅଶୋଧିତ ତୈଳଦର ଦ୍ରୁତ ହ୍ରାସ ପାଇଥିଲା। କିନ୍ତୁ ଏହି ଦରହ୍ରାସର ମୁନାଫା ପ୍ରାପ୍ତିରୁ ସାଧାରଣଙ୍କୁ ବଞ୍ଚିତ କରାଗଲା। ଉପା ସରକାର ଶେଷବର୍ଷ ଆନ୍ତର୍ଜାତିକ ବଜାରରେ ତୈଳଦର ସର୍ବୋଚ୍ଚ ୧୧୩ ଡଲାର ସ୍ପର୍ଶ କରିଥିଲେ ମଧ୍ୟ ଭାରତରେ ପେଟ୍ରୋଲ ଲିଟର ସର୍ବାଧିକ ୭୦ ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୧୦ ଜୁଲାଇ ୫ ତାରିଖରେ ଏନ୍‌ଡିଏ ପକ୍ଷରୁ ତୈଳଦର ବୃଦ୍ଧି ପ୍ରତିବାଦରେ 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ୨୦୧୨ ମେ' ୩୧ରେ ମଧ୍ୟ ଏନ୍‌ଡିଏ ପକ୍ଷରୁ ଅନୁରୂପ ବନ୍ଦ ଡାକରା ଦିଆଯାଇଥିଲା। ପୁନଶ୍ଚ ସେହିବର୍ଷ ସେପ୍ଟେମ୍ବର ୨୦ ତାରିଖରେ ଏନ୍‌ଡିଏ ଉପା ସରକାର ବିରୋଧରେ ଅନ୍ୟ ଏକ ବନ୍ଦ ପାଳନ କରିଥିଲା। ସେତେବେଳେ ଏନ୍‌ଡିଏ ପକ୍ଷରୁ କୁହାଯାଇଥିଲା ଯେ ଏନ୍‌ଡିଏ କ୍ଷମତାକୁ ଆସିଲେ ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯିବ। ଡଲାରର ମୂଲ୍ୟ ୪୫ ଟଙ୍କାରେ ସୀମିତ ରହିବ। କୌଣସି ପରିସ୍ଥିତିରେ ଦରବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ ନାହିଁ।

ଉପା ସରକାର ସମୟରେ ବିଶ୍ୱବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୧୩ ଡଲାର ଥାଇ ଭାରତରେ ପେଟ୍ରୋଲ ଦର ସର୍ବାଧିକ ୭୦ ଟଙ୍କାକୁ ବୃଦ୍ଧି ପାଇଥିଲା, ଯେଉଁଥିପାଇଁ ଏନ୍‌ଡିଏ ତିନିଥର ବନ୍ଦ ଆହ୍ୱାନ ଦେଇଛି। କିନ୍ତୁ ଏନ୍‌ଡିଏ କ୍ଷମତାକୁ ଆସିଲା ପରେ ପେଟ୍ରୋଲର ଆନ୍ତର୍ଜାତିକ ଦର ବ୍ୟାରେଲ ପିଛା ୮୫ ଡଲାର ଥିବା ବେଳେ ଭାରତରେ ପେଟ୍ରୋଲ ଦର ୮୦ଟଙ୍କାକୁ ବୃଦ୍ଧି ହେବା ନିଶ୍ଚିତ ଭାବେ ଅପ୍ରାସଙ୍ଗିକ। ତୈଳଦର ବୃଦ୍ଧି କରି ଏନ୍‌ଡିଏ ସରକାର ୨୦୧୪-୧୫ ବର୍ଷରେ ସଂଗ୍ରହ କରିଥିଲେ ୧ ଲକ୍ଷ ୩୦ ହଜାର କୋଟି ଟଙ୍କା। ୨୦୧୭-୧୮ ବର୍ଷରେ ପେଟ୍ରୋଲ ଓ ଡିଜେଲ ବାବଦରେ ସଂଗୃହୀତ ଅର୍ଥ ୨ ଲକ୍ଷ ୭୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଇତ୍ୟବସରରେ ରାଜ୍ୟ ସରକାରମାନେ ଭାଟ୍ ବାବଦରେ ସଂଗ୍ରହ କରିଛନ୍ତି ୨୦୧୪-୧୫ରେ ୧ ଲକ୍ଷ ୬୦ ହଜାର କୋଟି ଟଙ୍କା, ଯାହା ୨୦୧୭-୧୮ରେ ୧ ଲକ୍ଷ ୯୦ ହଜାର କୋଟିରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କର ଯୁକ୍ତି ହେଲା ତୈଳଦର ବୃଦ୍ଧିରୁ ପ୍ରାପ୍ତ ବଳକା ଅର୍ଥ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସାମାଜିକ କ୍ଷେତ୍ରରେ ବ୍ୟୟ କରାଯାଉଛି। ଉପା ସରକାର ମଧ୍ୟ ସାମାଜିକ କ୍ଷେତ୍ରରେ ବ୍ୟୟ କରୁଥିଲେ। ଭାରତର ପଡୋଶୀ ରାଷ୍ଟ୍ରଗୁଡ଼ିକରେ ତୈଳଦର ଭାରତ ତୁଳନାରେ ବୃଦ୍ଧି ନ ପାଇ ମଧ୍ୟ ସେମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ବ୍ୟୟ କରୁଛନ୍ତି କିପରି?

ବିରୋଧୀଙ୍କ ପାଇଁ ବନ୍ଦ ଡାକରା ଆଇନସମ୍ମତ ହୋଇଥିବା ବେଳେ ଶାସକ ଦଳ ପାଇଁ ଏହା ବେଆଇନ। ଅବଶ୍ୟ ସୁସ୍ଥ ଗଣତନ୍ତ୍ର ପାଇଁ ପ୍ରତିବାଦର ଆବଶ୍ୟକତା ଅଛି। କିନ୍ତୁ ପ୍ରତିବାଦ ଆଳରେ ବନ୍ଦ ପାଳନ ସାଧାରଣଙ୍କ ନିମିତ୍ତ କ୍ଷତିକାରକ। ଭାରତରେ ବନ୍ଦ ପାଳନକୁ ବିଚାରାଳୟ ନିଷିଦ୍ଧ ଘୋଷଣା କରିଛନ୍ତି। ୧୯୯୮ର କେରଳ ହାଇକୋର୍ଟଙ୍କ ଏକ ରାୟକୁ ସୁପ୍ରିମକୋର୍ଟ ସମର୍ଥନ କରି କହିଥିଲେ ଯେ କୌଣସି ପରିସ୍ଥିତିରେ ବନ୍ଦକୁ ପ୍ରୋତ୍ସାହିତ କରାଯିବ ନାହିଁ। ବନ୍ଦ ଯୋଗୁ ସାମୂହିକ ଭାବେ ଦେଶର ଓ ବ୍ୟକ୍ତିଗତ ଭାବେ ଜନସାଧାରଣଙ୍କର ପ୍ରଭୂତ କ୍ଷତି ଘଟିଥାଏ। ୨୦୦୩ ଜୁଲାଇ ୩୦ର ବନ୍ଦପାଳନ ଅବସରରେ କ୍ଷତିକୁ ଲକ୍ଷ୍ୟକରି ମୁମ୍ବାଇ ହାଇକୋର୍ଟ ମହାରାଷ୍ଟ୍ରର ଭାଜପା ଓ ଶିବସେନା ଦଳକୁ ୨୦୦୪ରେ ୨୦ ଲକ୍ଷ ଲେଖାଏଁ ଟଙ୍କା ଅର୍ଥଦଣ୍ଡ ବିଧାନ କରିଥିଲେ। ଏହି ଅର୍ଥରେ ବନ୍ଦ ସମୟର କ୍ଷୟକ୍ଷତି ଭରଣା କରାଯାଇପାରିବ।

ବିଚାରାଳୟଙ୍କ ଏତାଦୃଶ ଆଦେଶ ବନ୍ଦ ପାଳନକାରୀ ରାଜନେତାଙ୍କୁ ପ୍ରଭାବିତ କରିଥିବା ପରି ମନେହୁଏ ନାହିଁ। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ବନ୍ଦ ପାଳନକୁ ନିରୁତ୍ସାହିତ କରାଯିବା ଆବଶ୍ୟକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ଦିଆଯାଇଥିବା ବନ୍ଦ ଡାକରା ଯୋଗୁ ଭାରତ ଶିଳ୍ପ ମହାସଂଘର ଆକଳିତ କ୍ଷତି ଥିଲା ୧୨,୫୦୦ କୋଟି ଟଙ୍କା, ତାହା କେବଳ ଘଟିଥିଲା ଉତ୍ପାଦନ ଓ ବାଣିଜ୍ୟ ହ୍ରାସ ଯୋଗୁ। ୧୯୨୨ ଫେବୃୟାରୀ ୫ ତାରିଖରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଚାଲିଥିବା ବେଳେ ପୋଲିସ ଆକ୍ରମଣ ପ୍ରତିବାଦରେ ଚୌରୀଚୌରା ପୋଲିସ ଷ୍ଟେଶନରେ ଅଗ୍ନିସଂଯୋଗ କରାଯିବାରୁ ୨୩ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଗାନ୍ଧିଜୀ ଅବଶ୍ୟ ଏଥିପାଇଁ ଦୁଃଖ ପ୍ରକାଶ କରିଥିଲେ। ନେତାମାନେ ସିନା ବନ୍ଦ ଡାକରା ଦିଅନ୍ତି, ହେଲେ ବିଶୃଙ୍ଖଳିତ ଯୁବ କର୍ମୀଙ୍କ ଉପରେ ସେମାନଙ୍କର ନିୟନ୍ତ୍ରଣ ନ ଥାଏ। ଅହିଂସା ଆନ୍ଦୋଳନ ଛାଏଁ ଛାଏଁ ହିଂସାର ରୂପ ନେଇଯାଏ। ହିଂସାକାଣ୍ଡ ପାଇଁ ନେତାମାନେ ଦୁଃଖପ୍ରକାଶ କରିବା ବ୍ୟତୀତ ଘଟଣା ପ୍ରବାହ ଉପରେ ତାଙ୍କର କର୍ତ୍ତୃତ୍ୱ ନ ଥାଏ।

ତେଣୁ ଅହିଂସା ମାର୍ଗରେ ପ୍ରତିବାଦ ସର୍ବାଦୌ ଗ୍ରହଣୀୟ। କୌଣସି ଗାଡ଼ିମୋଟର ଚଳାଚଳକୁ ବନ୍ଦ ନ କରି ରାସ୍ତା ପାର୍ଶ୍ୱରେ ପ୍ରଭାତରୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁହଁରେ କଳାପଟି ବାନ୍ଧି ବସିରହିଲେ ପଥଚାରୀଙ୍କର ଦୃଷ୍ଟି ଆକର୍ଷିତ ହେବ ଓ ପ୍ରଭୂତ ଜନସମର୍ଥନ ମିଳିବ। ଏହାର ପ୍ରଭାବ ସରକାରଙ୍କ ଉପରେ ପଡ଼ିବ। ସ୍ୱାଧୀନତା ଆନ୍ଦୋଳନର ନେତୃମଣ୍ଡଳୀ ନିଜେ କଷ୍ଟ ସହି ଅନ୍ୟକୁ ସୁଖ ବାଣ୍ଟୁଥିଲେ। ମାତ୍ର ସମ୍ପ୍ରତି ଲୋକଙ୍କୁ ଦୁଃଖ ଦେଇ ଯେଉଁ ଆନ୍ଦୋଳନ କରାଯାଉଛି, ତାହା ମହତ୍ତ୍ୱହୀନ ସାବ୍ୟସ୍ତ ହେଉଛି। ନିକଟରେ ଅଗ୍ନିଶମ ବିଭାଗର କାର୍ଯ୍ୟ ବନ୍ଦ ଯୋଗୁ ଦଶପଲ୍ଲା ଶ୍ରୀରାମପୁରର ଅଗ୍ନିକାଣ୍ଡ ୧୦ଟି ପରିବାରକୁ ସର୍ବସ୍ୱାନ୍ତ କରିଦେଲା ପଛେ ଅଗ୍ନିଶମ କର୍ମଚାରୀ ସେଠାକୁ ଗଲେନାହିଁ। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଳକର ଡାକୋଇ ଗ୍ରାମରେ ତିନିବର୍ଷର ବାଳକ ପ୍ରତୀକ ଗଭୀର କୂପ ମଧ୍ୟରେ ପଡ଼ିଥିବା ଖବର ପାଇ ମଧ୍ୟ ଅଗ୍ନିଶମ କର୍ମଚାରୀଙ୍କର ଉପସ୍ଥିତି ନ ରହିବା ଉଦ୍‌ବେଗଜନକ। ତେଣୁ ଆନ୍ଦୋଳନଗୁଡ଼ିକ ପ୍ରତୀକାତ୍ମକ ହେଉ। ସରକାର ମଧ୍ୟ ନ୍ୟାଯ୍ୟ ଦାବି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଉଚିତ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଦଣ୍ଡମୁକ୍ତ ବିଦ୍ୟାଳୟ



ସୋନାମିକା ରାୟ

ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ବହୁ ଉନ୍ନତିମୂଳକ ପରିବର୍ତ୍ତନ ଅଣାଯାଇଛି। ପାଠ୍ୟପୁସ୍ତକଗୁଡ଼ିକୁ ଯୁଗୋପଯୋଗୀ କରିବା ସଙ୍ଗେ ସଙ୍ଗେ ପିଲାମାନଙ୍କ ଅଧିକାରକୁ ଦୃଷ୍ଟିରେ ରଖି ବହୁ ବିଦ୍ୟାଳୟସ୍ତରୀୟ ଯୋଜନା କରାଯାଇଛି। ପାଠ୍ୟପୁସ୍ତକ ବଣ୍ଟନ, ବିଭିନ୍ନ ଜାତି ତଥା ଉପଜାତିର ଛାତ୍ରୀଛାତ୍ରଙ୍କ ନିମନ୍ତେ ବୃତ୍ତିର ବ୍ୟବସ୍ଥା ଆଦି ସେମାନଙ୍କ ଶୈକ୍ଷିକ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ଏବଂ ମଧ୍ୟାହ୍ନଭୋଜନ, ପୋଷାକ ବଣ୍ଟନ, ସାଇକେଲ ବଣ୍ଟନ, ଟୋଲ୍ ଫ୍ରି ନମ୍ବର ଏବଂ ସର୍ବୋପରି 'ଦଣ୍ଡମୁକ୍ତ ଅଞ୍ଚଳ' ଘୋଷଣା ସେମାନଙ୍କ ମାନବାଧିକାରକୁ ଅଗ୍ରାଧିକାର ଦେବା ତଥା ବିଦ୍ୟାଳୟକୁ ଏକ ସରସ ସୁନ୍ଦର, ଶାନ୍ତ ପରିବେଶର ରୂପ ଦେବା ନିମନ୍ତେ ଉଦ୍ଦିଷ୍ଟ।

ନିଜ ଅନୁଭବରୁ ମୁଁ କହିପାରେ ଯେ, ଅନେକ ଯୋଜନା ଛାତ୍ରୀଛାତ୍ରଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଉଛି। ମାତ୍ର ବେଳେବେଳେ 'ଦଣ୍ଡମୁକ୍ତ ଅଞ୍ଚଳ'ର କାର୍ଯ୍ୟକାରିତାରେ କିଛି ବ୍ୟତିକ୍ରମ ହେଲାଭଳି ମନେହୁଏ। ଅନେକ ସମୟରେ ଏହାର ନକାରାତ୍ମକ ପ୍ରଭାବର ମଧ୍ୟ ନଜିର ରହିଛି। ଏଭଳି ଏକ ପରିକଳ୍ପନା ଯୋଗୁ ପ୍ରଭାବିତ ହେଉଥିବା ବ୍ୟକ୍ତିବିଶେଷ ହେଲେ ଛାତ୍ର, ଅଭିଭାବକ ଏବଂ ଶିକ୍ଷକ। ପ୍ରତ୍ୟେକ ବ୍ୟକ୍ତି ଏହି ଯୋଜନାଟିକୁ ନିଜର ସୁଖସୁବିଧା ଅନୁସାରେ ବିଶ୍ଳେଷଣ କରନ୍ତି ଓ ମତାମତ ପୋଷଣ କରନ୍ତି।

ପ୍ରଥମେ ଛାତ୍ରୀଛାତ୍ରଙ୍କ କଥା ବିଚାରକୁ ନିଆଯାଉ। ମାନସିକ ଦୁର୍ବଳ ଓ ସଚେତନଧର୍ମୀ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ। କାରଣ ଶିକ୍ଷକଙ୍କ ପ୍ରତି ଭୟ ନ ରହିବା ଦ୍ୱାରା ସେମାନେ ଖୋଲାଖୋଲି ଭାବେ ଶିକ୍ଷକଙ୍କ ସହିତ ଆଳାପଆଲୋଚନା କରି ସନ୍ଦେହମୁକ୍ତ ହୋଇଥାନ୍ତି। ମାତ୍ର କେତେକଙ୍କ ପାଇଁ ଏଭଳି ଏକ ଯୋଜନା କଳେ ପୁଅ ବାର ପରି। କିଛି ଲଗାମଛଡ଼ା ଛାତ୍ରୀଛାତ୍ରଙ୍କ ଅନୁସାରେ ବିଦ୍ୟାଳୟରେ ସେମାନେ କ୍ୱାଇଁ ପୁଅ ପରି। ବିଦ୍ୟାଳୟର ସାଧାରଣ ନିୟମ ଏବଂ ଅନୁଶାସନ ମଧ୍ୟରେ ରହିବା ସେମାନଙ୍କ ସ୍ୱଭାବସୁଲଭ ଶିଶୁ ଅଧିକାରକୁ କ୍ଷୁଣ୍ଣ କରିବା ସଙ୍ଗେ ସମାନ। ନିଜର ସ୍ୱେଚ୍ଛାଚାରୀ ସ୍ୱାଧୀନତା ଉପରେ ଆଞ୍ଚ ଆସିଲେ ଶିକ୍ଷକମାନଙ୍କ ବିରୋଧରେ ଟୋଲ ଫ୍ରି ପରି ଅମୋଘ ଅସ୍ତ୍ରର ସହାୟତା ନେବା ପାଇଁ ସେମାନେ ତିଳେମାତ୍ର କୁଣ୍ଠାବୋଧ କରନ୍ତି ନାହିଁ।

ବର୍ତ୍ତମାନ ଅଭିଭାବକଙ୍କ ମନୋଭାବ ସମ୍ବନ୍ଧରେ ଆଲୋଚନା କରିବା। ମୋର ଅନୁଭୂତିରୁ ମୁଁ ପ୍ରାୟତଃ ସେମାନଙ୍କ ମନୋଭାବକୁ ଦୁଇଭାଗରେ ବିଭକ୍ତ କରିପାରିବି। କିଛି ଅଭିଭାବକ ଏହି ଯୋଜନାକୁ ପ୍ରବଳ ବିରୋଧ କରନ୍ତି ଏବଂ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କୁ ଅନୁଶାସିତ କରିବା ପାଇଁ ଓ ସାମୟିକ ଦଣ୍ଡ ଦେବା ଲାଗି ପୂର୍ଣ୍ଣ ଅଧିକାର ପ୍ରଦାନ କରନ୍ତି। ସେମାନେ ସେମାନଙ୍କ ଗୁରୁଜୀଙ୍କ ବେତପାହାର ଯୋଗୁ ଆଜି ମଣିଷ ହୋଇପାରିଛନ୍ତି ଏବଂ ଶିକ୍ଷକଙ୍କ ଅନୁଶାସନ ଛାତ୍ରୀଛାତ୍ରଙ୍କ ପ୍ରତି ସେମାନଙ୍କ ଶ୍ରଦ୍ଧାର ପରିପ୍ରକାଶ ମାତ୍ର ବୋଲି ସେମାନେ ହୃଦୟଙ୍ଗମ କରନ୍ତି।

ଆଉ କିଛି ମାତ୍ରାଧିକ ସନ୍ତାନପ୍ରେମୀ ଅଭିଭାବକ ଏହି ଯୋଜନାଟିକୁ ନିଜ ପିଲାର ସୁରକ୍ଷାକବଚ ବୋଲି ବିଚାରନ୍ତି। ସେମାନେ ଭାବନ୍ତି ନିଜ ପିଲାର ଅଭଦ୍ରୋଚିତ ଆଚରଣ ତା'ର ପିଲାଳିଆ ବ୍ୟବହାରର ପରିପ୍ରକାଶ ମାତ୍ର। ସେମାନଙ୍କ ମତରେ ଏଭଳି ଆଚରଣ ଦେଖିଲେ ଶିକ୍ଷକ କେବଳ ପିଲାଟିକୁ ବାରମ୍ବାର ବୁଝାଇ ଶୁଝାଇ ତା'ର ବ୍ୟବହାରରେ ପରିବର୍ତ୍ତନ ଆଣିବା ଆବଶ୍ୟକ। କୌଣସି ଶାରୀରିକ ଦଣ୍ଡ ଶିକ୍ଷକମାନଙ୍କ ଅଧିକାର ବହିର୍ଭୂତ।

ଶେଷରେ ଆଲୋଚନା କରିବା ଶିକ୍ଷକଙ୍କ ମନୋଭାବ ସମ୍ବନ୍ଧରେ। ଏଥିରେ ମଧ୍ୟ ଦୁଇପ୍ରକାର ବିଶ୍ଳେଷଣର ଆବଶ୍ୟକତା ରହିଛି। କିଛି ଶିକ୍ଷକ ଏଭଳି ଏକ ଯୋଜନାକୁ ଭରପୂର ଉପଭୋଗ କରନ୍ତି। ଆଖିଆଗରେ ପିଲାମାନଙ୍କର ବିଭିନ୍ନ ଦୁଷ୍ଟାମି ଦେଖିଲେ ମଧ୍ୟ ଏହି ବିଚିତ୍ର ନିୟମଟି ଯୋଗୁ ସେମାନେ ଏହାକୁ ରୋକିବାରେ ଏକବାରେ ଅକ୍ଷମ ବୋଲି ସ୍ୱଗତୋକ୍ତି କରନ୍ତି। କାଦୁଅକୁ ଯାଇ ଗୋଡ଼ ଧୋଇବା ଅପେକ୍ଷା ନିଜକୁ ଅପେକ୍ଷାକୃତ ଦୂରତାରେ ରଖି କେବଳ ଚିରାଚରିତ କର୍ମଟିକୁ ସାରିଦେବା ନିଶ୍ଚିତ ଭାବେ ଶ୍ରେୟସ୍କର, ଏଣୁ ପରପିଲାଟିକୁ ସଜାଡିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବା କୌଣସି ବି ପରିସ୍ଥିତିରେ ଯୁକ୍ତିଯୁକ୍ତ ନୁହେଁ ବୋଲି ସେମାନେ ମତପୋଷଣ କରନ୍ତି।

ଅନ୍ୟ କେତେକ ଶିକ୍ଷକ ଏସବୁ କଟକଣାକୁ ଆଦୌ ଭ୍ରୂକ୍ଷେପ ନ କରି ଛାତ୍ରୀଛାତ୍ରଙ୍କୁ ଅନୁଶାସିତ କରିବା ପାଇଁ ପ୍ରୟାସ ଜାରି ରଖନ୍ତି। କଥାରେ ହେଉ ବା ଦରକାର ସମୟରେ ସାମୟିକ ଦଣ୍ଡ ଦେଇ ଛାତ୍ରୀଛାତ୍ରଙ୍କୁ ଉଚିତ ଆଚରଣର ଅଭ୍ୟାସ କରିବା ପାଇଁ ପ୍ରବର୍ତ୍ତାଇ ଥାଆନ୍ତି। ବୋଧହୁଏ ଏଭଳି ଦାୟିତ୍ୱପୂର୍ଣ୍ଣ ଶିକ୍ଷକମାନଙ୍କ ଯୋଗୁ ହିଁ ସରକାରୀ ବିଦ୍ୟାଳୟରେ ଏଯାବତ୍ ଶୃଙ୍ଖଳା ରହିଛି।

ଆମକୁ ବୁଝିବାକୁ ହେବ ଯେ, ପ୍ରତ୍ୟେକ ଯୋଜନା ଏକ ମହତ୍ ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ। ଦଣ୍ଡମୁକ୍ତ ଅଞ୍ଚଳର ପରିକଳ୍ପନା ଶିଶୁ ଅଧିକାରର ପ୍ରସାର, ବିଦ୍ୟାର୍ଥୀଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶ ତଥା ବିଦ୍ୟାଳୟକୁ ଏକ ଛାତ୍ରପ୍ରିୟ ପରିବେଶରେ ପରିଣତ କରିବା ନିମନ୍ତେ ସୃଷ୍ଟି ହୋଇଛି। ପିଲାମାନଙ୍କ ମନରୁ ଅକାରଣ ଭୟ ଦୂର କରିବା ସହ ବିଦ୍ୟାଳୟ ତଥା ଶିକ୍ଷକଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନବୋଧର ଭାବନା ଉଦ୍ରେକ କରିବା ନିମନ୍ତେ ଏ ଯୋଜନାର ପରିକଳ୍ପନା। କୌଣସି ବି ପରିସ୍ଥିତିରେ ପିଲାଟି ପ୍ରତି ଅତ୍ୟଧିକ ଶାରୀରିକ ଦଣ୍ଡ ଯେପରି ଗ୍ରହଣୀୟ ନୁହେଁ, ବିଦ୍ୟାର୍ଥୀଙ୍କ ବିଦ୍ୟାଳୟରେ ଅନୁଚିତ ଆଚରଣ ମଧ୍ୟ ସେପରି ସ୍ପୃହଣୀୟ ନୁହେଁ। ମୋ ମତରେ କେବଳ ଶାରୀରିକ ଦଣ୍ଡ ଉପରେ ଗୁରୁତ୍ୱ ନ ଦେଇ ବିଦ୍ୟାର୍ଥୀଙ୍କର ଆନ୍ତରିକ ଓ ବ୍ୟାବହାରିକ ପରିବର୍ତ୍ତନ ନିମନ୍ତେ ଚେଷ୍ଟା ହେବା ଆବଶ୍ୟକ। ଯେପରିକି କୌଣସି ଅନୁଚିତ ବ୍ୟବହାରରେ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କୁ ଦଣ୍ଡସ୍ୱରୂପ ବୃକ୍ଷରୋପଣ, ବିଦ୍ୟାଳୟ ପରିସର ସଫେଇ ଆଦି ମହତ୍ତର କାର୍ଯ୍ୟରେ ଲଗାଯାଇପାରିବ। ଅଭିଭାବକ, ଛାତ୍ରୀଛାତ୍ର ତଥା ଶିକ୍ଷକ ପ୍ରତ୍ୟେକେ ନିଜର କର୍ତ୍ତବ୍ୟ ତଥା ଦାୟିତ୍ୱବୋଧ ସମ୍ବନ୍ଧରେ ସଚେତନ ହେବା ସଙ୍ଗେ ସଙ୍ଗେ ଏହି ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ବୁଝିବା ପାଇଁ ପ୍ରୟାସ କଲେ ବିଦ୍ୟାଳୟରେ ପୁନର୍ବାର ସେହି ପ୍ରାଚୀନ ଗୁରୁକୁଳର ବାତାବରଣ ସୃଷ୍ଟି କରାଯାଇପାରିବ।

ପ୍ରଧାନ ଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩,
ଭୁବନେଶ୍ୱର, ମୋ: ୭୯୭୮୫୮୯୦୪୭

## ଏଇ ଭାରତରେ

ନିର୍ବାଚନ ଜିତିବା ଆଶାରେ ଭାରତର ବିଭିନ୍ନ ସ୍ଥାନରେ ଅନେକ ଅଜବ ପନ୍ଥା ଗ୍ରହଣ କରାଯାଉଥିବା ନଜିର ରହିଛି। ସେହିଭଳି ଏକ ଘଟଣା ଆସନ୍ତା ୭ ତାରିଖରେ ହେବାକୁ ଥିବା ତେଲେଙ୍ଗାନା ବିଧାନସଭା ନିର୍ବାଚନକୁ ନେଇ ଘଟିଛି, ଯାହା ଯେତିକି ଆଶ୍ଚର୍ଯ୍ୟକର ସେତିକି ଚିନ୍ତାଜନକ। କାରଣ ବିରୋଧୀଙ୍କ 'ଗୁଡ୍ ଲକ୍'କୁ 'ବ୍ୟାଡ୍ ଲକ୍'ରେ ପରିଣତ କରିବା ପାଇଁ ପେଚାଙ୍କୁ ବ୍ୟବହାର କରାଯାଉଛି। ଏଥିପାଇଁ ପଡ଼ୋଶୀ କର୍ନାଟକରୁ ଗାଏବ ହେବାରେ ଲାଗିଛନ୍ତି ଏହି ନିରୀହ ପକ୍ଷୀ। ତେଲେଙ୍ଗାନା ସୀମା ନିକଟ ସେଦାମ୍ ସହରରୁ କଲାବୁରାଗୀ(ପୁରୁଣା ନାଁ ଗୁଲବର୍ଗ) ଜିଲା ପୋଲିସ ୬ଜଣଙ୍କୁ ୨ଟି ପେଚା ଚାଲାଣ କରିବାବେଳେ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରା ବେଳେ ଉପରୋକ୍ତ ତଥ୍ୟ ପାଇ ପୋଲିସ ଚକିତ ହୋଇଯାଇଥିଲା। ଇଂଲଣ୍ଡ ଓ ଅନ୍ୟ ପାଶ୍ଚାତ୍ୟ ଦେଶରେ ରାତି ଉଜାଗର ରହୁଥିବା ପେଚାକୁ ଜ୍ଞାନର ପ୍ରତୀକ ଭାବେ ବିବେଚନା କରାଯାଉଥିବାବେଳେ ଭାରତରେ ଏହା ଦୁର୍ଭାଗ୍ୟ ଆଣୁଥିବା ନେଇ ଅନ୍ଧବିଶ୍ୱାସ ରହିଛି। ସାଧାରଣତଃ ତନ୍ତ୍ରବିଦ୍ୟା, ମଣିଷକୁ ବଶ କରିବା ଓ କଳା ଯାଦୁ ପାଇଁ ଏହି ରାତ୍ରିଚର ପକ୍ଷୀଙ୍କୁ ବ୍ୟବହାର କରାଯାଉଛି। ବିଶେଷକରି ପେଚାର ବଡ଼ ଓ ଅପଲକ ଆଖି ଥିବାରୁ ଏହା ମାଧ୍ୟମରେ ଲୋକଙ୍କୁ ସମ୍ମୋହନ ବା ବଶ କରିହେଉଥିବା ଅନ୍ଧବିଶ୍ୱାସ ରହିଛି। ଏପରି କି କୌଣସି ଲୋକଙ୍କ ଘରେ ପେଚା ପଶିଗଲେ ପରିବାର ପାଇଁ ନାନା ଅନର୍ଥ ସୃଷ୍ଟି ହେବ ବୋଲି ଭ୍ରାନ୍ତଧାରଣା ରହିଛି। ତେଲେଙ୍ଗାନା ନିର୍ବାଚନରେ ବିରୋଧୀ ନେତାଙ୍କୁ ହରାଇବା ପାଇଁ କେତେଜଣ ପେଚାଙ୍କୁ ବ୍ୟବହାର କରୁଛନ୍ତି। ଏଥିପାଇଁ ଗୋଟିଏ ପେଚାକୁ ୩/୪ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିବା ବନ୍ୟଜନ୍ତୁ ଚାଲାଣକାରୀଙ୍କଠାରୁ ପୋଲିସ ଜାଣିବାକୁ ପାଇଛି।

## ଚିରନ୍ତନୀ

ଦେହର ଅଭିଳାଷ ଗୀତରେ ପରକାଶ
କହିଲି ତାକୁ ପ୍ରେମ ପୀରତି
ଭାଷାର ଆବରଣ ଫିଟାଇ ଦେଲେ ସେ ଯେ
ହୋଇବ ଖାଲି ପାପ ଅନୀତି!
ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ବନ୍ଧୁ ଇ-ରିକ୍ସା

ମହାଶୟ,

ପାରମ୍ପରିକ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ବାୟୁ ପ୍ରଦୂଷଣ ସୃଷ୍ଟି କରୁଥିବା ବେଳେ ଏବେ ସିଏନ୍‌ଜି ପରେ ଇ-ରିକ୍ସା ବା ବ୍ୟାଟେରି ଚାଳିତ ଅଟୋରିକ୍ସା ପ୍ରଦୂଷଣ ହ୍ରାସ ଦିଗରେ ସମର୍ଥ ହୋଇପାରିଛି। ଏବେ ଆମ ଦେଶର ସହରଗୁଡ଼ିକରେ ୧.୫ ନିୟୁତ ଇ-ରିକ୍ସା ଚଳପ୍ରଚଳ କରୁଛି। ଦିନକୁ ଦିନ ପାରମ୍ପରିକ ଯାନସବୁ ସ୍ଥାନାନ୍ତର କରାଯାଇ ଏପରି ସବୁଜ ଯାନ ବ୍ୟବହାର ହେବା ପରିବେଶ ପାଇଁ ମଙ୍ଗଳକର। ଆମ ଓଡ଼ିଶାରେ ମଧ୍ୟ ଉକ୍ତ ବ୍ୟାଟେରି-ଚାଳିତ ଅଟୋରିକ୍ସାକୁ ପ୍ରୋତ୍ସାହନ ଦିଆଯାଉ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଦାଗୀ ବ୍ୟକ୍ତିଙ୍କୁ ସୁଯୋଗ ଦିଆ ନ ଯାଉ

ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା କିଛି ବ୍ୟକ୍ତି, ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ନିର୍ବାଚନ ଲଢ଼ୁଛନ୍ତି। ଅର୍ଥ ଓ ବାହୁ ବଳରେ ଭୋଟରଙ୍କୁ ପ୍ରଭାବିତ କରି ଅନୈତିକ ଉପାୟରେ ନିର୍ବାଚନରେ ବିଜୟ ହାସଲ କରୁଛନ୍ତି। ପରବର୍ତ୍ତୀ ସମୟରେ ରାଜନୈତିକ କ୍ଷମତାର ଅଧିକାରୀ ହେଉଛନ୍ତି। ଏହିମାନଙ୍କ ଯୋଗୁ ନିର୍ବାଚନରେ ମତଦାନ ମୁକ୍ତ ଓ ଅବାଧ ହୋଇପାରେ ନାହିଁ। ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ ହୁଏ। ବର୍ତ୍ତମାନ ସମୟରେ ନିର୍ବାଚନଗୁଡିକରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧିକୁ ରୋକିବା ଜରୁରୀ ହୋଇପଡ଼ିଛି। ରାଜ୍ୟ ତଥା ଦେଶର ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ, ନିର୍ମଳ, ଶୃଙ୍ଖଳିତ କରିବାକୁ ହେଲେ ରାଜନୈତିକ ଦଳଗୁଡ଼ିକ ଆଗାମୀ ନିର୍ବାଚନ ସମୟରେ ଆପରାଧିକ ପୃଷ୍ଠଭୂମି ଥିବା ଦାଗୀ ବ୍ୟକ୍ତିମାନଙ୍କୁ ଲଢ଼ିବାକୁ ସୁଯୋଗ ଦେବା ଅନୁଚିତ।

ବସନ୍ତ କୁମାର ସୁନ୍ଦରାୟ, ମାଳିସାହି ଛକ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।

- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଅଟୋ ଓଲଟି ହୋମଗାର୍ଡଙ୍କ ଗୋଡ ଭାଙ୍ଗିଲା

**ରେଙ୍ଗାଲି,୩।୧୨(ଡି.ଏନ.ଏ.)-** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ରେଙ୍ଗାଲି ଥାନା ଅନ୍ତର୍ଗତ ବିଶଫୁଟିଆ ନିକଟରେ ସୋମବାର ଅପରାହ୍ନ ୩ଟାରେ ଏକ ଅଟୋ (ଓଡି ୧୫ ଜେ- ୬୭୪୩) ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଫଳରେ ସମ୍ବଲପୁରର ଅଭିଜିତ ସାହୁ (୩୫)ଙ୍କ ଗୋଡ ଭାଙ୍ଗି ଯାଇଛି । ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଛି। ରେଙ୍ଗାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଅଭିଜିତ ହୋମ୍‌ଗାର୍ଡ ଭାବରେ କାର୍ଯ୍ୟ କରନ୍ତି।

### ପନ୍ଦରା ସମାଜର ବାର୍ଷିକ ବୈଠକ

**ସମ୍ବଲପୁର,୩।୧୨(ବ୍ୟୁରୋ)-**ହୀରାକୁଦ ମାଁ ଦଣ୍ଡକାଳୀ ମନ୍ଦିର ପରିସରରେ ସମ୍ବଲପୁର ଜିଲା ପନ୍ଦରା ସମାଜର ୫ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି କୈଳାସ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିଥିଲେ। ସଭାରେ ଅତିଥି ଭାବେ ନରସିଂହ ବେହେରା, ଝାରସୁଗୁଡା ପନ୍ଦରା ସମାଜ ଜିଲା ସଭାପତି ରଙ୍କମଣି ବାଡତିୟା, ରାୟଗଡା ଜିଲା ସଭାପତି ଚିନ୍ତାମଣି ଚୌଧୁରୀ, କାମରାନୁ ବାଡତ୍ୟା, ବିଜୟ କୁମାର ବାଡତ୍ୟା, ବୈକୁଣ୍ଠ ବାଡତ୍ୟା, ପ୍ରଫୁଲ କୁମାର ବାଡତ୍ୟା, ନୀଳାମ୍ବର ବାଡତ୍ୟା, ନବ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମାନବିକତାର ଗୁଣକୁ ଆପଣାଇ କାମ କଲେ ସମାଜର ଉନ୍ନତି ହେବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ସମ୍ପାଦକ ସନ୍ତୋଷ ବାଡତ୍ୟା ବାର୍ଷିକ ବିବରଣୀ ପାଠ କରିଥିଲେ। ଘନଶ୍ୟାମ ବାଡତ୍ୟା ସଭା ପରିଚାଳନା କରିଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଜମନକିରା, ୩।୧୨ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ମୁଣ୍ଡେନପାଲି-ପାର୍ଥମୁଣ୍ଡା ରାସ୍ତା ଛକରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଏହି ବାଇକ୍ ଚାଳକ ଜଣକ ହେଲେ ସମ୍ବଲପୁର ଜିଲା କିସିଣ୍ଡା ଥାନା କାଞ୍ଚନପୁର ଗାଁର ଆଲବର୍ଟ ବାର୍ଲା (୨୫)। ସେ ଅଜୟ ସ୍ୱାଇଁ (୨୪)ଙ୍କ ସହ ପାର୍ଥମୁଣ୍ଡାରୁ ଭୋଜି ଖାଇ ଫେରୁଥିଲେ। ହେଲେ ନିୟନ୍ତ୍ରଣ ହରାଇ କଣ୍ଟିଆଲି ଛକ ନିକଟସ୍ଥ ଏକ ଗଛରେ ବାଡ଼େଇ ହୋଇଯାଇଥିଲେ। ଫଳରେ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଜଣାଇ ତୁରନ୍ତ ବୁର୍ଲା ବଡ଼ ଡାକ୍ତରଖାନାକୁ ଏ ଦୁହିଁଙ୍କୁ ପଠାଇଛନ୍ତି।

### ସୁରଜମଲ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ରେଙ୍ଗାଲି, ୩।୧୨ (ଡି.ଏନ.ଏ)-** ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସୋମବାର କଲେଜ ଅଧକ୍ଷ ସୁଜିତ ସେନ ଏହି ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟନ କରିଥିଲେ । ଏହି ଶିବିର ଆସନ୍ତା ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୬୦ ଜଣ ଯୁକ୍ତ ୨ର ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ଅଧାପିକା ଲିଲି ଦାସଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି ।







ସୋମବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସରେ ଉପସ୍ଥିତ ଅତିଥିମାନେ (ବାମ)। ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସୋମବାର ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ ।

# ଭିନ୍ନକ୍ଷମଙ୍କ କଲ୍ୟାଣ ଲାଗି ସମ୍ବଲପୁର ଉଦାହରଣ

**ସମ୍ବଲପୁର,୩।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ସୋମବାର ତପସ୍ୱିନୀ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସମ୍ବଲପୁର ଜିଲା ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଅଗ୍ରଣୀ ଜିଲାର ମାନ୍ୟତା ପାଇଛି । ଏହା ସମସ୍ତଙ୍କର ଉଦ୍ୟମର ଫଳ ବୋଲି ମତବ୍ୟକ୍ତ କରିଥିଲେ । ଆଞ୍ଚଳିକ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ରବୀନ୍ଦ୍ରନାଥ ଶତପଥୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ୫ଜଣ ଦିବ୍ୟାଙ୍ଗଙ୍କୁ ୫ହଜାର ଟଙ୍କା ଲେଖାଏଁ ପୁରସ୍କାର ଓ ଟ୍ରଫି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀତିସୁଧା ମେହେରଙ୍କୁ ଶ୍ରେଷ୍ଠ ବିଏସଏସଓ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏଥିସହ ୨ଟି ସିଲେଇ ଯନ୍ତ୍ର, ୫ଟି ଶ୍ରବଣ ଯନ୍ତ୍ର, ୯ଟି ତିନି ଚକିଆ ସାଇକେଲ, ୧୫ଟି ହୁଇଲ ଚେୟାର, ୩ ଯୋଡା ଆଶାବାଡି, ୨ଟି ସ୍ମାର୍ଟ ଦୃଷ୍ଟିହୀନ ଯନ୍ତ୍ର, ୩ଟି କୃତ୍ରିମ ଅଙ୍ଗ ପ୍ରଭୃତି ସହାୟତା ଉପକରଣ ପ୍ରଦାନ କରାଯାଇଥିଲା । ଅପରପକ୍ଷେ ଇଭିଏମ୍ ଯନ୍ତ୍ରର ପରିଚାଳନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୬୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ମହିଳା, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଗୋଡ ନ ଥିବା ଦିବ୍ୟାଙ୍ଗମାନଙ୍କ ଦୌଡ ପ୍ରତିଯୋଗିତା ହୋଇଥିଲା। ବୁର୍ଲା ଦୃଷ୍ଟିହୀନ ସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଅପରପକ୍ଷେ ପ୍ଲାଷ୍ଟିକମୁକ୍ତ ସମାଜ ଶୀର୍ଷକ ନାଟକ ମଞ୍ଚସ୍ଥ ହୋଇଥିଲା। ମୂକ ଓ ବଧିର ସ୍କୁଲର ଛାତ୍ରୀଛାତ୍ର ଜାତୀୟ ସଙ୍ଗୀତ ପରିବେଷଣ କରିବା ସହ ସର୍ବଧର୍ମ ସମନ୍ୱୟ ନାଟକ ପରିବେଷଣ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ସଦର ଉପଜିଲାପାଳ ପ୍ରଦୀପ କୁମାର ସାହୁ, ପିଡି ଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ, ଡିପିସି କଳ୍ପନା ପଣ୍ଡା, ରେଡକ୍ରସ ସମ୍ପାଦକ ଜୟ ଜର୍ଜ ଓ ଉପାଧକ୍ଷା ଡା. ଦୀପ୍ତିବାଳା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

### ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହନ୍ତି

**ରେଢ଼ାଖୋଲ,(ଡି.ଏନ.ଏ.)–** ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହନ୍ତି। ଦୃଢ ଇଚ୍ଛା ଶକ୍ତି ଓ ମନୋବଳ ଯୋଗୁ ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି। ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସୋମବାର ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତପୋଷଣ କରିଛନ୍ତି। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧକ୍ଷ ତଥା ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ବିଶିକେସନ ଦେହୁରୀ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ବିପିନ ବିହାରୀ ସାହୁ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମମାନଙ୍କ ପାଇଁ ଥିବା ବିଭିନ୍ନ ଆଇନଗତ ସାହାଯ୍ୟ ଓ ସହାୟତା ଉପରେ ସବଜଜ ଆଲୋଚନା କରିଥିଲେ। ଉପଜିଲାପାଳ ଦେହୁରୀ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଯୋଗାଇ ଦିଆଯାଉଥିବା ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ କହିଥିଲେ। ସଭାରେ ବରିଷ୍ଠ ନାଗରିକ ସମିତିର ବିବେକା ମହାକୁଡ, ରଘୁନାଥ ମିଶ୍ର, ପ୍ରମୋଦ ପ୍ରଧାନ, ବିଜୟ ମହାନ୍ତି, ଭୁବନେଶ୍ୱର ପ୍ରଧାନ, ଭାସ୍କର ପ୍ରଧାନ, ଲଳିତ ମୋହନ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ। ଜେଏଚଏମ ଶିବାନୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ରାମସୀତା ବିବାହ ମହୋତ୍ସବ: ୧୧ରେ ପତରପେଡ଼ିଁ

**ସମ୍ବଲପୁର,୩।୧୨(ବ୍ୟୁରୋ)**

ବୁକ୍ସହିଲ୍ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀ ରାମସୀତାଙ୍କ ବିବାହ ମହୋତ୍ସବ ପ୍ରାକ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୧ ତାରିଖ ସନ୍ଧ୍ୟା ସାଢ଼େ ୫ଟାରେ ପତରପେଡ଼ିଁ ହେବ । ୧୨ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ବୁକ୍ସହିଲ୍ ହନୁମାନ ମନ୍ଦିର ପରିସରରେ ବିବାହ ହେବ । ଏହାପରେ ଶ୍ରୀ ରାମସୀତା ସୁସଜ୍ଜିତ ବିମାନରେ ବସି ଜିଲା ସ୍କୁଲ ଛକ, ଜେଲ ଛକ, ମ୍ୟୁନିସିପାଲଟି ଛକ, ବୈଦ୍ୟନାଥ ଛକ, ଡାବର ଗଳି, ଗେଟିରୋଡ, ଗୋଲବଜାର, ଲକ୍ଷ୍ମୀ ଟକିଜ ଛକ ଓ ବୀରସୁରେନ୍ଦ୍ର ମାର୍ଗ ପରିକ୍ରମା କରି ସ୍ୱମନ୍ଦିରରେ ପ୍ରବେଶ କରିବେ । ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ନାଗଡା ବାଦ୍ୟ, ସଂପ୍ରଦା ଓ ଝାକି ସାମିଲ କରାଯିବ। ଚଳିତ ବର୍ଷ ସାକ୍ଷୀପଡା ନିବାସୀ ପଦ୍ମିନୀ ନାୟକ ଓ ସୁରେଶ ପୂଜାରୀ ଜଗତ ଜନନୀ ମାତା ସୀତାଙ୍କ କନ୍ୟାଦାନ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଏସ୍ ନର୍ମଦା ଓ ଏସ ମନୋଜ କୁମାର ଶ୍ରୀ ରାମଚନ୍ଦ୍ରଙ୍କ ମାତାପିତା ଦାୟିତ୍ୱ ନିର୍ବାହ କରିବାକୁ କମିଟି ଚୟନ କରିଛି ବୋଲି ସୋମବାର ଆୟୋଜନ କମିଟି ସାଧାରଣ ସମ୍ପାଦକ ରାଜୀବ କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ସଞ୍ଜିବ ପାଢ଼ୀ, ସହ ସମ୍ପାଦକ ଅନନ୍ତ ମହାନ୍ତି ସୂଚୀତ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୧ ବର୍ଷ ହେବ ଶ୍ରୀ ରାମସୀତାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି ।

ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ନାକଟିଦେଉଳ, ଗିରିଶ୍ଚନ୍ଦ୍ରପୁର ଦଳ ସେମି ଫାଇନାଲକୁ ଉନ୍ନୀତ



ଜଗନ୍ନାଥପ୍ରସାଦ ମିନି ଷ୍ଟାଡ଼ିୟମରେ ଦୁଇଦିନିଆ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟନ ଅବସରରେ ଅତିଥି, ଖେଳାଳି ଓ ଆୟୋଜକ ।

**ନାକଟିଦେଉଳ, ୩।୧୨ (ଡି.ଏନ.ଏ.)**

ଜଗନ୍ନାଥପ୍ରସାଦସ୍ଥିତ ମିନି ଷ୍ଟାଡ଼ିୟମରେ ଦୁଇଦିନିଆ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ଏବଂ ବିଡ଼ିଓ ମେଥୋଡ଼ିଅସ ଲାକ୍ରା ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକର ସମୁଦାୟ ୧୩ଟି ଦଳ ଭାଗ ନେଇଥିଲେ। ୧୧ଟି ଦଳ ମ୍ୟାଚ ଖେଳିଥିଲେ। ନାକଟିଦେଉଳ ଓ ଗିରିଶ୍ଚନ୍ଦ୍ରପୁର ଦଳ ସେମି ଫାଇନାଲକୁ ଉନ୍ନିତ ହୋଇଛନ୍ତି। ମଙ୍ଗଳବାର ଫାଇନାଲ ମ୍ୟାଚ ଖେଳାଯିବ । ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ସରୋଜ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । ଜିତେନ୍ଦ୍ର କୁମାର ସାହୁ, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ, ଜାମୁଯୋରୀ ସମିତି ସଭ୍ୟ ସାଗର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପଥର ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ

**ଜମନକିରା, ୩।୧୨ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ତହସିଲ ପକ୍ଷରୁ କିଛି ଦିନ ହେଲା ବେଆଇନ ଭାବେ ଚାଲାଣ ହେଉଥିବା ପଥର, ବାଲି, ଇଟା, ଗୋଡ଼ି ଆଦି ସାମଗ୍ରୀ ଜବତ କରାଯାଉଛି। ନିକଟରେ ୨ଟି ଟ୍ରାକ୍ଟରରୁ ୫୦ ହଜାର ଟଙ୍କାରୁ ଅଧିକ ଜରିମାନା ଆଦାୟ କରାଯାଇ ଟ୍ରାକ୍ଟର ଗୁଡ଼ିକ ଛାଡ଼ି ଦିଆଯାଇଛି। ଏଭଳି ଚଢ଼ାଉ ଯୋଗୁ ବେଆଇନ ଭାବେ ପଥର, ବାଲି, ଗୋଡ଼ି କାରବାର କରୁଥିବା ମାଫିଆଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି। ତେବେ ସୋମବାର ପୁଣି ଏଭଳି ଏକ ଟ୍ରାକ୍ଟର (ଓଡ଼ି ୧୫ ୪୬୦୪) ଗୌଡ଼ପାଲି ନିକଟରେ ପଥର ଚୋରା ଚାଲାଣ ହେଉଥିବା ବେଳେ ଧରାପଡିଛି। ଜମନକିରା ତହସିଲଦାର ଡା: ସୌମ୍ୟରୂପା ରଥ ଗାଡ଼ିକୁ ଜବତ କରିଛନ୍ତି। ୨୫ହଜାର ୪୨୦ ଟଙ୍କା ଜରିମାନା କରି ଗୌଡ଼ପାଲି ଫାଣ୍ଡିକୁ ଗାଡିଟିକୁ ହସ୍ତାନ୍ତର କରିଥିଲେ। ପରେ ଟ୍ରାକ୍ଟର ମାଲିକ ଜରିମାନା ପଇଠ କରି ଗାଡ଼ି ନେଇଛନ୍ତି।





ସୋଲବଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ସମାରୋହରେ ଉପସ୍ଥିତ ଅତିଥି।

### ସୋଲବଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ସମାରୋହ

**ବାମରା,୩।୧୨(ସ୍ୱ.ପ୍ର.)**

ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ସୋଲବଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେଶାଇବାହାଲ ସମିତି ସଭ୍ୟ ପଦ୍ମଚରଣ ଗୁରୁ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଉମେଶଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଦିଲୀପ ରାୟ ଏଥିରେ ଯୋଗ ଦେଇଥିଲେ । ଶିଶୁମାନଙ୍କ ମଧ୍ୟରେ ୩୪ଟି ଖେଳ ଆୟୋଜନ କରାଯାଇଥିଲା । ଅଭିଭାବକ ଅଭିଭାବିକାଙ୍କ ପାଇଁ ମଧ୍ୟ ୨ଟି ଖେଳ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲା ପରିଷଦ ଉପାଧକ୍ଷା ପୁଷ୍ପାଞ୍ଜଳି ଧୁରୁଆ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତୁଳାରାମ ସାହୁ ଯୋଗଦେଇ ଖେଳ ମାଧ୍ୟମରେ କିପରି ଶାରୀରିକ ବିକାଶ ହେବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଅରୁଣ ବେହେରା ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ପ୍ରଶାନ୍ତ ପୃଷେଠ ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

## ଏକାଠି ହେଲେ, ପୁରୁଣା ଦିନର ସ୍ମୃତି ମନେ ପକାଇଲେ

**ନାକଟିଦେଉଳ,୩।୧୨–(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦସ୍ଥିତ ପବିତ୍ରମୋହନ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ (୧୯୯୩ ବର୍ଷର ମାଟ୍ରିକ ବ୍ୟାଚ) ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପେଣ୍ଡୁବାହାଲ ନିକଟ ଚମ୍ପାଳିନଦୀ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ରହୁଥିବା ପୁରାତନ ଛାତ୍ରମାନେ ଯୋଗଦେଇ ମତାମତ ରଖିଥିଲେ। ଦୀର୍ଘବର୍ଷର ବ୍ୟବଧାନ ପରେ ଏକାଠି ହୋଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରି ହାଇସ୍କୁଲ ଛାତ୍ରଜୀବନର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରମୋଦ କୁମାର ପ୍ରଧାନ, ପରମେଶ୍ୱର ସାହୁ, ଉମାକାନ୍ତ ବିଶ୍ୱାଳ, ଅଭିରାମ ପ୍ରଧାନ, ନିରାକାର ସାହୁ, ସନ୍ତୋଷ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ରଣା, ବିଜୟ କୁମାର ସାହୁ, ସୁଧାଂଶୁ ବେହେରା, ଜଗନ୍ନାଥ ଦେହୁରୀ, ଧୀରେନ କୁମାର ସାହୁ, ପ୍ରଦୀପ କୁମାର ମାଝିଙ୍କ ସମେତ ପ୍ରାୟ ୨୫ରୁ ଅଧିକ ଛାତ୍ର ଯୋଗ ଦେଇଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ପୁରାତନ ଛାତ୍ରମାନେ ।

### ସଟ୍ଟା ଖେଳାଉଥିବା ଅଭିଯୋଗରେ ୨ ଗିରଫ

**ଧମା, ୩।୧୨ (ଡି.ଏନ.ଏ)**

ଧମା ହାଇସ୍କୁଲ ଛକରେ ସଟ୍ଟା ଖେଳାଉଥିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଧମାର ମନୋଜ ମେହେର ଓ ଜିତେନ୍ଦ୍ର ମେହେର। ଏମାନଙ୍କଠାରୁ ନଗଦ ୨୧୭ଟଙ୍କା, ଗୋଟିଏ ମୋବାଇଲ ଏବଂ ଚିରକୁଟ ଜବତ କରାଯାଇଛି । ଏ ବାବଦରେ ଧମା ଥାନାରେ ଏକ ମାମଲା (ନଂ.୧୮୩/୧୮) ରୁଜୁ କରାଯାଇଛି।

## ଫଟୋରେ ଖବର









ସୁଇସାଇଡ୍ ପଏଣ୍ଟରେ ବାଡ : ସମ୍ବଲପୁର କଚେରି ଛକ ନିକଟସ୍ଥ ମହାନଦୀ ଦ୍ୱିତୀୟ ସେତୁ ନିର୍ମାଣ ପରେ ବାଳିକା ବାଳକମାନେ ଆତ୍ମହତ୍ୟା କରୁଛନ୍ତି, ତେଣୁ ଜିଲା ପ୍ରଶାସନ ପକ୍ଷରୁ ଏଠାରେ ସୋମବାର ଗ୍ରିଲ୍ ଲଗାଯାଉଛି (ବାମ)। ବିଶ୍ୱ ଭିନ୍ନକ୍ଷମ ଦିବସରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଛାତ୍ରମାନେ ସର୍ବଧର୍ମ ସମନ୍ୱୟ ଶୀର୍ଷକ ନାଟକ ମଞ୍ଚସ୍ଥ ପରିବେଷଣ କରୁଛନ୍ତି (ମଝି)। ବିଶ୍ୱ ଭିନ୍ନକ୍ଷମ ଦିବସରେ ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ତିନିଚକିଆ ସାଇକଲ ପାଇଥିବା ଦିବ୍ୟାଙ୍ଗ ପିଲାମାନେ ମା' ବାପାଙ୍କ ସହିତ।



“ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଜଣେ ଏକା

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ମହାପ୍ରସାଦ ଦର ନିର୍ଦ୍ଧାରଣ ପ୍ରସଙ୍ଗ
### ଆଜି କୋଠ ରୋଷରେ ରୋଷେଇ

ପୁରୀ ଅଫିସ,୩।୧୨: ଶ୍ରୀମନ୍ଦିରରେ ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ମଙ୍ଗଳବାର ରୋଷେଇ କରାଯିବ। କୋଠ ରୋଷରେ ହେବାକୁ ଥିବା ଏହି ରୋଷେଇ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଦେବ। ସାମଗ୍ରୀ କିଣାରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ସୁଆର ସେବକ କେତେ ଲାଭ ପାଇବେ ତାହାକୁ ଦେଖି ଦର ନିର୍ଦ୍ଧାରଣ ହେବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ। ପୂର୍ବ ନିଷ୍ପତ୍ତି ମୁତାବକ ଏହି ରୋଷେଇ ସମୟରେ ଶ୍ରୀମନ୍ଦିରର ଦେଉଳକରଣ ଏବଂ ସୁପରଭାଇଜର ଉପସ୍ଥିତ ରହି ନିରୀକ୍ଷଣ କରିବେ। ସୋମବାର ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସଙ୍କ ଆବାସିକ କାର୍ଯ୍ୟାଳୟରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି। ଆଲୋଚନା ବେଳେ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

## ‘ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ କାରନାମା
# ୩ ଜିଲାରେ ଚଢ଼ାଉ

- ବାଲେଶ୍ୱର ଶାଖାରେ ପଡ଼ିଲା ତାଲା
- ଭଦ୍ରକ, ମୟୂରଭଞ୍ଜରେ ରେକର୍ଡପତ୍ର ଯାଞ୍ଚ

ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ ତିହିଡ଼ି/ଉଦଳା, ୩।୧୨

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରିସ୍ଥିତ ଶେଲଟର ହୋମ୍ ‘ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ରେ ନାବାଳିକା ଅନ୍ତେବାସୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ରାଜ୍ୟରେ ଥିବା ଏହାର ଅନ୍ୟ ଶାଖାଗୁଡିକରେ ଚଢାଉ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଥିବା ଏହାର ଶାଖାଗୁଡିକରେ ସୋମବାର ଚଢାଉ କରାଯାଇ ଅନ୍ତେବାସୀମାନଙ୍କୁ ପଚରାଉଚରା କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଛି। ପ୍ରାଥମିକ ତଦନ୍ତ ପରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ସରସ୍ୱତୀପୁର ପଞ୍ଚାୟତରେ ଥିବା ଏହି ଶାଖାକୁ ତାଲା ପକାଯାଇଛି। ଅନ୍ୟପକ୍ଷରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ନନ୍ଦପୁରସ୍ଥିତ ‘ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ରେ ଚଢ଼ାଉ ସମୟରେ କାର୍ଯ୍ୟକର୍ତ୍ତାମାନେ ଅନୁପସ୍ଥିତ ଥିବାରୁ କୌଣସି ରେକର୍ଡପତ୍ର ଯାଞ୍ଚ ହୋଇପାରିନାହିଁ। ୨ଦିନ ମଧ୍ୟରେ ରେକର୍ଡପତ୍ର ଦାଖଲ କରିବାକୁ ସୁରକ୍ଷା ସମିତି ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଖଲାଡି ପଞ୍ଚାୟତ ଚୁଳିଆପୋଷି ଗ୍ରାମରେ ଥିବା ଏହି ସେଣ୍ଟର ଉପରେ ଚଢାଉ କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି। ରିପୋର୍ଟ ପାଇବା ପରେ ଜିଲାପାଳ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜିଲା ଶିଶୁ ସୁରକ୍ଷା ମଙ୍ଗଳ ଅଧିକାରୀ କହିଛନ୍ତି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ସରସ୍ୱତୀପୁର ପଞ୍ଚାୟତରେ ଗତ ୨୦୦୭ ମସିହାରୁ ଦି ଖ୍ରୀଷ୍ଟପର ସ୍କଲ୍ ମେମୋରିଆଲ୍ ଚିଲ୍ଡ୍ରେନ୍ ହୋମ୍ ନାମରେ ଆରମ୍ଭ ହୋଇଥିବା ଏହି ସେଲଟର ହୋମରେ ଏବେ ୯୬ଜଣ ରହୁଛନ୍ତି। ସୋମବାର ଜିଲା ଶିଶୁ ମଙ୍ଗଳ ଅଧିକାରୀ ଏବଂ ଶିଶୁ ମଙ୍ଗଳ କମିଟି ପକ୍ଷରୁ ମିଳିତ ତଦନ୍ତ କରାଯାଇଛି। ଉକ୍ତ ସେଣ୍ଟର ଜୁଭେନାଇଲ୍ ଜଷ୍ଟିସ ଆକ୍ଟ ଉଲ୍ଲଂଘନ କରି ବେଆଇନ ଭାବେ ଚାଲୁଥିବା ଅଧିକାରୀମାନେ ପ୍ରାଥମିକ ତଦନ୍ତ ପରେ ସ୍ପଷ୍ଟ କରିଛନ୍ତି। ଶିଶୁ ମଙ୍ଗଳ କମିଟି ପକ୍ଷରୁ ଉକ୍ତ ସଂସ୍ଥାର ପିଲାମାନଙ୍କ ବିଷୟରେ ସମସ୍ତ ବିବରଣୀ ସଂଗ୍ରହ ପରେ ଉକ୍ତ ଶାଖାରେ ତାଲା ପକାଯାଇଛି। ସେଠାରେ ରହୁଥିବା ୫୪ ଅନ୍ତେବାସୀଙ୍କୁ ନିଜ ନିଜ ଘରକୁ ପଠାଇ ଦିଆଯାଇଥିବା ବେଳେ ଆଉ ୪୨ଜଣ ଉକ୍ତ ସେଣ୍ଟରରେ ରହିଥିବା ଉକ୍ତ ଶାଖାର ନିର୍ଦ୍ଦେଶକ ଲମ୍ବୁଧର ସେଠୀ କହିଛନ୍ତି।

ସେହିପରି ଭଦ୍ରକ ଜିଲା ତିହିଡି ବ୍ଲକ ନନ୍ଦପୁରଠାରେ ଥିବା ‘ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ ଶାଖାରେ ସୋମବାର ଉପଜିଲାପାଳ ସୁଚାରୁ ବଳ, ଶିଶୁ ସୁରକ୍ଷା ସମିତି ଅଧକ୍ଷ ଡ. ସୁଦର୍ଶନ ବାରିକ, ଜିଲା ପ୍ରୋଗ୍ରାମ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ଏଠାରେ ମୋଟ ୧୭୨ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ମଧ୍ୟରେ ୧୪ ଅନ୍ତେବାସୀ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୋଲି ଜଣାଯାଇଛି। ଶିଶୁ ସୁରକ୍ଷା ସମିତି ଅଧିକାରୀମାନେ କେନ୍ଦ୍ରର ବିଭିନ୍ନ ସ୍ଥାନ ଦେଖିବା ସହ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ଏବଂ ସେମାନଙ୍କ ନିରାପତ୍ତା ସମ୍ପର୍କରେ ପଚାରି ବୁଝିଥିଲେ। ରେକର୍ଡପତ୍ର ଯାଞ୍ଚ ପରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ବଳ ସୂଚନା ଦେଇଛନ୍ତି।

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଚୁଳିଆପୋଷି ଗ୍ରାମରେ ଥିବା ‘ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ରେ ଜିଲା ପ୍ରଶାସନ ପକ୍ଷରୁ ୫ ଜଣିଆ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଉପଜିଲାପାଳ ଭଗବାନ ବେହେରା, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ତୃପ୍ତା କଳ୍ପନା ମହାନ୍ତି ଥିଲେ। ଟିମ୍ ସଦସ୍ୟ ଶାଖାରେ ଥିବା ବିଭିନ୍ନ ଦସ୍ତାବିଜ୍ ଯାଞ୍ଚ କରିବା ସହିତ ସେଠାରେ ରହୁଥିବା ଅନ୍ତେବାସିନୀଙ୍କ ସହିତ ଆଲୋଚନା କରିଥିଲେ । ଚୁଳିଆପୋଷିସ୍ଥିତ ଏହି ହଷ୍ଟେଲକୁ ପୂର୍ବରୁ ଅନେକ ବାର ସଂସ୍ଥାର ମୁଖ୍ୟ ଫୟାଜ୍ ରେହମାନ୍ ନିଜ ବିଦେଶୀ ବନ୍ଧୁଙ୍କ ସହ ଆସିଥିବା ଅନ୍ତେବାସିନୀ କହିଥିଲେ। ୨ ବର୍ଷ ପୂର୍ବେ ଉଦଳାଠାରେ ଏହି ଘରୋଇ ହଷ୍ଟେଲ ଆରମ୍ଭ ହୋଇଥିବା ବେଳେ ଏହା ପଞ୍ଜୀକୃତ ହୋଇ ନ ଥିବା ତଦନ୍ତ ସମୟରେ ଜଣାପଡିଥିଲା। ଏଠାରେ ୫୮ ଅନ୍ତେବାସିନୀ ରହୁଛନ୍ତି।



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚାଲିଚାଲି ଯେଉଁଠି**
**ଘୋଡ଼ା ଦଉଡ଼ି ଦଉଡ଼ି ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରନ୍ତି। ଧୀରେ ସୁସ୍ଥେ ଏକନିଷ୍ଠ ହୋଇ କାର୍ଯ୍ୟକଲେ ସଫଳତା ହାସଲ କରିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାକିମ ଉଠିଗଲେ ବି**
**ହୁକୁମ ଉଠେ ନାହିଁ ।**

ପଦବୀଧାରୀ ପରିବର୍ତ୍ତିତ ହୁଏ। କିନ୍ତୁ ପଦାସନ ସେମିତି ପଡ଼ିରହିଥାଏ। ପଦ ଓ ଆସନ ଖାଲି ପଡ଼ି ନ ଥାଏ। ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଂକୃତ କରିଥାନ୍ତି। ହୁକୁମ ବା ନିୟମର ସ୍ଥାୟିତ୍ୱ ବେଶି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆତ୍ମସମର୍ପଣ କଲେ ମହିଳା ମାଓବାଦୀ ଜିଓ୍ୱାନି



ଜିଓ୍ୱାନି(୨୩) ସୋମବାର ମାଲକାନଗିରି ଜିଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରୁଛନ୍ତି।

ମାଲକାନଗିରି, ୩।୧୨(ଡି.ଏନ.ଏ.)

କ୍ୟାଡର ମହିଳା ମାଓବାଦୀ ଇଦେ ମାଢି ଓରଫ ଜିଓ୍ୱାନି(୨୩) ସୋମବାର ମାଲକାନଗିରି ଜିଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସଙ୍ଗଠନ ଛାଡ଼ିଥିବା ଇଦେ କହିଛନ୍ତି। ଜିଓ୍ୱାନିଙ୍କୁ ଧରାଇଦେବା ପାଇଁ ପୂର୍ବରୁ ଓଡ଼ିଶା ପୋଲିସ ପକ୍ଷରୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବେଆଇନ ଘୋଷିତ ସିପିଆଇ ମାଓବାଦୀ ସଙ୍ଗଠନର ଆନ୍ଧ୍ର-ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟି ଅଧୀନ ମାଲକାନଗିରି ଡିଭିଜନର କାଲିମେଳା ଏରିଆ କମିଟିରେ ଜିଓ୍ୱାନି ୨୦୧୪ରୁ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ମାଲକାନଗିରି ଜିଲା ପଡ଼ିଆ ଥାନା ଅଧୀନ ସିଲାକୋଟା ଗ୍ରାମର ଇଦେ ତାଣ୍ଡିକି, ସୁଧାକଣ୍ଡା ନିକଟ ମାଛଘାଟି, ସ୍ୱାଭିମାନ ଅଞ୍ଚଳର ଟିକରପଡା, କୁରୁବ ହିଂସାକାଣ୍ଡ ଏବଂ ଆଇଇଡି ବିସ୍ଫୋରଣ ଆଦି ବିଭିନ୍ନ ଘଟଣାରେ ସେ ସମ୍ପୃକ୍ତ ଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେହିପରି ୨୭।୪। ୨୦୧୭ରେ ସୁଧାକୋଣ୍ଡାର ବିଶୁ କିର୍ସାନୀ ଓ ୨୦।୬।୨୦୧୮ରେ ଗଙ୍ଗା ମାଡକାମୀଙ୍କୁ ହତ୍ୟା, ୬।୧୦।୨୦୧୭ରେ କୁରୁବ ଗ୍ରାମର ଡମ୍ବରୁ ନାୟକଙ୍କୁ ହତ୍ୟା, ୮।୮।୨୦୧୮ରେ ପପୁଲୁର ଗ୍ରାମର ନାରାୟଣ ପାଲାସୀଙ୍କୁ ହତ୍ୟା ଘଟଣାରେ ଜିଓ୍ୱାନି ସମ୍ପୃକ୍ତ ଥିବା ଏସ୍‌ପି ମୀନା କହିଛନ୍ତି।

# ନାବାଳିକାଙ୍କୁ ଅସଦାଚରଣ କରି ଜେଲ୍ ଗଲେ ବାବା

ପିପିଲି, ୩।୧୨(ଡି.ଏନ୍.ଏ.)

ପିପିଲି ଥାନା ଅଞ୍ଚଳର ଜଣେ ବାବା ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ବାବାଙ୍କୁ ଗିରଫ କରିଥିଲା। ପରେ ବାବାଙ୍କୁ ପୁରୀ ସ୍ପେଶାଲ କୋର୍ଟରେ ହାଜର କରାଯାଇଥିବାବେଳେ କୋର୍ଟ ତାଙ୍କୁ ୧୪ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ପ୍ରକାଶ ଯେ, ବାବା ଜଗନ୍ନାଥ ଦାଶ (୬୩)ଏକ ମଠରେ ପୂଜକ ଭାବେ କାର୍ଯ୍ୟ କରନ୍ତି। ଗତ ୧ତାରିଖରେ ନାବାଳିକା ଜଣଙ୍କ ଖେଳୁଥିବାବେଳେ ବାବା ତାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକାର ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପିପିଲି ପୋଲିସ ଏକ ମାମଲା ରୁଜୁ କରିଥିଲା। ପିପିଲି ଥାନା ଆଇଆଇସି ଶରତ କୁମାର ସାହୁ ମଠରେ ଚଢ଼ାଉ କରି ବାବାଙ୍କୁ ଗିରଫ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଶ୍ରୀମନ୍ଦିର ସରକାରଙ୍କ ଅଧୀନକୁ ଆସିବା ବେଳେ ମିଳି ନ ଥିଲା ଚାବି

## ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

- ୧୯୬୪ ପରଠାରୁ ଟ୍ରେଜେରିରେ ନ ଥିଲା

ପୁରୀ ଅଫିସ,୩।୧୨

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ପକ୍ଷରୁ ଗତ ଶୁକ୍ରବାର ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ଗୃହ ବିଭାଗର ଉପସଚିବଙ୍କ ନିକଟରେ ଦାଖଲ କରାଯାଇଛି। ରିପୋର୍ଟରେ କ’ଣ ରହିଛି ତାହା ଉପରେ ଏବେ ନଜର ରହିଥିବାବେଳେ ସୋମବାର ବିଦାୟୀ ନୀତି ପ୍ରଶାସକ ପ୍ରଦୀପ ଦାଶ ରତ୍ନଭଣ୍ଡାର ଚାବି ସମ୍ପର୍କରେ ରୋଚକ ତଥ୍ୟ ଗଣମାଧ୍ୟମ ସମ୍ମୁଖରେ ରଖିଛନ୍ତି। ନୂଆ ନୀତି ପ୍ରଶାସକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ ଦାଶ କହିଛନ୍ତି ଯେ, ଯେତେବେଳେ ଶ୍ରୀମନ୍ଦିର ସରକାରଙ୍କ ଅଧୀନକୁ ଆସିଥିଲା ସେତେବେଳେ ରତ୍ନଭଣ୍ଡାର ଚାବି ଆସି ନ ଥିଲା। ସେହିପରି ଟ୍ରେଜେରିରେ କେବେହେଲେ ଚାବି ରହିନାହିଁ ବୋଲି ସେ କହିଛନ୍ତି।

ବିଦାୟୀ ନୀତି ପ୍ରଶାସକ ଏ ସମ୍ପର୍କରେ କହିଛନ୍ତି ଯେ, ରତ୍ନଭଣ୍ଡାର ପ୍ରସଙ୍ଗରେ କିଛି ରହସ୍ୟ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ କମିଶନଙ୍କ ପାଖରେ ଯାହା ତଥ୍ୟ ଦାଖଲ କରାଯାଇଛି ବା ବିଭିନ୍ନ ସମୟରେ ଯାହା କୁହାଯାଇଛି ତାହାକୁ ବୁଝିବା ଲାଗି ଚେଷ୍ଟା କରାଯାଉ ନାହିଁ। ଶ୍ରୀମନ୍ଦିର ସରକାରଙ୍କ ଅଧୀନକୁ ଆସିବା ସମୟରେ ରତ୍ନଭଣ୍ଡାର ଚାବି ମିଳି ନ ଥିଲା। ସେତେବେଳେ ଡୁପ୍ଲିକେଟ ଚାବି କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ଥିଲେ ତା’ର ତତ୍ତ୍ୱାବଧାରକ। ୨୦୦୫ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ପଦବୀ ନ ଥିଲା। ଏଡିଏମ୍ ପାହ୍ୟାର ଜଣେ ଅଫିସର ପ୍ରଶାସକ ପଦବୀରେ ରହୁଥିଲେ। ଜିଲାପାଳ ଥିଲେ ସର୍ବେସର୍ବା। ସେହି ଦୃଷ୍ଟିରୁ ଚାବିକାଠି ଜିଲାପାଳଙ୍କ ତତ୍ତ୍ୱାବଧାନରେ ପରମ୍ପରା ଅନୁସାରେ ରହିଆସୁଥିବା କୁହାଯାଇଥିଲା। ନିୟମ ଅନୁଯାୟୀ ଟ୍ରେଜେରିରେ ଚାବିକାଠି ରହିବା କଥା। କିନ୍ତୁ ଅନୁଧ୍ୟାନରୁ ଜଣାପଡିଛି ଟ୍ରେଜେରିରେ କୌଣସି ସମୟରେ ଚାବିକାଠି ରହିନାହିଁ। ୧୯୬୪ ମସିହା ରେଜିଷ୍ଟରକୁ ଅନୁଧ୍ୟାନ କଲା ପରେ ଏହା ଜଣାପଡିଛି। ଏହା ଅର୍ଥ ନିଶ୍ଚିତ ଭାବେ ଚାବି ଜିଲାପାଳଙ୍କ ପାଖରେ ହିଁ ରହୁଥିଲା। ୧୯୭୮ ମସିହାରେ ରତ୍ନଭଣ୍ଡାର ଅଳଙ୍କାରର ଆକଳନ କରାଯାଇଥିଲା। ୭୦ ଦିନ ଧରି ଏହି ଆକଳନ କରାଯାଇଥିବା ଯାହା ବିଭିନ୍ନ ରେକର୍ଡପତ୍ର ରହିଛି। ଏହାପରେ ୧୯୮୩ ଓ ୧୯୮୫ ମସିହାରେ ରତ୍ନଭଣ୍ଡାର ଖୋଲାଯାଇଛି। ବର୍ତ୍ତମାନ ମିଳିଥିବା ଡୁପ୍ଲିକେଟ ଚାବିରେ ସେତେବେଳେ ରତ୍ନଭଣ୍ଡାର ଖୋଲାଯାଇଥିବା ମୁଁ ଭାବୁଛି ବୋଲି ବିଦାୟୀ ନୀତି ପ୍ରଶାସକ କହିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ୍ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ
0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ସାହିତ୍ୟ ସଂସଦ ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

ରିଆମାଳ,୩।୧୨(ଡି.ଏନ୍.ଏ.) ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ ଆସନ୍ତା ଜାନୁୟାରୀ ୨୦ ତାରିଖରେ ଅନୁଷ୍ଠିତ ହେବ ବୋଲି ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଏବଂ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ସଂସଦର ବାର୍ଷିକ ମୁଖପତ୍ର 'ଆହ୍ୱାନ' ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ କ୍ଷୁଦ୍ର କବିତା, ଗଳ୍ପ ଓ ପ୍ରବନ୍ଧ ଆସନ୍ତା ୧୫ ତାରିଖ ସୁଦ୍ଧା ସଂସଦର ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳଙ୍କୁ ପ୍ରେରଣ କରିବା ପାଇଁ ଅନୁରୋଧ କରାଯାଇଛି। ସାହିତ୍ୟ ସଂସଦ ସଭାପତି ପଣ୍ଡିତ ଜଳନ୍ଧର ଦାଶଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ସେମାନଙ୍କ ମତାମତ ଦେଇଥିଲେ।

# ଉଜୁଡ଼ିଲା କପା ଫସଲ

ବରଗଡ଼ ଅଫିସ୍,୩।୧୨

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବରଗଡ଼ ଜିଲାର ପାଇକମାଳ, ଝାରବନ୍ଧ, ଗାଇସିଲେଟ୍ ଆଦି ଅଞ୍ଚଳର କପାଚାଷୀଙ୍କ ଫସଲ ନଷ୍ଟ ହୋଇଛି । ଜିଲାରେ ପ୍ରାୟ ୨ହଜାର ହେକ୍ଟର ଜମିରେ କପାଚାଷ ହୋଇଥିବା ବେଳେ ବର୍ଷାଭାବ ଯୋଗୁ ଅଧିକାଂଶ ପ୍ରଭାବିତ ହୋଇଛି । ଫଳରେ କପାଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି । ଏଭଳି କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା କପାଚାଷୀମାନେ ସୋମବାର ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ଭେଟି କ୍ଷତିପୂରଣ ଦାବି କରିଥିଲେ । ସଚେତନତା ଅଭାବରୁ କପାଚାଷୀମାନେ ବୀମା ପ୍ରିମିୟମ ଭରି ନ ଥିବା ଯୋଗୁ ଫସଲବୀମା କ୍ଷତିପୂରଣ ପାଇବାରେ ଅନିଶ୍ଚିତତା ଦେଖାଯାଇଛି । ଏଭଳି ସ୍ଥିତିରେ କେବଳ ଇନପୁଟ୍ ସବସିଡ଼ି ହିଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିପାରେ ବୋଲି ଅନୁମାନ କରାଯାଉଛି । ମାତ୍ର କ୍ଷୟକ୍ଷତି ଆକଳନ ହୋଇ ନ ଥିବା ଯୋଗୁ ତାହା ମଧ୍ୟ ଚାଷୀଙ୍କୁ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଫଳରେ ବିଧିବଦ୍ଧ ଭାବେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁଙ୍କ ନେତୃତ୍ୱରେ ସୋମବାର ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀଙ୍କୁ ନିବେଦନ କରିଛନ୍ତି ।

### ଋଣ ପରିଶୋଧ ଚିନ୍ତାରେ ଚାଷୀ



"୩ଏକର ଜମିରେ କପାଚାଷ କରିଥିଲେ । ଏକର ପ୍ରତି ୧୨ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରିଥିଲି । ଆରମ୍ଭରୁ କପା ଫସଲ ଭଲ ଥିଲା । ମାତ୍ର ଅମଳ ସମୟ ପାଖେଇ ଆସିବାବେଳେ ବର୍ଷାଭାବରୁ ସବୁ ନଷ୍ଟ ହୋଇଛି । ସୋସାଇଟିରୁ ୧ଲକ୍ଷ ୩୦ହଜାର ଟଙ୍କା ଋଣ ଆଣି ଚାଷ କରିଥିଲି । ଏବେ ତାହା କିଭଳି ପରିଶୋଧ କରିବି, ସେହି ଚିନ୍ତା ମୋତେ ଘାରୁଛି ।
-ପ୍ରହଲ୍ଲାଦ ହଂସ, ଛିନ୍ଦେଇକେଲା



"ଦେଢ଼ ଏକର ଜମିରେ କପାଚାଷ କରିଥିଲେ । ସାଢ଼େ ୭ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ବର୍ଷା ହେଲା ନାହିଁ ସବୁ କପା ଫସଲ ନଷ୍ଟ ହୋଇଗଲା । ଗତବର୍ଷ ଧାନ ଫସଲ ନଷ୍ଟ ହୋଇଥିଲା । ଧାନ ସହିତ ଏବେ କପା ଫସଲ ନଷ୍ଟ ହୋଇ ଯାଇଥିବା ଯୋଗୁ କରଜ ପରିଶୋଧ ସହିତ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିଛି ।
-କୁନ୍ଦୁରୁ ବରିହା, ଛିନ୍ଦେଇକେଲା



"ଜିଲାରେ ୨ହଜାର ହେକ୍ଟର ଜମିରେ କପାଚାଷ କରାଯାଇଥିଲା । ସେପ୍ଟେମ୍ବର, ଅକ୍ଟୋବର ମାସରେ ଭଲ ବର୍ଷା ହେଲା ନାହିଁ । ସେଥିପାଇଁ ପ୍ରାୟ ୬୦ ପ୍ରତିଶତ କପା ନଷ୍ଟ ହୋଇଛି । ଏ ନେଇ ଯୁଗ୍ମଭାବେ କ୍ଷୟକ୍ଷତି ଆକଳନ କରାଯାଉଛି । ଆକଳନ ରିପୋର୍ଟ ଜିଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଦିଆଯିବ । ଅଧିକାଂଶ କପାଚାଷୀ ଫସଲବୀମା କରି ନ ଥିବାରୁ ଏଥର ସଚେତନତା ସୃଷ୍ଟି କରାଯିବ ।
-ଦୀନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ

## ପର୍ଶୁରାମ ଭବନରେ ପ୍ରବଚନ କାର୍ଯ୍ୟକ୍ରମ

ସମ୍ବଲପୁର,୩।୧୨(ବ୍ୟୁରୋ)

ବିଶ୍ୱାମ୍ ଚେତନା ପରିଷଦର ସମ୍ବଲପୁର ଶାଖାର ରଜତ ଜୟନ୍ତୀ ଉପଲକ୍ଷେ ସୋମବାର ରିଂ-ରୋଡ଼ସ୍ଥିତ ପର୍ଶୁରାମ ଭବନରେ ଶ୍ରୀମଦ୍ ଭାଗବତ ସ୍ୱାଧ୍ୟାୟ ସତ୍ର ଉଦ୍‌ଘାଟିତ ହୋଇଛି । ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧ ଉପରେ ପ୍ରବଚନ ଦେଉଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ସ୍ୱାମିଜୀ ପ୍ରବଚନ ଦେବେ । ଚଳିତ ମାସ ୯ ତାରିଖ ଏହା ଉଦ୍‌ଯାପିତ ହେବ । ଉଦ୍‌ଘାଟନ ଉତ୍ସବ ପ୍ରାରମ୍ଭରେ ପରିଷଦର ଶାଖା ଅଧ୍ୟକ୍ଷ ପରମେଶ୍ୱର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।



ସୋମବାର ସମ୍ବଲପୁର ପର୍ଶୁରାମ ଭବନରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ପ୍ରବଚନ ଦେଉଛନ୍ତି ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୩।୧୨(ସ୍ୱ.ପ୍ର.)

ସ୍ଥାନୀୟ ଟାଉନ ହଲଠାରେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ସୋମବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପ୍ରତି ମାନବିକତାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟାଙ୍ଗମାନେ କୌଣସି ଗୁଣରେ ସମାଜର ସକ୍ଷମ ବ୍ୟକ୍ତିଙ୍କଠାରୁ କମ୍ ନୁହନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହେଶ ମୋହନ ପଣ୍ଡା, ଡିଏସ୍‌ପି ଆଣ୍ଟୋନୀ ତିର୍କୀ, ରିଆମାଳ ବିଇଓ କୈଳାସ ପ୍ରଧାନ ପ୍ରମୁଖ ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଜିଲା ଭିନ୍ନକ୍ଷମ ସଂଘ ସଭାପତି କିଶୋର ବେହେରା ଦିବ୍ୟାଙ୍ଗମାନଙ୍କ ବିଭିନ୍ନ ସମସ୍ୟା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ ପ୍ରାରମ୍ଭିକ ସୂଚନା ଦେବା ସହ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ହାଁସଦା କୁଶଖୁଲିଆ ଗ୍ରାମର ଜୁଲି ନାଏକ ଓ ଦେବଗଡ଼ ଭୂୟାଁସାହିର ପୂରନ କାରିଗରଙ୍କୁ ହୁଇଲ ଚେୟାର ଏବଂ ଟୁହିଲାମାଳ ଗ୍ରାମର ବୁଦ୍ଧଦେବ ପ୍ରଧାନ ଓ ଝିମ୍ପାଜିରା ଗ୍ରାମର ସୁଷମା ପଟ୍ଟାଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରିଥିଲେ। ପ୍ରମୋଦ ପ୍ରଧାନ ଓ ବନୀତା ଗଡ଼ନାୟକ, ସୁଶାନ୍ତ ସାହୁ ଓ ବନୀତା ସାହୁ, ପ୍ରଦୀପ ସାହୁ ଓ ସସ୍ମିତା ଦେହୁରୀ, ପୁଲିନ ବିହାରୀ ବେହେରା ଓ ଆରତୀ ବେହେରା ପ୍ରମୁଖ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ବିବାହ ସହାୟତା ରାଶି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଅନ୍ୟଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥାଏ। ଏତଦ୍‌ବ୍ୟତୀତ ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଟାଉନ ହଲ ପର୍ଯ୍ୟନ୍ତ ଆସିଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ଦିବ୍ୟାଙ୍ଗ ବ୍ୟକ୍ତି ଯୋଗଦେଇଥିଲେ।




ଓଡ଼ିଶା ଏନ୍‌ଏଚ୍‌ଏମ୍ (ଏଏନ୍‌ଏମ୍) ସଂଘ ତରଫରୁ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ପ୍ରଭୃତି ବିଭିନ୍ନ ଦାବି ନେଇ ସମ୍ବଲପୁରରୁ ଆସିଥିବା କର୍ମକର୍ତ୍ତା ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି।

## ବନ୍ଦ ହେବ ପିଙ୍କ୍ ଅଟୋ ସେବା

ରାଉରକେଲା ଅଫିସ,୩। ୧୨

ଆରଏମ୍‌ସି ସହଯୋଗରେ ୨୦୧୭ ଡିସେମ୍ବରରେ ପିଙ୍କ୍ ଅଟୋ ସେବା ଆରମ୍ଭ ହୋଇଥିଲା । ଏବେ କର୍ତ୍ତୃପକ୍ଷଙ୍କ ସାକ୍ଷାତ୍ ନ ପାଇ ସମସ୍ୟାରେ ପଡିଛନ୍ତି ମହିଳା ଅଟୋରିକ୍ସା ଚାଳକ। ଏନେଇ ସୋମବାର କଂଗ୍ରେସ ନେତା ବୀରେନ ସେନାପତିଙ୍କ ନେତୃତ୍ୱରେ ଆସିଥିବା ମହିଳା ଅଟୋଚାଳକମାନେ ନିରାଶ ହୋଇ ଫେରିଛନ୍ତି । ଦୀର୍ଘଦିନ ଧରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହୋଇ ଆସୁଥିବା ଏହି ମହିଳା ଅଟୋରିକ୍ସା ଚାଳକମାନେ ସୋମବାର ଆରଏମସି ବିରୋଧରେ ମୁହଁ ଖୋଲିଛନ୍ତି। ପିଙ୍କ ଅଟୋ ଚଳାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି, ଅଟୋରିକ୍ସା ପ୍ରଦାନ ସମୟରେ କର୍ତ୍ତୃପକ୍ଷ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ପରବର୍ତ୍ତୀ ସମୟରେ ପାଳନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଅଟୋରିକ୍ସାରେ ଖଞ୍ଜା ଯାଇଥିବା ବ୍ୟାଟେରି ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବୋଲି ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନେଇ କେହି କର୍ଣ୍ଣପାତ କରୁ ନାହାନ୍ତି। ବ୍ୟାଟେରି କମ୍ପାନୀ ଧରାଛୁଆଁ ଦେଉ ନ ଥିବା ବେଳେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଫଳରେ ମାସର ଅର୍ଦ୍ଧାଧିକ ଦିନ ଗାଡି ଅଚଳ ହୋଇପଡୁଛି। ଏପରି ଅବସ୍ଥାରେ ଋଣ ଶୁଝିବା ଅତ୍ୟନ୍ତ କାଠିକର ପାଠ । ବ୍ୟାଟେରି ଚାର୍ଜ କରିବା ନେଇ ସହରର କେତେକ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ବର୍ଷକ ପରେ ବି ଏନେଇ କୌଣସି ସୁବିଧା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଯଦି ପରିସ୍ଥିତି ଅପରିବର୍ତ୍ତିତ ରହେ, ତେବେ ଆଉ ଦିନ କେଇଟା ପରେ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସେମାନେ କହିଛନ୍ତି । ମହିଳା ଚାଳକମାନଙ୍କୁ ପ୍ରଦାନ କରାଯାଇଥିବା ଅଟୋରିକ୍ସା ଭଲ ଭାବେ ଚଳାଚଳ କରିବାକୁ ସକ୍ଷମ ହେଉ ନାହିଁ। ଏଥିରୁ ରଙ୍ଗ ଝଡି ଗଲାଣି। ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି। ଏନେଇ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଛି। ଏହା ସତ୍ତ୍ୱେ ଆରଏମ୍‌ସି କର୍ତ୍ତୃପକ୍ଷ ଧ୍ୟାନ ଦେଲେ ନାହିଁ। ଏପରି ଅବସ୍ଥାରେ ବହୁ ଅଟୋରିକ୍ସା ଚଳାଚଳ କରି ନ ପାରି ବନ୍ଦ ହେବା ଅବସ୍ଥାରେ ରହିଛି ।

## ୫୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଦେବଗଡ଼,୩।୧୨(ସ୍ୱ.ପ୍ର.)

ତିଲେଇବଣି ବ୍ଲକ ଦୁଧିଆନାଳି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ୫୧ ଅଭିଯୋଗର ଶୁଣାଣି କରି ସେଗୁଡ଼ିକ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକ ମଧ୍ୟରେ ୨୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବାବେଳେ ୩୦ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ମୁଖ୍ୟତଃ ପାନୀୟ ଜଳ ଯୋଗାଣ, କେନାଲ ମରାମତି, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ଜଙ୍ଗଲ ଜମିପଟ୍ଟା, ବିପିଏଲ୍ ପରିବାରକୁ ବିଜୁଳି ସଂଯୋଗ, ପଥପାର୍ଶ୍ୱ ଆଲୋକୀକରଣ, ରାସ୍ତା ନିର୍ମାଣ, ଫସଲରେ ମାଟିଆଗୁଣ୍ଡି ପୋକ ଲାଗି ଚକଡ଼ା ରୋଗ, ମରୁଡ଼ି ଜନିତ ଫସଲ ନଷ୍ଟ ଓ ଘରଡିହ ଯୋଗାଣ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଜନସାଧାରଣ। ଶିବିରରେ ଏସ୍‌ପି ଅନୁପମା ଜେମ୍ସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ବିଡିଓଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ

ଦେବଗଡ଼,୩।୧୨(ସ୍ୱ.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ଅଧ୍ୟକ୍ଷତାରେ ସହରର ନୀଳବରେଣି ସାହିସ୍ଥିତ କୁଷ୍ଠାଶ୍ରମରେ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲା ଜଜ୍ ତୋଷ କୁଷ୍ଠାଶ୍ରମରେ ଥିବା ଅଭାବ ଅସୁବିଧା ପର୍ଯ୍ୟବେକ୍ଷଣ କରିବା ସହ ସେଗୁଡ଼ିକର ସମାଧାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଜିଲା କୁଷ୍ଠ ପରାମର୍ଶଦାତା ବୀରେନ୍ଦ୍ର ମହାପାତ୍ର ଓ ଡିପିଏମ୍ ମନୋରଞ୍ଜନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଶୀତବସ୍ତ୍ର, ଖାଦ୍ୟ ଓ ଫଳ ବଣ୍ଟନ କରାଯାଇଥିଲା।

## ସରକାରୀ ବସ୍ ସେବା ଠପ୍

ପଦ୍ମପୁର, ୩।୧୨ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଜୋନ୍‌ରୁ ସରକାରୀ ବସ୍ ଚଳାଚଳ ଶନିବାରଠାରୁ ବନ୍ଦ ରହିଛି । କର୍ମଚାରୀ ଦରମା ପାଇ ନ ଥିବା ଅଭିଯୋଗ କରି କାର୍ଯ୍ୟରେ ଯୋଗଦେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ଏଠାକାର କର୍ମଚାରୀ ବିଭିନ୍ନ ଦାବି ନେଇ ବସ୍ ଚଳାଚଳକୁ ବନ୍ଦ କରୁଥିବା ଦେଖାଯାଉଛି। ପୂର୍ବରୁ ମଧ୍ୟ ଏକ ମାସ ଧରି ଏଠାରେ ବସ୍ ଚଳାଚଳ ବନ୍ଦ ରହିଥିଲା । ଫଳରେ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାଆସିବାରେ ଅସୁବିଧା ଭୋଗିଥିଲେ ।

## ହକିରେ କେଲଡା, ଭଲିବଲରେ ସରୁଆଳି ବିଜୟୀ

ବାରକୋଟ, ୩।୧୨ (ଡି.ଏନ.ଏ.)

ଦେବଗଡ଼ ଜିଲା ବରକୋଟ ବ୍ଲକ ଡଂରା ହାଇସ୍କୁଲ ଖେଳପଡିଆ ପ୍ରାଙ୍ଗଣରେ ୩ ଦିନିଆ ହକି ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ବିଡିଓ ଟୁନୁ ମେହେର, ଉପାଧ୍ୟକ୍ଷ ହରମୋହନ ପାଣି, ଡଂରା ସରପଞ୍ଚ ହରିହର ସାହୁ, ସ୍ୱପ୍ନେଶ୍ୱର ନାୟକ, କ୍ଷିତିଶଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ । ୬ଟି ହକି ଦଳ ଏବଂ ୧୮ଟି ଭଲିବଲ ଦଳ ଭାଗ ନେଇଛନ୍ତି। ପ୍ରଥମ ଉଦ୍‌ଘାଟନୀ ହକି ମ୍ୟାଚ ରମ୍ଭେଇ ଓ କେଲଡା ମଧ୍ୟରେ ହୋଇଥିଲା। ରମ୍ଭେଇ ଦଳକୁ ଟାଇବ୍ରେକରରେ ହରାଇ କେଲଡା ୮-୭ ଗୋଲରେ ବିଜୟ ହୋଇଥିଲା । ସେହିପରି ଭଲିବଲ ଖେଳରେ ବସାଲଇ ଦଳକୁ ସରୁଆଳି ଦଳ ୨-୧ ସେଟରେ ପରାସ୍ତ କରିଥିଲା । ଜୟନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଶ୍ୱନାଥ ସାହୁ, ସାଗର ଦାସ, ଘନଶ୍ୟାମ ମହାନ୍ତ, ଝସଧର ଧଳ, ତପନ ସାହୁ ପ୍ରମୁଖ ଖେଳ ପରିଚାଳନା କରୁଛନ୍ତି। ଲଳିତ ପାଳ, ସନ୍ତୋଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।




ହକି ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଭିମ୍‌ସାରରେ ଆଇନ ସଚେତନତା ଶିବିର

ସମ୍ବଲପୁର,୩।୧୨(ବ୍ୟୁରୋ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁର୍ଲା ଭୀମସାରଠାରେ ବିଶ୍ୱ ଭିନ୍ନକ୍ଷମ ଦିବସ ଓ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭିମସାର ନିର୍ଦ୍ଦେଶକ ଡା. ଅଶ୍ୱିନୀ କୁମାର ପୂଜାହାରୀ, ଡା. ଭାବଗ୍ରାହୀ ରଥ, ପ୍ରଶାସନିକ ଅଧିକାରୀ ନିହାରରଞ୍ଜନ ଦାଶ, ସହକାରୀ ପ୍ରଫେସର ଡା. ବିରେନ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରେ ଭିନ୍ନକ୍ଷମମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ।




ସୋମବାର ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସରେ ଅତିଥି ଓ କର୍ମକର୍ତ୍ତା ।

## ପାଣି ପାଇଁ ଶ୍ରେଣୀ ବର୍ଜନ

ଦେବଗଡ଼,୩।୧୨(ସ୍ୱ.ପ୍ର.)

ଦେବଗଡ଼ ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଗତ ସପ୍ତାହ ହେଲା ଛାତ୍ରୀଛାତ୍ର ପାଣି ପାଇପାରୁ ନାହାନ୍ତି। ଏହାର ପ୍ରତିବାଦରେ ସୋମବାର ସେମାନେ ଶ୍ରେଣୀ ବର୍ଜନ କରିଛନ୍ତି। ନିତ୍ୟକର୍ମ ପାଇଁ ଓଭରହେଡ୍ ଟାଙ୍କିରେ ଆବଶ୍ୟକ ପାଣି ମହଜୁଦ ରହୁ ନ ଥିବାରୁ ଛାତ୍ରୀଛାତ୍ର ସ୍ନାନ ଶୌଚାଦି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ଦାବି ଅନୁସାରେ ଏକ ପାଣିଟାଙ୍କି ବ୍ୟବସ୍ଥା କରାଯାଇଥିଲେ ମଧ ତାହା ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଜଗଦୀଶ ପାତ୍ରଙ୍କୁ ପଚାରିବାରୁ ସେ କହିଲେ ୪୪୮ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ପାଇଁ ୨/୩ଟି ବୋର୍‌ୱେଲରୁ ଓଭରହେଡ୍ ଟାଙ୍କିକୁ ପାଣି ଉଠାଯାଉଛି। ତେବେ କିଛି ନଳକୂପରୁ ଆଇରନ୍‌ଯୁକ୍ତ ପାଣି ବାହାରୁଛି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଣି ଏହି ଆଇରନ୍‌ଯୁକ୍ତ ପାଣି ଯୋଗାଇ ଦିଆଯାଉନାହିଁ। ବାହାରୁ ଟ୍ୟାଙ୍କର ଦ୍ୱାରା ଆବଶ୍ୟକତା ପୂରଣ କରାଯାଉଛି। ଖୁବଶୀଘ୍ର ନୂଆ ନଳକୂପ ଖୋଳାଯାଇ ପାଣି ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।



ଶ୍ରେଣୀ ବର୍ଜନ କରି ଛାତ୍ରମାନେ ପ୍ରତିବାଦ କରୁଛନ୍ତି।



ଦୁଃଖର ଅନ୍ୟନାମ ଅସନ୍ତୋଷ, ସୁଖର ଅନ୍ୟନାମ ସନ୍ତୋଷ, ସେଥିପାଇଁ ସୁଖରେ ରହିବାକୁ ଇଚ୍ଛା କରୁଥିବା ଲୋକ ସନ୍ତୁଷ୍ଟ ରହିବା ଉଚିତ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଜିଲା କଂଗ୍ରେସର ଜନସମ୍ପର୍କ ଅଭିଯାନ

ସମ୍ବଲପୁର,୩।୧୨(ବ୍ୟୁରୋ): ସମ୍ବଲପୁର ଜିଲା କଂଗ୍ରେସ କମିଟିର ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ନେତା ଓ କର୍ମୀମାନେ ସହରର ମନ୍ଦଲିଆ, ଚନ୍ଦନନଗର, କାଳୀମନ୍ଦିର, ମେହେର କଲୋନୀ, ବଙ୍ଗାଲିପଡା, ତିୱାରୀଗଳି ଅଞ୍ଚଳ ବୁଲି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। ଯଶବୀର ସିଂଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ, ଉପସଭାପତି ନିରଞ୍ଜନ ତ୍ରିପାଠୀ, ଜୋନ-୨ ସଭାପତି ଜୟରାମ ବଣିଆଁ ଯୋଗ ଦେଇଥିଲେ । ଏହି ଅଞ୍ଚଳରେ ଦୀର୍ଘ ଦିନ ହେବ ପାନୀୟ ଜଳର ଅଭାବ, ରାସ୍ତାଘାଟ ମରାମତି ହୋଇନାହିଁ । ନୂତନ ଭାବେ ରାସ୍ତା ନିର୍ମାଣ ଯୋଜନା ନାହିଁ । ବିଧବା ଭତ୍ତା ପ୍ରଦାନରେ ଅବ୍ୟବସ୍ଥା, ନଳକୂପ ମରାମତି ହୋଇନାହିଁ। ରାସନକାର୍ଡ ବଣ୍ଟନରେ ସମସ୍ୟା ରହିଛି । ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲା କଂଗ୍ରେସ କମିଟି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କଂଗ୍ରେସ ଜିଲା ସଭାପତି କହିଛନ୍ତି ।

### ହୀରାକୁଦରେ କ୍ରୀଡ଼ା ପ୍ରତିଯୋଗିତା

ସମ୍ବଲପୁର, ୩।୧୨ (ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଅଧୀନ ହୀରାକୁଦର ୧୧ ନଂ.ରେ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ସୁବ୍ରତ କୁମାର ଦଲାଇଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ବିଜେଡି ହୀରାକୁଦ ନଗର ସଭାପତି ଶାନ୍ତନୁ କୁମାର ବଡପଣ୍ଡା ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରହଲ୍ଲାଦ ନାୟକ, ପୂର୍ବତନ କାଉନସିଲର ଶତ୍ରୁଘନ ଭୋଇ, ସତ୍ୟବୀର ପ୍ରଧାନ, ଶାନ୍ତନୁ ସାହୁ, ଦେବେନ୍ଦ୍ର ମିର୍ଦ୍ଧା, ପୁନମ ତାହାଙ୍ଗା, ରାଜେଶ୍ୱରୀ ଛତ୍ରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧାନକିଣାର ପ୍ରଥମ ଦିନରେ ଅଚଳାବସ୍ଥା

## ଖଣ୍ଡୋକଟା ମାର୍କେଟ ୟାର୍ଡରୁ ଗୋଟିଏ ବି ବସ୍ତା ଉଠିଲା ନାହିଁ

କୁଚିଣ୍ଡା,୩।୧୨(ଡି.ଏନ.ଏ)

କୁଚିଣ୍ଡା ଉପଖଣ୍ଡରେ ଧାନ କିଣାର ପ୍ରଥମ ଦିନରୁ ହିଁ ଅବ୍ୟବସ୍ଥା ଦେଖା ଦେଲାଣି । ସୋମବାର ପ୍ରଥମ ଦିନରେ ପାରୁଆଭାଡି ଲ୍ୟାମ୍ପ୍ସ ଅଧୀନରେ ଥିବା ଖଣ୍ଡୋକଟା ମାର୍କେଟ ୟାର୍ଡକୁ ଚାଷୀମାନେ ୯୯୪ ବସ୍ତା ଧାନ ବିକ୍ରି ପାଇଁ ଆଣିଥିଲେ । ଗୋଟିଏ ବି ଧାନ ବସ୍ତା କିନ୍ତୁ ବିକ୍ରି ହୋଇପାରି ନାହିଁ। ଫଳରେ ପଡିଆରେ ଚାଷୀଙ୍କ ଧାନ ବସ୍ତା ପଡି ରହିଛି । କୁଚିଣ୍ଡା ଉପଖଣ୍ଡରେ ଗତ ନଭେମ୍ବର ୨୨ ତାରିଖଠାରୁ ଧାନ କିଣିବା ପାଇଁ ମାର୍କେଟ ୟାର୍ଡ ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ, ମାତ୍ର କୁଚିଣ୍ଡା ଉପଜିଲାପାଳ ଏହାକୁ ଘୁଞ୍ଚାଇ ଦେଇ ଡିସେମ୍ବର ୩ ତାରିଖଠାରୁ ମାର୍କେଟ ୟାର୍ଡ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସୋମବାର ଖଣ୍ଡୋକଟା ମାର୍କେଟ ୟାର୍ଡ ଧାନ କିଣିବାକୁ ଖୋଲା ଯାଇଥିଲା । ୧୧ଜଣ ଚାଷୀ ଛୋଟ ଛୋଟ ଗାଡିରେ ୯୯୪ ବସ୍ତା ଧାନ ଆଣିଥିଲେ । ମାତ୍ର ଆରଏମସି କର୍ମଚାରୀ ପରୀକ୍ଷା ପରେ ଚାଷୀଙ୍କ ଧାନ ଏଫଏକ୍ୟୁ ମାନର ନ ଥିବା ଜଣାପଡିଥିଲା । ଏଣୁ ଧାନ କିଣା ହେଲା ନାହିଁ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଏହାକୁ ନେଇ ଚାଷୀ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୋଟିଏ ବସ୍ତା ବି ଧାନ କିପରି ଏଫଏକ୍ୟୁ ମାନର ହେଲା ନାହିଁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ଏହା ସହିତ ମିଲରମାନେ ଚାଷୀଙ୍କ ବସ୍ତା ଫେରାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



ଖଣ୍ଡୋକଟା ମାର୍କେଟ ୟାର୍ଡ ପଡିଆରେ ଚାଷୀଙ୍କ ଧାନ ବସ୍ତା ପଡି ରହିଛି ।

## ଜିଲାପାଳଙ୍କ ନିର୍ଦ୍ଦେଶରେ ଟାଙ୍ଗରକେଲାରେ ଖୋଲିଲା ମଣ୍ଡି

ରେଙ୍ଗାଲି, ୩।୧୨ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଟାଙ୍ଗରକେଲା ପଞ୍ଚାୟତରେ ଗତ ୧ତାରିଖ ଶନିବାର ଧାନ ମଣ୍ଡି ଖୋଲିଛି। ସ୍ଥାନୀୟ ଅଞ୍ଚଳବାସୀ ସୋମବାର ଏଥିଲାଗି ଜିଲାପାଳ ସମର୍ଥ ବର୍ମାଙ୍କୁ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି। ପୂର୍ବତନ ବ୍ଲକ ଉପାଧକ୍ଷ କିରଣ ବେହେରା, ଟାଙ୍ଗରକେଲା ସମବାୟ ସମିତିର ସଭାପତି ରାଜେଶ ପ୍ରଧାନ, ଗଜିନ ଓରାମ, ବାବଲୁ ରାଉତ, ପ୍ରଫୁଲ୍ଲ ପାତ୍ର, କାହ୍ନୁ ମିଶ୍ର ପ୍ରମୁଖଙ୍କ ସହ ବହୁ ଚାଷୀ ଜିଲାପାଳଙ୍କୁ ସାକ୍ଷାତ କରି କୃତଜ୍ଞତା ଜ୍ଞାପନ କରିଥିଲେ । ନଭେମ୍ବର ୨୪ରେ ରେଙ୍ଗାଲି ଉପାଧକ୍ଷ କିରଣ ବେହେରାଙ୍କ ନେତୃତ୍ୱରେ ଅଞ୍ଚଳର ବହୁ ଚାଷୀ ଧାନ ବିକ୍ରି ସମସ୍ୟାକୁ ନେଇ ଟାଙ୍ଗରକେଲା ପଞ୍ଚାୟତରେ ଧାନମଣ୍ଡି ଖୋଲିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରି ଦାବିପତ୍ର ଦେଇଥିଲେ । ଟାଙ୍ଗରକେଲା ପଞ୍ଚାୟତର ଖୁଣ୍ଟପାଲି, ଖରସାଡେରା, ଅଇଁଲାମାଲ, ଦୁଦୁରାପାଲି, କାଣିବନ୍ଧଲି ଆଦି ଗ୍ରାମ ଗୁଡିକ ସହ ଅନ୍ୟ ପଞ୍ଚାୟତର ଚାଷୀମାନେ ଧାନ ବିକିବାକୁ ପ୍ରାୟ ୧୦ କି.ମି. ଦୂର ଧନକଉଡା ବ୍ଲକ ପରମାଣପୁର ମାର୍କେଟୟାର୍ଡକୁ ଯାଉଥିଲେ। ଏହାଦ୍ୱାରା ଧାନ ଠିକ ସମୟରେ ପହଞ୍ଚି ପାରୁ ନ ଥିଲା। ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଟାଙ୍ଗରକେଲା ପଞ୍ଚାୟତର ମଣ୍ଡି ଖୋଲିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଚାଷୀଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ଶନିବାର ଧାନମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଛି।

### ଧାନ ଗାଡ଼ି ରଖି ଟୋଲପ୍ଲାଜାକୁ ଜାମ୍ କରିଦେଲେ ଚାଷୀ

ରେଙ୍ଗାଲି,୩।୧୨(ଡି.ଏନ.ଏ.)

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ପ୍ରଧାନପାଲି ନିକଟରେ ଥିବା ଟୋଲପ୍ଲାଜାକୁ ସୋମବାର ଚାଷୀମାନେ ଦେଢ଼ଘଣ୍ଟା ଧରି ଜାମ କରିଥିଲେ। କିଲାସମା ଗ୍ରାମର ଚାଷୀମାନେ ଧାନ ବିକିବା ପାଇଁ ଶାସନସ୍ଥିତ ମାର୍କେଟ ୟାର୍ଡକୁ ନେଇଥାନ୍ତି । ଏହି ରାସ୍ତାରେ ଟୋଲପ୍ଲାଜାରେ ଧାନ ଗାଡି ଗୁଡିକର ଟୋଲ ଟ୍ୟାକ୍ସ ନ ଦେବା ଦାବିରେ ପ୍ରାୟ ଦେଢ଼ ଘଣ୍ଟା ଧରି ଟୋଲ ପ୍ଲାଜାକୁ ଚାଷୀମାନେ ବନ୍ଦ କରିଥିଲେ। ସମ୍ବଲପୁର ଜିଲା ପ୍ରଶାସନ ନିର୍ଦ୍ଦେଶରେ ୪୦୭, ପିକଅପ୍ ଓ ଟ୍ରାକ୍ଟର ଗୁଡିକୁ ଟୋଲମୁକ୍ତ କରିବାର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାନ ବିକିବାକୁ ଶାସନ ମାର୍କେଟ ୟାର୍ଡକୁ ଯାଇଥିଲେ ।

## ରେଢ଼ାଖୋଲ ଉପଖଣ୍ଡ: ପ୍ରଥମ ଦିନରେ ୧୫୮୨ ବସ୍ତା ଧାନ ସଂଗ୍ରହ

ରେଢ଼ାଖୋଲ, ୩।୧୨(ଡି.ଏନ.ଏ.)

ରେଢ଼ାଖୋଲ ଉପଖଣ୍ଡ ଅଧୀନରେ ଥିବା ୧୫ଟି ଧାନ ମଣ୍ଡିରେ ଡିସେମ୍ବର ୧ ତାରିଖରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର କିନ୍ତୁ ପ୍ରଥମ କରି ଚାଷୀ ମଣ୍ଡିକୁ ଧାନ ଆଣିଛନ୍ତି। ଚାରମାଳ, ବଡମାଳ, ବଡବାହାଲ ଓ କିସିଣ୍ଡା ଆଦି ୪ଟି ମଣ୍ଡି ମଧ୍ୟରୁ କେବଳ ଚାରମାଳ ମଣ୍ଡିରେ ୬ ଜଣ ଚାଷୀଙ୍କଠାରୁ ୧୫୮୨ ବସ୍ତା ଧାନ କ୍ରୟ କରାଯାଇଛି। ଚଳିତ ବର୍ଷ ରେଢ଼ାଖୋଲ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଭଲ ବର୍ଷା ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ବର୍ଷାର ଅନିୟମିତତା ସାଙ୍ଗକୁ ମାଟିଆଗୁଣ୍ଡି ପୋକ ଓ ହାତୀ ଉପଦ୍ରବ ଯୋଗୁ ଚାଷୀ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। କିସିଣ୍ଡା, ଗିରିଶ୍ଚନ୍ଦ୍ରପୁର, ରେଙ୍ଗାଲି, ବଡମାଳ ଆଦି କେତେକ ପଞ୍ଚାୟତର ଚାଷୀ ମରୁଡି ଘୋଷଣା ପାଇଁ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ୧୩ କୁଇଣ୍ଟାଲ ବଦଳରେ ୮ କୁଇଣ୍ଟାଲ ଧାନ ଚାଷୀମାନଙ୍କଠାରୁ ସଂଗ୍ରହ କରାଯିବାକୁ ଦାବି ମଧ୍ୟ କରାଯାଇଥିଲା। ଗତ ବର୍ଷ ଉପଖଣ୍ଡରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ମଣ୍ଡିଗୁଡିକରେ ଦଲାଲଙ୍କ ସକ୍ରିୟତା ଯୋଗୁ ବାହାର ଅଞ୍ଚଳରୁ ଧାନ ସଂଗ୍ରହ କରି ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଦଲାଲମାନେ ଚାଷୀମାନଙ୍କଠାରୁ ପରିଚୟ ପତ୍ର ସଂଗ୍ରହ କରି ବାହାର ଅଞ୍ଚଳର ଧାନ ଆଣି ମଣ୍ଡି ଗୁଡିକରେ ବିକ୍ରି କରିବା ଯୋଗୁ ମରୁଡି ପରିସ୍ଥିତି ସତ୍ତ୍ୱେ କେତେକ ମଣ୍ଡିରେ ଆବଶ୍ୟକ ପରିମାଣର ଧାନ ସଂଗ୍ରହ ହୋଇଥିଲା। ଚଳିତ ବର୍ଷ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବାହାର ଧାନକୁ କ୍ରୟ କରାଯିବା ଦିଗରେ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହୋଇଛି।

# ମାହେଶ୍ୱରୀ ଖମ୍ବ ନବକଳେବର ପାଇଁ କାଠ ପହଞ୍ଚିଲା



ଶାଳକା ଓ ମାହେଶ୍ୱରୀ ଖମ୍ବ ତିଆରି କରିବା ପାଇଁ ସାହାଜବାହାଲରୁ ରୋହେନ ଓ ମହୁଲ ଗଛ କାଟି ଭାରରେ ବୁହାଯାଉଛି ।

ଅତାବିରା/ବୁର୍ଲା, ୩।୧୨ (ଡି.ଏନ.ଏ)

ଡୁମ୍ବାଳ ସମାଜର ଇଷ୍ଟଦେବୀ ଉମା ମାହେଶ୍ୱରୀ ଖମ୍ବ ନବକଳେବର ପାଇଁ ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଗ୍ରାମର ଶତାଧିକ ପୁରୁଷ ଶାଳକାବାଡି ଓ ମାହେଶ୍ୱରୀ ଖମ୍ବ ସନ୍ଧାନ ପାଇଁ ଶନିବାର ଏକ ବିରାଟ ପଦଯାତ୍ରାରେ ବାହାରିଥିଲେ। ସେମାନେ ସମ୍ବଲପୁର ଜିଲା ବସନ୍ତପୁର ନିକଟସ୍ଥ ସାହାଜବାହାଲ ଗାଁ ନିକଟସ୍ଥ ଜମିରୁ ହୋହେନ ଓ ମହୁଲ ଗଛ ପୂଜାର୍ଚ୍ଚନା କଲା ପରେ ରବିବାର ସନ୍ଧ୍ୟାରେ ପୁଣି ସେହି ରୋହେନ ଓ ମହୁଲ ଗଛ ଗଣ୍ଡି (ଶାଳକା ବାଡି ଓ ମାହେଶ୍ୱରୀ ଖମ୍ବ ତିଆରି ପାଇଁ ଉଦ୍ଦିଷ୍ଟ ) ଗଛକୁ ଭାରରେ ବୋହି ଗାଁକୁ ଆଣିଥିଲେ। ପଣ୍ଡିତ ଶଶିଭୂଷଣ ଶତପଥି ହୋମଯଜ୍ଞ କରିଥିଲେ । ସନ୍ତୋଷ ମହାକୁର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗମ୍ଭାରୀପାଲି ଆଞ୍ଚଳିକ ଡୁମ୍ବାଳ ସମାଜ ସଭାପତି ନରେନ୍ଦ୍ର ନାୟକ, ପ୍ରତୁଲ୍ୟ କର୍ଣ୍ଣ, ଶୁଶିଲ ପ୍ରଧାନ, ଲୋକନାଥ କ୍ଷେତି, ହରିହର ଦନ୍ତା, କୃଷ୍ଣ ଚନ୍ଦ୍ର ମହାକୁର, ବରୁଆ ପ୍ରମୁଖ ସହଯୋଗ କରିଥିଲେ । ଦୀର୍ଘ ୪୪ ବର୍ଷ ପରେ ଉମା ମାହେଶ୍ୱରୀ ମନ୍ଦିରର ଶାଳକା ଓ ଖମ୍ବ ନବକଳେବର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତା ଚୈତ୍ର ମାସରେ ଶାଳକା ଓ ମାହେଶ୍ୱରୀ ଖମ୍ବ ବିଧି ଅନୁଯାୟୀ ନିର୍ମାଣ କଲାପରେ ପୁରୁଣା ଶାଳକା ଓ ଖମ୍ବକୁ ବିସର୍ଜନ କରାଯିବ । ପରେ ନୂଆ ଶାଳକାବାଡି ଓ ମାହେଶ୍ୱରୀ ଖମ୍ବକୁ ମନ୍ଦିରକୁ ପ୍ରବେଶ କରାଯିବ ବୋଲି କର୍ତ୍ତା ସନ୍ତୋଷ ମହାକୁର କହିଥିଲେ ।



ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମରେ ସାହୁ ପରିବାର ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି ।

## ଯୁଯୁମୁରାର ବିଭିନ୍ନ ଗ୍ରାମରେ ୫୩୦ କମ୍ବଳ ବଣ୍ଟନ

ସମ୍ବଲପୁର,୩।୧୨(ବ୍ୟୁରୋ)

ସମ୍ବଲର ଜିଲା ଯୁଯୁମୁରା ବ୍ଲକ୍ ଡଙ୍ଗାପାଳ, ଫଳସାଖୁଲିଆ, ବ୍ରହ୍ମଣୀନାଳା ପ୍ରଭୃତି ଗ୍ରାମରେ ୫୩୦ଟି କମ୍ବଳ ଓ ୬୫ ଧୋତି ବଣ୍ଟନ କରାଯାଇଛି । ବଲାଙ୍ଗୀର ଜିଲା ବ୍ରାହ୍ମଣପଡାର ନିହାରିକା ସାହୁ ଓ ସଞ୍ଜୀବ କୁମାର ସାହୁ ଏହି ବସ୍ତ୍ର ବଣ୍ଟନ କରିଥିଲେ। ଏହା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

## ଏସ୍‌ୟୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ଶୋକ

ସମ୍ବଲପୁର,୩।୧୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ (ଏସ୍‌ୟୁ) ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏସ୍‌ୟୁ ସହ କୁଳସଚିବ ରୂପନାରାୟଣ ଚୌଧୁରୀଙ୍କ ବିୟୋଗରେ ସଂଘ ସଭ୍ୟ ଓ କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଥିଲେ। ସଂଘ ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ପ୍ରଫେସର ସାଧୁଚରଣ ପଣ୍ଡା, କିଶୋର ନନ୍ଦ, ଯୁଗିନ୍ଦ୍ର କୁମାର ସାହୁ, ତ୍ରିବିକ୍ରମ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀମନ୍ତଭୂଷଣ ପୃଷ୍ଟେଠ ପ୍ରମୁଖ ଚୌଧୁରୀଙ୍କ ସ୍ମୃତିଚାରଣ କରିଥିଲେ ।

## ପ୍ରଥମ ଇଷ୍ଟଜୋନ୍ ପେନଚାକ ସିଲାଟ୍ ଚାମ୍ପିୟନଶିପ୍

# ଓଡ଼ିଶା ଓଭରାଲ୍ ଚାମ୍ପିୟନ

ସମ୍ବଲପୁର,୩।୧୨(ବ୍ୟୁରୋ)

ପ୍ରଥମ ଇଷ୍ଟଜୋନ୍ ପେନଚାକ୍ ସିଲାଟ୍ ଚାମ୍ପିୟନଶିପ୍-୨୦୧୮ରେ ଓଡିଶା ଦଳ ଓଭରାଲ୍ ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ପଶ୍ଚିମବଙ୍ଗ ପ୍ରଥମ ରନର୍ସ ଅପ୍ ଓ ବିହାର ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ବୁର୍ଲା ନିକଟରେ ପେନଚାକ୍ ସିଲାଟ୍ ରାଜ୍ୟ ସଂଘ ସଭାପତି ସୁରଜ ଲାମାଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ମୁଖ୍ୟଅତିଥି, ପ୍ରଫେସର ପି.କେ. ଦାସ, ପ୍ରଫେସର ଏସ.କେ. ସ୍ୱାଇଁ, ଜିଲା କ୍ରୀଡା ସଂଘ ଆଥଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ । ଉପସଭାପତି ରବୀନ୍ଦ୍ର ଚୌଧୁରୀ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ପ୍ରେମସିଂ ଥାପା ସୂଚନା ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ଓଡିଶା, ପଶ୍ଚିମବଙ୍ଗ, ଛତିଶଗଡ, ବିହାର ଓ ଝାରଖଣ୍ଡ ଜିଲାର ୨୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ମୁଖ୍ୟ ବିଚାରକ ଭାବେ ମଧ୍ୟପ୍ରଦେଶର ଅଭୟ ଶ୍ରୀବସ୍ତ ଯୋଗ ଦେଇଥିଲେ ।




ପେନଚାକ୍ ସିଲାଟ୍ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ସମ୍ବଲପୁର,୩।୧୨(ବ୍ୟୁରୋ)

**ଦୁର୍ଘଟଣା**
- ହମ୍ପସ୍, ସ୍ପିଡ୍ ବ୍ରେକର ପାଇଁ ଦାବି
- ରେଡକ୍ରସରୁ ୧୦ ହଜାର ଟଙ୍କା ପ୍ରଦାନ
- ୨ ଘଣ୍ଟା ରାସ୍ତା ଅବରୋଧ, ଉତ୍ତେଜନା

ସମ୍ବଲପୁର ସଦର ଥାନା ଅଧୀନ କେନ୍ଦୁଘାଟି ନିକଟରେ ଦୁର୍ଘଟଣାରେ ତାଲପାଲି ଗ୍ରାମର ଶଙ୍କର ହରୀ (୩୬)ଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏହାପରେ ଶଙ୍କରଙ୍କୁ ଜିଲା ସଦରଡାକ୍ତର ଖାନାକୁ ନେଇଥିଲା। ସେଠାରେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସଦର ଡାକ୍ତରଖାନା ଫ୍ରିଜରରେ ରଖିଛି। ତେବେ ଶଙ୍କରଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ତାଲପାଲି ଗ୍ରାମବାସୀ ଗାଁ ଛକରେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗାଁ ଛକରେ ହମ୍ପସ୍, ସ୍ପିଡ୍ ବ୍ରେକର ଲାଗି ଲୋକେ ଦାବି କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଧରିବାକୁ ଦାବି କରିଥିଲେ। ମାନେଶ୍ୱର ତହସିଲଦାର ଧୃବରାଜ ଦେହୁରୀ ଓ ସଦରଥାନା ଅଧିକାରୀ ସୁରେଶ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା । ଗ୍ରାମ ଛକରେ ଯାତାୟତ କରୁଥିବା ଗାଡିର ଗତି କମାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ହକି ବିଶ୍ୱକପ୍ ଦେଖିବାକୁ ଗଲେ ସ୍କୁଲ ଛାତ୍ରୀଛାତ୍ର

ସମ୍ବଲପୁର, ୩।୧୨(ବ୍ୟୁରୋ)

ହକି ବିଶ୍ୱକପରେ ଭାରତୀୟ ଦଳର ମ୍ୟାଚ ଦେଖିବାକୁ ସମ୍ବଲପୁରରୁ ଛାତ୍ରଛାତ୍ରୀ ଭୁବନେଶ୍ୱର ଗସ୍ତ କରିଛନ୍ତି। ବିକାଶ ସ୍କୁଲ ଛାତ୍ରୀଛାତ୍ର ଏକ ବସ୍‌ରେ ଭୁବନେଶ୍ୱର ଯାଇଛନ୍ତି । ଜିଲାପାଳ ସମର୍ଥ ବର୍ମା ଏହି ବସ୍‌ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମଙ୍ଗଳବାର ମଧ୍ୟ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ହକି ବିଶ୍ୱକପ୍ ଦେଖିବାକୁ ଭୁବନେଶ୍ୱର ଯିବେ।




ଜିଲାପାଳ ସମର୍ଥ ବର୍ମା ବିଶ୍ୱ କପ୍ ପୁରୁଷ ହକି ଦେଖିବାକୁ ଯାଉଥିବା ୧ଶହ ସ୍କୁଲ ଛାତ୍ରୀଛାତ୍ରଙ୍କ ଯାତ୍ରା ଶୁଭାରମ୍ଭ କରୁଛନ୍ତି।

## ଫଟୋରେ ଖବର




ହାଇକୋର୍ଟ ବେଞ୍ଚ ଦାବିରେ ସୋମବାର ସମ୍ବଲପୁର କଚେରି ଛକଠାରେ ଆଇନଜୀବୀମାନେ ରିଲେ ଆମରଣ ଅନଶନରେ ବସିଛନ୍ତି ।



ସୋମବାର ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରୁଛନ୍ତି ।



❝ ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ନର**



@ ପ୍ରୀତିମୟୀ



@ ରାଜେନ୍ଦ୍ର



@ ପ୍ରବୀର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ନିର୍ଦ୍ଦେଶକଙ୍କୁ ବିରୋଧ କରି ଫସିଗଲେ ଜୁନିୟର ଡାକ୍ତର

**ସମ୍ବଲପୁର,୩।୧୨(ବ୍ୟୁରୋ)**–ସମ୍ବଲପୁର ବୁର୍ଲା ଭିମସାରର କନିଷ୍ଠ ଡାକ୍ତରମାନେ ୧୫ ଦିନ ହେଲା ଆନ୍ଦୋଳନ ଅଛନ୍ତି। ବିଭିନ୍ନ ଦାବି ସହ ନିର୍ଦ୍ଦେଶକଙ୍କୁ ହଟାଇବାକୁ ଜିଦ୍ ଧରିଛନ୍ତି ଏମାନେ। ହେଲେ ଏହା ଏବେ ଏମାନଙ୍କୁ ମହଙ୍ଗା ପଡିଛି। ଆକ୍ରୋଶର ଶିକାର ହୋଇଛନ୍ତି ଏହି କନିଷ୍ଠ ଡାକ୍ତରମାନେ। ଏମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଚରା ଏବେ ଫସି ଯାଇଛନ୍ତି। ତେବେ ଏମାନଙ୍କ ଆନ୍ଦୋଳନ ଯୋଗୁ ଏଠାରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି।

ଭିମସାର ନିର୍ଦ୍ଦେଶ ଅଶ୍ୱିନୀ ପୂଜାରୀ ଏମାନଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜୁନିୟର ଡାକ୍ତରଙ୍କ ଉପରେ ନୋ ୱାର୍କ ନୋ ପେ ନିୟମ ଲଗାଯାଇଛି। କାମରେ ଅନୁପସ୍ଥିତ ଅଭିଯୋଗ ଅଣାଯାଇ ଏମାନଙ୍କ ଷ୍ଟାଇପେଣ୍ଡ ବନ୍ଦ କରି ଦିଆଯାଇଛି। କଲେଜ ଅଧ୍ୟକ୍ଷ ବ୍ରଜ ମୋହନ ମିଶ୍ର କହିଛନ୍ତି ଯେ ଭୀମସାର ସମସ୍ୟା ସମ୍ପର୍କରେ ଶୃଙ୍ଖଳା କମିଟି ଓ ସମସ୍ତ ବିଭାଗ ମୁଖ୍ୟଙ୍କୁ ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ସର୍ବସମ୍ମତି କ୍ରମେ କାର୍ଯ୍ୟରେ ଅନୁପସ୍ଥିତ ଜୁନିୟର ଡାକକ୍ତରଙ୍କ ଷ୍ଟାଇଫେଣ୍ଡ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଜୁନିୟର ଡାକ୍ତର ସଂଘ ଉପସଭାପତି ହିମାଂଶୁ ମିଶ୍ର କହିଛନ୍ତି ଯେ, ଏହି ଘଟଣା ଉପରେ ଶୀଘ୍ର ବୈଠକ ହୋଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ ଭିମ୍‌ସାର ନିର୍ଦ୍ଦେଶକ ପୂଜାହାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ହୋଇ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ଓ ବିଭିନ୍ନ ସମସ୍ୟା ନେଇ ଜୁନିୟର ଡାକ୍ତରମାନେ ନଭେମ୍ବର ୧୭ ତାରିଖଠାରୁ ଆନ୍ଦୋଳନ କରୁଛନ୍ତି। ଅନ୍ୟପଟେ ଜୁନିୟର ଡାକ୍ତରଙ୍କ ସମସ୍ୟା ଉପରେ ନିର୍ଦ୍ଦେଶକ ପୂଜାହାରୀ ସରକାରଙ୍କ ପାଖକୁ ଚିଠି ଲେଖିଛନ୍ତି। ଅଭିଯୋଗ ଉପରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ବିଭୂତି ଭୂଷଣ ଦାସ, ଶରତଚନ୍ଦ୍ର ମିଶ୍ର, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ, ଉମାକାନ୍ତ ଶତପଥୀଙ୍କୁ ନେଇ ଗଠିତ ୪ ଜଣିଆ ଟିମ୍ ଯାଞ୍ଚ କରି ଫେରିଛନ୍ତି। ଟିମ୍ ପ୍ରଥମେ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ଭେଟି ଆଲୋଚନା କରି ରିପୋର୍ଟ ସଂଗ୍ରହ କରିଥିଲେ। ପରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ, ସେବିକା ସଂଘକୁ ଭେଟି ମତ ସଂଗ୍ରହ କରଥିଲା।

## ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିବେ ଜୁନିୟର ଡାକ୍ତର

**ସମ୍ବଲପୁର, ୩।୧୨(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିମ୍‌ସାରରେ ଜୁନିୟର ଡାକ୍ତର ସଂଘର ୫ ଜଣିଆ ଟିମ୍ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭେଟିବେ। ସଂଘ ସଭାପତି ଦେବବ୍ରତ ରାଏ, ଉପସଭାପତି ହିମାଂଶୁ ମିଶ୍ର, ଶ୍ରଦ୍ଧା ଦାଶ, ବିଶ୍ୱଜିତ ମହାନ୍ତିଙ୍କ ସମେତ ଅନ୍ୟ ଜଣେ ସଦସ୍ୟ ଏଥିଲାଗି ଭୁବନେଶ୍ୱର ଯାଇଛନ୍ତି। ଏମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଆଲୋଚନା କରିବେ। ଏହା ସହ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଥ୍ୟ ପ୍ରମାଣ ଦାଖଲ କରିବେ।

# ପୋଲିସ ପ୍ରତି ଭିଜିଲାନ୍ସର ଅନୁକମ୍ପା

- ପଞ୍ଚାୟତିରାଜ, ରାଜସ୍ୱ ବିଭାଗ କର୍ମଚାରୀଙ୍କ ବିରୋଧରେ ସର୍ବାଧିକ ମାମଲା
- ୩ ବର୍ଷରେ ଧରାପଡିଛନ୍ତି ମାତ୍ର ୧୧ ପୋଲିସ କର୍ମଚାରୀ
- କୋର୍ଟରେ ୮୦୪ ମାମଲା ଗଡୁଛି

**ସମ୍ବଲପୁର,୩।୧୨(ବ୍ୟୁରୋ)**

ଭିଜିଲାନ୍ସ ବିଭାଗ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଏକ ଅଙ୍ଗ। ଏହି ବିଭାଗର ନାମ ଶୁଣିଲେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ନେତା ଏବଂ ସରକାରୀ ବାବୁମାନଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା, ବିଭାଗୀୟ ଦୁର୍ନୀତି, ଲାଞ୍ଚ ନେବା ଦେବା ସମୟରେ ଏହି ବିଭାଗ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବାରେ ଏହି ବିଭାଗର ମୁଖ୍ୟ ଦାୟିତ୍ୱ ରହୁଛି। ହେଲେ ଏହି ବିଭାଗର କାର୍ଯ୍ୟକୁ ନେଇ ଏବେ ସାଧାରଣରେ ଅଭିଯୋଗ ଉଠିଛି। ପଞ୍ଚାୟତିରାଜ ବିଭାଗ ଓ ରାଜସ୍ୱ ବିଭାଗକୁ ଟାର୍ଗେଟ କରି ଏହାର କର୍ମଚାରୀ ଓ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢାଉ କରୁଛି। ପୋଲିସ ବିଭାଗ ଓ ପ୍ରଥମ ଶ୍ରେଣୀ ଅଧିକାରୀଙ୍କୁ କିନ୍ତୁ ଅନୁକମ୍ପା ପ୍ରଦର୍ଶନ କରୁଛି। ଗତ କିଛି ବର୍ଷ ମାମଲାର ରେକର୍ଡ ଦେଖିଲେ ଏହା ସହଜରେ ଅନୁମାନ କରି ହେଉଛି। ଦୁର୍ଘଟଣାଜନିତ ଗାଡି ମୋଟର ଛାଡିବା, ମାମଲାଗୁଡିକ ରଫାଦଫା କରିବା ଭଳି ଅନେକ ଘଟଣାରେ ପୋଲିସ ଟଙ୍କା ନେଉଛି। ହେଲେ ପୋଲିସ ବିରୋଧରେ ଭିଜିଲାନ୍ସ ବିଭାଗ ପଦକ୍ଷେପ ନେବା ଖୁବ୍ କମ୍ ଦେଖାଯାଉଛି। ସରକାରଙ୍କ ଗୃହ ବିଭାଗ ଅଧୀନରେ ଉଭୟ ବିଭାଗ ରହୁଛି। ଏହି ଦୁଇ ବିଭାଗ ମଧ୍ୟରେ ହିଁ ଅଦଳବଦଳ ହୋଇଥାଏ। ସେହି ଦୃଷ୍ଟିରୁ ପୋଲିସ ଓ ଭିଜିଲାନ୍ସ ବିଭାଗ ମଧ୍ୟରେ ମଧୁର ସମ୍ପର୍କ ରହିଥିବା ଅଭିଯୋଗ ହୋଇଛି। ଏଣୁ ପୋଲିସ ଉପରେ ଭିଜିଲାନ୍ସ କୋହଳ ମନୋଭାବ ଦେଖାଉଛି। ଭିଜିଲାନ୍ସ କରିଥିବା ମାମଲା ଗୁଡିକର ଶୁଣାଣିରେ ବିଳମ୍ବ ହେଉଛି। ସମ୍ବଲପୁର କୋର୍ଟରେ ୩୭୩ ମାମଲା, ସୁନ୍ଦରଗଡ଼ କୋର୍ଟରେ ୩୨୭ ଓ ବଲାଙ୍ଗୀର କୋର୍ଟରେ ୧୦୪ ମାମଲାକୁ ମିଶାଇ ମୋଟ ୮୦୪ ମାମଲା ଏବେ ବି ବିଚାରାଧୀନ ରହିଛି। ବର୍ଷ ବର୍ଷ ଧରି ମାମଲା କୋର୍ଟରେ ପଡି ରହିଥିବା ବେଳେ ବିଭିନ୍ନ କାରଣରୁ ଶୁଣାଣି ହୋଇପାରୁନାହିଁ। ୨୦୧୬-୧୭ରେ ସମ୍ବଲପୁର ଭିଜିଲାନ୍ସ ମୁଖ୍ୟାଳୟ ଅଧୀନ ବିଭିନ୍ନ ସର୍କଲରେ ମୋଟ ୧୨୮ ମାମଲା ରୁଜୁ ହୋଇଥିଲା। ସେଥିରୁ ପଞ୍ଚାୟତିରାଜ ବିଭାଗର ସର୍ବାଧିକ ୨୫ ମାମଲା ହୋଇଥିବା ବେଳେ ଗୃହବିଭାଗର ମାତ୍ର ୫ଟି ମାମଲା ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ, କୃଷି, ଉଦ୍ୟାନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ସମବାୟ, ବିଦ୍ୟୁତ ପ୍ରମୁଖ ବିଭାଗରୁ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡିଛନ୍ତି। ୨୦୧୬-୧୭ରେ ମାତ୍ର ୫ ପୋଲିସ କର୍ମଚାରୀ ଧରାପଡିଛନ୍ତି। ୨୦୧୭-୧୮ରେ ପଞ୍ଚାୟତିରାଜ ବିଭାଗରେ ୬୩ ଜଣ କର୍ମଚାରୀ ଭିଜିଲାନ୍ସରେ ପଡିଛନ୍ତି, କିନ୍ତୁ ଗୃହ ବିଭାଗର ମାତ୍ର ୫ ଜଣ ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଧରା ପଡିଛନ୍ତି। ଚଳିତବର୍ଷର ନଭେମ୍ବର ମାସ ସୁଦ୍ଧା ପଞ୍ଚାୟତିରାଜ ବିଭାଗର ୩୮ ଜଣ ଭିଜିଲାନ୍ସ ଜାଲରେ ଫସିଥିବାବେଳେ ମାତ୍ର ଜଣେ ପୋଲିସ ଅଧିକାରୀଙ୍କୁ ଟଙ୍କା ନେଉଥିବା ସମୟରେ ଗିରଫ କରାଯାଇଛି। ସମ୍ବଲପୁର ସର୍କଲରେ ଏହି ୩ ବର୍ଷରେ ତୃତୀୟ ଶ୍ରେଣୀ କର୍ମଚାରୀ ହିଁ ବେଶି ଧରା ପଡିଛନ୍ତି। ଏହି ୩ ବର୍ଷରେ ମାତ୍ର ୧୧ ଜଣ ପୋଲିସ କର୍ମଚାରୀ ଧରା ପଡିବା ଭିଜିଲାନ୍ସର ଜାତି ପ୍ରେମ ସ୍ପଷ୍ଟ ବାରି ହୋଇ ପଡୁଛି। ଅନ୍ୟପକ୍ଷେ ପ୍ରଥମ ଶ୍ରେଣୀ ଅଧିକାରୀମାନଙ୍କ ଉପରେ ହାତ ଲଗାଇପାରୁନି ଭିଜିଲାନ୍ସ। ତେବେ ଏ ସମ୍ପର୍କରେ ସମ୍ବଲପୁର ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ସ୍ୱରୂପ ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ ଯେ, କାହା ଉପରେ ଅନୁକମ୍ପା ରହେ ନାହିଁ। ଉପଯୁକ୍ତ ତଥ୍ୟ ଓ ଅଭିଯୋଗକାରୀ ମିଳିଲେ ଭିଜିଲାନ୍ସ ଚଢାଉ କରିଥାଏ। ପଞ୍ଚାୟତିରାଜ ଓ ରାଜସ୍ୱ ବିଭାଗ ସିଧାସଳଖ ସାଧାରଣ ଲୋକଙ୍କ ସମ୍ପର୍କରେ ରହି କାମ କରେ। ତେଣୁ ସେମାନଙ୍କ ନାମରେ ଅଭିଯୋଗ ହୋଇଥାଏ। ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ନାମରେ ବହୁତ କମ୍ ଅଭିଯୋଗ ଆସିଥାଏ।


GANGADHAR MEHER UNIVERSITY, SAMBALPUR

No. 5918/GMU 1A-06/2019 Date: 03.12.18

**CORRIGENDUM**

In partial modification to this advertisement No.5854/ GMU dated28.11.2018, the Entrance Test for admission into M. Phil Program of the GMU scheduled to be held on 18.12.2018 is hereby postponed to date 24.12.2018 in view of the UGC NET Examination from 18.12.2018 to 22.12.2018. M.Phil is also opened in Physics with 04 seats.

**Sd./- Registrar**

CUTTACK MUNICIPAL CORPORATION

**Short Tender Call Notice No.5485 (PW)**
**Date: 03.12.2018**

Name & No. of works : Electrical works, 26 Nos.
Bid value : Rs.0.52 lakh to Rs.1.96 lakh
Period of completion : One month
Date and time schedule

| Start | End | Opening |
|---|---|---|
| 11.00 AM on dt.03.12.2018 | 5.00 PM on dt.10.12.2018 | 11.00 AM on dt.11.12.2018 |

Tender details can be seen from the procurement portal : **www.cmccuttack.gov.in**.

**Sd./- Executive Engineer-I**

OFFICE OF THE
MUNICIPAL COUNCIL, SUNABEDA

No.10633 Dt.30.11.18

**QUOTATION CALL NOTICE**

Sealed quotations are invited from the intending Firms / Agency for Catching & relocating of Stray Dog from Sunabeda Municipality area to uninhabited location at least 40kms away. The rate should be quoted inclusive of all Taxes and transportation charges for each dog. The quotations will be received up to **07.12.2018 at 1.00 P.M** and the same will be opened on the same day at **4.00 P.M.** The quotationer or his authorized agent may remain present at the time of opening of quotations. The Quotation received after due date and time will not be entertained . If any allegation came to the notice of the undersigned about death of dog, this office is not held responsible and the legal action will be taken as per wild life rule. The undersigned shall not be responsible, if any kind of inconvenience happens during the period of exercise for catching the stray dogs. The quotations call for a period of 2years w.e.f issue of work order in the approved rate. The undersigned reserves the right to cancel / reject any or all the quotations without assigning any reason thereof.

**Sd./- Executive Officer**
**Sunabeda Municipality**

OFFICE OF THE
DISTRICT MEDICAL & PUBLIC HEALTH OFFICER, SUBARNAPUR

**No.4733** **Dt.: 03.12.18**

**NOTICE**

With reference to the advertisment No.-4460 / dated 13.11.2018 published in the daily Odiya News Papers i.e. "The Samaj & The Dharitri" and in the District website **www.subarnapur.nic.in** for filling up contractual **STAFF NURSE (DP/NBSU/SNCU/KMC) & ANM (DP/ NRC/MHT) under HHM through open advertisement is here by cancelled.**

**Sd./- CDM & PHO-cum-District Mission Director, Subarnapur**

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2343084 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in

**QUOTATION CALL NOTICE**

Ref: 5439/OSIC Date:03.12.2018

Sealed quotations are invited from interested suppliers/ dealers with valid GST Registration and IT PAN for supply of the following materials:

1. Executive Diary, 2019 (Special quality) -100 nos. (Single date Executive size 70 GSM Maplitho paper)
2. Executive Diary, 2019 -1300 nos. (Single date Executive size 70 GSM Maplitho paper)
3. Turkish Towels (Size 30" x 60") -220 nos.
4. Drinking Glasses (Reputed brand) -250 nos.
5. Pen latest Ballpoint Pen with Reynolds make-250 nos.

The bidders should be prepared to deliver the materials to this office complete in all respect by 26th December, 2018 positively. About 15 pages of printed information including some colour photos on OSIC shall be inserted in the diary. The interested bidders may submit their sealed quotations superscribing **"QUOTATION FOR SUPPLY OF DIARIES & OTHER ITEMS"** on the envelope by **1.30 P.M. on or before 07.12.2018** alongwith the samples for minimum 5 varieties of each item at OSIC. The quotation shall be opened **at 3.00P.M. on 10.12.2018** in presence of the bidder or their authorized representatives. The authority reserves the right to accept/ reject any or all quotations without assigning any reason thereof

**MANAGING DIRECTOR**

**TENDER CALL NOTICE**

DISTRICT HEADQUARTER HOSPITAL, DHENKANAL

**Letter No. 3747** **Dt.01.12.18**

Tender is invited from the interested firms & suppliers for supply of Drugs & Medical consumables for the year 2018-19 for Dhenkanal District Health Institution. The detail terms & condition mention in the tender document. The last date for depositing the tender document to the office of the undersigned on or before **19.12.18 upto 12.00 PM** and will be opened on **21.12.18 at 11.00 AM**. The members of the purchase committee will evaluate the bid and finalize suitable firms / suppliers for supply of Drugs & Medical consumables in the office chamber of the undersigned. The detail terms & condition can be downloaded from the NIC website of Dhenkanal.

**Sd./- Chief District Medical & Public Health Officer**
**District- Dhenkanal**

**KALINGA NAGAR DEVELOPMENT AUTHORITY**
KNDA
AT- CHORDA, P.O- F.C.PROJECT, JAJPUR ROAD, DIST.- JAJPUR, PIN-755020
Phone: 06726-223652 (Fax), Mail Id: kndajprd@gmail.com

**No. 909/KNDA** **Date: 10.10.2018**

**NOTIFICATION**

Whereas the draft Zonal Development Plan for Kalinganagar National Industrial & Manufacturing Zone (KNIMZ) area comprising of following 43 villages under the Development Plan Area of KNDA is published herewith as required under Section 12(1) of Odisha Development Authorities Act, 1982 and Rule 12(1) of Odisha Development Authorities Rule, 1983 for inviting objection & suggestion from the public on said Zonal Development Plan within ninety (90) days from the date of publication of this notice. The said draft Zonal Development Plan is available for inspection in the office of the Kalinga Nagar Development Authority located at Stadium Road, Chorda, Jajpur Road on all working days. The same will also be available in KNDA website i.e. kndajprd.nic.in. This is mandatory to mention the full name & detail address along with the objection & suggestion.

| Sl. No. | Mouza | G.P. Name | Tahasil | P.S. No. | Sl. No. | Mouza | G.P. Name | Tahasil | P.S. |
|---|---|---|---|---|---|---|---|---|---|
| 1 | Barasulidihi | Pankapal | Danagadi | 188 | 23 | Khuranti | Sarangapur | Sukinda | 234 |
| 2 | Baghuapal | Salijanga | Danagadi | 90 | 24 | Managovindpur | Dhuligar | Danagadi | 233 |
| 3 | Baliapal | Salijanga | Danagadi | 88 | 25 | Mantira | Mantira | Danagadi | 191 |
| 4 | Balungabandi | Jakhapura | Danagadi | 236 | 26 | Mandapada | Ranagundi | Dharmasala | 76 |
| 5 | Barakhai | Ranagundi | Danagadi | 216 | 27 | Manoharpur | Pankapal | Dharmasala | 189 |
| 6 | Bargadia | Bargadia | Sukinda | 236 | 28 | Mirigichara | Gobaraghati | Sukinda | 372 |
| 7 | Chandia | Chandia | Danagadi | 195 | 29 | Nadiabhanga | Nadiabhanga | Danagadi | 84 |
| 8 | Dasamania | Mantira | Danagadi | 193 | 30 | Nimapalli | Pingala | Sukinda | 188 |
| 9 | Dhanjayapur | Nadiabhang | Danagadi | 81 | 31 | Nuagan | Bargadia | Danagadi | 232 |
| 10 | Dhapanki | Dhuligarh | Danagadi | 221 | 32 | Olala | Olala | Jajapur Road | 394 |
| 11 | Dhuligarh | Dhuligarh | Danagadi | 230 | 33 | Panchabatia | Pankapal | Dharmasala | 187 |
| 12 | Duburi | Duburi | Sukinda | 86 | 34 | Rabana | Mantira | Dharmasala | 192 |
| 13 | Garapur | Sarangapur | Sukinda | 196 | 35 | Rampilo | Olala | Jajapur Road | 217 |
| 14 | Gobaraghati | Gobaraghati | Sukinda | 141 | 36 | Ranagundi | Ranagundi | Dharmasala | 79 |
| 15 | Gorigottha | Olala | Danagadi | 238 | 37 | Saraangapur | Sarangapur | Sukinda | 237 |
| 16 | Golagan | Chandia | Danagadi | 174 | 38 | Sarans | Duburi | Sukinda | 85 |
| 17 | Hatimunda | Gobaraghati | Sukinda | 153 | 39 | Satabainsia | Trijanga | Jajpur Road | 234 |
| 18 | Jakhapura | Jakhapura | Danagadi | 197 | 40 | Sulia | Ranagundi | Dharmasala | 80 |
| 19 | Jamupasi | Ampolaba | Danagadi | 82 | 41 | Trijanga | Trijanga | Danagadi | 231 |
| 20 | Kacherigan | Chandia | Danagadi | 194 | 42 | Mangalapur | Trijanga | Danagadi | 221 |
| 21 | Kantipur | Olala | Danagadi | 223 | 43 | Nuagan | Trijanga | Sukinda | 235 |
| 22 | Khairadihi | Trijanga | Danagadi | 233 | | | | | |

**Sd./- Secretary, Kalinga Nagar Development Authority**

**Government of Odisha "e" Procurement Notice**
**Bid Identification No.RWSS 33/2018-19**
e-mail: eerwss22keonjhar@gmail.com

1. No. of works :- Construction of pum house, Compound wall, OHR, UGR and Laying of pipe line etc. for different rural piped water supply schemes under RWS&S Division, Keonjhar
2. No. of works for which tender invited :- 18 (Eighteen)
3. Estimated cost :- Rs.53.01 lakhs to Rs.99.96 lakhs
4. Cost of tender paper :- Rs.10000.00
5. Period of completion :- As mentioned in DTCN
6. Date and time of availability of bid document in the portal :- From 10.00 hr. 06.12.2018 to 17.00 hr. of 26.12.2018
7. Last date / time for receipt of bids in the portal :- 17.00 hr. of 26.12.2018
8. Date of opening of bid from portal :- 11.00 hr. of 29.12.2018
9. Name and address of the officer inviting bid :- Executive Engineer, RWS&S Division, Keonjhar

Further details can be seen from the e-procurement portal **"http://tendersorissa.gov.in**.

No.1096-O

**Sd./- Executive Engineer**
**RWS&S Division, Keonjhar**

25023/11/0018/1819

**OFFICE OF THE EXECUTIVE ENGINEER**
**RWS&S DIVISION, PURI – 752002**
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. RWSS PURI 66 /2018-19**

No.1094-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 6(SIX) |
| 2. | Time for completion: | Six months |
| 3. | Cost of bidding document: | Rs.10000/- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17 hour of 06.12.2018 to 17.00 hours of 20.12.2018 |
| 6. | Last date and time for seeking clarification: | 17.00 hours of 15.12.2018 |
| 7. | Date & time of opening of technical bids: | On dt. 21.12.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in.

**Sd./- Executive Engineer,**
**RWS&S Division, Puri**

25017/11/0083/1819



ସୌନ୍ଦର୍ଯ୍ୟ

# ଉପକାରୀ ବେବି ଅଏଲ୍

ପିଲାଙ୍କ ତ୍ୱଚାର ସୁରକ୍ଷା ସହ ହାଡ଼କୁ ମଜଭୁତ କରିବା ଲାଗି ବ୍ୟବହାର କରାଯାଉଥିବା ବେବି ଅଏଲ୍ ବଡ଼ମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ବେଶ୍ ଉପକାରୀ। ଜାଣି ରଖନ୍ତୁ ଏ ସମ୍ପର୍କରେ...

❖ବର୍ତ୍ତମାନ ଶୀତଦିନ ଚାଲିଥିବାରୁ ତ୍ୱଚା ରୁକ୍ଷ ହେବା ଏବଂ ଫାଟିବା ଆଦି ସମସ୍ୟା ଦୂର କରିବା ଲାଗି ଅଧିକାଂଶ ବଡିଲୋଶନର ସାହାଯ୍ୟ ନେଉଥିବାର ଦେଖିବାକୁ ମିଳୁଛି। ହେଲେ ଏହା ବଦଳରେ ଆପଣ ଚାହିଁଲେ ବେବି ଅଏଲ୍ ବ୍ୟବହାର କରିପାରିବେ। କାରଣ ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ପିଲାଙ୍କ ଭଳି ସଫ୍ଟ ଏବଂ ସ୍ମୁଥ୍ କରିଥାଏ।

❖ଆଖି ଏବଂ ଓଠର ମେକ୍ଅପ୍ ରିମୁଭ୍ କରିବା ଲାଗି କୌଣସି କ୍ଲିଞ୍ଜର ବଦଳରେ ବେବି ଅଏଲ୍ ବ୍ୟବହାର କରିପାରିବେ।

❖ବେଳେବେଳେ ଅଧିକ ରୁକ୍ଷ ହୋଇ କିମ୍ବା ଅନ୍ୟ କୌଣସି କାରଣରୁ ତ୍ୱଚାରୁ କାତି ଛାଡିବା ଭଳି ଲାଗିଥାଏ। ବିଶେଷକରି ହାତ, କହୁଣି, ଆଣ୍ଠୁ ଆଦି ସ୍ଥାନରେ ଏପରି ହୋଇଥାଏ। ଏହାକୁ ଦୂର କରିବା ଲାଗି ପ୍ରତିଦିନ ବେବି ଅଏଲ୍ ମସାଜ୍ କରିବା ଲାଭଦାୟକ।

❖ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କ ପେଟରେ ଷ୍ଟ୍ରେଚ୍ମାର୍କ ରହିଥିବା ଦେଖିବାକୁ ମିଳେ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ବେବି ଅଏଲ୍ ମସାଜ କଲେ ଏହି ସମସ୍ୟା ଦୂର ହୋଇଥାଏ।

❖କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ମଧ୍ୟ ଏହା ଖୁବ୍ ଭଲ। ଯଦି କେଶକୁ ସ୍ମୁଥ୍ ଏବଂ ସାଇନିଂ କରିବାକୁ ଚାହୁଁଛନ୍ତି, ତେବେ ଭଲ ଭାବେ ବେବି ଅଏଲ୍ ମସାଜ କରି ଏକ ଟାୱାଲ୍କୁ ଗରମ ପାଣିରେ ବୁଡାଇ ଚିପୁଡି କେଶରେ ଷ୍ଟିମ୍ ଦିଅନ୍ତୁ। ୧୫ ମିନିଟ୍ ପରେ ଶ୍ୟାମ୍ପ କରିଦିଅନ୍ତୁ।

❖ଘନ କଳା ଆଇବ୍ରୋ ମଧ୍ୟ ସୁନ୍ଦରତାର ଏକ ବରଦାନ। ତେଣୁ ଯେଉଁମାନଙ୍କ ଆଇବ୍ରୋ ପତଳା, ସେମାନେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ଉପାୟ ଆପଣେଇଥାନ୍ତି। ହେଲେ ଆପଣ ଜାଣନ୍ତି କି ପ୍ରତିଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ବେବି ଅଏଲ୍ ମସାଜ କରିବା ଦ୍ୱାରା ଏହା ଧୀରେ ଧୀରେ ଘନ ହୋଇଥାଏ।



# ମଡର୍ନ ନିଶା



ବର୍ତ୍ତମାନ ଅଧିକାଂଶ ମହିଳାଙ୍କୁ ବି ଘାରିଛି ମଡର୍ନ ଦୁନିଆ ସହ ଅପ୍ଡେଟ୍ ରହିବାର ନିଶା। ଯେଉଁଥିପାଇଁ ସେମାନେ ନିଜ ବେଶପୋଷାକ, ଖାଦ୍ୟରୁଚିଠୁ ଆରମ୍ଭ କରି ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଛାଉ ନାହାନ୍ତି। ତେବେ ଏହି ପରିବର୍ତ୍ତନ ନିଶ୍ଚିତ ସ୍ୱାଗତଯୋଗ୍ୟ। ଅପରପକ୍ଷେ ଏହା ଯେପରି କୌଣସି ବିପଦର କାରଣ ନ ସାଜେ ସେଥିପ୍ରତି ସଜାଗ ରହିବା ଆବଶ୍ୟକ...



### ସୌନ୍ଦର୍ଯ୍ୟକୁ ନେଇ ପ୍ରତିଯୋଗିତା

ବର୍ତ୍ତମାନ ବ୍ୟୁଟିପାର୍ଲରେ, ସ୍ପା ଯିବା, ବ୍ୟୁଟି ଟ୍ରିଟ୍ମେଣ୍ଟ କରିବାଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀର ଫେଆର୍ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରି ନିଜକୁ ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ନେଇ ଯେପରି ପ୍ରତିଯୋଗିତା ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏମିତିକି ଗୋରା ହେବା ନିଶାରେ ଅନେକେ ଇନ୍ଷ୍ଟାଣ୍ଟ ଫେଆର୍ନେସ୍ କ୍ରିମ୍ ବ୍ୟବହାର କରିବାକୁ ବି ପଛାଉ ନାହାନ୍ତି। ହେଲେ ଜାଣନ୍ତି କି, ଏଥିରେ ଥିବା ମର୍କ୍ୟୁରି, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ସାଙ୍ଗକୁ ମାତ୍ରାଧିକ ଷ୍ଟିରଏଡ୍ ତ୍ୱଚାରୁ ମେଲାନିନ୍ ମାତ୍ରା ହ୍ରାସ କରିଥାଏ ସତ, ଅପରପକ୍ଷେ ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ, କଳା ଦାଗ, ଷ୍ଟ୍ରେଚ୍ମାର୍କ ଭଳି ସମସ୍ୟା ସୃଷ୍ଟି କରିଥାଏ। ଏହାଛଡା କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ହେୟାର ଷ୍ଟ୍ରେଟ୍ନିଂ, କଲରିଂ କରିବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଶାମ୍ପୁ, କଣ୍ଡିଶନର, ସେରମ୍, ଜେଲ୍, ୱାକ୍ସ ଆଦି ଅନେକଙ୍କଠାରେ କେଶ ପାଚିବା, କେଶ ଝଡିବା ଏବଂ ଚନ୍ଦାପଣ ଭଳି ସମସ୍ୟା ସୃଷ୍ଟି କରୁଛି। ଏମିତିକି ଏଥିରେ ଥିବା ହାନିକାରକ ରାସାୟନିକ ଉପାଦାନ ଚକ୍ଷୁ, ଚର୍ମ ଓ ଫୁସ୍ଫୁସ୍କୁ ମଧ୍ୟ ପ୍ରଭାବିତ କରୁଛି। କିଛିଦିନ ଚିକ୍କଣ ଏବଂ ସୁନ୍ଦର ଦେଖାଯିବା ଲାଗି ବ୍ୟବହାର କରୁଥିବା ହେୟାର ରିମୁଭାଲ କ୍ରିମ୍ ଚର୍ମ ଉପରେ ଦୀର୍ଘସ୍ଥାୟୀ ନକାରାତ୍ମକ ପ୍ରଭାବ ପକାଇଥାଏ। ତେବେ କସ୍ମେଟିକ୍ ପ୍ରଡକ୍ଟ ମଧ୍ୟରେ ଲିପ୍କଲର ବା ଲିପ୍ଷ୍ଟିକ୍ ମହିଳାମାନଙ୍କର ସବୁଠୁ ପସନ୍ଦ। ହେଲେ ଏଥିରେ ମିଶୁଥିବା କେମିକାଲ୍ ଯଥା ସିସା ଓଠର ନମନୀୟତା ହ୍ରାସ କରିବା ସହ ପାଚିବାଟେ ଯାଇ ମସ୍ତିଷ୍କକୁ ପ୍ରଭାବିତ କରି ସ୍ମରଣଶକ୍ତି ହ୍ରାସ କରିଥାଏ। ସେହିପରି ଡିଓ ବା ପର୍ଫ୍ୟୁମ୍ ଅଧିକ ବ୍ୟବହାର କରିବା ଦ୍ୱାରା ଏଥିରେ ମିଶୁଥିବା ଆଲୁମିନିୟମ୍, ପ୍ରୋପିଲିନ୍ ଗ୍ଲାଇକଲ, ଥାଲେଟ୍ସ ଓ ଟ୍ରାଇକ୍ଲୋସାନ୍ ଭଳି ମାରାତ୍ମକ କେମିକାଲ ଚର୍ମ ସହିତ କିଡ୍ନୀ ଓ ହୃତ୍ପିଣ୍ଡ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।



### ବଢୁଛି ଫ୍ୟାଶନ ମାନିଆ

ଫ୍ୟାଶନ ଦୁନିଆ ସହ ଅପ୍ଡେଟ୍ ରହିବା ନିଶାରେ ଏବେ ମହିଳାମାନେ ମଧ୍ୟ ଆଉ କେବଳ ସେହି ପାରମ୍ପରିକ ବେଶପୋଷାକ ଭିତରେ ନିଜକୁ ସୀମିତ ନ ରଖି ଭଳିକି ଭଳି ମଡର୍ନ ଆଉଟ୍ଫିଟ୍ ସାଙ୍ଗକୁ ପରଫେକ୍ଟ ମ୍ୟାଚ୍ କରୁଥିବା ଆସେସରିଜ୍ ବ୍ୟବହାର କରୁଛନ୍ତି। ହେଲେ ଅପରପକ୍ଷେ ଏହା କେବେ କେବେ ସେମାନଙ୍କ ଲାଗି ବିପଦର କାରଣ ସାଜୁଛି। ସ୍ଲିମ୍ଫିଟ୍ ଲାଗିବା ପାଇଁ ସବୁବେଳେ ଅଧିକ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବା ସହ ଟାଇଟ୍ ଜିନ୍ସ, ଲେଗିଙ୍ଗ୍ସ ପିନ୍ଧିବା ଯୋଗୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ସ୍ଥାନରେ ମାଂସପେଶୀ ସଙ୍କୁଚିତ ହୋଇ ସ୍ନାୟୁ ଦୁର୍ବଳ ହେଉଛି। ଫଳରେ ଗୋଡ଼ର କାର୍ଯ୍ୟକ୍ଷମତା ହ୍ରାସ ପାଇ ଅନେକଙ୍କଠାରେ ଆଣ୍ଠୁ, ଅଣ୍ଟା, ପାଦ ଏବଂ ପିଠିରେ ଯନ୍ତ୍ରଣା ଅନୁଭବ ହେଉଛି। ଲୋ ୱେଷ୍ଟ ଟାଇଟ୍ ଜିନ୍ସ ଯୋଗୁ ପେଟର ତଳଭାଗରେ ଅଧିକ ଚାପ ପଡି ହଜମ କ୍ରିୟା ବାଧାପ୍ରାପ୍ତ ହେଉଛି। କେବେ କେବେ ଏହି ଟାଇଟ୍ ପୋଷାକ ଯୋଗୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇ ସ୍ଥାନେ ସ୍ଥାନେ ରକ୍ତ ଜମାଟ ବାନ୍ଧିବା ବା ଡିପ୍ ଭେନ୍ ଥ୍ରୋମ୍ବୋସିସ୍ ଭଳି ଅତ୍ୟନ୍ତ ଯନ୍ତ୍ରଣାଦାୟକ ସମସ୍ୟାର କାରଣ ସାଜୁଛି। ସେହିପରି ବର୍ତ୍ତମାନ ଅଧିକାଂଶ ମହିଳା ବିଭିନ୍ନ ସିନ୍ଥେଟିକ୍ ପୋଷାକ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ସବୁବେଳେ ଏହାକୁ ପିନ୍ଧିବା ଦ୍ୱାରା ଝାଳ ଲାଗି କୁଣ୍ଡାଇହୋଇ ଫଳିଯିବା ବା ଫଲିକ୍ୟୁଲିଟିସ୍, ଅନ୍ୟ ଫଙ୍ଗାଲ ଇନ୍ଫେକ୍ସନ୍ ସହ ଏଭଳି କପଡାରେ ପ୍ରସ୍ତୁତ ଟାଇଟ୍ ପୋଷାକ କ୍ୟାଣ୍ଡିଡା ଇଷ୍ଟ ଇନ୍ଫେକ୍ସନ ଏବଂ ୟୁରିନାରି ଟ୍ରାକ୍ ଇନ୍ଫେକଶନ୍ ଭଳି ବିଭିନ୍ନ ସମସ୍ୟା ବି ସୃଷ୍ଟି କରୁଛି। ପୋଷାକ ବ୍ୟତୀତ ଫ୍ୟାଶନେବଲ୍ ଲୁକ୍ ପାଇବା ଆଳରେ ବ୍ୟବହାର କରୁଥିବା ଟାଇଟ୍ କିମ୍ବା ହାଇହିଲ୍ ଜୋତା ମଧ୍ୟ ଅଧିକାଂଶ ମହିଳାଙ୍କ ଠାରେ ଆଣ୍ଠୁଗଣ୍ଠି ବ୍ୟଥା ବା ଆର୍ଥ୍ରାଇଟିସ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଅନ୍ୟତମ କାରଣ ସାଜୁଛି।





### ଖାଦ୍ୟାଭ୍ୟାସରେ ପରିବର୍ତ୍ତନ

ପିଲାଙ୍କ ବରାଦରେ ହେଉ ଅବା ପାରମ୍ପରିକ ଖାଦ୍ୟ ବଦଳରେ ନୂଆ ଖାଦ୍ୟ ପଦାର୍ଥକୁ ନେଇ ଏକ୍ସପେରିମେଣ୍ଟ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଅନେକ ମହିଳା ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ଏଥିରେ ହିତକର ଫାଇଟୋକ୍ଳିକୋଲ୍ ଡାଏଟିକ୍ ଫାଇବର୍ ଓ ଆଣ୍ଟିଅକ୍ସିଡାଣ୍ଟର ପରିମାଣ ନଗଣ୍ୟ ଥିବା ବେଳେ ଏଥିରେ ପ୍ରଚୁର ପରିମାଣରେ ଥିବା ତେଲ, ମସଲା, ଲହୁଣି, ଘିଅ, ମିଠା, ଲୁଣ, ରଙ୍ଗ, ମହକ(ଏସେନ୍ସ/ଫ୍ଲେଭର୍) ଆଦି ମେଦ ବହୁଳତା, ହୃଦ୍ରୋଗ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, କ୍ୟାନ୍ସର, ଆଣ୍ଠୁଗଣ୍ଠି ବାତ ବା ଆର୍ଥ୍ରାଇଟିସ୍ ଇତ୍ୟାଦି ରୋଗର କାରଣ ସାଜୁଛି, ଯାହା ମହିଳାଙ୍କ ସହ ପରିବାରର ଅନ୍ୟ ସଦସ୍ୟଙ୍କ ଲାଗି ମଧ୍ୟ ବିପଦ ଡାକିଆଣୁଛି।

### ଅନ୍ଲାଇନ୍ ଅପ୍ଡେଟ୍ କ୍ରେଜ୍

ବର୍ତ୍ତମାନ ନିଜକୁ ଫେସ୍ବୁକ୍, ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆରେ ଆକ୍ଟିଭ୍ ରଖିବା ମଡର୍ନ ଦୁନିଆରେ ଅପ୍ଡେଟ୍ ରହିବାର ଏକ ଅଭିନ୍ନ ଅଂଶ ବୋଲି ଅନେକେ ଭାବିନେଲେଣି। ଯେଉଁଥିପାଇଁ ଅଧିକାଂଶ ମହିଳାଙ୍କ ଠାରେ ବି ଏହି କ୍ରେଜ୍ ଯେ କେତେ ଅଧିକ ତା' କହିବା ବାହୁଲ୍ୟ। ଯେଉଁଥିପାଇଁ ସେମାନେ କାର୍ଯ୍ୟରୁ ଅବସର ମିଳିବା ମାତ୍ରେ ଘଣ୍ଟା ଘଣ୍ଟା ଧରି ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରିବାକୁ ପଛାଉ ନାହାନ୍ତି। ଯାହାଦ୍ୱାରା ଶାରୀରିକ ପରିଶ୍ରମ ହ୍ରାସ ପାଉଛି ଏବଂ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍ ସମସ୍ୟା, ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦ ବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ତା'ଛଡ଼ା କେତେକଙ୍କ ଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ୍ୟ ଦେଖାଦେଉଛି। ଏହାବ୍ୟତୀତ ଅପ୍ଡେଟ୍ ରହିବା ଲାଗି ସବୁବେଳେ ନିଜର ଦୈନନ୍ଦିନ କାର୍ଯ୍ୟ ତଥା ଫଟୋ ଅପ୍ଲୋଡ୍ କରିବା ନିଶାରେ ଅନେକେ ସେମାନଙ୍କ ପର୍ସନାଲ କଥା ସାର୍ବଜନୀନ ହେଉଥିବାକୁ ଭୁଲିଯାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ, ଏହା ଦ୍ୱାରା କେବେ କେବେ ପିଲାମାନେ ଅବହେଳିତ ହେଉଥିବା ବେଳେ ଆଉ କେବେ କିଚେନ୍ରେ ରୋଷେଇ କରିବା ସମୟରେ ଫୋନ୍ରେ ଗପିବା ଦ୍ୱାରା ଅଗ୍ନିକାଣ୍ଡ ଘଟିବା ଭଳି ଘଟଣାର ବି ନଜିର ରହିଛି।

### କ'ଣ କହନ୍ତି ଏମାନେ...



**ପ୍ରଭାବତୀ ଦେବୀ**(କର୍ମଜୀବୀ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍, କଟକ)- ମୋ ମତରେ ମଡର୍ନ ଦୁନିଆ ସହ ତାଳ ଦେଇ ନିଜକୁ ଅପ୍ଡେଟ୍ ରଖିବା ପ୍ରତ୍ୟେକଙ୍କ ଲାଗି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହାର ଅର୍ଥ ନୁହେଁ ଯେ, ମଡର୍ନ ହେବା ନିଶାରେ ଏଭଳି କୌଣସି ଉପାୟ ଆପଣାଇବା, ଯାହାକି ପରବର୍ତ୍ତୀ ସମୟରେ ନିଜ କିମ୍ବା ଅନ୍ୟ କାହା ଉପରେ ନକାରାତ୍ମକ ପ୍ରଭାବ ପକାଉଥିବ। ତେଣୁ ସମୟର ଡିମାଣ୍ଡ ଅନୁଯାୟୀ କିଛିବି ନୂଆ ଜୀବନଶୈଳୀ ଗ୍ରହଣ କରିବା ସମୟରେ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଆଦୌ ଭୁଲି ନ ଥାଏ।



**ଅର୍ଚ୍ଚନା ପ୍ରଧାନ**(କର୍ମଜୀବୀ, ଯାଜପୁର)- ଏମିତିରେ ମୁଁ ଫ୍ୟାଶନ୍ ପ୍ରିୟ। ତେଣୁ ମାର୍କେଟ୍କୁ ଆସୁଥିବା ଲାଟେଷ୍ଟ ଟ୍ରେଣ୍ଡ ଫଲୋ କରିବାକୁ ଭଲ ପାଏ। ହେଲେ ପୋଷାକ, ଆସେସରିଜ୍ ହେଉ କିମ୍ବା କୌଣସି ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବା ବେଳେ ଉଭୟ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଧ୍ୟାନ ଦେଇଥାଏ। ସେହିପରି ନୂଆ ନୂଆ ଆଇଟମ୍ ପ୍ରସ୍ତୁତ କରି ଖାଇବା ଏବଂ ପରିବାର ସଦସ୍ୟଙ୍କୁ ଖୁଆଇବା ମୋର ସଉକ ହୋଇଥିବାରୁ କେଉଁ ଖାଦ୍ୟ ସ୍ୱାସ୍ଥୋପକାରୀ ପ୍ରଥମେ ଗୁରୁତ୍ୱ ଦେଇଥାଏ।

# ପିଲା ଅନ୍ଲାଇନ୍ ଗେମ୍ ଖେଳୁଥିଲେ...

ପିଲାମାନେ ଅଧିକ ସମୟ ଧରି ଅନ୍ଲାଇନ୍ ଗେମ୍ ଖେଳୁଥିଲେ ସେମାନଙ୍କ ସ୍ୱାସ୍ଥ୍ୟ ତଥା ଆତ୍ମସୁରକ୍ଷା ଲାଗି ଅଭିଭାବକମାନଙ୍କୁ କେତୋଟି ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...

■ସର୍ବପ୍ରଥମେ ପିଲାମାନେ ଇଣ୍ଟରନେଟ୍ର କିଭଳି ବ୍ୟବହାର କରୁଛନ୍ତି ତଦାରଖ କରନ୍ତୁ। ଅନ୍ଲାଇନ୍ରେ କେଉଁ ଗେମ୍ କେତେ ସମୟ ପର୍ଯ୍ୟନ୍ତ ଖେଳୁଛନ୍ତି ତାହା ଦେଖନ୍ତୁ। ଗେମ୍ର ରୁଲ୍ ଆଣ୍ଡ ରେଗୁଲେଶନ ପଢିନିଅନ୍ତୁ। ଅଧିକାଂଶ ପିଲା ସ୍କୋର ବୋର୍ଡ ବଢାଇବା ଲାଗି ଅନ୍ଲାଇନ୍ରେ ହିଁ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ କମ୍ପିଟିଶନ କରିଥାନ୍ତି। ଯଦି ଆପଣଙ୍କ ପିଲା ଏପରି କରୁଥାନ୍ତି, ତେବେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି କୌଣସି ପ୍ରକାର ସନ୍ଦେହ ଉପୁଜୁଛି, ତେବେ ପିଲାଙ୍କୁ ଯଥାଶୀଘ୍ର ସେଥିରୁ ମୁକୁଳାନ୍ତୁ। ପିଲାଙ୍କ ଆଗ୍ରହ ନ ଭାଙ୍ଗିବା ଲାଗି ଆପଣ ଚାହିଁଲେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ମଧ୍ୟ ଖେଳିପାରିବେ।

■ପିଲାମାନେ ମୋବାଇଲ ହେଉ ଅବା ଲାପ୍ଟପ୍, କମ୍ପ୍ୟୁଟର ଇତ୍ୟାଦିରେ ଯେଉଁ ଗେମ୍ ଖେଳୁଛନ୍ତି ତାହା ସେମାନଙ୍କ ସୋସିଆଲ୍ ସାଇଟ୍ ସହିତ ଲିଙ୍କ୍ ଅଛିକି ନାହିଁ ଦେଖନ୍ତୁ। କାରଣ ବର୍ତ୍ତମାନ ସୋସିଆଲ ସାଇଟ୍ରେ ଗେମ୍ ଖେଳି ପିଲାଙ୍କ ଆକାଉଣ୍ଟ ହ୍ୟାକ୍ କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବା କିମ୍ବା ପିଲାଙ୍କୁ ଅସୁବିଧାରେ ପକାଇବା ଭଳି ଘଟଣା ମଧ୍ୟ ଦେଖିବାକୁ ମିଳୁଛି।

■ପ୍ୟାରେଣ୍ଟିଂ କଣ୍ଟ୍ରୋଲ ଜରିଆରେ ମଧ୍ୟ ଆପଣ ପିଲାଙ୍କ ଅନ୍ଲାଇନ୍ ଗେମ୍ ଖେଳିବାର ସମୟସୀମା କମାଇପାରିବେ। ଏହାର ଅର୍ଥ ଆପଣ ପିଲା ଖେଳୁଥିବା ସିଷ୍ଟମ୍ରେ ଏକ ଆକାଉଣ୍ଟ ଖୋଲି ଗେମ୍ର ଟାଇମ୍ ଲିମିଟ୍ ସେଟ୍ କରନ୍ତୁ। ଏହାଦ୍ୱାରା ପିଲା ଖେଳିବା ସମୟରେ ନିର୍ଦ୍ଧାରିତ ସମୟ ପୂରା ହେବା ପୂର୍ବରୁ ଏକ ୱାର୍ନିଂ ଆସିଥାଏ ଏବଂ କିଛି ସମୟ ମଧ୍ୟରେ ସିଷ୍ଟମ ବନ୍ଦ ହୋଇଯାଇଥାଏ, ଯାହାକି ଆପଣ ଆକାଉଣ୍ଟର ପାସ୍ୱାର୍ଡ ନ ଦେବା ଯାଏ ଖୋଲି ନ ଥାଏ।



ଖାଦ୍ୟ ରୁଚି

# ଏଗ୍ଲେସ୍ କୋକୋନଟ୍ କୁକିଜ୍

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ମଇଦା, ୧/୨ଟି ସ୍ପୁନ୍ ବେକିଂ ପାଉଡର, ୧/୨ କପ୍ ଚିନି ଗୁଣ୍ଡ, ୧/୨ କପ୍ ବଟର, ୨-୩ ବୁନ୍ଦା ଭାନିଲା ଏସେନ୍ସ, ୩/୪ କପ୍ ଦରଶୁଖିଲା ନଡ଼ିଆ ପାଉଡର, ୧ ଟେବଲ୍ ସ୍ପୁନ୍ କ୍ଷୀର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଓଭନ୍କୁ ୩୫୦ ଡିଗ୍ରୀ ଫାରେନ୍ହାଇଟ୍ରେ ୧୦-୧୨ ମିନିଟ୍ ପର୍ଯ୍ୟନ୍ତ ଗରମ କରିଦିଅନ୍ତୁ। ଏକ ପାତ୍ରରେ ମଇଦା ଏବଂ ବେକିଂ ପାଉଡର ଏକାଠି ଗୋଳାଇ ଦିଅନ୍ତୁ। ଏକ ବଡ଼ ଛଣା ସାହାଯ୍ୟରେ ଏହାକୁ ଚଲାଇ ଦିଅନ୍ତୁ, ଯେପରି କୌଣସି ଖଦଡ଼ା ନ ରହେ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଗୁଣ୍ଡ ଚିନିକୁ ଭଲ ଭାବେ ମିଶାଇ ଦିଅନ୍ତୁ। ବଟର ଯଦି ବିନା ଲୁଣ ହୋଇଥାଏ ତେବେ ସାମାନ୍ୟ ଲୁଣ ପକାନ୍ତୁ। ଏହି ମିଶ୍ରଣରେ ଭାନିଲା ଏସେନ୍ସ ଏବଂ ନଡିଆଗୁଣ୍ଡ ପକାଇ ମିଶାନ୍ତୁ। ବର୍ତ୍ତମାନ ମଇଦା ଏବଂ ବେକିଂ ପାଉଡର ମିଶ୍ରଣକୁ ପକାଇ ଗୋଳାନ୍ତୁ। ଶେଷରେ ସେଥିରେ ଆବଶ୍ୟକ ଅନୁଯାୟୀ ଅଳ୍ପ ଅଳ୍ପ କ୍ଷୀର ମିଶାଇ ଚକଟନ୍ତୁ, ଯେପରି ମିଶ୍ରଣକୁ ହାତରେ ଗୋଲ କରିହେବ। ବେକିଂ ଟ୍ରେ ଉପରେ ତେଲ କିମ୍ବା ଆଲୁମିନିୟମ୍ ଫଏଲ୍ ଲଗାଇ ଗୋଲ କରିଥିବା ମିଶ୍ରଣକୁ ଚାପି ପେଡା ଭଳି କରି ଏହା ଉପରେ ରଖନ୍ତୁ। ପୂର୍ବରୁ ଗରମ କରିଥିବା ଓଭନ୍ରେ ଟ୍ରେକୁ ରଖି ସେହି ତାପମାତ୍ରାରେ ୧୮-୨୦ ମିନିଟ୍ ରଖନ୍ତୁ। ଏହା ଅଳ୍ପ ଫୁଲିବା ସହ ରଙ୍ଗ ସାମାନ୍ୟ ହଳଦିଆ ଦେଖାଯିବ। ବର୍ତ୍ତମାନ ଟ୍ରେକୁ ବାହାରକୁ କାଢି ସାଧାରଣ ତାପମାତ୍ରାରେ ଥଣ୍ଡା ହେବା ପାଇଁ ଛାଡିଦିଅନ୍ତୁ। କିଛି ସମୟ ପରେ କୁକିଜ୍ ପ୍ରସ୍ତୁତ ହୋଇ ମୁଡ୍ମୁଡ୍ ହୋଇଯିବ। ଏହାକୁ ଏୟାର୍ ଟାଇଟ୍ ଡବାରେ ରଖି ଯେବେ ଇଚ୍ଛା ଖାଇପାରିବେ।



"ମାଇକ୍ରୋଫାଇନାନ୍ସ କ୍ୱାଲିଟି ପୋର୍ଟଫୋଲିଓରେ ଉନ୍ନତି ହେଉଥିବା ବେଳେ ଏହା ସମଗ୍ର ଶିଳ୍ପ ଲାଗି ଶୁଭ ସଙ୍କେତ।
– ହର୍ଷ ଶ୍ରୀବାସ୍ତବ, ସିଇଓ, ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁଶନ ନେଟୱର୍କ



"ଆଗାମୀ ଦିନଗୁଡ଼ିକରେ ମଧ୍ୟ ଅଭିବୃଦ୍ଧି ଧାରାକୁ ଜାରି ରଖିବାକୁ ଆଶାବାଦୀ ରହିଛୁ।
– ଦିପିନ୍ଦର ଗୋଏଲ, ସହ ପ୍ରତିଷ୍ଠାତା ତଥା ସିଇଓ, ଜୋମାଟୋ



## ସଂକ୍ଷେପରେ

### କ୍ରୁଡ୍ ବଢ଼ିଲା, ଟଙ୍କା ଖସିଲା



**ନୂଆଦିଲ୍ଲୀ,୩-୧୨:** ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ଦର ଅଚାନକ ୫% ବୃଦ୍ଧି ପାଇଛି। ଏହାର ପ୍ରଭାବ ଘରୋଇ ମୁଦ୍ରା ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୮ ପଇସା ହ୍ରାସ ପାଇଛି। ରୁଷ ଓ ସୌଦି ଆରବ ମଧ୍ୟରେ ଉତ୍ପାଦନ ସୀମିତ କରିବା ଚୁକ୍ତିକୁ ନବୀକରଣ କରିବା ନେଇ ସହମତି ପ୍ରକାଶ ପାଇବା, ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧକୁ ୯୦ ଦିନ ପାଇଁ ସ୍ଥଗିତ ରଖିବା ନେଇ ସହମତି ପ୍ରକାଶ ପାଇବାର ପ୍ରଭାବ କ୍ରୁଡ୍ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ କେତେ ପରିମାଣରେ ଉତ୍ପାଦନ ହ୍ରାସ ପାଇବ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପକ୍ଷରେ ସୋମବାର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୫.୩% ଅର୍ଥାତ ୩.୧୪ ଡଲାର ବୃଦ୍ଧି ପାଇ ୬୧.୭୫ ଡଲାର ପ୍ରତି ବ୍ୟାରେଲ ହୋଇଥିବା ବେଳେ ୟୁଏସ ଲାଇଟ କ୍ରୁଡ ଦର ୨.୯୨ ଡଲାର ବଢ଼ି ୫୩ ଡଲାର ହୋଇଛି। କ୍ରୁଡ୍ ଦରବୃଦ୍ଧିର ପ୍ରଭାବରେ ସୋମବାର ଟଙ୍କାର ମୂଲ୍ୟ ୩ ମାସର ସର୍ବାଧିକ ସ୍ତରରେ ହ୍ରାସ ପାଇ ୭୦.୪୬ ସ୍ତରରେ ପହଞ୍ଚିଛି।

### ଏୟାର ଇଣ୍ଡିଆର ୯ ହଜାର କୋଟିର ସମ୍ପତ୍ତି ବିକିବ କେନ୍ଦ୍ର



**ନୂଆଦିଲ୍ଲୀ,୩-୧୨:** କେନ୍ଦ୍ର ସରକାର ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଜମି ଓ ରିଏଲ ଇଷ୍ଟେଟ ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ଏହି ବିକ୍ରିରୁ ପ୍ରାୟ ୯ ହଜାର କୋଟି ଟଙ୍କା ମିଳିବ ବୋଲି କୁହାଯାଉଛି। ସୋମବାର ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ ଉପରେ ଏବେ ୫୫ ହଜାର କୋଟି ଟଙ୍କାର ଋଣବୋଝ ରହିଛି। ଜମି ଆଦିକୁ ବିକି ସରକାର ଏହି ବୋଝକୁ କମାଇବାକୁ ଚାହୁଁଛନ୍ତି। ଏହାଦ୍ୱାରା ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରିଯୋଗ୍ୟ ହୋଇପାରିବ।

### ଅସୁସ୍ଥ ହେଲେ ଜେଟ୍ ଏୟାରୱେଜ୍‌ର ସମସ୍ତ ପାଇଲଟ
### ୧୪ ଉଡ଼ାଣ ରଦ୍ଦ

**ନୂଆଦିଲ୍ଲୀ,୩-୧୨:** ଜେଟ୍ ଏୟାରୱେଜରେ ଦେଖାଦେଇଥିବା ଦରମା ବିବାଦ ଏବେ ଏହାର ବିମାନ ଉଡ଼ାଣ ଉପରେ ପଡୁଥିବା ଦେଖାଯାଇଛି। କମ୍ପାନୀର ଅଧିକାଂଶ ପାଇଲଟ ହଠାତ୍ ଅସୁସ୍ଥ ହେବା କାରଣରୁ ଛୁଟି ନେଇଛନ୍ତି। ଫଳରେ କମ୍ପାନୀକୁ ୧୪ ଉଡ଼ାଣ ରଦ୍ଦ କରିବାକୁ ପଡିଛି। ତେବେ ଦରମା ପ୍ରସଙ୍ଗକୁ ଅସ୍ୱୀକାର କରି ଜେଟ୍ କହିଛି ଯେ, ପରିଚାଳନାଗତ ତ୍ରୁଟି ଯୋଗୁ ଉଡ଼ାଣକୁ ରଦ୍ଦ କରାଯାଇଛି। ଉଲ୍ଲେଖଥାଉ କି, ଦରମା ପାଉ ନ ଥିବାରୁ ଜେଟ୍ ଏୟାରୱେଜର୍ ପାଇଲଟମାନେ ଏବେ କମ୍ପାନୀ ସହ ଅସହଯୋଗ ଆରମ୍ଭ କରିଛନ୍ତି। କମ୍ପାନୀର ମ୍ୟାନେଜମେଣ୍ଟ ସମ୍ମୁଖରେ ବକେୟା ଓ ବର୍ତ୍ତମାନର ଦରମା ପ୍ରସଙ୍ଗକୁ ଉଠାଇବା ନେଇ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ଉଦାସୀନତା ପ୍ରଦର୍ଶନ କରୁଥିବାରୁ ପାଇଲଟମାନେ ଅସନ୍ତୁଷ୍ଟ ଥିବା ଜଣାପଡିଛି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏହାର ପାଇଲଟ ଓ ଅନ୍ୟ କର୍ମଚାରୀମାନଙ୍କୁ ଠିକ୍ ସମୟରେ ଦରମା ଦେଇପାରୁନି।

## ଏଫ୍ଏମ୍‌ସିଜି କ୍ଷେତ୍ରରେ ସର୍ବବୃହତ୍ ଡିଲ୍
# ବିକ୍ରି ହେଲା ୧୦୦ ବର୍ଷର ହର୍ଲିକ୍ସ

**ନୂଆଦିଲ୍ଲୀ,୩-୧୨**

■ ଜିଏସ୍‌କେକୁ ୩୧,୭୦୦ କୋଟି ଟଙ୍କାରେ କିଣିଲା ୟୁନିଲିଭର
■ ୧୦୦ ବର୍ଷ ପୂର୍ବେ ଇଂଲଣ୍ଡରୁ ଭାରତ ଆସିଥିଲା
■ ୩୧,୭୦୦ କୋଟିରେ ଏଚ୍‌ୟୁଏଲ୍‌ର ଡିଲ୍
■ ଜିଏସ୍‌କେର ୧ଶେୟାର ବଦଳରେ ଏଚ୍‌ୟୁଏଲ୍‌ର ୪.୩୯ ଶେୟାର




ଶହେ ବର୍ଷରୁ ଅଧିକ ସମୟ ଧରି ଏନର୍ଜି ସପ୍ଲିମେଣ୍ଟ ଭାବେ ବ୍ୟବହାର ହୋଇ ଆସୁଥିବା ହର୍ଲିକ୍ସକୁ ଦେଶର ସର୍ବବୃହତ୍ କଞ୍ଜ୍ୟୁମର ଗୁଡ୍ସ କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ (ଏଚ୍‌ୟୁଏଲ୍) କିଣି ନେଇଛି। ଏହାକୁ ତିଆରି କରୁଥିବା ଗ୍ଲାକ୍ସୋସ୍ମିଥକ୍ଲାଇନ (ଜିଏସ୍‌କେ) କଞ୍ଜ୍ୟୁମରକୁ ଏଚ୍‌ୟୁଏଲ୍‌ରେ ମିଶାଇ ଦିଆଯିବ। ଏହି ମିଶ୍ରଣ ପାଇଁ ଏଚ୍‌ୟୁଏଲ୍‌କୁ ୩୧ ହଜାର ୭୦୦ କୋଟି ଟଙ୍କା ବ୍ୟୟ କରିବାକୁ ହେବ। ଏହା ଦେଶର କଞ୍ଜ୍ୟୁମର ଗୁଡ୍ସ ମାର୍କେଟରେ ସର୍ବବୃହତ ଡିଲ୍ କୁହାଯାଉଛି।

ଏହି ବିକ୍ରି ଯୋଗୁ ଜିଏସ୍‌କେ କଞ୍ଜ୍ୟୁମର ଇଣ୍ଡିଆର ପ୍ରତ୍ୟେକ ଶେୟାର ବାବଦରେ ଅଂଶଧନକାରୀଙ୍କୁ ଏଚ୍‌ୟୁଏଲ୍‌ର ୪.୩୯ ଶେୟାର ଦିଆଯିବ। ଏବେ ଜିଏସ୍‌କେର ନ୍ୟୁଟ୍ରିଶନ ବ୍ୟବସାୟ ସହିତ ସେନ୍ସୋଡାଇନ ଭଳି ଓରାଲ କେୟାର, ଇନୋ, କ୍ରୋସିନ ସମେତ ସମସ୍ତ ପ୍ରକାର ଓଭର ଦି କାଉଣ୍ଟର(ଓଟିସି)ର ଡିଷ୍ଟ୍ରିବ୍ୟୁଶନ କଣ୍ଟ୍ରାକ୍ଟ ଓ ଅପରେଶନ ଏଚ୍‌ୟୁଏଲ୍ ଅଧୀନକୁ ଆସିଯାଇଛି। କମ୍ପାନୀର ଅଧ୍ୟକ୍ଷ ସଞ୍ଜୀବ ମେହେଟ୍ଟା କହିଥିଲେ ଯେ, ଜିଏସ୍‌କେ ସିଏଚ୍ ଇଣ୍ଡିଆ ସହିତ ପ୍ରସ୍ତାବିତ ମିଶ୍ରଣ ଦ୍ୱାରା ଏଚ୍‌ୟୁଏଲ୍ ନିଜର ପୋର୍ଟଫୋଲିଓରେ ନୂଆ କ୍ୟାଟେଗୋରିର ବଡ଼ ବ୍ରାଣ୍ଡ ବୃଦ୍ଧି କରିବ। ଏହାଦ୍ୱାରା ଗ୍ରାହକଙ୍କୁ ପୁଷ୍ଟିକର ଖାଦ୍ୟ ପରିବେଷଣ ସମ୍ଭବ ହୋଇପାରିବ। ଫଳରେ ଏଚ୍‌ୟୁଏଲ୍‌ର ଫୁଡ୍ ଏବଂ ରିଫ୍ରେଶମେଣ୍ଟ ବ୍ୟବସାୟ ବୃଦ୍ଧି ପାଇ ୧୦ ହଜାର କୋଟି ଟଙ୍କାରେ ପହଞ୍ଚିବ ଏବଂ ଆମେ ଦେଶରେ ଏହି କ୍ଷେତ୍ରରେ ସର୍ବବୃହତ କମ୍ପାନୀଗୁଡ଼ିକ ମଧ୍ୟରେ ପରିଗଣିତ ହେବୁ। ସୂଚନାଥାଉ କି, ହର୍ଲିକ୍ସ ପ୍ରଥମ ବିଶ୍ୱଯୁଦ୍ଧ(୧୯୧୪-୧୯) ଶେଷ ପରେ ବ୍ରିଟିଶ ସେନା ସହ ଭାରତରେ ପ୍ରବେଶ କରିଥିଲା। ବ୍ରିଟିଶ ସେନା ବାହିନୀରେ ଥିବା ଭାରତୀୟଙ୍କୁ ଏହା ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଦେଶ ସ୍ୱାଧୀନ ପରେ କମ୍ପାନୀ ଏହାକୁ ମଧ୍ୟବିତ୍ତ ପରିବାରରେ ପହଞ୍ଚାଇବା ଲାଗି ନୂଆ ରଣକୌଶଳ ଆପଣାଇଲା। ପିଲାଙ୍କ ମଧ୍ୟରେ ଏହାର ଆଦର ବୃଦ୍ଧି ପାଇଁ ଏହାକୁ ଶାରୀରିକ ଅଭିବୃଦ୍ଧି ସହ ଯୋଡି ଦିଆଗଲା। ତେବେ ଇଂଲଣ୍ଡରେ ହର୍ଲିକ୍ସ ବ୍ରାଣ୍ଡ ୧୪୦ ବର୍ଷ ପୁରୁଣା ଥିଲା। ଏଚ୍‌ୟୁଏଲ୍ ସହ ହୋଇଥିବା ଡିଲ୍ ଯୋଗୁ କମ୍ପାନୀର ଇଂଲଣ୍ଡ କାରବାର ପ୍ରଭାବିତ ହେବ ନାହିଁ। ଇଂଲଣ୍ଡରେ ଏହାର ମାଲିକାନା ଗ୍ଲାକ୍ସୋସ୍ମିଥକ୍ଲାଇନ ହାତରେ ରହିବ।

## ଏନ୍‌ଆଇଏନ୍‌ଏଲ୍‌ର ଉତ୍ପାଦନ ରେକର୍ଡ



**ଭୁବନେଶ୍ୱର,୩-୧୨**

କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍) ନଭେମ୍ବର ମାସରେ ୬୯,୫୫୦ ଟନ୍ ହଟ୍ ମେଟାଲ ଏବଂ ୬୩,୭୪୮ ଟନ୍ ପିଗ୍ ଆଇରନ ଉତ୍ପାଦନର ରେକର୍ଡ ହାସଲ କରିଛି। ୨୦୦୨ ନଭେମ୍ବର ୨ ପରଠାରୁ ଏହା ସର୍ବୋଚ୍ଚ ଉତ୍ପାଦନ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୨୦୦୯ ନଭେମ୍ବରରେ କମ୍ପାନୀ ୬୭,୭୭୦ ଟନ୍ ହଟ୍ ମେଟାଲ ଏବଂ ୬୧,୯୭୦ ପିଗ୍ ଆଇରନ ଉତ୍ପାଦନ କରିବାକୁ ସକ୍ଷମ ହୋଇଥିଲା। କମ୍ପାନୀର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଶି ଶେଖର ମହାନ୍ତି ଏହି ଅବସରରେ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କମ୍ପାନୀକୁ ପ୍ରମୁଖ ସ୍ଥାନକୁ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି। ଚଳିତ ମାସରୁ କମ୍ପାନୀ ଏହାର ଷ୍ଟିଲ ମେଲ୍ଟିଂ ଶପ୍‌କୁ ପୁନଃ କାର୍ଯ୍ୟକ୍ଷମ କରାଇ ବିଲେଟ୍ ଉତ୍ପାଦନ କରିବାକୁ ଯୋଜନା ରଖିଛି। ଏହା କମ୍ପାନୀ ଲାଗି ଦ୍ୱିତୀୟ ମାଇଲ ଖୁଣ୍ଟ ହେବ। ଚଳିତ ବର୍ଷ ମେ ମାସରେ ବ୍ଲାଷ୍ଟ ଫର୍ନେସ ରିପେୟାର କାର୍ଯ୍ୟ ଶେଷ କରି ଟର୍ନ ଆରାଉଣ୍ଡ ଯୋଜନାର ପ୍ରଥମ ମାଇଲ ଖୁଣ୍ଟ ଅତିକ୍ରମ କରିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

## ଆନ୍ଧ୍ର ବ୍ୟାଙ୍କର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୩-୧୨**

ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଆଞ୍ଚଳିକ ପ୍ରବନ୍ଧକ ଦ୍ୱାରିକାନାଥ ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସର୍ଗୀକୃତ ସେବା ପ୍ରଦାନ ପାଇଁ ନନ୍ଦ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଥିଲେ। ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଏଲ୍. ଏଲିଜାବେଥ୍ ରାଣୀ ଏବଂ ରାମଚନ୍ଦ୍ର ବେହେର ଦଳେଇଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ଜାନୁୟାରୀରେ ଓପେକ୍‌ରୁ ଓହରିବ କାତାର



**ଦୋହା,୩-୧୨**

ଅଶୋଧିତ ତୈଳ ଉତ୍ପାଦକ ଦେଶ ସମୂହକୁ ନେଇ ଗଠନ କରାଯାଇଥିବା ସଂଗଠନ ଅର୍ଗାନାଇଜେଶନ ଅଫ୍ ଦ ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ (ଓପେକ୍)କୁ ବଡ଼ ଝଟ୍‌କା ଲାଗିଛି। ଦୀର୍ଘ ୫୭ ବର୍ଷ ପରେ କାତାର ଆସନ୍ତାବର୍ଷ ଜାନୁୟାରୀରୁ ଓପେକ୍‌ରୁ ଅଲଗା ହୋଇଯିବାକୁ ଘୋଷଣା କରିଛି। ଦେଶର ଶକ୍ତି ମନ୍ତ୍ରୀ ସାଦ୍ ଅଲ୍-କାବି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କ ଦେଶ ଏବେ ପ୍ରାକୃତିକ ବାଷ୍ପ ଉତ୍ପାଦନ ଉପରେ ଅଧିକ ଧ୍ୟାନ ଦେବ। ତେବେ କାତାର ତୈଳ ଉତ୍ପାଦନ ଜାରି ରଖିବ। ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଆସନ୍ତାବର୍ଷ ଜାନୁୟାରୀରେ ତାଙ୍କ ଦେଶ ତୈଳ ଉତ୍ପାଦନକାରୀ ଦେଶ ସମୂହରୁ ଓହରି ଆସିବ। ଉଲ୍ଲେଖଥାଉ କି, ବିଶ୍ୱର ସର୍ବାଧିକ ପ୍ରାକୃତିକ ବାଷ୍ପ କାତାର ରପ୍ତାନି କରିଥାଏ। ବିଶ୍ୱର ପ୍ରାୟ ୩୦ ପ୍ରତିଶତ ଏଲ୍‌ଏନ୍‌ଜି କାତାରରୁ ଉତ୍ପାଦନ ହୋଇଥାଏ। ଆସନ୍ତା ୬ରେ ଓପେକ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଥିବା ବେଳେ କାତାରର ନିଷ୍ପତ୍ତି ଗୁରୁତ୍ୱ ବହନ କରୁଛି। ୧୯୬୧ରୁ କାତାର ଓପେକ୍‌ର ସଦସ୍ୟ ଥିଲା। ସୂଚନାଥାଉ କି, ପଡୋଶୀ ଦେଶ ସୌଦି ଆରବ, ୟୁଏଇ, ବାହାରିନ୍ ଓ ମିଶର ସହ ଏହାର କୂଟନୈତିକ ସମ୍ପର୍କ ବିଗିଡିବାରେ ଲାଗିଛି। ଆତଙ୍କବାଦକୁ ସମର୍ଥନ ଦେବା ଅଭିଯୋଗରେ ଉକ୍ତ ଦେଶଗୁଡ଼ିକ କାତାର ସହ ସମସ୍ତ ପ୍ରକାର ବାଣିଜ୍ୟିକ ଓ ଯାତାୟାତ ସମ୍ପର୍କ ଛିନ୍ନ କରିଛନ୍ତି।

## ଏଚ୍‌ଡିଏଫ୍‌ସିର ନେକ୍ସଟ ଜେନେରେଶନ ଆପ୍

**ଭୁବନେଶ୍ୱର,୩-୧୨**

ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ନେକ୍ସଟ ଜେନେରେଶନ ମୋବାଇଲ ବ୍ୟାଙ୍କିଙ୍ଗ ଆପ୍ଲିକେଶନକୁ ଉନ୍ମୋଚନ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟକୁ ସୁଗମ ଭାବେ ପରିଚାଳନା କରିବାକୁ ଏହା ସୁବିଧା ପ୍ରଦାନ କରିବ। ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ୟାଙ୍କର ବାର୍ଷିକ ଡିଜିଟାଲ ଇନୋଭେଶନ ସମିଟ ୨୦୧୮ ଅବସରରେ ଏହାର ଶୁଭାରମ୍ଭ ହୋଇଛି। ବର୍ତ୍ତମାନର ବ୍ୟାଙ୍କିଙ୍ଗ ଆବଶ୍ୟକତାକୁ ନଜରରେ ରଖି ସମସ୍ତ ପ୍ରକାରର ସୁବିଧା ଏଥିରେ ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏହାର ପ୍ରମୁଖ ବୈଶିଷ୍ଟ୍ୟ ମଧ୍ୟରେ ରହିଛି ବାୟୋମେଟ୍ରିକ ଲଗ୍ ଇନ୍, ପରିବର୍ଦ୍ଧିତ ନିରାପତ୍ତା ଏବଂ ଆକ୍‌ସେସ ସୁବିଧା। ପେ, ସେଭ ଏବଂ ଇନଭେଷ୍ଟ ଭଳି ପ୍ରମୁଖ ଦିଗକୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟାଙ୍କ ସମ୍ବର୍ଦ୍ଧିତ ୩୬୦ ଡିଗ୍ରୀ ଫାଇନାନ୍‌ସିଆଲ୍ ସ୍ନାପଶଟ ଭାବେ କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ବ୍ୟାଙ୍କ ଆକାଉଣ୍ଟ ଲାଗି ବ୍ୟବହାର ହୋଇପାରେ ଆଧାର କ୍ୟୁଆର୍ କୋଡ୍

**ନୂଆଦିଲ୍ଲୀ,୩-୧୨**

**କେନ୍ଦ୍ର-ଆର୍‌ବିଆଇ ଆଲୋଚନା**




ବ୍ୟାଙ୍କ ଆକାଉଣ୍ଟ ଓ ନୂଆ ସିମ୍ ଲାଗି ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଫଲାଇନରେ ଆଧାର କ୍ୟୁଆର୍ କୋଡ୍ ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସମ୍ଭାବନା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଗଲେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ପେମେଣ୍ଟ ୱାଲେଟ ଅପରେଟ୍ କରିବା ଏବଂ ବୀମା କିଣିବା ଲାଗି ବାୟୋମେଟ୍ରିକ ଇକେୱାଇସି ସ୍ଥାନରେ ଅଫ୍‌ଲାଇନରେ ଆଧାର କ୍ୟୁଆର୍ କୋଡ ବ୍ୟବହାର କରାଯାଇପାରିବ। ସୂଚନାଥାଉ କି, ସୁପ୍ରିମକୋର୍ଟ ତାଙ୍କ ଆଦେଶରେ କହିଥିଲେ ଯେ, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଲାଗି ଆଧାର କାର୍ଡ ଅନିବାର୍ଯ୍ୟ ନୁହେଁ। ଏହାପରେ ଅଫ୍‌ଲାଇନ ଆଧାର ବ୍ୟବହାର କରିବା ନେଇ ବେଶ୍ ଚର୍ଚ୍ଚା ହେଉଛି। ତେବେ ଏଥିପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ସର୍କୁଲାର ଅଣାଯିବାର ଆବଶ୍ୟକତା ରହିଛି। ସେହିପରି ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ କୁହାଯାଇଛି ଯେ, ସରକାର ମୂଳ କେୱାଇସି ମାଷ୍ଟର ସର୍କୁଲାରରେ ସଂଶୋଧନ କରିବା ଆବଶ୍ୟକ। ଏହାଦ୍ୱାରା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଯଥାଯଥ ପାଳନ ହୋଇପାରିବ। କ୍ୟୁଆର୍‌ରେ ୟୁଆଇଡିଏଆଇ ମୁଖ୍ୟଙ୍କ ସ୍ୱାକ୍ଷର ରହିଥିବାରୁ ଏହା ରାଶନ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଭୋଟର ଆଇଡିଠାରୁ ଅଧିକ ବିଶ୍ୱାସଯୋଗ୍ୟ ମନେ କରାଯାଉଛି।

## ୟାଟ୍‌ସରେ ୬୩ ହଜାର ଛାତ୍ରୀଛାତ୍ରଙ୍କ ଆବେଦନ

**ଭୁବନେଶ୍ୱର,୩-୧୨**

ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଚଳିତ ବର୍ଷର 'ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଦ୍ ମେଧା ଚୟନ' (ୟାଟ୍‌ସ)ରେ ୩୦ ଜିଲାର ୩୦୦ ବିଦ୍ୟାଳୟରୁ ପ୍ରାୟ ୬୩ ହଜାର ଛାତ୍ରୀଛାତ୍ର ଆବେଦନ ଆସିଥିଲା। ମୂଲ୍ୟାୟନ ପରେ ପ୍ରତି ଜିଲାରୁ ୨ ଜଣ ଲେଖାଏ ଯୁବ ଜ୍ୟୋତିର୍ବିଦ୍‌ଙ୍କୁ ମନୋନୀତ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଆମନ୍ତ୍ରଣ କରାଯାଇଛି। ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟାରିୟମରେ ଚଳିତ ମାସ ୧୨ ଏବଂ ୧୩ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମାନେ ଯୋଗଦେବେ। ଚୂଡାନ୍ତ ପର୍ଯ୍ୟାୟରେ ୨୦ ଜଣଙ୍କୁ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଆସନ୍ତା ମେ ମାସରେ ଏହି ପ୍ରତିଯୋଗୀଙ୍କୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପରିଦର୍ଶନରେ ନିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ହୋଣ୍ଡା ଭିଏଫ୍‌ଏକ୍ସ ୨.୦ ସହଭାଗିତା

**ଭୁବନେଶ୍ୱର,୩-୧୨**




ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ବହୁ ପ୍ରତୀକ୍ଷିତ ଭିଏଫ୍‌ଏକ୍ସ ୨.୦ ସହ ବ୍ରାଣ୍ଡ ସହଭାଗିତାରେ ସାମିଲ ହୋଇଛନ୍ତି। ଏହି ଚଳଚ୍ଚିତ୍ରରେ ହୋଣ୍ଡାର ବ୍ରାଣ୍ଡ ଆମ୍ବାସାଡର ଅକ୍ଷୟ କୁମାର ମଧ୍ୟ ନଜରରେ ଆସୁଛନ୍ତି। ଏହି ସହଭାଗିତା ଦ୍ୱାରା କମ୍ପାନୀର ଟଚ୍ ପଏଣ୍ଟଗୁଡ଼ିକରେ ଅକ୍ଷୟ କୁମାରଙ୍କ ଅଟୋଗ୍ରାଫ କରାଯାଇଥିବା ଏକ୍ସବ୍ଲେଡ ମଡେଲ ଉପଲବ୍ଧ ରହିଛି। ଏହି ଚଳଚ୍ଚିତ୍ରଟି ଟେକ୍ନୋଲୋଜିକୁ ଆଧାର କରି ନିର୍ମାଣ ହୋଇଥିବା ବେଳେ ହୋଣ୍ଡା ମଧ୍ୟ ଟେକ୍ନୋଲୋଜି ଉପରେ ବିଶ୍ୱାସ ରଖିଥିବା କମ୍ପାନୀର ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

## ଓଡ଼ିଶାକୁ ଏଡିବିର ୮୫ ନିୟୁତ ଡଲାର ଋଣ ସହାୟତା

**ଭୁବନେଶ୍ୱର,୩-୧୨**

**ଦକ୍ଷତା ବିକାଶ**




ରାଜ୍ୟରେ ଦକ୍ଷତା ବିକାଶ ଇକୋସିଷ୍ଟମରେ ଉନ୍ନତି ଏବଂ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ କୌଶଳ ତାଲିମ କେନ୍ଦ୍ର ସ୍ଥାପନ ଲାଗି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ସହଯୋଗର ହାତ ବଢାଇବ। ଏଥି ଲାଗି ଏଡିବି ଓଡ଼ିଶାକୁ ୮୫ ନିୟୁତ ଡଲାର ଋଣ ସହାୟତା ପ୍ରଦାନ କରିବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ଦ୍ୱାରା ଅଗ୍ରାଧିକାର କ୍ଷେତ୍ର ଲାଗି ୧.୫ ଲକ୍ଷ ଲୋକ ଦକ୍ଷତା ତାଲିମ ଲାଭ କରିପାରିବେ। ଏହା ମଧ୍ୟରେ ମାନୁଫାକଚରିଂ, କନଷ୍ଟ୍ରକଶନ ଭଳି କ୍ଷେତ୍ର ରହିଥିବା ଏଡିବି ପକ୍ଷରୁ ସୂଚନା ରହିଛି। ଭୁବନେଶ୍ୱରରେ ସ୍ଥାପନ ହେବାକୁ ଥିବା ୱାର୍ଲ୍ଡ ସ୍କିଲ ସେଣ୍ଟର (ଡବ୍ଲ୍ୟୁଏସ୍‌ସି) ୧୩,୦୦୦ ଫୁଲ ଟାଇମ୍ ଛାତ୍ରୀଛାତ୍ର, ୫ ହଜାର ଶିକ୍ଷକ, ୧,୦୦୦ ଆସେସରଙ୍କୁ ତାଲିମ ପ୍ରଦାନ କରିବ। ଏଠାରେ ୮ ବିଭାଗରେ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ସମନ୍ୱିତ ସେବା ସହ ଔଦ୍ୟୋଗିକ ଇନକ୍ୟୁବେଶନ ସେଣ୍ଟର, କ୍ୟାରିୟର କାଉନ୍‌ସେଲିଂ, ପ୍ଲେସମେଣ୍ଟ ସେଣ୍ଟର, ପାଠ୍ୟକ୍ରମ ଡିଜାଇନ, ଡେଭଲପମେଣ୍ଟ ସେଣ୍ଟର, ଏଜୁକେଶନ ଟେକ୍ନୋଲୋଜି ଡିପ୍ଲଏମେଣ୍ଟ ସେଣ୍ଟର ଭଳି ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଏଡ଼ିବି ପ୍ରକାଶ କରିଛି। ସେହିଭଳି ଡବ୍ଲ୍ୟୁଏସ୍‌ସି ସରକାରୀ ଆଇଟିଆଇ ନେଟୱର୍କକୁ ସହଯୋଗ କରିବ। ଏଗୁଡିକର ଦକ୍ଷତା ଏବଂ ପଲିଟେକନିକଗୁଡିକର କ୍ଷମତା ବୃଦ୍ଧି ସହ ଅନ୍ୟାନ୍ୟ ଦକ୍ଷତା କେନ୍ଦ୍ରଗୁଡିକର ଉନ୍ନତୀକରଣ ଉପରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ସେହିଭଳି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଟେକ୍ନିକାଲ ସହାୟତା ଲାଗି ୨ ନିୟୁତ ଡଲାର ପ୍ରଦାନ ଦିଗରେ ବ୍ୟାଙ୍କ କାର୍ଯ୍ୟ କରୁଛି।

## ବିମୁଦ୍ରୀକରଣ ପରେ ବଢ଼ିଛି ଆୟକର: ସିବିଡିଟି

**ନୂଆଦିଲ୍ଲୀ,୩-୧୨**

■ ଗତ ୭ ବର୍ଷରେ ସର୍ବାଧିକ ଦ୍ରୁତ ବୃଦ୍ଧି
■ ଧାର୍ଯ୍ୟ ଲକ୍ଷ୍ୟରୁ ଅଧାରୁ ଅଧିକ ଟିକସ ସଂଗ୍ରହ
■ ନଭେମ୍ବର ୧୫ ସୁଦ୍ଧା ୬.୬୩ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ




ପ୍ରତ୍ୟକ୍ଷ ଟିକସ ଆଦାୟରେ ଗତ ୭ ବର୍ଷରେ ସର୍ବାଧିକ ଦ୍ରୁତ ବୃଦ୍ଧି ଦେଖାଯାଇଛି। ବିମୁଦ୍ରୀକରଣକୁ ଏହାର କାରଣ ବୋଲି ମନେ କରାଯାଇପାରେ। ଏହି କାରଣରୁ ଆୟକର ବିଭାଗ ଚଳିତ ଆର୍ଥିକ ବର୍ଷ ଲାଗି ଧାର୍ଯ୍ୟ ପ୍ରତ୍ୟକ୍ଷ ଟିକସ ଲକ୍ଷ୍ୟର ଅଧାରୁ ଅଧିକ ରାଜସ୍ୱ ପୂର୍ବରୁ ପାଇସାରିଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ସଦ୍ୟତମ ରିପୋର୍ଟରୁ ଏହା ଜଣାପଡିଛି। ଆୟକର ବିଭାଗ ଲାଗି ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କୁହାଯାଉଥିବା ସିବିଡିଟି ପକ୍ଷରୁ ପ୍ରସ୍ତୁତ 'ବିମୁଦ୍ରୀକରଣର ପ୍ରଭାବ' ରିପୋର୍ଟରେ କୁହାଯାଇଛି ଯେ, ୨୦୧୬ ନଭେମ୍ବର ୮ରେ ଉଚ୍ଚ ମୂଲ୍ୟର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଗଲା।

ପରିଣାମସ୍ୱରୂପ ବଡ଼ ମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ପରିସଂଖ୍ୟାନ ମିଳିଲା। ଏହା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଆୟକର ବିଭାଗ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅନେକ ଟିକସ ଫାଙ୍କିକୁ ଧରାଯାଇପାରିଛି। ରିପୋର୍ଟରେ କୁହାଯାଇଛି ଯେ, ନଭେମ୍ବର ୧୫ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ବାବଦରେ ୬.୬୩ ଲକ୍ଷ କୋଟି ଟଙ୍କା ମିଳିଛି। ବର୍ଷକ ପୂର୍ବେ ଏହା ୧୬.୪% ଥିଲା। ଚଳିତ ଆର୍ଥିକ ବର୍ଷ ଲାଗି ୧୧.୫ ଲକ୍ଷ କୋଟି ଟଙ୍କା ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଛି। ଲକ୍ଷ୍ୟ ହାସଲ ଲାଗି ଆୟକର ବିଭାଗ ନିକଟରେ ଆହୁରି ୪ ମାସ ସମୟ ରହିଛି। ଏଥିରେ ଆହୁରି କୁହାଯାଇଛି ଯେ, ଏହି ସମୟରେ ଆୟକର ରିଟର୍ନ ଦାଖଲ ସଂଖ୍ୟା ୮୧ ପ୍ରତିଶତ ବୃଦ୍ଧି ପାଇ ୬.୮୭ କୋଟିରେ ପହଞ୍ଚିଯାଇଛି।

# ଆର୍ଜେଣ୍ଟିନା ୩-୦ ଗୋଲରେ ବିଜୟୀ

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ସୋମବାର ଅନୁଷ୍ଠିତ ପୁଲ୍ 'ଏ'ର ଏକ ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହ ଏହି ଅଲିମ୍ପିକ୍ସ ଚାମ୍ପିୟନ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ସହ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ପୂର୍ବ ମ୍ୟାଚରେ ୪-୩ ଗୋଲରେ ସ୍ପେନକୁ ହରାଇଥିବା ଆର୍ଜେଣ୍ଟିନାର ପଏଣ୍ଟ ସଂଖ୍ୟା ୨ ମ୍ୟାଚରୁ ୬ରେ ପହଞ୍ଚିଛି। ଏହି ଦଳର ଲୁକାସ ଭିଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ଗ୍ରୁପରେ ନ୍ୟୁଜିଲାଣ୍ଡ ୨ ମ୍ୟାଚରୁ ୩ ପଏଣ୍ଟରେ ସ୍ଥିର ରହିଥିବାବେଳେ ସ୍ପେନ ଓ ଫ୍ରାନ୍ସ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ପାରା ଆଥଲେଟ୍ ଜୟନ୍ତୀ ବେହେରା ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ।

ବିଶ୍ୱର ୨ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ୯ ର୍ୟାଙ୍କ୍ ଦଳ ନ୍ୟୁଜିଲାଣ୍ଡ ଉପରେ ଚାପ ପ୍ରୟୋଗ କରିବାରେ ସକ୍ଷମ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ଲଢ଼ିଥିଲେ ହେଁ ଖେଳ ଆଗକୁ ବଢ଼ିବା ସହ ଆର୍ଜେଣ୍ଟିନାର ଆଧିପତ୍ୟ ମଧ୍ୟ ବଢ଼ିଥିଲା। ୨୩ତମ ମିନିଟରେ ଅଗଷ୍ଟିନ ମାଜିଲି ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧର ପ୍ରଥମ ପର୍ଯ୍ୟାୟରୁ ଅର୍ଥାତ୍ ତୃତୀୟ କ୍ୱାର୍ଟରରେ ଲୁକାସ ଭିଲା ଆଉ ଏକ ଫିଲ୍ଡ ଗୋଲ ଦେଇ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪୧ତମ ମିନିଟରେ ସେ ଏହି ଗୋଲଟି ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ଉତ୍ସାହୀ ପ୍ରଦର୍ଶନ କରିଥିଲେ ହେଁ ଆର୍ଜେଣ୍ଟିନା ଶକ୍ତିଶାଳୀ ସାବ୍ୟସ୍ତ ହୋଇଥିଲା। ୫୫ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହା ସିଧାସଳଖ ଗୋଲରେ ପରିଣତ ହୋଇପାରି ନ ଥିଲେ ହେଁ ଗୋଲ ପୋଷ୍ଟ ନିକଟରେ ସଂଘର୍ଷ ମଧ୍ୟରେ ୨୩ ନମ୍ବର ଖେଳାଳି ଲୁକାସ ମାର୍ଟିନେଜ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଫଳରେ ଆର୍ଜେଣ୍ଟିନା ୩-୦ ଗୋଲରେ ବିଜୟୀ ହୋଇଥିଲା। ଡିସେମ୍ବର ୬ରେ ଆର୍ଜେଣ୍ଟିନା ଏହାର ଶେଷ ପୁଲ୍ ମ୍ୟାଚରେ ଫ୍ରାନ୍ସକୁ ଭେଟିବ। ସେହିଦିନ ନ୍ୟୁଜିଲାଣ୍ଡ ଓ ସ୍ପେନ ମଧ୍ୟରେ ମୁକାବିଲା ହେବ। ଏହାପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ଖେଳିବେ ତାହା ସ୍ଥିର ହେବ।

**ଗୋଲ ସ୍କୋରର**

**ଆର୍ଜେଣ୍ଟିନା-୩**
- ଅଗଷ୍ଟିନ ମାଜିଲି: ୨୩ତମ ମିନିଟ
- ଲୁକାସ ଭିଲା: ୪୧ତମ ମିନିଟ
- ଲୁକାସ ମାର୍ଟିନେଜ: ୫୫ତମ ମିନିଟ

**ନ୍ୟୁଜିଲାଣ୍ଡ-୦**


ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏକ ପେନାଲ୍ଟି କର୍ନରର ଦୃଶ୍ୟ।

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୧ | ୧ | ୦ | ୦ | ୨ | ୧ | +୧ | ୩ |
| ଇଂଲଣ୍ଡ | ୧ | ୦ | ୧ | ୦ | ୨ | ୨ | ୦ | ୧ |
| ଚାଇନା | ୧ | ୦ | ୧ | ୦ | ୨ | ୨ | ୦ | ୧ |
| ଆୟର୍ଲାଣ୍ଡ | ୧ | ୦ | ୦ | ୧ | ୧ | ୨ | -୧ | ୦ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ନେଦରଲାଣ୍ଡ୍ସ | ୧ | ୧ | ୦ | ୦ | ୭ | ୦ | +୭ | ୩ |
| ଜର୍ମାନୀ | ୧ | ୧ | ୦ | ୦ | ୧ | ୦ | +୧ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | -୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | -୭ | ୦ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ୨୦୦ତମ ମ୍ୟାଚ ଖେଳିଲେ ସାଲେସ

**ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି):** ହକି ବିଶ୍ୱକପର ସୋମବାର ଅନୁଷ୍ଠିତ ଫ୍ରାନ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ସ୍ପେନର ମାର୍କ ସାଲେସ। ୧୯୮୭ ମେ ୬ରେ ଜନ୍ମିତ ସାଲେସ ଟେରାସାଠାରେ ଜନ୍ମିତ ସାଲେସ ସ୍ପେନ ଦଳର ଜଣେ ଦକ୍ଷ ମିଡ୍‌ଫିଲ୍ଡରଭାବେ ପରିଚିତ। ସେ ୨୦୧୨ ଅଲିମ୍ପିକ୍ସରେ ମଧ୍ୟ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

# ଭାରତ-ପାକିସ୍ତାନ ଫାଇନାଲ ଚାହାନ୍ତି ହାସନ



କଳିଙ୍ଗ ଷ୍ଟାଡ଼ିୟମ୍ ଭିତରେ ଥିବା 'ଫ୍ୟାନ୍ ଭିଜେଲ' ଭ୍ରମଣ ଅବସରରେ ପାକିସ୍ତାନ ଖେଳାଳି।

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ଖେଳିବା ପାଇଁ ଓଡ଼ିଶା ଆସିଥିବା ପାକିସ୍ତାନ ଦଳ ଭୁବନେଶ୍ୱରରେ ଆତିଥେୟତା ଏବଂ ଦର୍ଶକ ସମର୍ଥନରେ ଅଭିଭୂତ। ହକି ପାଇଁ କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ଥାନ। ଭାରତ-ପାକିସ୍ତାନ ଫାଇନାଲ ହେଲେ ଦୁଇ ଦେଶର କ୍ରୀଡ଼ା ସମ୍ପର୍କ ଅଧିକ ମଜଭୁତ ହୋଇପାରିବ ଏବଂ ଏସୀୟ ହକି ଅଧିକ ସମୃଦ୍ଧ ହେବ ବୋଲି କହିଛନ୍ତି ପାକିସ୍ତାନ କୋଚ୍ ହାସନ ସର୍ଦ୍ଦାର। ଷ୍ଟାଡିୟମ ପରିସରରେ ଥିବା ପୋଲିସ ଫ୍ୟାନ୍ସ ଭିଲେଜରେ ସୋମବାର ଓଡ଼ିଶା ପୋଲିସ ପକ୍ଷରୁ ପାକିସ୍ତାନ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମକୁ ଏଠାରେ ବହୁତ ସମ୍ମାନ ମିଳିଛି। ଏଠାକାର ପରିବେଶକୁ ଆମ ପିଲାମାନେ ବହୁତ ଉପଭୋଗ କରୁଛନ୍ତି। ଏଠାକୁ ବହୁ ପରିମାଣରେ ଦର୍ଶକ ହକିକୁ ସମର୍ଥନ କରିବାକୁ ଆସୁଛନ୍ତି। ଜର୍ମାନୀ ବିପକ୍ଷ ମ୍ୟାଚରେ ଆମେ ୭-୮ଥର ସୁଯୋଗ ପାଇଥିଲୁ। ମାତ୍ର ସେଥିରୁ ଥରେ ହେଲେ ଗୋଲ ଦେବାକୁ ସକ୍ଷମ ହେଲୁନାହିଁ। ଆମେ ୩-୪ଟି ଗୋଲ କରି ପାରିଥାନ୍ତୁ ବୋଲି କହିଛନ୍ତି ସର୍ଦ୍ଦାର। ୧୯୮୨ରେ ମୁମ୍ବାଇରେ ହୋଇଥିବା ବିଶ୍ୱକପରେ ଆମେ ଚାମ୍ପିୟନ ହୋଇଥିଲୁ। ସେତେବେଳେ ଆମେ ଜର୍ମାନୀକୁ ହରାଇ ଟାଇଟଲ ଜିତିଥିଲୁ। ମୁଁ ୧୯୮୧ରୁ ପ୍ରାୟ ଭାରତ ଆସୁଛି। ୧୯୮୨ରେ ଏସିଆନ ଗେମ୍ସ ଖେଳିବାକୁ ଆମେ ନୂଆଦିଲ୍ଲୀ ଆସିଥିଲୁ। ଏହି ଅବସରରେ ଆମକୁ ରାଜୀବ ଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହିତ ମିଶିବାର ସୁଯୋଗ ମିଳିଥିଲା। ଏସିଆନ ଗେମ୍ସର ସଫଳ ଆୟୋଜନ ହୋଇଥିବାରୁ ଭାରତରେ ଅଲିମ୍ପିକ୍ସ ଆୟୋଜନ ସମ୍ପର୍କରେ ଚିନ୍ତା କରିବାକୁ ଆମେ ମତ ରଖିଥିଲୁ। ଭାରତରେ ହକିର ଲୋକପ୍ରିୟତା ବହୁତ। ଭୁବନେଶ୍ୱର ଏକ କ୍ଲିନ୍ ସିଟି। ଆମେ ଏଥିରେ ବହୁତ ପ୍ରଭାବିତ। ଭାରତର ଅନ୍ୟ ସହର ଏବଂ ପାକିସ୍ତାନରେ ମଧ୍ୟ ଏପରି ହେବା ଉଚିତ। ନିରାପତ୍ତା ଯୋଗାଇ ଦେଇଥିବାରୁ ଓଡ଼ିଶା ପୋଲିସକୁ ଧନ୍ୟବାଦ ଜଣାଇବାକୁ ଭୁଲି ନ ଥିଲେ ହାସନ। ଶେଷରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**'ଓଡ଼ିଶାରେ ସ୍ନେହ, ସମ୍ମାନ ଅବିସ୍ମରଣୀୟ'**

# ସ୍ପେନ-ଫ୍ରାନ୍ସ ମ୍ୟାଚ ଡ୍ର

ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ସୋମବାର ଅନୁଷ୍ଠିତ ସ୍ପେନ-ଫ୍ରାନ୍ସ ପୁଲ୍'ଏ' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ୬ଷ୍ଠ ମିନିଟରେ ଫ୍ରାନ୍ସର କ୍ଲିମେଣ୍ଟ ଟିମୋଥି ଏବଂ ୪୮ତମ ମିନିଟରେ ସ୍ପେନର ଇଗ୍ଲେସିଆସ ଆଲଭାରୋ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଏଥିସହ ଉଭୟ ଦଳ ପଏଣ୍ଟ ଖାତା ମଧ୍ୟ ଖୋଲିଛନ୍ତି। କାରଣ ପ୍ରଥମ ମ୍ୟାଚରେ ସ୍ପେନ ୩-୪ ଗୋଲରେ ଆର୍ଜେଣ୍ଟିନାଠାରୁ ଏବଂ ଫ୍ରାନ୍ସ ୧-୨ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ତେଣୁ ଅନ୍ତିମ ପୁଲ୍ ମ୍ୟାଚ ଦୁଇଟି ଯାକ ଦଳପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। କାରଣ ନିୟମ ଅନୁସାରେ ପୁଲ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ଯୋଗ୍ୟତା ପାଇବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ମ୍ୟାଚ ଖେଳିବେ। ପ୍ରତି ଗ୍ରୁପ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନୀୟ ଦଳ ବାଧ୍ୟହୋଇ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବ। କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଅତିଥିଭାବେ ଯୋଗଦେଇ ସ୍ପେନ ଗୋଲକିପର କୋର୍ଟେଜ କ୍ୱିକୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ଚଳିତ ବିଶ୍ୱକପରେ ଖେଳୁଥିବା ଦଳଗୁଡ଼ିକ ମଧ୍ୟରୁ ଫ୍ରାନ୍ସ ସବୁଠାରୁ ନିମ୍ନ ୨୦ତମ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ ହୋଇଥିଲେ ମଧ୍ୟ ଏହି ମ୍ୟାଚରେ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ମ୍ୟାଚର ୬ଷ୍ଠ ମିନିଟରେ ୨୮ ନମ୍ବର ଖେଳାଳି କ୍ଲିମେଣ୍ଟ ଟିମୋଥି ଏକ ଫିଲ୍ଡ ଗୋଲ କରି ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଫ୍ରାନ୍ସର ଅଗ୍ରଣୀ ବଳବତ୍ତର ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଘଟଣା ବହୁଳ ରହିଥିଲା। ଗୋଲ ପରିଶୋଧ ପାଇଁ ସ୍ପେନ ଆକ୍ରମଣକୁ ଜୋରଦାର କରିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଫ୍ରାନ୍ସ। ୪୮ତମ ମିନିଟରେ ସ୍ପେନର ୯ ନମ୍ବର ଖେଳାଳି ଇଗ୍ଲେସିଆସ ଆଲଭାରୋ ଗୋଲଟିକୁ ପରିଶୋଧ କରି ଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ୫୧ତମ ମିନିଟରେ ଫ୍ରାନ୍ସ ପାଇଁ ଅଗ୍ରଣୀ ନେବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ମିଳିଥିବା ପେନାଲ୍ଟି କର୍ନର ଗୋଲରେ ପରିଣତ ହୋଇପାରି ନ ଥିଲେ ବୌମଗାର୍ଟେନ ଗାସ୍ପାର୍ଡ ଷ୍ଟିକ୍ ଅବଷ୍ଟ୍ରକ୍ସନ ଅଭିଯୋଗ କରିଥିଲେ। ଭିଡିଓ ରେଫରାଲରେ ଏହା ଜଣା ପଡ଼ିବାରୁ ସ୍ପେନକୁ ଦଣ୍ଡ ସ୍ୱରୂପ ଫ୍ରାନ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା ମାତ୍ର ଜେନେଷ୍ଟେଟ୍ ହ୍ୟୁଗୋ ଦୁର୍ଭାଗ୍ୟଜନକଭାବେ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଏହାପରେ ସ୍ପେନ କେତେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଫଳରେ ମ୍ୟାଚ ୧-୧ରେ ଶେଷ ହୋଇଥିଲା। ମ୍ୟାଚରେ ସ୍ପେନ ମୋଟ ୭ଟି ଏବଂ ଫ୍ରାନ୍ସ ଗୋଟିଏ ପେନାଲ୍ଟି କର୍ନର ପାଇଥିଲା। ମାତ୍ର କୌଣସିଟି ହେଲେ ଗୋଲ୍‌ରେ ପରିଣତ ହୋଇ ନ ଥିଲା। ଏହା ପୂର୍ବରୁ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ମୋଟ ୯ ଥର ମୁକାବିଲା ହୋଇଥିଲା। ଏଥିରୁ ସ୍ପେନ ୬ଟି ଏବଂ ଫ୍ରାନ୍ସ ଗୋଟିଏ ଜିତିଥିବାବେଳେ ଅବଶିଷ୍ଟ ୨ଟି ମ୍ୟାଚ ଡ୍ର ରହିଥିଲା। ଡିସେମ୍ବର ୬ରେ ସ୍ପେନ ଏହାର ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେହିଦିନ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ।



ସୋମବାର ସନ୍ଧ୍ୟାରେ ଫ୍ରାନ୍ସ ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍।

**ଗୋଲ ସ୍କୋରର**

**ଫ୍ରାନ୍ସ-୧**
- କ୍ଲିମେଣ୍ଟ ଟିମୋଥ: ୬ଷ୍ଠ ମିନିଟ

**ସ୍ପେନ-୧**
- ଇଗ୍ଲେସିଆସ ଆଲଭାରୋ: ୪୮ତମ ମିନିଟ

## ଫ୍ୟାନ୍ କର୍ଣ୍ଣର







> ରବି ଚନ୍ଦ୍ରନ ଅଶ୍ୱିନ ଜଣେ ଚତୁର ବୋଲର। ନିକଟରେ କାଉଣ୍ଟି କ୍ରିକେଟ ଖେଳିଥିବାରୁ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ସେ ଭଲ କରିବେ ବୋଲି ଆଶା ।
> –ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ



> ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ବର୍ତ୍ତମାନ ବିଶ୍ୱର ସର୍ବଶ୍ରେଷ୍ଠ, କିନ୍ତୁ ବିରାଟ କୋହଲିଙ୍କୁ ନିୟନ୍ତ୍ରଣରେ ରଖିପାରିଲେ ସେମାନଙ୍କ ଉପରେ ଅଙ୍କୁଶ ଲଗାଇ ହେବ ।
> –ଜୋସ୍ ହାଜ୍‌ଲେଉଡ୍, ଅଷ୍ଟ୍ରେଲିଆ ଉପଅଧିନାୟକ



## ସଂକ୍ଷେପରେ

### ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର

**ୱାଙ୍ଗାରାଇ(ନ୍ୟୁଜିଲାଣ୍ଡ),୩।୧୨ (ପି.ଟି.):** ଏଠାରେ ଭାରତ ଏ' ଓ ନ୍ୟୁଜିଲାଣ୍ଡ ଏ' ମଧ୍ୟରେ ଖେଳାଯାଉଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଛି। ମ୍ୟାଚ୍‌ର ୪ର୍ଥ ତଥା ଅନ୍ତିମ ଦିବସ ବର୍ଷା ଯୋଗୁ ଖେଳି ହୋଇପାରି ନ ଥିଲା। ଏଥିଯୋଗୁ ମ୍ୟାଚ୍ ବିନା ଫଳରେ ଶେଷ ହୋଇଛି। ଏଥିପୂର୍ବରୁ ଅନୁଷ୍ଠିତ ଦୁଇଟି ଅନ୍‌ଅଫିସିଆଲ ମ୍ୟାଚ୍ ମଧ ସମାନ ବିନା ଫଳାଫଳ ଶେଷ ହୋଇଯାଇଛି। ପ୍ରଥମ ଇନିଂସରେ ଭାରତ ଏ' ୩୨୩ ରନ୍ କରିଥିବାବେଳେ ନ୍ୟୁଜିଲାଣ୍ଡ ୩୯୮ ରନ୍‌ରେ ଅଲଆଉଟ୍ ହୋଇଥିଲା। ଭାରତ ପକ୍ଷରୁ କ୍ରିଷ୍ଣାପା ଗୋଥାମ ଭଲ ବୋଲିଂ କରିଥିଲେ। ପରେ ୭୫ ରନ୍‌ରେ ପଛୁଆ ଥିବା ଭାରତ ଏ' ୩ୟ ଦିବସ ଖେଳ ଶେଷ ସୁଦ୍ଧା ଏକ ଉଇକେଟ ହରାଇ ୩୮ ରନ୍ କରିଥିଲା। ଦଳ ପକ୍ଷରୁ ଆର. ସମର୍ଥ (୨୭) ଓ ଏ. ବାୱ୍ରନେ (୫) ଅପରାଜିତ ଥିଲେ।

### ଓଡ଼ିଶା ୧୨୪ ରନ୍‌ରେ ଅଲଆଉଟ

**କଟକ ଅଫିସ,୩।୧୨:** ବିଜୟନଗରମର ଡଃ ପି.ଭି.ଜି. ରାଜୁ ଏସିଏ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫିର ଓଡ଼ିଶା-ଆନ୍ଧ୍ରପ୍ରଦେଶ ମ୍ୟାଚ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶାର ପ୍ରଥମ ଇନିଂସ ୧୨୪ ରନ୍‌ରେ ସୀମିତ ରହିଥିବାବେଳେ ଆନ୍ଧ୍ରପ୍ରଦେଶ ୨ ଉଇକେଟରେ ୬୯ ରନ୍ କରିଛି। ଆନ୍ଧ୍ରପ୍ରଦେଶ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ୧୫ ରନ୍‌ରେ ୪ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମଧ୍ୟକ୍ରମରେ ମାନସ ରଞ୍ଜନ ନାୟକଙ୍କ ୪୦ ଓ ଆୟୁଷ ନାୟକଙ୍କ ୩୨ ରନ ବଳରେ ଦଳ ୧୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଓଡ଼ିଶାର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ ବି. ସନ୍ତୋଷ କୁମାର ଓ ନୀତିଶ କୁମାର ରେଡ୍ଡୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଆନ୍ଧ୍ରପ୍ରଦେଶର ଓପନର ଭମସି କ୍ରୀଷ୍ଣା ୧୭ରନ୍‌ରେ ଶେଖର ମାଝୀଙ୍କ ଦ୍ୱାରା ଓ ନୀତିଶ କୁମାର ରେଡ୍ଡୀ ୨ରନ୍‌ରେ ଉମେଶ ଯାଦବଙ୍କ ଦ୍ୱାରା ଆଉଟ ହୋଇଛନ୍ତି । ଦଳ ୫୫ରନ୍‌ରେ ପଛରେ ଥିବା ବେଳେ ଯାରା ସନ୍ଦୀପ ୩୨ରନ୍‌ରେ ଅପରାଜିତ ଅଛନ୍ତି।

### ପେସାଦାର କ୍ରିକେଟକୁ ଫେରିବେ ଟାଇବୁ

**ହରାରେ,୩।୧୨:** ପୂର୍ବତନ ଜିମ୍ବାୱେ ଅଧିନାୟକ ତାତେନ୍ଦା ଟାଇବୁ ପେସାଦାର କ୍ରିକେଟକୁ ଫେରିବେ। ଏହି ୩୫ ବର୍ଷୀୟ ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀଲଙ୍କାର ପ୍ରଥମ ଶ୍ରେଣୀ ଦଳ ବାଦୁରାଲିୟା ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଚଳିତ ମାସର ଅନ୍ତିମ ଭାଗରେ ଖେଳିବେ। ସେ କହିଛନ୍ତି, ପୁଅ ସହ ଆଲୋଚନା କରିବା ପରେ ମୋତେ କ୍ରିକେଟକୁ ଫେରିବା ଲାଗି ପ୍ରେରଣା ମିଳିଛି। ଟାଇବୁ ୨୦୧୨ରେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ। ୨୧ ବର୍ଷ ବୟସରେ ସେ ଜିମ୍ବାୱେ ଟେଷ୍ଟ ଦଳ ନେତୃତ୍ୱ ନେଇ କନିଷ୍ଠ ଅଧିନାୟକ ହେବାର ରେକର୍ଡ କରିଥିଲେ। ସେ ମୋଟ ୨୮ ଟେଷ୍ଟ, ୧୫୦ ଦିନିକିଆ ଓ ୧୭ ଟି୨୦ ଖେଳିଥିଲେ।

### ସମ୍ମାନ ହାନି ହୋଇଥିବାରୁ ଗେଲ୍‌ଙ୍କୁ ମିଳିବ ଦେଢ଼ କୋଟି

**ସିଡ୍‌ନୀ,୩।୧୨:** ଗତବର୍ଷ ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କ ନାମରେ ଅଷ୍ଟ୍ରେଲିଆର ଖବରକାଗଜ ଫେୟାରଫାକ୍ସ ମିଡିଆ ୨୦୧୬ରେ ଏକ ଆପତ୍ତିଜନକ ରିପୋର୍ଟ ପ୍ରକାଶ କରିଥିଲା। ଏ ନେଇ ଉକ୍ତ ଖବରକାଗଜ ବିରୋଧରେ ଗେଲ ମାନହାନି ମକଦ୍ଦମା ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ଗତବର୍ଷ ଅଷ୍ଟ୍ରେଲିଆ କୋର୍ଟ ୧୦୩ ଟେଷ୍ଟ ମ୍ୟାଚ୍ ଖେଳିଥିବା ବ୍ୟାଟ୍ସମ୍ୟାନଙ୍କ ସପକ୍ଷରେ ମତ ଦେଇଥିଲେ। ସୋମବାର ଏହି ମାମଲାର ଶୁଣାଣି କରି ଜଷ୍ଟିସ ଲୁସି ମ୍ୟାକ୍‌କୁଲମ ଫେୟାରଫାକ୍ସ ମିଡିଆକୁ କ୍ଷତିପୂରଣ ବାବଦକୁ ୨୨୦,୭୭୦ ଆମେରିକୀୟ ଡଲାର ଗେଲ୍‌ଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ।

# ଇଂଲଣ୍ଡ-ଅଷ୍ଟ୍ରେଲିଆ ମୁକାବିଲା ଆଜି

**ଭୁବନେଶ୍ୱର,୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ହକି ବିଶ୍ୱକପ୍‌ରେ ମଙ୍ଗଳବାର ପୁଲ୍ ବି'ରେ ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ବିଶ୍ୱକପ୍‌ରେ ଡେବ୍ୟୁ କରିଥିବା ଚାଇନା ମୁହାଁମୁହିଁ ହେବେ। ଅଷ୍ଟ୍ରେଲିଆ ଅପେକ୍ଷା ଇଂଲଣ୍ଡ ପାଇଁ ଏହି ମ୍ୟାଚ୍ ବେଶି ଗୁରୁତ୍ୱ ବହନ କରୁଛି। କାରଣ ଗତ ଦୁଇଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲରେ ଆୟର୍ଲାଣ୍ଡକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପଟେ ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ତଥା ନବାଗତ ଚାଇନାକୁ ଭେଟିଥିଲା। ଅନାକର୍ଷଣୀୟ ପ୍ରଦର୍ଶନ କରି ଇଂଲଣ୍ଡ ଏହି ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଅଷ୍ଟ୍ରେଲିଆ ୩ ପଏଣ୍ଟ ପାଇଁ ପୁଲ୍ ବି'ର ଶୀର୍ଷରେ ରହିଛି। ଅନ୍ୟପଟେ ଇଂଲଣ୍ଡ ଗୋଟିଏ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡକୁ ବିଜୟୀ ହେବା ନିହାତି ଜରୁରୀ ହୋଇପଡ଼ିଛି। କିନ୍ତୁ ଅଷ୍ଟ୍ରେଲିଆ କେବଳ ପୁଲ୍ ବି' ନୁହଁ ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହୋଇଛି। ବିଶ୍ୱର ୧ ନମ୍ବର ଦଳ ଅଷ୍ଟ୍ରେଲିଆ ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଏଥର ସଫଳତା ହେଲେ ଅଷ୍ଟ୍ରେଲିଆ ଟାଇଟଲ ହାସଲରେ ହ୍ୟାଟ୍ରିକ ଅର୍ଜନ କରିବ। ତେବେ ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ଓ ଏହା ଗତ କେତେବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଅଷ୍ଟ୍ରେଲିଆ ୧୫ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛି। ଗତ ୧୩ଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ଅଷ୍ଟ୍ରେଲିଆ ମୋଟ ଉପରେ ୯ଟି ପଦକ ହାସଲ କରି ବିଶ୍ୱର ଅନ୍ୟତମ ସଫଳ ଦଳ ଭବେ ବିବେଚିତ ହୋଇଛି। ମୋଟ ଉପରେ ୩ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଦଳରେ କେତେଜଣ ଅଭିଜ୍ଞ ଖେଳାଳି ଅବସର ନେଇଛନ୍ତି ଓ ୧୦ଜଣ ଖେଳାଳି ବିଶ୍ୱକପ୍ ପଦାର୍ପଣ କରିଛନ୍ତି। ଭୁବନେଶ୍ୱରରେ ଅଷ୍ଟ୍ରେଲିଆର ଜବରଦସ୍ତ ରେକର୍ଡ ରହିଛି। ୨୦୧୭ରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଟାଇଟଲ ଜିତିଥିଲା। କିନ୍ତୁ ପ୍ରଥମ ମ୍ୟାଚରେ ଅନାକର୍ଷଣୀୟ ପ୍ରଦର୍ଶନ କରି ଆୟର୍ଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଥିଲା। ଫଳରେ ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ନିଶ୍ଚିତ ଭାବେ ଚିନ୍ତିତ ଥିବ। କୋଚ୍ କଲିନ୍ ବ୍ୟାଚ୍‌ଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟକ ତଥା ଅଭିଜ୍ଞ ଆଟାକିଙ୍ଗ୍ ମିଡଫିଲ୍ଡର ଏଡ୍ଡି ଓକେନଡେନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଜିତି ଟାଇଟଲର ନିକଟବର୍ତ୍ତୀ ହେବା ଲକ୍ଷ୍ୟରେ ରହିଛି। ଡିଫେଣ୍ଡର ଆରାନ ଜେଲେୱ୍‌ସ୍କିଙ୍କ ଉପରେ ମଧ ସମସ୍ତଙ୍କ ନଜର ରହିବ। କଣ୍ଟିନେଣ୍ଟାଲ ଚାମ୍ପିୟନ ଅଫ୍ ଓସେନିଆ ବିବେଚିତ ହୋଇ ଅଷ୍ଟ୍ରେଲିଆ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଏଡ୍ଡି ଓକେନଡେନ ୩୩୦ଟି ମ୍ୟାଚ୍ ଖେଳି ସବୁଠାରୁ ଅଭିଜ୍ଞ ଖେଳାଳି ବିବେଚିତ ହୋଇଛନ୍ତି। ଗତ ଦୁଇଟି ବିଶ୍ୱକପ୍‌ରେ ଦଳର ସଫଳତାରେ ଓକେନଡେନ ସବୁଠାରୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରିଥିବାରୁ ଇଂଲଣ୍ଡକୁ ଅଷ୍ଟ୍ରେଲିଆ ଆଦୌ ହାଲକା ଭାବେ ନେବ ନାହିଁ।

ଅନ୍ୟପଟେ ଇଂଲଣ୍ଡ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୭ ନମ୍ବର ସ୍ଥାନରେ ରହିଛି। ୨୦୧୯ ଓ ୨୦୧୪ ବିଶ୍ୱକପ୍‌ରେ ଇଂଲଣ୍ଡ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ୧୯୮୬ ବିଶ୍ୱକପ୍‌ରେ ଘରୋଇ ପରିବେଶ ଇଂଲଣ୍ଡ ରୌପ୍ୟ ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। କୋଚ୍ କେରୀ ଡ୍ୟାନୀଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟକ ଫିଲ ରୋପେରଙ୍କ ନେତୃତ୍ୱରେ ଗତ ଦୁଇଟି ସଂସ୍କରଣଠାରୁ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛନ୍ତି। ୪୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ତଥା ୪ଟି ବିଶ୍ୱକପରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ବେରୀ ମିଡଲଟନ ଓ ତୃତୀୟ ବିଶ୍ୱକପ୍ ଖେଳିବାକୁ ଯାଉଥିବା ଆଡମା ଡିକ୍ସନଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଅଷ୍ଟ୍ରେଲିଆ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବ। ଅନ୍ୟପଟେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ମାତ୍ ଦେଇ କ୍ୱାର୍ଟର ଫାଇନାଲର ନିକଟବର୍ତ୍ତୀ ହେବା ଲକ୍ଷ୍ୟରେ ରହିଛି।



ପ୍ରାକ୍ଟିସ୍ ସେସନ ଅବସରରେ ଇଂଲଣ୍ଡ ଦଳର ଖେଳାଳି।

**ଇଂଲଣ୍ଡ ଦଳ:** ଫିଲ ରୋପେର (ଅଧିନାୟକ), ଜର୍ଜ ପିନେର, ହାରୀ ଗିବ୍‌ସନ, ଆଡାମ ଡିକ୍ସନ, ଲିଆମ ସାନଫୋର୍ଡ, ମାର୍କ ଗ୍ଲେଗହର୍ନ, ଜ୍ୟାକ ୱାଲେର, ମାଇକେଲ ହୋଆର, ଲୁକ୍ ଟେଲର, ହାରୀ ମାର୍ଟିନ, ଡେଭିଡ ଆମ୍ସ, ଇଆନ ସ୍ଲୋଆନ, ବେରୀ ମିଡଲଟନ, ଜ୍ୟାକ ୱାଲାସ, ଜେମ୍ସ ଗଲ, ଡେଭିଡ କଣ୍ଡନ, ୱିଲ କଲନାନ ଓ ଲଆମ ଅନ୍‌ସେଲ।

**ଅଷ୍ଟ୍ରେଲିଆ ଦଳ:** ଏଡ୍ଡି ଓକେନଡେନ (ଅଧିନାୟକ), ଡାନିଏଲ ବିଏଲ, ଟିମୋଥି ବ୍ରାଣ୍ଡ, ଟମ୍ କ୍ରେଗ୍, ମାଥ୍ୟୁ ଡସନ, ବ୍ଲେକ ଗୋଭର୍ସ, ଜ୍ୟାକ ହାର୍ଭି, ଜେରେମି ହେୱାର୍ଡ, ଟିମ ହୋୱାର୍ଡ, ଟିଲେର ଲୋଭେଲ, ଟ୍ରେଣ୍ଟ ମିଟନ, ଫ୍ଲିନ୍ ଓଗିଲଭି, ମାଥ୍ୟୁଜ ସ୍ୱାନ, କୋରି ୱେୟେର, ଜ୍ୟାକ ହ୍ୱେଟନ, ଡିଲାନ ଉଥରସ୍ପୁନ ଓ ଆରାନ ଜାଲେୱ୍‌ସ୍କି।

**ଆଜିର ମ୍ୟାଚ୍**

ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ
ପୁଲ୍-ବି
ସମୟ ଅପରାହ୍ନ- ୫ଟା

ଆୟର୍ଲାଣ୍ଡ ବନାମ ଚାଇନା
ପୁଲ୍- ବି
ସମୟ- ରାତି ୭ଟା

ସ୍ଥାନ-କଳିଙ୍ଗ ଷ୍ଟାଡିୟମ
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

### ଚାଇନା ବିପକ୍ଷରେ ଆୟର୍ଲାଣ୍ଡ ଫେଭରାଇଟ

**ଭୁବନେଶ୍ୱର, ୩।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ମଙ୍ଗଳବାର ପୁଲ୍ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ଚାଇନା ମୁହାଁମୁହିଁ ହେବେ। ଚାଇନା ଅପେକ୍ଷା ଆୟର୍ଲାଣ୍ଡ ପାଇଁ ଏହି ମ୍ୟାଚ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଚାଇନା ୨-୨ ଗୋଲରେ ଡ୍ର ରଖିଥିଲା। କିନ୍ତୁ ଆୟର୍ଲାଣ୍ଡ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଡ୍ର ରଖିଥିଲା। ଚାଇନା ୧ ପଏଣ୍ଟ ପାଇ ପୁଲ୍ ବି'ର ତୃତୀୟ ସ୍ଥାନରେ ଥିବା ବେଳେ ଆୟର୍ଲାଣ୍ଡ କୌଣସି ପଏଣ୍ଟ ନ ପାଇ ନିମ୍ନରେ ରହିଛି। ଆୟର୍ଲାଣ୍ଡ ବିଶ୍ୱ ର୍‍ୟାଙ୍କିଙ୍ଗର ଦଶମ ସ୍ଥାନରେ ରହିଛି। ଜୋହାନ୍ସବର୍ଗରେ ଖେଳାଯାଇଥିବା ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଆୟର୍ଲାଣ୍ଡ ପଞ୍ଚମସ୍ଥାନ ଅଧିକାର କରି ବିଶ୍ୱକପ୍ ଯୋଗ୍ୟତା ହାସଲ କରିଥିଲା। ୨୦୧୫ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଆୟର୍ଲାଣ୍ଡ ପଞ୍ଚମ ସ୍ଥାନ ଅଧିକାର କରିଥିଲା। ପୁଣି ୨୦୧୫ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଏହି ଦଳ ବ୍ରୋଞ୍ଜ ପଦକ ହାସଲ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ୨୦୧୬ ରିଓ ଅଲିମ୍ପିକ୍ସରେ ଆୟର୍ଲାଣ୍ଡ ଦଶମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। କିନ୍ତୁ ୨୦୧୪ ବିଶ୍ୱକପ୍ ଖେଳିବାକୁ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିପାରି ନ ଥିଲା। ଆୟର୍ଲାଣ୍ଡ ଗୋଲ୍‌କିପର ଡେଭିଡ ହାର୍ଟଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସବୁଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆୟର୍ଲାଣ୍ଡ ଚାଇନାଠାରୁ ଦୁଇପାଦ ଆଗରେ ରହିଛି। ତେଣୁ ଏହି ମ୍ୟାଚ୍‌ରେ ଆୟର୍ଲାଣ୍ଡ ଫେଭରାଇଟ ମନେହୁଏ। ଅପରପକ୍ଷରେ ବିଶ୍ୱକପ୍ ପଦାର୍ପଣ କରିଥିବା ଚାଇନା ବିଶ୍ୱ ର୍‍ୟାଙ୍କିଙ୍ଗର ୧୭ତମ ସ୍ଥାନରେ ରହିଛି। ଲଣ୍ଡନରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଅଷ୍ଟମସ୍ଥାନ ଅଧିକାର କରି ଚାଇନା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା।



ସୋମବାର ମୁକ୍ତେଶ୍ୱର ମନ୍ଦିର ଭ୍ରମଣ ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଗହଣରେ ବେଲ୍‌ଜିୟମ୍ ଦଳର ଖେଳାଳିମାନେ।

## ମଧୁସ୍ମିତାଙ୍କ ଅଲ୍‌ରାଉଣ୍ଡର ପ୍ରଦର୍ଶନ: ଓଡ଼ିଶା ବିଜୟୀ

**କଟକ ଅଫିସ,୩।୧୨:** ବିସିସିଆଇ ଆନୁକୂଲ୍ୟରେ କଟକରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ସୋମବାର ଓଡ଼ିଶା ୬ ଉଇକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ମଧୁସ୍ମିତା ବେହେରାଙ୍କ ଅଲରାଉଣ୍ଡର ପ୍ରଦର୍ଶନ ବଳରେ ଓଡ଼ିଶା ଏହି ମ୍ୟାଚ୍ ଜିତିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ବିଜୟ। ପ୍ରଥମ ମ୍ୟାଚ୍‌ରେ ଘରୋଇ ଦଳ ହାଇଦ୍ରାବାଦଠାରୁ ପରାସ୍ତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରପ୍ରଦେଶ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ୍ କରିଥିଲା। ଓଡ଼ିଶା ଅଧିନାୟିକା ମଧୁସ୍ମିତାଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା। ପ୍ରିୟଙ୍କା ପ୍ରିୟଦର୍ଶିନୀ ୨ଟି, ସୁଜାତା ମଲିକ, ରୋଶନାରା ପରୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ମଧୁସ୍ମିତାଙ୍କ ୫୦, ସରିତା ମେହେରାଙ୍କ ୩୪ ଓ କାଦମ୍ବିନୀ ମହାକୁଡ଼ଙ୍କ ଅପରାଜିତ ୨୨ ରନ୍‌ବଳରେ ଓଡ଼ିଶା ୪ ଉଇକେଟ ହରାଇ ବିଜୟୀ ହୋଇଥିଲା।




## ଫ୍ୟାନ୍ ଭିଲେଜରେ ପ୍ରଶଂସକଙ୍କ ସହ ମିଶିବେ ଖେଳାଳି

**ଭୁବନେଶ୍ୱର, ୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ହକି ବିଶ୍ୱକପ୍‌କୁ ଆହୁରି ମଜାଦାର କରିବା ପାଇଁ ଆୟୋଜକମାନେ ଆଉ ଏକ ଅଭିନବ ପ୍ରୟାସ କରିବାକୁ ଯାଉଛନ୍ତି। ମଙ୍ଗଳବାରଠାରୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ସବୁ ଦଳ ଫ୍ୟାନ୍ ଭିଲେଜ ଭ୍ରମଣକରି ପ୍ରଶଂସକମାନଙ୍କ ସହ ମଶି ଭାବର ଆଦାନ ପ୍ରଦାନ କରିବେ। ଏହା ଦ୍ୱାର ହକି ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଖେଳାଳି ତଥା ତାରକାଙ୍କ ସହ ନିକଟରୁ ମିଶିବାର ସୁଯୋଗ ହାସଲ କରିବେ ଓ ବ୍ୟକ୍ତିଗତ ଭାବେ ଭାବର ଆଦାନ ପ୍ରଦାନ କରିବେ। ଏହି ଅବସରରେ ବିଭିନ୍ନ ଦେଶର ଖେଳାଳିମାନେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେବେ। ଏପରିକି ପ୍ରଶଂସକଙ୍କ ଅନୁରୋଧରେ ଖେଳାଳିମାନେ ନାଚିବା ସହ ଗୀତ ଗାଇବେ ଓ ହକି ସମ୍ପର୍କିତ ବିଭିନ୍ନ ଟିପ୍ସ ଦେବେ। ବିଭିନ୍ନ ଦଳ ଓ ଖେଳାଳିଙ୍କ ସହ ପ୍ରଶଂସକମାନେ ବହୁ ସଂଖ୍ୟାରେ ସେଲ୍‌ଫି ନେଇପାରିବେ। ଖେଳାଳିମାନଙ୍କ ମଧ୍ୟରେ ବଲ- ଜଗଲିଙ୍ଗ୍ ପ୍ରତିଯୋଗିତା ହେବ। ଏହା ଦ୍ୱାରା ପ୍ରଂଶସକମାନେ ବେଶ୍ ଉତ୍ସାହିତ ହେବା ସହ ଆମୋଦିତ ହେବେ ବୋଲି କୁହାଯାଇଛି।

ମଙ୍ଗଳବାର ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଦୁଇଟି ଦଳ ଭାବେ ଫ୍ୟାନ୍ ଭିଲେଜ ଆସି ଏପରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସେହିପରି ପୁଲ ଡି ଦଳ ମାଲେସିଆ, ନେଦରଲାଣ୍ଡ୍ସ ଓ ଜର୍ମାନୀ ୬ ତାରିଖରେ ଫ୍ୟାନ୍ ଭିଲେଜ ଭ୍ରମଣ କରିବେ। ସେହିପରି ୭ ତାରିଖରେ ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା ଓ ସ୍ପେନ୍, ୮ ତାରିଖରେ ଚାଇନା, ଇଂଲଣ୍ଡ, ଆୟର୍ଲାଣ୍ଡ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଫ୍ୟାନ୍ ଭିଲେଜ ବୁଲିବାକୁ ଆସିବେ।

ହକି ବିଶ୍ୱକପ୍‌କୁ ଆମେ ସ୍ମରଣୀୟ କରିବାକୁ ଚାହୁଁଛୁ। ପ୍ରଶଂସକମାନେ ଏହି ମେଗା ଇଭେଣ୍ଟକୁ ବହୁଦିନ ଧରି ମନେରଖିବେ। ସେଥିପାଇଁ ଆମେ ଏଭଳି ନିଷ୍ପତ୍ତି ନେଇଛୁ ବୋଲି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କହିଛନ୍ତି। ଏହା ଦ୍ୱାରା ପ୍ରଶଂସକମାନେ ଆହୁରି ଉତ୍ସାହିତ ହୋଇ ଷ୍ଟାଡିୟମରେ ବୈଦ୍ୟୁତିକ ପରିବେଶ ସୃଷ୍ଟି କରିବେ। ମ୍ୟାଚ୍ ଦେଖିବାକୁ ବହୁ ସଂଖ୍ୟାରେ ଖେଳାଳି ଷ୍ଟାଡିୟମ ଆସୁଛନ୍ତି। କିନ୍ତୁ ଏହା ଦ୍ୱାରା ସେମାନେ ଖେଳାଳିଙ୍କ ସହ ଅତି ନିକଟରୁ ମିଶିବାର ସୁଯୋଗ ପାଇବେ ବୋଲି ନର୍ମାନ କହିଛନ୍ତି।

ଫ୍ୟାନ୍ ଭିଲେଜରେ ଏଥି ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁ ରହିଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ୧୮,୦୦୦ ବର୍ଗମିଟର ଅଞ୍ଚଳରେ ନିର୍ମିତ ଏହି ଫ୍ୟାନ୍ ଭିଲେଜରେ ଗ୍ରାଭିଟି ଡିଫାଇଂ ଫଟୋ ଉଠାଇବାର ସୁଯୋଗ ରହିଛି। ୩୬୦ ଡିଗ୍ରୀ ଫଟୋ ବୁଥ୍‌ରେ ମଧ ୩୬୦ ଡିଗ୍ରୀ ଫଟୋ ଉଠାଇବାର ବ୍ୟବସ୍ଥା କରାଯାଇଛି। କଳିଙ୍ଗ ଷ୍ଟାଡିୟମର ୩ ଓ ୪ ନମ୍ବର ଗେଟ୍ ମଧ୍ୟରେ ଏହି ଫ୍ୟାନ୍ ଭିଲେଜ ପରିବ୍ୟାପ୍ତ ହୋଇଛି। ମ୍ୟାଚ୍ ଦିନ ଅପରାହ୍ନ ୧ଟାରେ ଫ୍ୟାନ୍ ଭିଲେଜ ଖୋଲାଯାଉଛି। ଏଥିସହିତ ଏଠାରେ ଖାଇବା ଓ ପିଇବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଏଥିରେ ଓଡ଼ିଶାର କେତେକ ଖାଦ୍ୟ ପ୍ରଶଂସକ ପାଇପାରିବେ। ଛୋଟ ପିଲା ଖେଳିବା, ନାଚିବା ଓ କୁଦିବା ପାଇଁ ଟ୍ରାମ୍ପୋଲିନ୍‌ର ମଧ ବ୍ୟବସ୍ଥା କରାଯାଇଛି। ଏଥି ସହିତ ଆୟୋଜକମାନେ ଏକ ୩-ଏ- ସାଇଡ ହକି ଟର୍ଫ ବିଛାଇଛନ୍ତି। ଏହି ଛୋଟିଆ ଟର୍ଫରେ ପ୍ରଶଂସକମାନେ ହକି ଖେଳିବାର ସୁଯୋଗ ହାସଲ କରିବେ। ଏହା ବ୍ୟତୀତ ଏକ ଇଣ୍ଡିଆ ପୋଷ୍ଟ ଷ୍ଟାମ୍ପ ଷ୍ଟଲ ମଧ ରହିଛି। ନୂଆକରି ଲଞ୍ଚ ହୋଇଥିବା ଷ୍ଟାମ୍ପ କ୍ରୟ କରିବା ସହ ପ୍ରଶଂସକମାନେ ଷ୍ଟାମ୍ପ ସଂଗ୍ରହ ମଧ କରିପାରିବେ।



ଫ୍ୟାନ୍ ଭିଲେଜରେ ହକି ଖେଳରେ ନିମଗ୍ନ ପ୍ରଶଂସକ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୪/୨୦୧୮ Sambalpur, Tuesday, December 4/ 2018


## ସଂକ୍ଷେପରେ

### ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଅବହେଳା, ପ୍ରଧାନ ଶିକ୍ଷକ ନିଲମ୍ବିତ

**ନୂଆପଡା ଅଫିସ,୩।୧୨-** ନୂଆପଡା ଭଳି ଜିଲାରେ ସରକାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ସୁଦୃଢ କରିବାକୁ ବାରମ୍ବାର ନିର୍ଦ୍ଦେଶ କରୁଥିବାବେଳେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଏହାକୁ ସୁଚାରୁରୂପେ ତୁଲାଇବାରେ ଅବହେଳା କରିଆସୁଛନ୍ତି। ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ନୂଆପଡା ଏବଂ କୋମନା ବ୍ଲକ ଦାୟିତ୍ୱରେ ଥିବା ଶିକ୍ଷାଧିକାରୀ ରେଶମ ଲାଲ ନାଏକ। ନୂଆପଡା ସଦର ବ୍ଲକ ଡୁଙ୍ଗୁରୀପଡା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବାବେଳେ ସେଠାରେ ପ୍ରଧାନଶିକ୍ଷକ ଭୁବନ ସିଂ ମାଝି ବିଦ୍ୟାଳୟ ଏବଂ ମଧ୍ୟାହ୍ନ ଭୋଜନ ସଂକ୍ରାନ୍ତୀୟ କୌଣସି ରେକର୍ଡପତ୍ର ଦେଖାଇପାରି ନ ଥିଲେ। ବିଦ୍ୟାଳୟର ପାସ ବହି ଏବଂ ଆନୁଷଙ୍ଗିକ ରେକର୍ଡ ନ ଥିବାରୁ ଅଧିକାରୀ ଜଣକ କ୍ଷୁବ୍ଧ ହୋଇଥିଲେ। ଶିକ୍ଷାଦାନ ବ୍ୟବସ୍ଥା ସନ୍ତୋଷଜନକ ନ ଥିବାରୁ ବିଇଓ ନାଏକ ପତ୍ର ସଂଖ୍ୟା ୨୪୦୯/୧୮ରେ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ବଡ଼ଗାଁ, ରାଜଗାଙ୍ଗପୁର ରେଞ୍ଜ

# ଜଙ୍ଗଲରେ ବୁଲୁଛି ଆହତ ଦନ୍ତାହାତୀ

**ବଡ଼ଗାଁ,୩।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଓ ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଏକ ପ୍ରାପ୍ତ ବୟସ୍କ ଦନ୍ତାହାତୀ ଆହତ ଅବସ୍ଥାରେ ଘୂରି ବୁଲୁଛି। ହାତୀର ଶୁଣ୍ଢରେ କ୍ଷତ ହୋଇ ସେହି ସ୍ଥାନ ପଚିଯାଇଥିବାରୁ ଶୁଣ୍ଢ ଛିଣ୍ଡି ଖସିପଡ଼ିବା ଆଶଙ୍କା କରାଯାଉଛି। ହାତୀ ପାଦରେ ମଧ୍ୟ କ୍ଷତ ହୋଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପାଦରେ ବିୟର ବୋତଲ ପଶିଯାଇଥିବା ଲୋକେ କହୁଛନ୍ତି। ତେବେ ଶୁଣ୍ଢରେ ହୋଇଥିବା କ୍ଷତ ଅନ୍ୟ ଦନ୍ତା ହାତୀ ସହ ଲଢ଼େଇ ଯୋଗୁ ହୋଇଛି ନା କେହି ଆକ୍ରମଣ କରିଥିବାରୁ ହୋଇଛି ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ତୁରନ୍ତ ଚିକିତ୍ସା କରା ନ ଗଲେ ହାତୀଟିର ଅବସ୍ଥା ଆହୁରି ଗୁରୁତର ହୋଇଯିବାର ସମ୍ଭାବନା ରହିଛି। ଝାଡ଼ଖଣ୍ଡ ଜଙ୍ଗଲରୁ ୨ବର୍ଷ



ଆହତ ଦନ୍ତାହାତୀର କ୍ଷତାକ୍ତ ଶୁଣ୍ଢ (ବୃତ୍ତ ଚିହ୍ନିତ ଅଂଶ)।

ପୂର୍ବେ ଆସିଥିବା ଏହି ଦନ୍ତାହାତୀ କିଛିମାସ ତଳେ ବଡ଼ଗାଁ ଅଞ୍ଚଳକୁ ଆସିଥିଲା। ସେତେବେଳେ ଲୋକେ ହାତୀର ଶୁଣ୍ଢରେ ଗଭୀର କ୍ଷତ ଥିବା ଓ ହାତୀଟି ଆଣ୍ଠେଇ ଖାଦ୍ୟ ଖାଉଥିବା ଦେଖିଥିଲେ। କୁତ୍ରା ନିକଟ ଡାହିଜିରା ଜଙ୍ଗଲରେ ଉକ୍ତ ଆହତ ଦନ୍ତା ହାତୀକୁ ଲୋକେ ନିକଟରୁ ଦେଖିଛନ୍ତି। ହାତୀର ପାଦରେ ହୋଇଥିବା କ୍ଷତ ବିୟର ବୋତଲ ମାଡ଼ିବାରୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଜଙ୍ଗଲରେ ଭୋଜି କରିବାକୁ ଯାଉଥିବା ଲୋକେ ମଦ ବୋତଲ ଫିଙ୍ଗି ଦେଇଥାନ୍ତି। ହାତୀ ଘଉଡ଼ାଇଲା ବେଳେ ପାଦରେ ବୋତଲ ପଶିଯାଇ ଥାଇପାରେ ବୋଲି ଆଶଙ୍କା କରାଯାଉଛି।

ପକ୍ଷାଘାତରେ ପୀଡ଼ିତ ବୁରୁଧ୍ ଦମ୍ପତି

# ଗଫଲତି ଲାଗି ଘର ପାଏବାରୁ ବଁଚିତ ଦୁରାବିନ୍ଦ

**ଲୋଇସିଂହା,୩।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ପଣ୍ଡକିଟାଲ ଗାଁର ବୁରୁଧ୍ ଦମ୍ପତି ଫୁଲତୁଲି ବାଗ(୫୫), ଆପ୍ନେ ଦୁରାବିନ୍ଦ ବାଗ(୬୦)। ବହୁତ୍ ବଛର ହେଲା ଦୁଇଝନ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ସେମାନକର ପୁଓ ନେଥିଲାବେଲେ ଏନ୍‌ତାଥି ବିହାରି ଝି ସମ୍ବଲପୁରରୁ ଆସି ବୁରୁଧ୍ ମା'ବାପ୍‌ର ଦେଖାଶୁନା କରୁଛନ୍। ଖବର ନେଲାରୁ ଜନାଯାଇଛେ ଯେ, ଝରଣୀପାଲି ପଁଚେତର ପଣ୍ଡକିଟାଲ ଗାଁର ବୁରୁଧ୍ ଦମ୍ପତି ଫୁଲତୁଲି ଆର୍ ଦୁରାବିନ୍ଦ ବାଗ। ଦୁରାବିନ୍ଦ ଜୟପୁର ପେପର ମିଲରେ କାମ କରୁଥିଲେ। ୨୦୦୧ ମସିହାରେ ମିଲ ବଁନ୍ଦ୍ ହେଲାରୁ ସେ ଗାଁକେ ଆସି କାମ୍‌ଧଁନ୍ଦା କରି ୩ ପରାନି କୁଟୁମ୍ ପୁଷୁଥିଲେ। ଗୁଟେବଲି ଝି ଗୀତାଞ୍ଜଳିକେ ବିହାକଲା ଉତାରୁ ବୁଢ଼ାବୁଢ଼ୀ ଦୁଖେସୁଖେ ଚଲୁଥିଲେ। ହେଲେ ୨୦୦୩ ମସିହାରେ ବୁରୁଧ୍ ଦମ୍ପତି ରାତିଥି ଖାଇପିଇ କରି ଶୁଇଥିଲେ। ଇ ସମିଆରେ ବଡ଼ଭାରି ଧୁକାଗରେଲ, ବର୍ଷା ହେଇଥିଲା, ଯେନ୍‌ଥିରେ ତାକର ଘରଟା ମାଡ଼ିବସ୍‌ଲା। ସେଥିରେ ଦୁଇ ବୁରୁଧ୍ ଦମ୍ପତି ଚାପିହେଇଗଲେ। ସଖାଲୁ ପାଖ୍‌ପଡ଼ିଶା ଲୋକ୍ ତାହାକୁ ଉଧାର କରି ଚିକିତ୍ସା କରେଇଥିଲେ। ସେଦିନ୍‌ଠାନୁ ବୁରୁଧ୍ ଦମ୍ପତି ପକ୍ଷାଘାତରେ ପୀଡ଼ିତ ହେଇ ଅକାମିକା ହେଇଯାଇଛନ୍। ସେଦିନ୍‌ଠାନୁ ଝି ଗୀତାଞ୍ଜଳି ପଣ୍ଡକିଟାଲ ଆସି ମା'ବାପ୍‌ର ସେବାଯତନ୍ କରୁଛନ୍। ଫୁଲତୁଲି ଆର ଦୁରାବିନ୍ଦକୁଁ ପଁଚେତ୍‌ରୁ ବିକଳାଙ୍ଗ ଭତା ୩ଶହ ଟଁକା ଆର ରାଶନ କାର୍ଡଥି ମାସିକ୍ ୧୦ କେ.ଜି. ଚାଉଲ ମିଲୁଛେ। ପଁଚେତ୍‌ର ଏସଇସିସି ତାଲିକା ହିସାବେ ୨୯୦ ନମ୍ବରରେ ତାହାକୁ ଘରଖଁଡେ ମିଳିଥିଲା। ହେଲେ ତାଲିକାରେ ତଳେ ଥିବାର ଲୋକ୍ ଘର ପାଇଥିଲା ବେଲେ ଦୁରାବିନ୍ଦକୁଁ ଯୋଜ୍‌ନାରୁ ବାଦ୍ ଦିଆଯାଇଛେ। ପେପର ମିଲର କରମ୍‌ଚାରୀ ହିସାବେ ଦୁରାବିନ୍ଦକୁଁ ପେନସନ ବାବ୍‌ଦେ ମାସିକ



ନିଜର କୁରିଆ ଆଘେ ପକ୍ଷାଘାତରେ ପୀଡ଼ିତ ବୁରୁଧ୍ ଦମ୍ପତି।

୭୦୪ଟଁକା ମିଲୁଥିଲା। ହେଲେ ଦୁରଭାଏଗ୍‌କେ ଦୁରାବିନ୍ଦ ଅକାମିକା ହେଲାରୁ ଭୁବନେଶ୍ୱରରେ ଥିବାର ଅଫିସ୍‌କେ ଯାଇ ନାଇଁପାରବାର। ଯେନ୍‌ଥିରଲାଗି ତାକର ପେନସନ ଗଲା ୨ ବଛର ହେଲା ବଁନ୍ଦ୍ ହେଇଯାଇଛେ। ଏନ୍‌ତାଥି ପରିବାର ଚଲାବାରେ ବହୁତ୍ ଭିଡ଼ ହେଉଥିବାର କହିଛନ୍ ଗୀତାଞ୍ଜଳି। ତାକର ବାପାର ନାଁରେ ଆସିଥିବାର ଘର ଗଫଲତି ବାବ୍‌ଦେ ଜାନି ପଁଚେତ୍‌ରୁ ବିଡିଓ ତକ୍ ସମକୁ ଭେଟି ଗୁହାରି କରିଛନ୍ ଗୀତାଞ୍ଜଳି, ହେଲେ କେହି ଇ ବାବ୍‌ଦେ ନାଇଁ ଶୁନ୍‌ବାର ବଲି ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ସରପଁଚ୍ ସୁଜିତ ସାହୁକୁଁ ଯୋଗାଯୋଗ କଲାରୁ ମୁଇଁ ବାହାରେ ଅଛେଁ ପଛେ କଥା ହେମା ବଲି କହିଥିଲେ। ଖାଲି ଦୁରାବିନ୍ଦ ନୁହେ ଇ ଗାଁର ବହୁତ୍‌ଟେ ହିତାଧିକାରୀକର ଘର ଏନ୍‌ତା ଗଫଲତି ହେଇଥିବାର ଜନାଯାଇଛେ। ଜିଲା ପର୍‌ଶାସନ ଇ ଦିଗେ ଦୁରୁଷ୍ଟି ଦେଇ ଘଟନାର ତଦଁନ୍ତ କରବାର ସଂଗେ କଡ଼ା ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ।

ଭିନ୍ନକ୍ଷମ ଦିବସରେ ଦିବ୍ୟାଙ୍ଗ ବାରଦୁଆର

# ରୋଜଗାରର ରାହା ଖୋଜୁଛନ୍ତି ବେଦ କୁମାରୀ



ଦିବ୍ୟାଙ୍ଗ ବେଦକୁମାରୀ ମା'ଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳଙ୍କୁ ଭେଟିବାକୁ ଅପେକ୍ଷା କରିଛନ୍ତି।

- ସର୍ବଶିକ୍ଷା ଅଭିଯାନ ଫଟୋ ଉଠାଇ ବାହାବା ନେଉଥିଲେ
- ନ୍ୟାୟ ନ ମିଳିଲେ ଧାରଣା ଦେବେ

**ନୂଆପଡ଼ା ଅଫିସ,୩।୧୨**

ସୋମବାର ସବୁଠି ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ହେଉଥିବାବେଳେ ବେଦକୁମାରୀ ଭଳି ଦିବ୍ୟାଙ୍ଗ ନିଜ ପେଟ ଚାଖଣ୍ଡକ ପାଇଁ ବାର ଦୁଆର ହେଉଥିବା ଦେଖିବାକୁ ମିଳିଛି। ନୂଆପଡ଼ା ଜିଲା ସଦର ମହକୁମାଠାରୁ ମାତ୍ର ୧୨ କି.ମି. ଦୂର କୁରୁମପୁରୀ ଗ୍ରାମପଞ୍ଚାୟତ ଲିମଡିହି ଗାଁର ଜନ୍ମରୁ ଦୁଇ ହାତ ହରାଇଥିବା ଦିବ୍ୟାଙ୍ଗ ନିଜେ ରୋଜଗାର ପାଇ ପରିବାରକୁ ସାହା ହେବାକୁ ଅଣ୍ଟାଳି ହେଉଥିବା ବେଳେ ସମସ୍ତେ ହତାଦର କରୁଥିବାରୁ ଅନନ୍ୟୋପାୟ ହୋଇ ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି।

ଲିମଡିହି ଗାଁର ମା' ସାବିତ୍ରୀ ସାହୁ ଏବଂ ବାପା ମାନସିଂଙ୍କ ୩ ଝିଅ ଏବଂ ଗୋଟିଏ ପୁଅ ମଧ୍ୟରୁ ବେଦ କୁମାରୀ ତୃତୀୟା କନ୍ୟା। ସେ ଜନ୍ମରୁ ଦୁଇ ହାତ ହରାଇଛନ୍ତି। ହେଲେ ଛୋଟବେଳୁ ସେ ସକ୍ଷମ ହେବାର ଇଚ୍ଛାଶକ୍ତିରେ ଆଗକୁ ବଢ଼ିଚାଲିଛନ୍ତି। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ କୁରୁମପୁରୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ପାସ କରିଛନ୍ତି। ସେ କୁହନ୍ତି ପ୍ରାଥମିକ ଶିକ୍ଷା ଗ୍ରହଣ ସମୟରୁ ହାତ ବଦଳରେ ଗୋଡର ଆଙ୍ଗୁଠି ସହାୟତାରେ ସବୁ କିଛି ସ୍ପଷ୍ଟ ଲେଖିବା ସହ ଚିତ୍ର ଆଙ୍କୁଥିଲେ। ତେଣୁ ସର୍ବ ଶିକ୍ଷା ଅଭିଯାନ ତରଫରୁ ତାଙ୍କର ଫଟୋ ଉଠାଇ ରାଜ୍ୟସ୍ତରରେ ବାହାବା ନେଉଥିଲେ। ହେଲେ ମାଟ୍ରିକ ପାସ ପରେ ତାଙ୍କୁ ଆଉ କେହି ପଚାରୁନାହାନ୍ତି। ଘରେ ବାପାଙ୍କ ଜମିବାଡି କିଛି ନାହିଁ। ଏପରି କି ଘର ବାଡି ନ ଥିବାରୁ ଭଙ୍ଗା ଦଦରା ଘରେ ରହୁଛନ୍ତି। ଏସବୁ ସହାୟତା ସହ ନିଜକୁ କୌଣସି ବି ଚାକିରିଟିଏ ଦେବାକୁ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ କେହି ଶୁଣିନାହାନ୍ତି। ଏଭଳି ସ୍ଥିତିରେ ସୋମବାର ପୂର୍ବାହ୍ନ ୧୦ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଦ୍ୱାର ବାହାରେ ଜଗି ରହିଥିଲେ। ଭିନ୍ନକ୍ଷମ ଦିବସ ହେଲେ ମଧ୍ୟ ତାଙ୍କ ଭଳି ବହୁ ଦିବ୍ୟାଙ୍ଗ ନିଜର ପେଟ ପାଇଁ ବାର ଦୁଆର ବୁଲୁଛନ୍ତି ବୋଲି କୋହଭରା କଣ୍ଠରେ କହନ୍ତି ବେଦକୁମାରୀ। ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ଗୁହାରୀ କରିଛନ୍ତ। ତାଙ୍କୁ ସହାଯ୍ୟ ନ କଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ସେ କହିଛନ୍ତି। ତେବେ ତାଙ୍କୁ ଦେଖି ବୁଦ୍ଧିଜୀବୀମାନେ ବେଦକୁମାରୀଙ୍କ ଭଳି ଦିବ୍ୟାଙ୍ଗଙ୍କ ଉଦ୍ଧାର ଅପେକ୍ଷା କାର୍ଯ୍ୟକ୍ରମ ପାଳନ କେବଳ ଏକ ଉପହାସ ବୋଲି କହିଛନ୍ତି।

# ବାଲ୍ୟବିବାହ ରୋକିଲା ଜିଲା ପ୍ରଶାସନ, ନାବାଳିକାଙ୍କୁ ଉଦ୍ଧାର

**ଝାରସୁଗୁଡ଼ା ଅଫିସ,୩।୧୨**

ସମ୍ବଲପୁରରେ ରବିବାର ସାମୂହିକ ନିକାହ୍ (ବିବାହ)ରେ ଚଢାଉ କରି ନାବାଳିକା, ନାବାଳକ ଉଦ୍ଧାର କରାଯାଇଥିବା ବେଳେ ସୋମବାର ଝାରସୁଗୁଡ଼ାରେ ଏକ ବାଲ୍ୟବିବାହକୁ ରୋକାଯାଇଛି। ଝାରସୁଗୁଡ଼ା ପୌରାଞ୍ଚଳ ଝାଡେଶ୍ୱର ମନ୍ଦିରରେ ରବିବାର ଏକ ବାଲ୍ୟବିବାହ ଚାଲିଥିଲା। ବିବାହ କରୁଥିବା କନ୍ୟା ଜଣକ ନାବାଳିକା ବୋଲି ଖବର ମିଳିବା ପରେ ଜିଲା ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡଲାଇନ୍, ସିଡବ୍ଲୁସି, ପୋଲିସ ପକ୍ଷରୁ ଚଢାଉ କରାଯାଇ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଝାରସୁଗୁଡ଼ା ପୌରାଞ୍ଚଳ ଝାଡେଶ୍ୱର ମନ୍ଦିରରେ ଏକ ବିବାହ କାର୍ଯ୍ୟକ୍ରମ ଚାଲିଥିଲା। ବର ଏବଂ କନ୍ୟା ଝାରସୁଗୁଡ଼ା ରେଲୱେ କଲୋନୀରେ ରହୁଥିବା ବେଳେ ସେମାନେ ବିଜୟୱାଡାର ମୂଳବାସିନ୍ଦା। ବିବାହ କରୁଥିବା କନ୍ୟା ୧୫ ବର୍ଷୀୟା ନାବାଳିକା ଥିବା ଚାଇଲ୍ଡଲାଇନର ଶୁଳ୍କବିହୀନ ଫୋନରେ ଅଭିଯୋଗ ଆସିଥିଲା। ଅଭିଯୋଗ ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଆନନ୍ଦିନୀ ପାଢୀ, ଶିଶୁ ପ୍ରକଳ୍ପ ଅଧିକାରୀ ସରୋଜିନୀ ଏକ୍କା, ଚାଇଲ୍ଡଲାଇନ ସଂଯୋଜକ ଆଶିଷ ପଣ୍ଡା ଏବଂ ଥାନା ଅଧିକାରୀ ସାବିତ୍ରୀ ବଳଙ୍କୁ ନେଇ ଏକ ଟିମ୍ ମନ୍ଦିରରେ ଚଢାଉ କରିଥିଲେ। ବାଲ୍ୟବିବାହ ବନ୍ଦ କରିବା ସହ ସେମାନେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ଉପସ୍ଥାପନ କରାଯାଇଥିଲା। କମିଟି ନିର୍ଦ୍ଦେଶକ୍ରମେ ନାବାଳିକାଙ୍କ ବାପା ନାବାଳିକା ଝିଅର ବିବାହ ନ କରିବାକୁ ସତ୍ୟପାଠ ଦାଖଲ କରି ଝିଅକୁ ଘରକୁ ନେଇଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱର୍କ ନୁହେଁ ସ୍ମାର୍ଟଓ୍ୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)
**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨






ରାଜ୍ୟରେ ପ୍ରଥମ

# ୩ ହଜାର ଟଙ୍କା ବୋନସ୍ ପାଇବେ ଗ୍ୟାସ୍ ଏଜେନ୍ସି କର୍ମଚାରୀ

**ରାଉରକେଲା ଅଫିସ,୩। ୧୨**

ବୋନସ ଚୁକ୍ତିନାମାକୁ ନେଇ ରନ୍ଧନ ଗ୍ୟାସ୍ କର୍ମଚାରୀ ଓ ମାଲିକ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ସମାଧାନ ହୋଇଛି। ଏନେଇ ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ଗ୍ୟାସ ଏଜେନ୍ସି ମାଲିକ ଓ ୟୁନିୟନ କର୍ମକର୍ତ୍ତାଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ପରେ ବୋନସ ବାବଦକୁ କର୍ମଚାରୀଙ୍କୁ ୩ ହଜାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରଥମ ଥର ପାଇଁ ଓଡିଶାର କେବଳ ରାଉରକେଲାରେ ଗ୍ୟାସ ଏଜେନ୍ସି ମାଲିକଙ୍କ ଅଧୀନରେ କାମ କରୁଥିବା ଡେଲିଭରି ବୟ ଓ ମେକାନିକଙ୍କୁ ଏଭଳି ବୋନସ ପ୍ରଦାନ କରାଯିବ। ଏନେଇ ଆସୋସିଏଶନ ସାଧାରଣ ସମ୍ପାଦକ ରମେଶ ବଳ ସନ୍ତୋଷ ବ୍ୟକ୍ତ କରିଛନ୍ତି।




ଗ୍ୟାସ ଡେଲିଭରି ବୟ ଓ ମେକାନିକ ସଂଘ ପକ୍ଷରୁ ଉଦିତନଗର ସୁବାସ ପାର୍କରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମଚାରୀ।

ଜିଲା ଶ୍ରମଦପ୍ତରରେ ଏନେଇ ଆୟୋଜିତ ଆଲୋଚନାରେ ସଙ୍ଗଠନ ଉପଦେଷ୍ଟା ବ୍ୟାସଦେବ ନାଥ, ସମ୍ପାଦକ ସାମୁଏଲ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆସୋସିଏଶନ ସଭାପତି ମହେନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଉଦିତନଗର ନେତାଜୀ ପାର୍କରେ ଆୟୋଜିତ ବୈଠକରେ ଷ୍ଟିଲ ସିଟିରେ କାର୍ଯ୍ୟରତ ସମସ୍ତ ଗ୍ୟାସ ଏଜେନ୍ସି କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏଲପିଜି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ଦରମା, ଇଏସ୍ଆଇ, ଇପିଏଫ୍ ଆଦି ସୁବିଧା ସୁଯୋଗ ପ୍ରଦାନ ନେଇ ଏଜେନ୍ସି ମାଲିକ ଆସୋସିଏଶନ ଦାବି ପ୍ରତି କୋହଳ ମନୋଭାବ ପୋଷଣ କରିବେ ବୋଲି ଏଥିରେ ଆଶାବ୍ୟକ୍ତ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶରତ ଜେନା, ବିବି ବାରିକ, ବାବ୍‌ଲୁ ସିଂ, ଜିତେନ୍ଦ୍ର ହରିପାଲ, କୃଷ୍ଣ ନାୟକ, କେଶବ ନାୟକ, ରାଜେନ୍ଦ୍ର ବାଗ, କୃଷ୍ଣଚନ୍ଦ୍ର ପାତ୍ର, ଅଜୟ ବେହେରା, ସୁରଥ ନାୟକ, ରାମଲୁ ପାତ୍ର, ପ୍ରଫୁଲ୍ଲ ବେହେରା, ଦିଲୀପ ବେହେରା, ଦଶରଥ ପ୍ରଧାନ, ମନୋଜ ତିର୍କୀ, ରାଜେଶ ତିର୍କୀ, ବିଶ୍ୱନାଥ ସିଂ, ସୁଦେଶ ସିଂ, ସୁନୀଲ ଦାସ, ପ୍ରଦୀପ କାଲୋ, ବଳିରାମ ବାରିକ ଓ ସନ୍ଦୀପ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ସରକାରୀ ବସ୍ ସେବା ଠପ୍

**ପଦ୍ମପୁର, ୩।୧୨ (ଡି.ଏନ୍.ଏ):** ବରଗଡ଼ ଜିଲା ପଦ୍ମପୁର ଜୋନ୍‌ରୁ ସରକାରୀ ବସ୍ ଚଳାଚଳ ଶନିବାରଠାରୁ ବନ୍ଦ ରହିଛି । କର୍ମଚାରୀ ଦରମା ପାଇ ନ ଥିବା ଅଭିଯୋଗ କରି କାର୍ଯ୍ୟରେ ଯୋଗଦେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ଏଠାକାର କର୍ମଚାରୀ ବିଭିନ୍ନ ଦାବି ନେଇ ବସ୍ ଚଳାଚଳକୁ ବନ୍ଦ କରୁଥିବା ଦେଖାଯାଉଛି। ପୂର୍ବରୁ ମଧ ଏକ ମାସ ଧରି ଏଠାରେ ବସ୍ ଚଳାଚଳ ବନ୍ଦ ରହିଥିଲା । ଫଳରେ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାଆସିବାରେ ଅସୁବିଧା ଭୋଗିଥିଲେ ।

### କରାଟେରେ ରୌପ୍ୟ ପଦକ

**ପାଇକମାଲ,୩।୧୨(ଡି.ଏନ୍.ଏ):** ପଶ୍ଚିମବଙ୍ଗର କଲିକତାଠାରେ ରବିବାର ହୋଇଥିବା ଜାତୀୟ ଓପନ କରାଟେ ଚାମ୍ପିୟନସିପ୍‌ରେ ବରଗଡ ଜିଲା ପାଇକମାଲ ମହାମାୟା ପବ୍ଲିକ ସ୍କୁଲର ଛାତ୍ର ଅଭିନବ ଶ୍ରୀବାସ୍ତବ ରୌପ୍ୟ ପଦକ ପାଇ ଗୌରବ ଅର୍ଜନ କରିଛନ୍ତି । କରାଟେ କୋଚ୍ ସେନସେଇ କାବୁଲି ପଟ୍ଟନାୟକ ତତ୍ତ୍ୱାବଧାନରେ ସେ ସର୍ବଭାରତୀୟ ସ୍ତରରେ ବିଶେଷ ଆକର୍ଷଣ ବୋଲି ହୋଇପାରିଛନ୍ତି । ପାଇକମାଲ ନିବାସୀ ସନ୍ତୋଷ ଶ୍ରୀବାସ୍ତବଙ୍କ ପୁଅ ଅଭିନବ ଜାତୀୟସ୍ତରରେ ରୌପ୍ୟ ପଦକ ପାଇଥିବାରୁ ପାଇକମାଲ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି ।

### ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ଜାମଟିକ୍ରା, ୩।୧୨ (ଡି.ଏନ୍.ଏ):** ଅତାବିରା ବାଳକ ଉଚ୍ଚ ବିଦ୍ୟାଳୟରେ ଗତ ରବିବାର ୧୯୮୫ ମ୍ୟାଟ୍ରିକ ବ୍ୟାଚ୍ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହାଇସ୍କୁଲର ପୂର୍ବତନ ଶିକ୍ଷକ ଭୋଜରାଜ ସ୍ୱାଇଁ, ପୂର୍ବତନ ବିଧାୟକ କୁମର ବେହେରା, ଦୁର୍ଯ୍ୟୋଧନ ପ୍ରଧାନ ଓ ପ୍ରାଇମେରୀ ସ୍କୁଲର ସୋନୁ ପଧାନ, ସୂର୍ଯ୍ୟ ସାହୁ ଓ ଦାଶରଥି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବନ୍ଧୁମିଳନରେ ୧୯୮୫ ମ୍ୟାଟ୍ରିକ ବ୍ୟାଚର ପ୍ରାୟ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ସ୍କୁଲ ଜୀବନର ପୁରୁଣା ସ୍ମୃତି ବଖାଣିଥିଲେ ।

### ଯାଦବ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

**ପଦ୍ମପୁର, ୩।୧୨ (ଡି.ଏନ୍.ଏ):** ଯାଦବ ସମାଜ ତରଫରୁ କାର୍ଯ୍ୟାଳୟ ପରିସରରେ ରବିବାର ରାଜ୍ୟପାଳ ସମ୍ମାନ ପାଇଥିବା ଶିକ୍ଷକ ମୋହନ ବନଛୋରଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କର ମହାନ କୃତକାର୍ଯ୍ୟ ଯାଦବ ସମାଜ ତଥା ଜାତି ପାଇଁ ଗର୍ବ ଓ ଗୌରବ ବୋଲି ଯାଦବ ସମାଜ ସଭାପତି ରାଜୁ ଘିବେଲା ପ୍ରକାଶ କରିଥିଲେ। ପଦ୍ମପୁରର ଭାଗେଶ୍ୱର ବନଛୋର, ଗଣପତି ବଗର୍ତ୍ତି, ପଦ୍ମପୁର ବ୍ଲକର ପୂର୍ଣ୍ଣଚନ୍ଦ୍ର ମହାକୁଡ, ଓମ୍‌ପ୍ରକାଶ ଭୋଇ, ପାଇକମାଳ ବ୍ଲକର ଭିକି ବାଗ ଓ ବିଦ୍ୟାଧର ଥପା ଏବଂ ଝାରବନ୍ଧ ବ୍ଲକର ଶତ୍ରୁଘ୍ନ ବାଗ ଓ ଲକି ବାଗଙ୍କ ସମେତ ଯାଦବ ଭାଇମାନେ ଉପସ୍ଥିତ ଥିଲେ ।



### ହାଇମାଷ୍ଟ ଲାଇଟ ଉଦ୍‌ଘାଟିତ

**ଭେଡ଼େନ, ୩।୧୨ (ଡ଼ି.ଏନ୍.ଏ):** ଭେଡ଼େନ ବ୍ଲକ ରୁଷୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହଲାକଟା ଗ୍ରାମର ତଳିପଡ଼ାରେ ସୋମବାର ସନ୍ଧ୍ୟାରେ ହାଇମାକ୍ସ ଲାଇଟ ଉଦ୍‌ଘାଟିତ ହୋଇଛି। ରୁଷୁଡ଼ା ସରପଞ୍ଚ ନିରୁପାଞ୍ଜଳ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଲାଇଟ ଉଦଘାଟନ କରିଥିଲେ । ପଣ୍ଡିତ ରାଜୀବ ମହାପାତ୍ର ପୂଜାର୍ଚ୍ଚନା କରିଥିବା ବେଳେ ୱାର୍ଡ଼ ସଭ୍ୟ ଅକ୍ରୁର ମେହେର, ଦିଲୀପ ଦୋରା, ସେବା ଦୋରା, ଡ଼ାକ୍ତର ମେହେର, ଦେବରାଜ ମେହେର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଉଜୁଡ଼ିଲା କପା ଫସଲ

**ବରଗଡ଼ ଅଫିସ୍,୩।୧୨**

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବରଗଡ଼ ଜିଲାର ପାଇକମାଳ, ଝାରବନ୍ଧ, ଗାଇସିଲେଟ୍ ଆଦି ଅଞ୍ଚଳର କପାଚାଷୀଙ୍କ ଫସଲ ନଷ୍ଟ ହୋଇଛି । ଜିଲାରେ ପ୍ରାୟ ୨ହଜାର ହେକ୍ଟର ଜମିରେ କପାଚାଷ ହୋଇଥିବା ବେଳେ ବର୍ଷାଭାବ ଯୋଗୁ ଅଧିକାଂଶ ପ୍ରଭାବିତ ହୋଇଛି । ଫଳରେ କପାଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି । ଏଭଳି କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା କପାଚାଷୀମାନେ ସୋମବାର ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ଭେଟି କ୍ଷତିପୂରଣ ଦାବି କରିଥିଲେ । ସଚେତନତା ଅଭାବରୁ କପାଚାଷୀମାନେ ବୀମା ପ୍ରିମିୟମ ଭରି ନ ଥିବା ଯୋଗୁ ଫସଲବୀମା କ୍ଷତିପୂରଣ ପାଇବାରେ ଅନିଶ୍ଚିତତା ଦେଖାଯାଇଛି । ଏଭଳି ସ୍ଥିତିରେ କେବଳ ଇନପୁଟ୍ ସବସିଡ଼ି ହିଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିପାରେ ବୋଲି ଅନୁମାନ କରାଯାଉଛି । ମାତ୍ର କ୍ଷୟକ୍ଷତି ଆକଳନ ହୋଇ ନ ଥିବା ଯୋଗୁ ତାହା ମଧ୍ୟ ଚାଷୀଙ୍କୁ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଫଳରେ ବିଧିବଦ୍ଧ ଭାବେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁଙ୍କ ନେତୃତ୍ୱରେ ସୋମବାର ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀଙ୍କୁ ନିବେଦନ କରିଛନ୍ତି ।

### ଋଣ ପରିଶୋଧ ଚିନ୍ତାରେ ଚାଷୀ



“୩ଏକର ଜମିରେ କପାଚାଷ କରିଥିଲେ । ଏକର ପ୍ରତି ୧୨ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରିଥିଲି । ଆରମ୍ଭରୁ କପା ଫସଲ ଭଲ ଥିଲା । ମାତ୍ର ଅମଳ ସମୟ ପାଖେଇ ଆସିବାବେଳେ ବର୍ଷାଭାବରୁ ସବୁ ନଷ୍ଟ ହୋଇଛି । ସୋସାଇଟିରୁ ୧ଲକ୍ଷ ୩୦ହଜାର ଟଙ୍କା ଋଣ ଆଣି ଚାଷ କରିଥିଲି । ଏବେ ତାହା କିଭଳି ପରିଶୋଧ କରିବି, ସେହି ଚିନ୍ତା ମୋତେ ଘାରୁଛି ।

-ପ୍ରହଲ୍ଲାଦ ହଂସ, ଛିନ୍ଦେଇକେଲା



“ଦେଢ଼ ଏକର ଜମିରେ କପାଚାଷ କରିଥିଲେ । ସାଢ଼େ ୭ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ବର୍ଷା ହେଲା ନାହିଁ ସବୁ କପା ଫସଲ ନଷ୍ଟ ହୋଇଗଲା । ଗତବର୍ଷ ଧାନ ଫସଲ ନଷ୍ଟ ହୋଇଥିଲା । ଧାନ ସହିତ ଏବେ କପା ଫସଲ ନଷ୍ଟ ହୋଇ ଯାଇଥିବା ଯୋଗୁ କରଜ ପରିଶୋଧ ସହିତ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିଛି ।

-କୁନ୍ଦୁରୁ ବରିହା, ଛିନ୍ଦେଇକେଲା



“ଜିଲାରେ ୨ହଜାର ହେକ୍ଟର ଜମିରେ କପାଚାଷ କରାଯାଇଥିଲା । ସେପ୍ଟେମ୍ବର, ଅକ୍ଟୋବର ମାସରେ ଭଲ ବର୍ଷା ହେଲା ନାହିଁ । ସେଥିପାଇଁ ପ୍ରାୟ ୬୦ ପ୍ରତିଶତ କପା ନଷ୍ଟ ହୋଇଛି । ଏ ନେଇ ଯୁଗ୍ମଭାବେ କ୍ଷୟକ୍ଷତି ଆକଳନ କରାଯାଉଛି । ଆକଳନ ରିପୋର୍ଟ ଜିଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଦିଆଯିବ । ଅଧିକାଂଶ କପାଚାଷୀ ଫସଲବୀମା କରି ନ ଥିବାରୁ ଏଥର ସଚେତନତା ସୃଷ୍ଟି କରାଯିବ ।

-ଦୀନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ

# ଉତ୍ତମ ସୁଯୋଗ ଆଣିବ ଖୁଚୁରା ବ୍ୟବସାୟ

**ବରଗଡ଼ ଅଫିସ୍,୩।୧୨**

ପେଟ୍ରୋଲର ଖୁଚୁରା ବ୍ୟବସାୟ ପାଇଁ ବରଗଡ଼ ଜିଲାରେ ବ୍ୟବସାୟୀ ତଥା ଡିଲର ଚୟନ ପ୍ରସଙ୍ଗକୁ ନେଇ ଶନିବାର ସ୍ଥାନୀୟ ଏକ ହୋଟେଲ ସଭାକକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିଃ ପକ୍ଷରୁ ଟେରିଟୋରିୟାଲ ମ୍ୟାନେଜର ସଞ୍ଜୟ ଆନନ୍ଦ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିଃ ପକ୍ଷରୁ ଏରିଆ ସେଲ୍ସ ମ୍ୟାନେଜର ଜାଭିୟର ଏକ୍କା, ଇଣ୍ଡିଆନ ଅଏଲ ପକ୍ଷରୁ ସେଲ୍ସ ମ୍ୟାନେଜର କିଶନ କୁମାର ଏବଂ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିଃର ସେଲ୍ସ ମ୍ୟାନେଜର ଅଭିଷେକ ସିହ୍ନା ଯୋଗଦେଇ ପେଟ୍ରୋଲର ଖୁଚୁରା ବ୍ୟବସାୟ ତଥା ଡିଲର ଚୟନ ଉପରେ ସୂଚନା ଦେଇଥିଲେ । ଚୟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ପ୍ରଥମଥର କମ୍ପ୍ୟୁଟର ଆଧାରିତ ଲଟେରୀ ଉଠାଣ ନିରପେକ୍ଷ ଏଜେନ୍ସି ଦ୍ୱାରା କରାଯିବ ବୋଲି ସେମାନେ କହିଥିଲେ। ଅଟୋମେଶନ ଆଧାରିତ ନୂତନ ଜ୍ଞାନକୌଶଳ ଦ୍ୱାରା ସମସ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ। ଏହା ଉଦ୍ୟୋଗୀଙ୍କୁ ଉତ୍ତମ ସୁଯୋଗ ପ୍ରଦାନ କରିବ ବୋଲି ସେମାନେ ସୂଚନା ଦେଇଥିଲେ ।

# ମାହେଶ୍ୱରୀ ଖମ୍ବ ନବକଳେବର ପାଇଁ କାଠ ପହଞ୍ଚିଲା



ଶାଳକା ଓ ମାହେଶ୍ୱରୀ ଖମ୍ବ ତିଆରି କରିବା ପାଇଁ ସାହାଜବାହାଲରୁ ରୋହେନ ଓ ମହୁଲ ଗଛ କାଟି ଭାରରେ ବୁହାଯାଉଛି ।

**ଅତାବିରା/ବୁର୍ଲା, ୩।୧୨ (ଡି.ଏନ୍.ଏ)**

ଡୁମ୍ବାଳ ସମାଜର ଇଷ୍ଟଦେବୀ ଉମା ମାହେଶ୍ୱରୀ ଖମ୍ବ ନବକଳେବର ପାଇଁ ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଗ୍ରାମର ଶତାଧିକ ପୁରୁଷ ଶାଳକାବାଡି ଓ ମାହେଶ୍ୱରୀ ଖମ୍ବ ସନ୍ଧାନ ପାଇଁ ଶନିବାର ଏକ ବିରାଟ ପଦଯାତ୍ରାରେ ବାହାରିଥିଲେ । ସେମାନେ ସମ୍ବଲପୁର ଜିଲା ବସନ୍ତପୁର ନିକଟସ୍ଥ ସାହାଜବାହାଲ ଗାଁ ନିକଟସ୍ଥ ଜମିରୁ ହୋହେନ ଓ ମହୁଲ ଗଛ ପୂଜାର୍ଚ୍ଚନା କଲା ପରେ ରବିବାର ସନ୍ଧ୍ୟାରେ ପୁଣି ସେହି ରୋହେନ ଓ ମହୁଲ ଗଛ ଗଣ୍ଡି (ଶାଳକା ବାଡି ଓ ମାହେଶ୍ୱରୀ ଖମ୍ବ ତିଆରି ପାଇଁ ଉଦ୍ଦିଷ୍ଟ ) ଗଛକୁ ଭାରରେ ବୋହି ଗାଁକୁ ଆଣିଥିଲେ। ପଣ୍ଡିତ ଶଶିଭୂଷଣ ଶତପଥି ହୋମଯଜ୍ଞ କରିଥିଲେ । ସନ୍ତୋଷ ମହାକୁର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗମ୍ଭାରୀପାଲି ଆଞ୍ଚଳିକ ଡୁମ୍ବାଳ ସମାଜ ସଭାପତି ନରେନ୍ଦ୍ର ନାୟକ, ପ୍ରତୁଲ୍ୟ କର୍ଣ୍ଣ, ଶୁଶିଲ ପ୍ରଧାନ, ଲୋକନାଥ କ୍ଷେତି, ହରିହର ଦନ୍ତା, କୃଷ୍ଣ ଚନ୍ଦ୍ର ମହାକୁର, ବରୁଆ ପ୍ରମୁଖ ସହଯୋଗ କରିଥିଲେ । ଦୀର୍ଘ ୪୪ ବର୍ଷ ପରେ ଉମା ମାହେଶ୍ୱରୀ ମନ୍ଦିରର ଶାଳକା ଓ ଖମ୍ବ ନବକଳେବର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତା ଚୈତ୍ର ମାସରେ ଶାଳକା ଓ ମାହେଶ୍ୱରୀ ଖମ୍ବ ବିଧି ଅନୁଯାୟୀ ନିର୍ମାଣ କଲାପରେ ପୁରୁଣା ଶାଳକା ଓ ଖମ୍ବକୁ ବିସର୍ଜନ କରାଯିବ । ପରେ ନୂଆ ଶାଳକାବାଡି ଓ ମାହେଶ୍ୱରୀ ଖମ୍ବକୁ ମନ୍ଦିରକୁ ପ୍ରବେଶ କରାଯିବ ବୋଲି କର୍ତ୍ତା ସନ୍ତୋଷ ମହାକୁର କହିଥିଲେ ।

## ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମର୍‌ଡି

# ଜିଲାପାଳଙ୍କର ଉଦେଶ୍ୟରେ ସ୍ମାରକ ପତର

**ବିଜେପୁର, ୩।୧୨ (ଡି.ଏନ୍.ଏ)**

ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ନେଇ ଏହେଦେ ରୁଗୀସେବା ପରଭାବିତ ହେବାର ଆଶଁକା ଦେଖାଦେଇଛେ। ଥାନୀୟ ୟୁଥ ଜେନେରେସନ୍ ତରଫୁ ଘଟନାର ପରତିବାଦରେ ସୋମବାର ଜିଲାପାଲକଁର ଉଦେଶରେ ବିଡିଓ ପଦ୍ମନାଭ ସାମନ୍ତରାୟଙ୍କୁ ଗୁଟେ ସ୍ମାରକ ପତର ଦିଆଯାଇଛେ।

ଇ ଡାକ୍ତରଖାନାରେ ୫ ଝନ୍ ଡାକ୍ତର ଜାଗାରେ ୩ ଝନ୍ ଡାକ୍ତର କାମ୍ କରୁଛନ୍। ସେ ଭିତ୍‌ରୁ ଝନେ ମେଡିକାଲ ଅଫିସର ହେଇଥିଲା ବେଲେ ସ୍ତ୍ରୀ ଓ ପ୍ରସୂତୀ ରୋଗ୍ ବିଶେଷଜ୍ଞ ପଦବୀରେ ଝନେ ଶଲ୍ୟ ଚିକିସ୍‌କ ଆର ଶିଶୁରୋଗ୍ ବିଶେଷଜ୍ଞ ପଦବୀରେ ଝନେ ଏମବିବିଏସ ଡାକ୍ତର କାମ୍ ଚଲଉଛନ୍। ହେଲେ ୧୬ ଶଯ୍ୟା ଥିବାର ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିସ୍ୱାସେବା ଠିକ୍ ହିସାବେ ମିଲୁଛେ। ଯେନ୍‌ଥିରଲାଗି ଇ ଡାକ୍ତରଖାନା ଉପ୍‌ରେ ବିଜେପୁର ବ୍ଲକ୍ ସମେତ ପାସର ଗାଇସିଲେଟ, ବରପାଲି, ସୋହେଲା ଅଂଚଲର ରୁଗୀ ନିର୍‌ଭର କରୁଛନ୍। ଫିଦିନ୍ ଡାକ୍ତରଖାନାରେ ୩୦୦ରୁ ଅଧିକା ରୁଗୀ ପଞ୍ଜିକୃତ ହେଇ ଚିକିସ୍ତିତ ହେଉଥିବାର ଜନାଯାଇଛେ। ସ୍ତ୍ରୀ ଓ ପ୍ରସୂତି ରୋଗ୍ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିଲେ ବି ଇଠାନର ଚିକିସ୍ୱାସେବା ଉପ୍‌ରେ ଲୋକ୍ ଭରସା କରୁଛନ୍। ଯେନ୍‌ଥିରଲାଗି ଫିମାସ ଇ ଡାକ୍ତରଖାନାରେ ୧ଶହରୁ ଅଧିକା ମହିଲା ପିଲାତି ହେଉଥିବାର ନଜିର ଅଛେ। ଏହେଦେ ମେଡିକାଲ ଅଫିସର ହିସାବେ କାମ୍ କରୁଥିବାର ଭେଷଜ ବିଶେଷଜ୍ଞ ଡା.ରାଧେଶ୍ୟାମ ଅଗ୍ରୱାଲକଁର ବରଗଡ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକେ ବଢ଼ତି ହେଇଛେ। ସେନ୍‌ତା ଏମବିବିଏସ ଡା.ସମୀର ବାରିକକୁଁ ପାଇକମାଲ ବ୍ଲକ୍ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ଡେପୁଟେସନରେ ଦିଆଯାଇଛେ। ଦୁଇ ଡାକ୍ତରକୁଁ ଜଲ୍‌ଦି ରିଲିଭ କରବାକେ ଜିଲା ମୁଖିଆ ଚିକିସ୍ୱାଧିକାରୀକଁର ଦପତରରୁ ନିର୍ଦେଶ ଥିବାର ଜନାଯାଇଛେ। ଆଏଜ୍‌ତକ୍ ଦୁଇ ଡାକ୍ତରକଁର ବଦ୍‌ଲା ଇଠାନେ କାହାକେ ନାଇଁ ଦିଆଯାଇ। ଏନ୍‌ତାଥି ଝନେ ଡାକ୍ତର କେନ୍‌ଥେଇ ଚିକିସ୍ୱାସେବା ଯୁଗାବେ ଇଥିରୁ ବୁଝାପଡୁଛେ। ସମସିଆର ସମାଧାନ ନାଇଁ ହେଲେ ଆଏବାର ଦିନେ ଆଂଦୋଲନ କରାଯିବା ବଲି ୟୁଥ ଜେନେରେସନର ସଦସ୍ୟ ଆଶୁତୋଷ ମାହାଣା କହିଛନ୍। ସେନ୍‌ତା ରାଏଜ ସରକାରକଁର ସାବତ ମା’ ବେଭାର ଆଉର ନାଇଁଚଲେ, ଉଭଏ ଡାକ୍ତରକୁଁ ଇଠାନୁ ରିଲିଭ କରାଗଲେ ଆମରଣ ଅନଶନ କରାଯିବା ବଲି କଂଗ୍ରେସ ଦଲର ଜିଲା ଉପସଭାପତି ଦିଲୀପ କୁମାର ପଣ୍ଡା କହିଛନ୍।



ୟୁଥ ଜେନେରେସନ୍‌ର ସଦସ୍ୟମାନେ ବିଡିଓକୁଁ ସ୍ମାରକ ପତର ଦେଉଛନ୍ ।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ବିଜେପୁର, ୩।୧୨ (ଡି.ଏନ୍.ଏ)**

ବିଜେପୁର ବ୍ଲକ ବରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର ଓ ଶିକ୍ଷକ ରମେଶ ପଧାନ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ମିତା ଗଡତିଆ, ସୌଦାମିନୀ ବାରିକ, ନୀଳିମା ପଧାନ, ଅମୀୟ ପ୍ରସାଦ ଭୋଇ, ବିଶ୍ୱଜିତ ହୋତା, ସାବିତ୍ରୀ ପଧାନ, ସସ୍ମିତା ବଗର୍ତ୍ତି ପ୍ରମୁଖ ମେଳା ପରିଚାଳନା କରିଥିଲେ । ସେହିପରି ଟି. ଗଣ୍ଡପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଓ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରେମରାଜ ରଣା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କନିଷ୍ଠ ଓ ବରିଷ୍ଠ ବିଭାଗରୁ ମୋଟ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ଶଶିଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ପ୍ରଭାତି ମେହେର, ସ୍କୁଲ ଅଧକ୍ଷ ରୋହିତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ବିଜ୍ଞାନ ଶିକ୍ଷକ ସଦାନନ୍ଦ ରଣା ଓ ପ୍ରଧାନ ଶିକ୍ଷକ ଅଶ୍ୱିନୀ ଗଡତିଆ ବିଚାରକ ଥିଲେ। ବିଜ୍ଞାନ ଶିକ୍ଷକ ସୁଶୀଲ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଫଗୁ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ସଂକ୍ରୀଡ଼ା ଦଳ

**ଭେଡ଼େନ, ୩।୧୨ (ଡ଼ି.ଏନ୍.ଏ)**

ଭେଡ଼େନ ବ୍ଲକ ତାଲମେଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେକୁଲବା ଖେଳ ପଡ଼ିଆରେ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ପ୍ରତିଯୋଗିତାରେ ଗ୍ରୁପ ବି ମ୍ୟାଚ୍‌ରେ ସଂକ୍ରୀଡ଼ା ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ୫ ତାରିଖରେ ଭେଡ଼େନ ରଣଜିତା ଷ୍ଟାଡ଼ିୟମରେ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଦେକୁଲବାରେ ସୋମବାର ଖେଳାହୋଇଥିବା ଗ୍ରୁପ ବି ର ପ୍ରଥମ ମ୍ୟାଚରେ ତାଲମେଣ୍ଡା ଦଳ ବକଟିକୁ, ଦ୍ୱିତୀୟ ମ୍ୟାଚରେ ସଂକ୍ରୀଡ଼ା ଦଳ ରେମଣ୍ଡାକୁ, ତୃତୀୟ ମ୍ୟାଚରେ ସଂକ୍ରୀଡ଼ା ଦଳ ଭେଡ଼େନ ଦଳକୁ ପରାସ୍ତ କରି ଗ୍ରୁପର ଅନ୍ତିମ ମ୍ୟାଚ୍‌କୁ ପ୍ରବେଶ କରିଥିଲେ। ଅପରାହ୍ନରେ ତାଳମେଣ୍ଡା ଏବଂ ସଂକ୍ରୀଡ଼ା ମଧ୍ୟରେ ହୋଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ତାଲମେଣ୍ଡା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୫୧ ରନ କରିଥିଲେ । ଏହାର ଜବାବରେ ଅରେଇଗୁଡ଼ିଦଳ ୮ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ୫୨ ରନ କରି ମ୍ୟାଚ୍ ଜିତିଥିଲା । ଏହି ଦଳର ବୁଲୁ ଭୁଏ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ଖେଳ ଗୁଡ଼ିକୁ ଅମ୍ପାୟାର ସରୋଜ ଛୁରିଆ, ପିଙ୍କୁ ବାରିକ, ପିଣ୍ଟୁ ଚାଉଳିଆ ପ୍ରମୁଖ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଅରବିନ୍ଦ ହୋତା, ବିଜୟ ଭୋଇ, ସୁଶାନ୍ତ ସାହୁ, ସମୀର ସେଠ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ପପଙ୍ଗା ଖେଳ ପଡ଼ିଆରେ ଟିଁଣ୍ଡା, ପପଙ୍ଗା, ସୁନାଲରମ୍ଭା, ଅର୍ଜୁଣ୍ଡା ଓ ଲୁପୁରସିଂହା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଟିଁଣ୍ଡା ଓ ସୁନାଲରମ୍ଭା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହେବ ।



ଦେକୁଲବା ଠାରେ କ୍ରିକେଟ ମ୍ୟାଚ୍‌ରେ ଅତିଥିଗଣ ।

# ଘେଁସ କଲେଜରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ଘେଁସ/ସୋହେଲା,୩।୧୨(ଡି.ଏନ୍.ଏ)**

ବରଗଡ ଜିଲା ସୋହେଲା ବ୍ଲକ ଘେଁସ କଲେଜରେ ସୋମବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଓ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋହେଲା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାରପତି ଶାନ୍ତା ସାମଲ ଅଧ୍ୟକ୍ଷତା କରିଥିଲେ। ଆଡଭୋକେଟ ପ୍ରମୋଦ କୁମାର ସାହୁ, ମିର୍ଜା ଆକବର ବେଗ, କୁଞ୍ଜ ବିହାରୀ ସାହୁ ଓ ଡକ୍ଟର ଧର୍ମେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ଆଇନ ଉପରେ ସଚେତନ କରିଥିଲେ ଏବଂ ଦିବ୍ୟାଙ୍ଗ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସଭାକାର୍ଯ୍ୟକୁ କଲେଜ ଅଧ ଉଦ୍ଧବ ପାତ୍ର ପରିଚାଳନା କରିଥିଲେ । ଲାଇବ୍ରେରିଆନ ଶ୍ୟାମ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# କେରଳଠାରୁ ହାରିଲା ଓଡ଼ିଶା

**ବରଗଡ଼ ଅଫିସ୍,୩।୧୨**

### ସି. କେ ନାଇଡୁ ଟ୍ରଫି



ବିକାଶ ଗ୍ରାଉଣ୍ଡରେ କେରଳ ଓ ଓଡ଼ିଶା ମଧ୍ୟରେ ଚାଲିଥିବା ସି.କେ ନାଇଡୁ ଟ୍ରଫିର ମ୍ୟାଚ୍ ।

ବରଗଡ଼ସ୍ଥିତ ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ କେରଳ ମଧ୍ୟରେ ୨୩ବର୍ଷରୁ କମ କର୍ଣ୍ଣେଲ ସି.କେ ନାଇଡୁ ଟ୍ରଫି ମ୍ୟାଚରେ ଓଡ଼ିଶାକୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି । ମ୍ୟାଚର ଚତୁର୍ଥ ଦିବସରେ କେରଳ ଦେଇଥିବା ୩୭୧ ରନର ବିଶାଳ ଟାର୍ଗେଟକୁ ପହଞ୍ଚାଇ ପାରି ନ ଥିଲା ଏବଂ ମ୍ୟାଚକୁ ୧୩୦ ରନରେ ହାରିଥିଲା। ରବିବାରର ଅସମାପ୍ତ ସ୍କୋର ୩ଉଇକେଟ ବିନିମୟରେ ୨୪ରନରୁ ଖେଳ ଆରମ୍ଭ କରି ଓଡ଼ିଶା ୩୪ ରନରେ ଆଉ ଏକ ଉଇକେଟ ହରାଇଥିଲା। ବିଶ୍ୱଜିତ ଭୂୟାଁ ୪୦ ରନ କରି ଫେରିଯିବା ପରେ ସୌଭାଗ୍ୟ ମିଶ୍ର ପ୍ରଥମ ଇନିଂସ ଭଳି ଲଢୁଆ ବ୍ୟାଟିଂ ଜାରି ରଖିଥିଲେ। ତାଙ୍କୁ ସାଥ୍ ଦେଉଥିବା କାର୍ତ୍ତିକ ବିଶ୍ୱାଳ ୨୪ ରନ କରି ପାଭେଲିୟନକୁ ଫେରିଥିଲେ । ୮୪ ରନ ମଧ୍ୟରେ ୫ଉଇକେଟ ପଡ଼ିଯିବା ପରେ ଓଡ଼ିଶା ପରାଜୟ ଆଡ଼କୁ ମୁହାଁଉଥିବା ସ୍ପଷ୍ଟ ହୋଇଥିଲା । ଏଭଳି ସ୍ଥିତିରେ ସୌଭାଗ୍ୟଙ୍କୁ ସାଥ୍ ଦେବା ପାଇଁ କ୍ଷମାସାଗର ବଲ ବ୍ୟାଟିଂ କରିବାକୁ ଆସିଥିଲେ ଏବଂ ଷଷ୍ଠ ଉଇକେଟ୍ ଯୋଡ଼ିରେ ୧୨୪ ରନ ଯୋଡ଼ିଥିଲେ । ଏହାପରେ ୭୬ରନ କରି କ୍ଷମାସାଗର ଆଉଟ୍ ହୋଇଥିଲେ । ପରେ ସୌରଭ କାନୋଜିଆ ବ୍ୟାଟିଂ କରିବାକୁ ଆସି ୧୯ରନ କରିଥିଲେ ହେଁ ଶେଷ ୩ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲି ପାରି ନ ଥିଲେ। ଫଳରେ ଓଡ଼ିଶା ୯୩.୧ ଓଭର ଖେଳି ମାତ୍ର ୨୪୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । କେରଳ ପକ୍ଷରୁ ସିଜୋମୋନ ଜୋସେଫ ୪୨ ରନ ବିନିମୟରେ ୪, ବିଶ୍ୱେଶ୍ୱର ସୁରେଶ ୮୨ ରନ ବିନିମୟରେ ୩ଟି ଉଇକେଟ ନେଇଥିବାବେଳେ ଫାନୁସ ଏଫ, ବସିଲ ଏନ.ପି, ହରିକ୍ରିଷ୍ଣ କେ.ଏନ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ । ବିସିସିଆଇ ଅମ୍ପାୟାର ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଏବଂ ସୁବ୍ରମଣ୍ୟନ ରାମାଶେଶନ ଆୟାର ମ୍ୟାଚ ପରିଚାଳନା କରିଥିବାବେଳେ ସଞ୍ଜୟ ଶର୍ମା ମ୍ୟାଚ୍ ରେଫେରୀ ଥିଲେ । ପରମବୀର ସିଂ ଅନ୍‌ଲାଇନ ସ୍କୋରର, ରଜତ ଦାଶ ମାନୁଏଲ ସ୍କୋରର, ସି.ପି ମହାପାତ୍ର ଆଣ୍ଟି କରପସନ୍ ଅଫିସର, ଶାରଦା ବିଶ୍ୱାଳ ଭିଡ଼ିଓ ଆନାଲିଷ୍ଟ, ଗୋବିନ୍ଦ ବେହେରା ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଦାୟିତ୍ୱ ନିର୍ବାହ କରିଥିଲେ ।

ଯାହା ପାଖରେ ଧନ ଅଛି, ତାହାର ଅନେକ ମିତ୍ର, ଭାଇ-ବନ୍ଧୁ ଓ ସମ୍ପର୍କୀୟ ଥାଆନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଆକ୍ରମଣ ଘଟଣାରେ ୫ ଅଟକ

**ଅତାବିରା,୩।୧୨(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରୂପାପାଲିର ଏକ ନିଖୋଜ ଘଟଣାକୁ ନେଇ ଦୁଇଗୋଷ୍ଠୀ ଅତାବିରା ଥାନା ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପରେ ମୁହାଁମୁହିଁ ହୋଇଥିଲେ । ଉଭୟ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ହେବା ଯୋଗୁ ୫ଜଣ ଆହତ ହୋଇଛନ୍ତି । ଏ ନେଇ ସୁବାଶିନ ମଲ୍ଲିକଙ୍କ ଏତଲାକୁ ଭିତ୍ତି କରି ଅତାବିରା ଥାନା ପୋଲିସ ଏକ ମାମଲା(ନଂ.୨୫୫/୧୮) ରୁଜୁ କରିଛି । ସେହିପରି ଦେବ ସୁନାଙ୍କ ଏତଲାକୁ ଭିତ୍ତି କରି ଅନ୍ୟ ଏକ ମାମଲା(ନଂ-୨୫୬/୧୮) ରୁଜୁ ହୋଇଛି। ଏ ନେଇ ୫ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି । ଏସଆଇ ଶ୍ୱେତପଦ୍ମା ବିଶ୍ୱାଳ ଏହାର ତଦନ୍ତ କରୁଛନ୍ତି ।



### କ୍ୟାରମ ପ୍ରତିଯୋଗିତା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୩।୧୨:** ବରଗଡ଼ ସହରର ତଳିପଡ଼ାସ୍ଥିତ ସମଲେଶ୍ୱରୀ ସଂଘ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ମାନସ ମେମୋରିୟାଲ କ୍ୟାରମ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଆସନ୍ତା ୯ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ । ସଂଘର ସ୍ଥାୟୀ ସଭାପତି ସମୀର କୁମାର ପ୍ରଧାନ ସନ୍ଧ୍ୟା ୬ଟାରେ ସ୍ଥାନୀୟ ସମଲେଶ୍ୱରୀ କଲ୍ୟାଣ ମଣ୍ଡପରେ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାର ଡବଲ୍ ମ୍ୟାଚରେ ୫୦ଟି ଦଳ ଏବଂ ସିଙ୍ଗଲରେ ୫୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଉଦଘାଟନୀ ସମାରୋହରେ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସଭ୍ୟମାନେ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ପଦକ୍ଷେପ

**ସୋହେଲା/ବିଜେପୁର/ପଦ୍ମପୁର/ଝାରବନ୍ଧ,୩।୧୨(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ବ୍ଲକ ଅଫିସ୍ ସଭା ଗୃହରେ ସୋମବାର ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ବିଡିଓ ଅଶୋକ କୁମାର ଗଡତିଆ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିଶ୍ୱ ରଞ୍ଜନ କର, ସହକାରୀ ଯନ୍ତ୍ରୀ ନରେଶ କୁମାର ଅଗ୍ରୱାଲ ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହମ୍ମଦ ଆକବର ପ୍ରମୁଖ ମଞ୍ଚାସୀନ ଥିଲେ । ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ଯେପରି ସାମିଲ କରାଯିବ ସେ ନେଇ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମଗୁଡିକ ଉପରେ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ । ଆଉ କିଛି ମାସ ଗଲେ ଓଡିଶାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ଇଭିଏମ ଜରିଆରେ ଭୋଟଦାନ କରାଯିବ । ସେଥିରେ ଦିବ୍ୟାଙ୍ଗମାନେ କିପରି ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ ସେଥିପାଇଁ ବ୍ଲକ ଅଫିସ ତରଫରୁ ଏକ ମକ୍ ଭୋଟିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡବ୍ଲୁଇଓ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକ ପରିସରସ୍ଥ ରାଜୀବ ସେବା କେନ୍ଦ୍ରରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ସୋମବାର ପାଳିତ ହୋଇଯାଇଛି । ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଚନ୍ଦ୍ରା ସାହୁ, ସମାଜ ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲା ପ୍ରଶାସନର ଆୟୋଜନ କ୍ରମେ ଅନୁଷ୍ଠିତ ଏହି ସମାରୋହରେ ଅଙ୍ଗନୱାଡି ସୁପରଭାଇଜର ପିଇଓ, ଜିଆରଏସ, ଦିବ୍ୟାଙ୍ଗ ଯୁବତୀଯୁବକ ଯୋଗ ଦେଇଥିଲେ ।

**ପଦ୍ମପୁର, (ଡି.ଏନ.ଏ):** ରାଜବୋଡାସମ୍ବର ବ୍ଲକସ୍ତରୀୟ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ-୨୦୧୮ ସ୍ଥାନୀୟ ରାଜୀବ ସେବା କେନ୍ଦ୍ର ପରିସର ମଧ୍ୟରେ ବିଡିଓ ଏଲିଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିବା ସହିତ ଦିବ୍ୟାଙ୍ଗମାନେ ଭୋଟଦାନ ପ୍ରକ୍ରିୟାରେ କିଭଳି ସାମିଲ ହୋଇପାରିବେ ତାହା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ କୁମରମଣି ନାୟକ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏବିଡିଓ ସୋନୁ ବାଗ, ଏସ୍‌ଇଓ ରଜନୀକାନ୍ତ ବହିଦାର, ଜିପିଇଓ ଗିରିଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଝାରବନ୍ଧ,(ଡି.ଏନ.ଏ):** ଝାରବନ୍ଧରେ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ଓ ଭୋଟଦାନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କମ୍ପ୍ୟୁଟର ପ୍ରୋଗ୍ରାମର ସମୀର କୁମାର ଦାଶ ଓ ସହାୟକ ରମାକାନ୍ତ ବହିଦାର ଭୋଟ ପ୍ରକ୍ରିୟା ଓ ଭିଭିପାଟ ଉପରେ ତାଲିମ ଦେଇଥିଲେ । ଏହି ତାଲିମ ଶିବିରରେ ସଂଖ୍ୟାଧିକ ଦିବ୍ୟାଙ୍ଗ ଯୋଗଦେଇ ତାଲିମ ନେଇଥିଲେ । ପୁରନ୍ଦର ସାହୁ ସହଯୋଗ କରିଥିଲେ।

**ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ**



ଝାରବନ୍ଧ ବ୍ଲକରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚାଲିଚାଲି ଯେଉଁଠି**
**ଘୋଡ଼ା ଦଉଡ଼ି ଦଉଡ଼ି ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରନ୍ତି। ଧୀରେ ସୁସ୍ଥେ ଏକନିଷ୍ଠ ହୋଇ କାର୍ଯ୍ୟକଲେ ସଫଳତା ହାସଲ କରିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାକିମ ଉଠିଗଲେ ବି**
**ହୁକୁମ ଉଠେ ନାହିଁ ।**

ପଦବୀଧାରୀ ପରିବର୍ତ୍ତିତ ହୁଏ । କିନ୍ତୁ ପଦାସନ ସେମିତି ପଡ଼ିରହିଥାଏ । ପଦ ଓ ଆସନ ଖାଲି ପଡ଼ି ନ ଥାଏ । ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଂକୃତ କରିଥାନ୍ତି। ହୁକୁମ ବା ନିୟମର ସ୍ଥାୟିତ୍ୱ ବେଶି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବରଗଡ଼ରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ବରଗଡ଼ ଅଫିସ୍,୩।୧୨**

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ସ୍ଥାନୀୟ ବାପୁଜୀ ଭିନ୍ନକ୍ଷମ ସ୍କୁଲରେ ପାଳିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ନବକୃଷ୍ଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁ ଚରଣ ଦାଶ, ବିଡ଼ିଓ ଶରତ ବାଗ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜାତୀୟସ୍ତରରେ ପାରା ଅଲିମ୍ପିକ ଖେଳରେ କୃତିତ୍ୱ ଅର୍ଜନ କରିଥିବା ସଚିନ ବାରିକ ଏବଂ ରାଜ୍ୟସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ବିକାଶ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାର ୧୨ଜଣ ଭିନ୍ନକ୍ଷମଙ୍କୁ ମଧୁବାବୁ ପେନସନ ଏବଂ କଟାପାଲିର କଲଦାର କାଣ୍ଡି, କୁର୍ଲାର ରବ ଭୁଏ ଓ ଲୋକନାଥ ସାହୁଙ୍କୁ ତିନିଚକିଆ ସାଇକେଲ ବଣ୍ଟନ କରାଯାଇଥିଲା। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ୧୦ଜଣ ବଧିର ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଇଭିଏମ ଏବଂ ଭିଭିପ୍ୟାଟ୍ ମେଶିନ ବ୍ୟବହାର ଉପରେ ଦିଆଯାଉଥିବା ତାଲିମକୁ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅତିଥିମାନେ ବୁଲି ଦେଖିଥିଲେ । ମାନସିକ ଅନଗ୍ରସର ସ୍କୁଲର ପ୍ରଧାନଶିକ୍ଷକ ମେଘନାଦ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବାପୁଜୀ ସ୍ୱତନ୍ତ୍ର ସ୍କୁଲରେ ଇଭିଏମ, ଭିଭିପ୍ୟାଟ୍ ତାଲିମକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

# କେନାଲପଡ଼ାକୁ ହରାଇ ଜଡ଼ା ବିଜୟୀ

**ବରଗଡ଼ ଅଫିସ୍,୩।୧୨**

ବରଗଡ଼ ବ୍ଲକ ଖଲିଆପାଲିଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କେନାଲପଡ଼ା ଓ ଜଡ଼ା କ୍ରିକେଟ ଦଳ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା । ଏଥିରେ ଜଡ଼ା କ୍ରିକେଟ ଦଳ ପ୍ରତିପକ୍ଷ କେନାଲପଡ଼ାକୁ ୭ଉଇକେଟରେ ହରାଇ ବିଜୟୀ ହୋଇଥିଲା । ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସରପଞ୍ଚ ବିଜୟ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ମନୋଜ ହାଜରା, ଦୁଃଖିଶ୍ୟାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୟ ବାରିକ, ଟିଂକି ନାୟକ, ଗୋପାଳ କଲେଜ, ସୁମିତ ବେହେରା, ରାଜା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବରଗଡ଼ ବିଧାୟକ ପୁରସ୍କାର ବିତରଣ କରୁଛନ୍ତି ।

### ପାଲା ମାଧ୍ୟମରେ ସଚେତନତା

**ଅତାବିରା/ଭେଡେନ, ୩।୧୨ (ଡି.ଏନ.ଏ)**

ଭେଡେନ ବ୍ଲକ ସଂକ୍ରୀଡା, ଦେଶଭଟିଲି, ଡାଲବ ୩ଟି ପଞ୍ଚାୟତର ସଦର ମହକୁମାରେ ସୋମବାର ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ନୋଡାଲ ଅଧିକାରୀ ବିହାରୀ ବାରିକ ଉଦଘାଟନ କରିଥିଲେ। ଭେଡେନ ବ୍ଲକ କଳା ସଂସ୍କୃତି ସଂଘ ସଭାପତି ଆନନ୍ଦ ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଥିଲା। ଅଙ୍ଗନୱାଡି କର୍ମୀ ଯାଜ୍ଞସେନୀ ନାୟକ, ସଂକ୍ରୀଡା କେନ୍ଦ୍ରର ସଂଘମିତ୍ରା ବସ୍ତୁ, ଡାଲବ ଅଙ୍ଗନୱାଡି କର୍ମୀ ଯଶୋବନ୍ତୀ ସାହୁ, ଆଶା ଉପାସୀ ଭୁଏ, ଉଦେପୁର ପାଲା ଗାୟକ ଶେଷଦେବ ଦନ୍ତା, ବାୟକ ବିଜୟ ନାୟକ, ଗୋବର୍ଦ୍ଧନ ଖାଙ୍କର, ଶ୍ୟାମସୁନ୍ଦର ଦନ୍ତା, ଦୟାନିଧି ବେହେରା, ଶୁକଦେବ ଭୁଏ ପ୍ରମୁଖ ପାଲା ପରିବେଷଣ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES) | DR. R. PRASAD GAMS (PATNA)
ମଳଦ୍ୱାର (FISSURE) | DR. PREM KUMAR BAMS, LLB (UTKAL)
ଭଗନ୍ଦର (FISTULA) | 10AM TO 8PM
WITHOUT SURGICAL OPERATION
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110, 7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୩, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers 9996568749, 7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline 18002126755, 08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିଷ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614, 09753490869
#908, Dhiman Line, Yamuna Nagar, Haryana.

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ମିଳିତ ଏକତା ସାଧାରଣ ବୈଠକ

**ଡୁଙ୍ଗୁରିପାଲି,୩।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲିସ୍ଥିତ ବାଉଁଶ ବଣଠାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁଙ୍କ ଏକ ମିଳିତ ଏକତା ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ ସଭାପତିତ୍ୱ କରିଥିବା ବେଳେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗର ସଭାପତି, ସମ୍ପାଦକ, ସଭ୍ୟା, ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜାତିର ବିକାଶ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ମଞ୍ଚର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯୋଗେନ୍ଦ୍ର ଭୋଇ, ଉପସଭାପତି ସୁରୁବାବୁ ନନ୍ଦ, ଯୋଗେନ୍ଦ୍ର ବାରିକ ଓ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଜନ୍ମେଜୟ ଭୁକ୍ତା, ବିଜୟ କୁମାର ହରିପାଲ ଓ ଲକ୍ଷ୍ମଣ ଭରାସାଗର, ସାଧାରଣ ସମ୍ପାଦକ ବାଳକୃଷ୍ଣ ଦଣ୍ଡସେନା, ଯୁଗ୍ମ ସମ୍ପାଦକ ନେହେରୁ ପଧାନ, ବୀରେନ୍ଦ୍ର କୁମାର ଦଣ୍ଡସେନା, ସଂକୀର୍ତ୍ତନ ବେହେରା, ଶ୍ରୀଧର ବିଶ୍ୱା ପ୍ରମୁଖ ରହିଥିବା ବେଳେ ସହ ସମ୍ପାଦକ ଭାବେ ଶିବଶଙ୍କର ବାରିକ, ଅଶୋକ କୁମାର ନାଏକ, ବିହାରୀ ସିଂ, ବନମାଳୀ ପୋଢ, କୋଷାଧ୍ୟକ୍ଷ ଭାବେ ଅବଧୁତ ଆଡବାଙ୍କ, ଅଶୋକ ବେହେରା ରହିଛନ୍ତି। ଅଡିଟର ଭାବେ ଗଣ୍ଡାରାମ ପଧାନ, ସୁରେନ୍ଦ୍ର ଖମାରୀ ରହିଥିବା ବେଳେ କାର୍ଯ୍ୟକାରୀ ସଭ୍ୟ ଅସର୍ପି କୁମ୍ଭାରଙ୍କ ସମେତ ୧୨ ଜଣ ରହିଥିଲେ।

### ପଞ୍ଚାୟତସ୍ତରୀୟ କୃଷକ ବିକାଶ କମିଟି ଗଠିତ

**ଅମରପାଲି,୩।୧୨(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲଠାରେ ସୋମବାର ଗ୍ରାମପଞ୍ଚାୟତସ୍ତରୀୟ କୃଷକ ବିକାଶ କମିଟି ଗଠିତ ହୋଇଯାଇଛି । ଏହି ଅବସରରେ ଧରଣୀଧର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକସ୍ତରୀୟ କୃଷକ ବିକାଶ କମିଟିର ସଭାପତି ପ୍ରଦୀପ ସ୍ୱାଇଁ, ସମ୍ପାଦକ ରାଜେନ୍ଦ୍ର ପଧାନ, କୋଷାଧକ୍ଷ ନରୋତ୍ତମ ପଧାନ, କମିଟିର ପରାମର୍ଶଦାତା ମଧୁସୂଦନ ପଣ୍ଡା, ମୁକୁନ୍ଦ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସଭାରେ ଅଞ୍ଚଳର ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ଚାଷୀମାନଙ୍କର କିପରି ବିକାଶ ହୋଇପାରିବ ତାହାରି ଉପରେ ମତ ପ୍ରକାଶ ପାଇଥିଲା । ଏହା ସହ ଚଳିତ ବର୍ଷ ଚାଷୀ କିପରି ନିଜର ଅମଳ ଧାନକୁ ମଣ୍ଡିରେ ସୁଚାରୁରୂପେ ବିକ୍ରି କରିପାରିବ ତାହା ଉପରେ ପଦକ୍ଷେପ ନେବାକୁ ସ୍ଥିରୀକୃତ ହୋଇଥିଲା । ଚଳିତ ବର୍ଷ ଚକଡା ପୋକ ଲାଗି ଯେଭଳି ଭାବେ ଧାନ ଫସଲ ନଷ୍ଟ ହେଲା ଏବଂ ବିଭାଗ ପକ୍ଷରୁ ସଠିକ ଆକଳନ କରା ନ ଗଲା ଓ ଏ ଯାଏ କ୍ଷତି ପୂରଣ ଦିଆଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ଉକ୍ତ ସଭାରେ ପିତାମହୁଲ, କାଶଲପୁର, ଭାଟପଦର, ବୁରମାଲ, ଟେଭାପଦର, ଦୁରଦୁରା, ଡୁଲେଶ୍ୱର, ଗରିଆମୁଣ୍ଡା, କୁଞ୍ଜାମହୁଲ, ଠାକୁରପୁର ଆଦି ଗ୍ରାମର ଶତାଧିକ ଚାଷୀ ଉପସ୍ଥିତ ଥିଲେ । ସର୍ବସମ୍ମତିକ୍ରମରେ ଏକ ପଞ୍ଚାୟତସ୍ତରୀୟ କୃଷକ ବିକାଶ କମିଟି ଗଠନ କରାଯାଇଥିଲା । ଏଥିରେ ଦିବ୍ୟଲୋଚନ ଗଡୁଆଙ୍କୁ ସଭାପତି, କୁଶଧର ମହାକୁର ସମ୍ପାଦକ ଓ ବ୍ରଜକିଶୋର ସାମନ୍ତଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା । ଏହା ସହ ଭୋଲାନାଥ ମହାକୁର, ଚକ୍ରଧର ମେଶୁଆ, ଲକ୍ଷ୍ମଣ ମହାକୁର, କ୍ଷୀରୋଦ ଷାଣ୍ଢ, ନିରାକାର ସାହୁ, ଉଗ୍ରେସନ ଖେତୀ, ଯଶୋବନ୍ତ ସାହୁ, ଯଦୁନାଥ ଗାଇଗରିଆ, ଜଗନ୍ନାଥ ନାଏକ, ବିଶ୍ୱନାଥ ମହାକୁର ପ୍ରମୁଖଙ୍କୁ ଉକ୍ତ କମିଟିର ସଭ୍ୟଭାବେ ଚୟନ କରାଯାଇଥିଲା ।

### ଏଟିଏମ ଭାଙ୍ଗି ଚୋରି ଉଦ୍ୟମ

**ଡୁଙ୍ଗୁରିପାଲି,୩।୧୨( ଡି.ଏନ.ଏ.):** ଡୁଙ୍ଗୁରିପାଲ ବ୍ଲକ ପଣ୍ଡକିଟାଲଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ଭାଙ୍ଗି ଚୋରୀ ଉଦ୍ୟମ ହୋଇଥିବା ରାମପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଡୁଙ୍ଗୁରିପାଲି ରାମପୁର ରାସ୍ତା ପଣ୍ଡକିଟାଲ ଗ୍ରାମର ବିହାରୀଲାଲ ପାଠି ରାସ୍ତା କଡରେ ଏକ ମାର୍କେଟ କମ୍ପ୍ଲେକ୍ସ ରହିଛି। ସୋମବାର ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏଟିଏମରେ ମେସିନ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଘଟଣା ବିଷୟରେ ଉକ୍ତ ଏଟିଏମ ତଦାରଖ କରୁଥିବା କମ୍ପାନୀର ପ୍ରତିନିଧି ନିର୍ମଳ ବାବୁଙ୍କୁ ଜଣାଇବା ପରେ ରାମପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଗତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ଏଟିଏମ ମେସିନକୁ ଭାଙ୍ଗି ଟଙ୍କା ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ବିଫଳ ହୋଇଥିବା ରାମପୁର ପୋଲିସ ପ୍ରକାଶ କରିଛି।ଏ ନେଇ ରାମପୁର ପୋଲିସ ଅଧିକାରୀ ପ୍ରଦୀପ ପଧାନ କେସ ନଂ ୯୪/୧୯ ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

---

ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ଅସାଧାରଣ କ୍ଷମତାର ଅଧିକାରୀ ଦିବ୍ୟାଙ୍ଗ

**ସୋନପୁର,୩।୧୨(ନି.ପ୍ର)**



ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଦିବ୍ୟାଙ୍ଗଙ୍କ ଶରୀର ଦୁର୍ବଳ ହୋଇପାରେ। ହେଲେ ମନ ନୁହେଁ । ନିଜର ନିଷ୍ଠା ଓ ଦୃଢ ଆତ୍ମବିଶ୍ୱାସ ବଳରେ ସେମାନେ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି । ଦିବ୍ୟାଙ୍ଗମାନେ ଅସାଧାରଣ କ୍ଷମତାର ଅଧିକାରୀ ବୋଲି ସୁବର୍ଣ୍ଣପୁର ଟାଉନ ହଲଠାରେ ଆୟୋଜିତ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଛନ୍ତି । ସେହିପରି ଭିନ୍ନକ୍ଷମଙ୍କ ଥଇଥାନ ଦିଗରେ ଜିଲାକୁ ମିଳିଥିବା ରାଜ୍ୟସ୍ତରୀୟ ପୁରସ୍କାରକୁ ଜିଲାର ଭିନ୍ନକ୍ଷମମାନଙ୍କୁ ମୁଖ୍ୟଅତିଥି ପଣ୍ଡା ସମର୍ପିତ କରିଥିଲେ । ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲା ନିର୍ବାଚନ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ ଏବଂ ସାମାଜିକ ଅନୁଷ୍ଠାନ ରେଆର ର ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳନ ହୋଇଥିଲା । ଏଥିରେ ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାନୁଭୁତି ନୁହେଁ ନିଜ ହୃଦୟରୁ ସହଯୋଗ କଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ । ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁବିଧା ସୁଯୋଗ ପାଇଲେ ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତି ଆଗକୁ ଯାଇ ପାରିବେ ଓ ଅସମ୍ଭବକୁ ସମ୍ଭବ କରିପାରିବେ ବୋଲି କହିଥିଲେ। ଡେପୁଟି କଲେକ୍ଟର(ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ କହିଥିଲେ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଭୋଟ ଦେବାର ଅଧିକାର ରହିଛି । ସେମାନେ କିଭଳି ସହଜରେ ମତଦାନ କରି ପାରିବେ ତାହା ସୁନିଶ୍ଚିତ କରିବାକୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅଛି । ଜିଲାରେ ଏହାକୁ ଅନୁପାଳନ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ପାଣିଗ୍ରାହୀ କହିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ଚନ୍ଦ୍ର ଦାସ ଦିବ୍ୟାଙ୍ଗଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସୋନପୁର ବିଡିଓ ନିରଞ୍ଜନ ନାଏକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଇଭିଏମର ବ୍ୟବହାର ସମ୍ପର୍କରେ ଜଣାଇଥିଲେ । ଡିପିସି ବେଣୁଧର ବେହେରା ଓ ଭିନ୍ନକ୍ଷମ ଅଭିଭାବକ ସଂଘର ସୋମନାଥ ଦାସ ମଞ୍ଚାସୀନ ଥିଲେ । ରେଆର ର ସଭାପତି ଗୌରୀଶ୍ୟାମ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଦିବ୍ୟାଙ୍ଗଙ୍କ ଅଧିକାରର ସାବ୍ୟସ୍ତ ତଥା ସାମାଜିକ ସ୍ତରରେ ସମ୍ମାନ ଦେବା ପାଇଁ ଦିବସଟି ଉଦ୍ଦିଷ୍ଟ ଥିବା କହିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ତରଭା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀ ସଂଯୁକ୍ତା ବରର୍ତ୍ତି, ଅନନ୍ୟା ଦେବୀଦତ୍ତା ପଣ୍ଡା, ହିଙ୍ଗମା ବିଦ୍ୟାଳୟର ଶିକ୍ଷୟିତ୍ରୀ ସତ୍ୟବତୀ ପାଣିଗ୍ରାହୀ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଓ ଉଦ୍ୟୋଗୀ ରାମଜୀ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ସହ ଅତିଥିମାନଙ୍କଦ୍ୱାରା ସମ୍ମାନିତକରାଯାଇଥିଲା। ଏହି ଅବସରରେ ସକାଳେ ଏକ ସଚେତନତା ଶୋଭାଯାତ୍ରା ଟାଉନ ହଲରୁ ବାହାରି ସହର ପରିକ୍ରମା କରିଥିଲା ।

---

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବୀରମହାରାଜପୁର, ୩।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଜନୈକା ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ପୋଲିସ ନିକଟରେ ଅଭିଯୋଗ କରାଯାଇଛି । ଏ ନେଇ ସୁବଳୟା ଥାନାରେ କେଶ ନମ୍ବର ୬୯/୧୮ରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି । ତେବେ ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିବା ଆଇଆଇସି ହେମନ୍ତ ରାଓ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ସ୍ଥାନୀୟ ଏକ ଜୁନିୟର କଲେଜରେ ଜଣେ ଛାତ୍ରୀ କଲେଜରୁ ଘରକୁ ଫେରୁଥିବାବେଳେ ରଞ୍ଜିତ ବିଶ୍ୱାଳ(୨୧) ନାମକ ଜଣେ ଯୁବକ ତାଙ୍କୁ ସୁବଳୟା ଥାନା ଅନ୍ତର୍ଗତ କମିରା ପୋଖରୀ ନିକଟରେ ଜୋରଜବରଦସ୍ତ ବଳାତ୍କାର କରିଥିଲେ । ପୀଡିତା ନାବାଳିକା ତାଙ୍କ ମା'ଙ୍କ ସହ ଥାନାକୁ ଆସି ଅଭିଯୁକ୍ତ ରଞ୍ଜିତଙ୍କ ବିରୋଧରେ ଏତଲା ଦାଏର କରିଥିଲେ । ରବିବାର ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡିତାଙ୍କର ଡାକ୍ତରୀମାଇନା କରାଯାଇଛି।

---

ଉଲୁଣ୍ଡା ଜନଜାଗରଣ ଯାତ୍ରାରେ ପିସିସି ସଭାପତି

## ଚାଷୀ ବିରୋଧୀ ସରକାର ହଟିବା ଜରୁରୀ: ନିରଞ୍ଜନ


ଜନଜାଗରଣ ଯାତ୍ରାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ଉଲୁଣ୍ଡା,୩।୧୨(ଡି.ଏନ୍.ଏ.)**

ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡ଼ିଆରେ ସୋମବାର ଜନଜାଗରଣ ଯାତ୍ରା ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଜ୍ୟର ଚାଷୀ ବିରୋଧୀ ସରକାର ହଟିବା ଜରୁରୀ ବୋଲି କହିଥିଲେ। ବ୍ଲକର ଅଇଁଲାଛାଟଠାରେ ପିସିସି ସଭାପତି ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ କଲେଜ ପଡ଼ିଆକୁ ଅଣାଯାଇଥିଲା। ପୂର୍ବତନ ବିଧାୟକ ବିନୋଦ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟନାୟକ କହିଲେ, ରାଜ୍ୟବାସୀଙ୍କ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ। ବର୍ତ୍ତମାନର ବିଜେଡି ସରକାରକୁ ହଟାଇ ଆଗାମୀ ନିର୍ବାଚନରେ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ, ରାଧାକାନ୍ତ ଦିଗାଲ, ନକୁଳ ନାୟକ, ଏଆଇସିସି ସଭ୍ୟ ଲକ୍ଷ୍ମଣ ମେହେର, ପ୍ରବକ୍ତା ସମରେନ୍ଦ୍ର ମିଶ୍ର, ପିସିସି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ସମ୍ପାଦକ ଜାନକୀବଲ୍ଲଭ ପଟ୍ଟନାୟକ, ସୂରଜ ବାଘ, ପ୍ରଦୀପ ସେଠୀ, ରାଜଗୋପାଳ ପାଣିଗ୍ରାହୀ, ରାଧାକାନ୍ତ ମହାକୁର ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ବିଜେଡି ସରକାର ଉପରେ ବର୍ଷିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ତ୍ରିପୁରାରୀ ସେଠୀଙ୍କ ନେତୃତ୍ୱରେ ଜିଲା କୋଷାଧକ୍ଷ ରାଜେଶ ମିଶ୍ର, ସୁରେଶ ପୁରୋହିତ, ନରସିଂ ପଣ୍ଡା, ପ୍ରଭୁଦତ୍ତ ବସ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

---

### ବିନିକାରେ କଂଗ୍ରେସର ଜନଜାଗରଣ ଯାତ୍ରା

**ସିଂଘିଯୁବା,୩।୧୨(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା କଂଗ୍ରେସ କମିଟି ସଂଯୋଜନାରେ ସୋମବାର ଅପରାହ୍ନ ୧ଟାରେ ବିନିକା ସହରରେ ଏକ ବାଇକ୍ ରାଲି ଏବଂ ଖୋଲାମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିନିକାର ବରିଷ୍ଠ କଂଗ୍ରସ ନେତା ରାଘବ ଦାଶ ଏହାର ନେତୃତ୍ୱ ନେଇଥିଲେ। ବିନିକା ଫୁଲମୁଠୀ ଛକରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବା ସହ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସଠାରେ ଶେଷ ହୋଇଥିଲା। ପରେ ଜିଲା ପ୍ରଦେଶ କମିଟି ଏବଂ ବିନିକା କଂଗ୍ରେସ କର୍ମକର୍ତ୍ତାମାନଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଏକ ଖୋଲମଞ୍ଚ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସହର ଏବଂ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ପ୍ରଶ୍ନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟଙ୍କୁ ପଚାରିଥିଲେ। ସଭାପତି ପଟ୍ଟନାୟକ ଜନସାଧାରଣଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଏପରି କି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଉପରେ ଲୋକଙ୍କୁ କହିଥିଲେ। ବିନିକା କଂଗ୍ରେସ ନଗର ସଭାପତି ଗୋପୀନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାକ୍ତନ ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ ଏଆଇସି ସଦସ୍ୟ ସମରେନ୍ଦ୍ର ମିଶ୍ର, ରାଧାକାନ୍ତ ବିଶ୍ୱାଳ, ସସ୍ମିତା ବେହେରା, ଲକ୍ଷ୍ମଣ କୁମାର ମେହେର, ବିନୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁବନେତା ଅଜିତ ଦାଶ ଏବଂ ଗୋବିନ୍ଦା ଝାଙ୍କର ଧନ୍ୟବାଦ ଜ୍ଞାପନ କରିଥିଲେ।

---

ଭିନ୍ନକ୍ଷମ ବିଦ୍ୟାଳୟରେ ଭିନ୍ନକ୍ଷମ ଦିବସ ପାଳିତ

## କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ସୋନପୁର,୩।୧୨(ନି.ପ୍ର.)**


ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଞ୍ଚାସିନ ଅତିଥି ବୃନ୍ଦ ।

ସୋନପୁର ବ୍ଲକ କଳାପଥରସ୍ଥିତ ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ସୁନୀତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ଓ ଆଇନର ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ସୋନପୁର ପଞ୍ଚାୟତ ସମିତି ଅଧକ୍ଷା ମନ୍ଦାକିନୀ ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନୁଷ୍ଠାନର ସଭାପତି ଡାକ୍ତର ଶାନ୍ତି ମଞ୍ଜରୀ ମିଶ୍ର ସଭାରେ ଅଧକ୍ଷତା କରିଥିଲେ । ସମ୍ପାଦକ ଉତ୍ତମ ଚରଣ ଦେହୁରୀ ସଭା ପରିଚାଳନା କରିଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ଧନେଶ୍ୱର ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଦୃଷ୍ଟିହୀନ, ଶ୍ରବଣବାଧିତ ଓ ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ରଙ୍ଗୋଲି, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମାତାପିତା, ବିଦ୍ୟାଳୟର କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । କୃତିଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ସାମାଜିକକର୍ମୀ ନନ୍ଦକିଶୋର କମାଣି ସହଯୋଗ କରିଥିଲେ ।

---

## ଫୁଟବଲ ଟୁର୍ନାମେଣ୍ଟ: ଝାରକୁମୁଣ୍ଡା ଚାମ୍ପିୟନ

**ଅମରପାଲି/ବୀରମହାରାଜପୁର,୩।୧୨ (ଡି.ଏନ.ଏ.)**

ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଚମ୍ପାମାଲ ଗ୍ରାମ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ହୋଇଥିବା ଏହି ଏକ ଦିବସୀୟ ଟୁର୍ନାମେଣ୍ଟରେ ପଞ୍ଚାୟତର ୪ଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ପ୍ରତିନିଧି ନାରାୟଣ ଲୁହା ମୁଖ୍ୟଅତିଥି ଓ ସନତ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚରେ ଝାରକୁମୁଣ୍ଡା ଦଳ ରଥିପଡାକୁ ୨-୦ଗୋଲରେ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଚମ୍ପାମାଲ ଦଳ କୃଷ୍ଣପାଲିକୁ ୨-୦ଗୋଲରେ ପରାସ୍ତ କରିଥିଲା । ଫାଇନାଲରେ ଝାରକୁମୁଣ୍ଡା ଦଳ ୧-୦ଗୋଲରେ ଚମ୍ପାମାଲକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଆମ୍ବେଡକର ସେବା ସଂଘର ସମ୍ପାଦକ ଶୈଳ ରଞ୍ଜନ ବାଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହିଲୁଙ୍ଗ ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି କାହ୍ନୁ ମହାକୁର, ଚମ୍ପାମାଲ ପଞ୍ଚାୟତର ବିଜୁ ଯୁବ ବାହିନୀର ସଭାପତି ଝସକେତନ ମେହେର ଓ କୋଷାଧକ୍ଷ ମହେଶ୍ୱର ଥନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ସନ୍ତୋଷ ନାୟକଙ୍କୁ ଶ୍ରେଷ୍ଠ ଖେଳାଳୀ, ରାଜେଶ ସାହୁ ଶ୍ରେଷ୍ଠ ଡିଫେନ୍ସ, ମହେଶ୍ୱରଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ପୁରସ୍କୃତ କରିବା ସହୁ ଟ୍ରଫି ପ୍ରଦାନ କରାଯାଇଥିଲା।

---

## ଫୁଟବଲ ଟୁର୍ନାମେଣ୍ଟ, ଖଇରମାଲ ଚାମ୍ପିୟନ

**ଡୁଙ୍ଗୁରିପାଲି,୩।୧୨**

ଡୁଙ୍ଗୁରିପାଲି ବ୍ଲକ ଦିଗସିରା ଉତ୍କଳମଣି ଯୁବକ ସଂଘ ପକ୍ଷରୁ ତୃତୀୟ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଡୁଙ୍ଗୁରୁପାଲି ବ୍ଲକ ଅଧକ କମରଧ୍ୱଜ ସାହୁ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡବ୍ଲୁଡିସି ମେମ୍ବର ହିମାଂଶୁ ଶେଖର ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦିଗସିରା ସରପଞ୍ଚ ଲବ ମେହେର, ସମିତି ସଭ୍ୟ ବିଶ୍ୱନାଥ ମେହେର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖଇରମାଲ ଓ ତେଲିପାଲି ଦଳ ମଧ୍ୟରେ ହୋଇଥିଲା। ଖଇରମାଲ ଦଳ ୪-୨ରେ ତେଲିପାଲି ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଅତିଥିଭାବେ ହାଇସ୍କୁଲର ଖେଳ ଶିକ୍ଷକ ଶଶିଭୂଷଣ ସାହା, ପୂର୍ବତନ ଫୁଟବଲ ଖେଳାଳି ଗୋପାଳ ସେଠି, ଗୁଣନିଧି ଭୁକ୍ତା, ଅରକ୍ଷିତ ମେହେର, ଏସ୍‌ଏନ୍ ତ୍ରୀପାଠି, ମନୋରଞ୍ଜନ ପଧାନ, ସହଦେବ ପଧାନ ପ୍ରଅତିଥି ଭାବରେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସଂଘ କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ ।

---

କମଲପୁର କ୍ରିକେଟ ଟୁର୍ନାମେଣ୍ଟ

## ସୋନପୁରକୁ ହରାଇ ବୀରମହାରାଜପୁର ଚାମ୍ପିୟନ

**ଅମରପାଲି/ବୀରମହାରାଜପୁର, ୩।୧୨ (ଡି.ଏନ.ଏ.)**



ଅତିଥିମାନଙ୍କ ସହ ଫାଇନାଲ ଖେଳରେ ଉଭୟ ଦଳର ଖେଳାଳି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମଲପୁରଠାରେ ହେଉଥିବା ୧୦ମ କମଲପୁର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ନ୍ୟୁଷ୍ଟାର ସୋନପୁରକୁ ୨-୦ରେ ପରାସ୍ତକରିବଜରଙ୍ଗକ୍ଲବ ବୀରମହାରାଜପୁର ଚମ୍ପିୟାନ ହୋଇଛି । ଫାଇନାଲ ମ୍ୟାଚଟି ଟି-୧୦ ଓ ୫-୫ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା । ସୋନପୁର ଦଳ ଟସ ଜିଣି ଖେଳାଯାଇଥିବା ଟି-୧୦ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୯୯ରନ କରିଥିଲା । ଦଳ ପକ୍ଷରୁ ଲିଲନ ୪୪ରନ ଓ ଲିପୁ ୨୬ରନ କରିଥିଲେ । ବିପକ୍ଷ ବୀରମହାରାଜପୁରର ସଂଗ୍ରାମ ୩ଟି ଓ ରବି ୨ଟିଉଇକେଟ ନେଇଥିଲେ । ଜବାବରେ ବୀରମହାରାଜପୁର ଦଳ ଆବଶ୍ୟକୀୟ ରନକୁ ୯.୩ ଓଭରରେ ୫ଉଇକେଟ ହରାଇ ସଂଗ୍ରହ କରିଥିଲା। ବିପକ୍ଷ ଶକ୍ତି ଓ ରାହୁଲ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ସେହିପରି ପରେ ଖେଳା ଯାଇଥିବା ୫-୫ ଓଭର ବିଶିଷ୍ଟ ମ୍ୟାଚରେ ସୋନପୁର ଦଳ ୭ ଉଇକେଟ ହରାଇ ୪୭ ରନ କରିଥିଲା । ଦଳର ଲିଲନ ୧୨ରନ କରିଥିବାବେଳେ ବିପକ୍ଷ ସୁନୀଲ ୩ଟି ଉଇକେଟ ନେଇଥିଲେ । ଜବାବରେ ବୀରମହାରାଜପୁର ହିତ ମହାକୁରଙ୍କ ୩୦ରନ ସହାୟତାରେ ୪.୪ ଓଭରରେ ୨ଉଇକେଟ ହରାଇ ଆବଶ୍ୟକୀୟ ୪୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଉଭୟ ଫର୍ମାଟରେ ବିଜୟୀ ହୋଇଥିବାରୁ ବୀରମହାରାଜପୁର ଦଳ ଚାମ୍ପିୟାନ ହୋଇଥିଲା । ଫାଇନାଲ ଖେଳକୁ ରାଜେନ୍ଦ୍ର ଜଗତ ଓ ବସନ୍ତ ମେହେର ପରିଚାଳନା କରିଥିବାବେଳେ ସୁମନ୍ତ ଭୋଇ ଓ ପିଣ୍ଟୁ ଲୁହା ସ୍କୋରିଂ ଏବଂ ବିଶ୍ୱରଞ୍ଜନ ସାହୁ ଓ ହିମାଂଶୁ ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟର ସଭାପତି ନାରାୟଣ ଲୁହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ଜିଲା ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ, ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର, କମିରା ସରପଞ୍ଚ ଶ୍ରୀକୃଷ୍ଣ ପଧାନ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଖବରଦାତା ରବୀନ୍ଦ୍ର ହୋତା, ଶେଷଦେବ ବାରିକ, ପୂର୍ବତନ ଜିଲା ପରିଷଦ ଦୟାନିଧି ମେହେର ଓ କ୍ରୀଡାବିତ ଭଗବାନ କର୍ଣ୍ଣ, ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ପ୍ରଦୀପ ମିଶ୍ର, ଅଦ୍ୱୈତ ପଣ୍ଡା, ବିହାରୀଲାଲ ମିଶ୍ର, ରଞ୍ଜନ ପଣ୍ଡା, ଲଳିତ ମୋହନ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବୀରମହାରାଜପୁର ଦଳର ଯଦୁଲାଲ ନନ୍ଦଙ୍କୁ ଶ୍ରେଷ୍ଠ ସିକ୍ସର, ସଂଗ୍ରାମଙ୍କୁ ଶ୍ରେଷ୍ଠ ବୋଲର, ଗୋପିନାଥ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ । ସୋନପୁର ଦଳର ଲିଲନଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯିବା ସହ ଚାମ୍ପିୟନ ବୀରମହାରାଜପୁର ଦଳକୁ ନଗଦ ୮ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ସୋନପୁର ଦଳକୁ ନଗଦ ୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ନାମେଣ୍ଟ ପରିଚାଳନାରେ ସରୋଜ, ହେମନ୍ତ, ଗୋବର୍ଦ୍ଧନ, ନରୋତ୍ତମ, ଚିନ୍ମୟ, ନରେନ୍ଦ୍ର, ପ୍ରକାଶ, ଶ୍ରୀମନ୍ତ, ସମୀର, ଶୁକ୍ରୁ ପ୍ରମୁଖ ସହଯୋଗ କରିଥିଲେ ।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ୭ରେ ଘଣ୍ଟାପଡା ମଣ୍ଡି ଖୋଲିବ

**ଘଣ୍ଟାପଡା, ୩।୧୨ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ସେବା ସମବାୟ ସମିତିରେ ପ୍ୟାକ୍ସ ସମ୍ପାଦକ କର୍ଣ୍ଣ ରଣାଙ୍କ ଆହ୍ୱାନକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସଭାପତି ସୂର୍ଯ୍ୟ କୁମାର ଦେହୁରୀ ସଭାପତିତ୍ୱ କରିଥିଲେ । ବୈଠକରେ ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ଆସନ୍ତା ୭ ତାରିଖରେ ଧାନ ମଣ୍ଡି ଖୋଲିବା ପାଇଁ ଦିନ ଧାର୍ଯ୍ୟ କରାଗଲା। ଉକ୍ତ ବୈଠକରେ ଚାଷୀ ନେତା ମାଧବ ସାହୁ, ସୁରୁ ସାହୁ, ଜତନ ଚୌହାନ, ପଞ୍ଚାନନ ରଣା, ବିପିନ ଭୋଇ, ଉଚ୍ଛେଇ ବାରିକ ଉପସ୍ଥିତ ଥିଲେ । ଚାଷୀ କମିଟି ସଦସ୍ୟ ଯଶୋବନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

### ଜନପରାମର୍ଶ ପଦଯାତ୍ରା

**ବୌଦ୍ଧ,୩।୧୨(ସ୍ୱ.ପ୍ର);** ଭାଜପା ପକ୍ଷରୁ ହରଭଙ୍ଗା ବ୍ଲକର କରଞ୍ଜକଟା ଓ ବାଣୀଭୂଷଣପୁର ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା କରଞ୍ଜକଟାରୁ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ବାଣୀଭୂଷଣପୁର ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା । ଏହି ସମୟରେ ପଦଯାତ୍ରୀମାନଙ୍କୁ ଲୋକଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ୮ ନଂ ଜୋନ ମଣ୍ଡଳ ସଭାପତି ସୁଶୀଳ ଦେହୁରୀଙ୍କ ନେତୃତ୍ୱରେ ଜିଲା ଭାଜପା ସଭାପତି ସୌମିତ୍ରୀ ନାଏକ, ସଂଯୁକ୍ତା ନାଏକ, ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁଧାଂଶୁ ଡାଙ୍ଗ, ବିଶିକେସନ ପ୍ରଧାନ, ବାମନ ବାରିକଙ୍କ ସମେତ ବହୁ ଦଳୀୟ ନେତା ଯୋଗ ଦେଇଥିଲେ ।

### ରକ୍ତଦାନ ଶିବିର, ୪୧ ୟୁନିଟ୍ ସଂଗ୍ରହ

**ବୌଦ୍ଧ,୩।୧୨(ସ୍ୱ.ପ୍ର):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ୟୁଥ ରେଡକ୍ରସ, ରେଡ ରିବନ କ୍ଲବ ଓ ଏନସିସିର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ୟୁଥ ରେଡକ୍ରସ ସମ୍ପାଦକ ତଥା ଅଧ୍ୟାପକ ପ୍ରବୀର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ଓ ମହାବିଦ୍ୟାଳୟର ଅଧ ଡମ୍ବରୁଧର ଭୋଇ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏନସିସି ଅଫିସର ମହେନ୍ଦ୍ର ନାଥ ଦେବତା, ବ୍ଲଡ ବ୍ୟାଙ୍କ ଅଫିସର, ଚତୁର୍ଭୁଜ ବାରିକ, ଜୟନାରାୟଣ ମହାନ୍ତି, ଦେବାଶିଷ ପୁରୋହିତ ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।



### ରାସ୍ତା ଖରାପ, ଯାତାୟାତରେ ବାଧା

**ବୌଦ୍ଧ,୩।୧୨(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଶଙ୍ଖୁଲୋଇ ନାଳ ଉପରେ ଗତ ଏପ୍ରିଲ ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କଂକ୍ରିଟ ପୋଲ କାମ କରାଯାଇଥିଲା। କିନ୍ତୁ କାମର ଛଅ ମାସ ନ ଯାଉଣୁ କଂକ୍ରିଟ ଉଠି ରାସ୍ତା ଅବସ୍ଥା ଖରାପ ହୋଇପଡିଛି । ଫଳରେ ଯାତାୟାତରେ ବାଧା ଉପୁଜିଛି । ସେହିପରି ତଇଲା ସାହିରାସ୍ତା ଜରାଜୀର୍ଣ୍ଣ ହୋଇପଡିଛି । ଏ ନେଇ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଧା କିଛି ସୁଫଳ ମିଳିପାରୁ ନ ଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ଯଦି କିଛି ପଦକ୍ଷେପ ଗ୍ରହଣ ନ କରେ ତେବେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ■ ପଲଶାଗୋରା ନାଟକ ଉତ୍ସବ ଶେଷ

# ନାଟକରେ ଛିନ୍ନମୂଳ ସମାଜ ଜୀବନର ବାର୍ତ୍ତା

**କଣ୍ଟାମାଳ, ୩।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା ପଲଶାଗୋରା ନାଟକ ଉତ୍ସବର ରବିବାର ଶେଷ ସନ୍ଧ୍ୟାରେ ନାଟକ 'ପରବୁଦ୍ଧିଆ' ମଞ୍ଚସ୍ଥ ହୋଇଥିଲା । ମା ମାଟି କଳା ସଂସଦ, ସୁବର୍ଣ୍ଣପୁର ପକ୍ଷରୁ ପରିବେଷିତ ଏହି ନାଟକରେ କିପରି ପରବୁଦ୍ଧିରେ ପଡି ଘର ଭାଙ୍ଗିଯାଉଛି ତାହା କଳାକାରମାନେ ଅଭିନୟ ମାଧ୍ୟମରେ ପରିସ୍ଫୁଟ କରିଥିଲେ । ପରସ୍ପର ମଧ୍ୟରେ ସନ୍ଦେହ ଓ ଅବିଶ୍ୱାସ କେମିତି ସମାଜ ଜୀବନକୁ ତଳିତଳାନ୍ତ କରୁଛି ତାହା ନାଟକରେ ନିଖୁଣ ଭାବେ ଚିତ୍ରିତ ହୋଇଥିଲା । ୩ ଦିନ ବ୍ୟାପୀ ଚାଲିଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅଜିତ ଗିରିଙ୍କ ରଚିତ ଓ ନିର୍ଦ୍ଦେଶିତ 'କାଠଗଡାରେ ଦନେଇ ମାଝୀ ' ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ଗ୍ରାମ୍ୟ ଜୀବନର ସମସ୍ୟା ପରିପ୍ରକାଶ ହୋଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ପ୍ରଭୁ ମହାନ୍ତି ରଚିତ ଓ ନିର୍ଦ୍ଦେଶିତ 'ଲାଳସା'ରେ ମଣିଷର ଲୋଭ ଓ ତାର ପରିଣତିର କଥା ଜୀବନ୍ତ ଭାବେ ଉପସ୍ଥାପନ ହୋଇଥିଲା। ଶେଷ ସନ୍ଧ୍ୟାରେ ବିଧାୟକ ମହିଧର ରଣା, ଯୁବ ନେତା ପ୍ରମୋଦ ରଣା, ଜିତେନ୍ଦ୍ର ଦେହୁରୀ, ମମତା ପ୍ରଧାନ, ଅଭିନେତ୍ରୀ ଅଳକା ଷଡଙ୍ଗୀ ଓ ଅଧ୍ୟାପକ ଭରଦ୍ୱାଜ ମହାକୁଡ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସନ୍ଧ୍ୟାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**କଣ୍ଟାମାଳ ବ୍ଲକ**



ପଲଶାଗୋରା ନାଟକ ଉତ୍ସବରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

# ଶାନ୍ତିଯଜ୍ଞ ପ୍ରସ୍ତୁତି ବୈଠକ

**ବୌଦ୍ଧ, ୩।୧୨(ସ୍ୱ.ପ୍ର)**

ବୌଦ୍ଧ ରଥ ସାହି ସ୍ଥିତ ଶନି ମନ୍ଦିର ଠାରେ ଆଗାମୀ ୧୫ ତାରିଖରେ ମହାପ୍ରଭୁଙ୍କ ପଞ୍ଚମ ବାର୍ଷିକ ମହୋତ୍ସବ ଏବଂ ଶାନ୍ତି ମହାଯଜ୍ଞ ପାଇଁ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାପତି ସଞ୍ଜୀବ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ବାର୍ଷିକ ମହୋତ୍ସବ ଏବଂ ଶାନ୍ତି ମହାଯଜ୍ଞ ପାଇଁ ଆଲୋଚନା କରି କାର୍ଯ୍ୟକ୍ରମମାନ ସ୍ଥିର କରାଯାଇଥିଲା। ପ୍ରାତଃ ସମୟରୁ ଠାକୁରଙ୍କ ଦୈନନ୍ଦିନ ସକାଳ ଧୂପ ସମ୍ପନ୍ନ ହେବା ପରେ ସ୍ୱତନ୍ତ୍ର ପୂଜା ଆରମ୍ଭ ହେବ। ସକାଳ ୭ଟାରେ ମହାନଦୀରୁ ଜଳପୂର୍ଣ୍ଣ କଳସ ଅଣାଯିବ । ସକାଳ ୮ଟାରେ କଳସ ସ୍ଥାପନ ସହ ରାହୁ କେତୁ ଓ ଶନିଙ୍କ ସ୍ୱତନ୍ତ୍ର ବେଶ ହୋଇ ବାର୍ଷିକ ପୂଜା ଓ ଶାନ୍ତି ହୋମ ଆରମ୍ଭ କରାଯିବ । ସକାଳ ୯ ଟାରେ ନାମ ସଂକୀର୍ତ୍ତନ କରାଯିବ । ସକାଳ ୧୦ ଟାରେ ସାମୂହିକ ୧୦୮ ଶନି ଚାଳିଶା ପାଠ କରାଯିବ । ଏହି ଅବସରରେ ସକାଳ ୧୦ ଟାରେ ବିନିକାର ସୁଶ୍ରୀ ବନ୍ଦିତା ନାଏକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ କରାଯିବ। ସନ୍ଧ୍ୟା ୫ ଟାରେ ସ୍ୱତନ୍ତ୍ର ବେଶ କରାଯିବା ସହ ସନ୍ଧ୍ୟା ଧୂପ ପରେ ୧୦୦୮ ସାମୂହିକ ଦୀପ ଦାନ କରାଯିବ । ରାତି ୮ ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିଜ୍ଞାନ କୁମାର ସାହୁ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ମହାରଣା, ଉପଦେଷ୍ଟା କାହ୍ନୁ ମିଶ୍ର, ତ୍ରିପୁରାରୀ ମିଶ୍ର, ସୁଶାନ୍ତ ମିଶ୍ର, ଚତୁର୍ଭୁଜ ଦାସ, ନରେନ୍ଦ୍ର ପ୍ରଧାନ, ବଦ୍ରି ନାରାୟଣ ମିଶ୍ର, ରଶ୍ମିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସର ଜନଜାଗରଣ ଯାତ୍ରା



ଜନଜାଗରଣ ସମାରୋହରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ ।

**କଣ୍ଟାମାଳ, ୩।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳଠାରେ ରବିବାର କଂଗ୍ରେସ ଦଳର ଜନଜାଗରଣ ଯାତ୍ରା ଶେଷ ହୋଇଛି। ଏହି ସମୟରେ କଂଗ୍ରେସର ଦଳୀୟ ନେତୃବୃନ୍ଦଙ୍କୁ ମନମୁଣ୍ଡା, ଖଟଖଟିଆ, ପଲଶାଗୋରାଠାରେ ସମ୍ବର୍ଦ୍ଧନା ଦେବା ପରେ କଣ୍ଟାମାଳରେ ଦଳୀୟ ନେତା ଏକ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ସରକାର ନାରୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି । ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ବେହେରା ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତା ବର୍ଣ୍ଣନା କରିଥିଲେ। ପୂର୍ବତନ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଅଞ୍ଚଳର ଜଳସେଚନ ଉପରେ ଗୁରୁତ୍ୱ ଦେଇଥିଲେ । ଯୁବ ନେତା ପ୍ରଦୀପ ମାଝୀ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ଜିଲା ସଭାପତି ସୁଧିର ମହାକୁଡ ଜଳସେଚନର ବିଫଳତା କଥା କହିଥିଲେ । ଯୁବ ନେତା ପ୍ରଶାନ୍ତ ସାହୁ ସଭା ସଂଯୋଜନା କରିଥିଲେ । ଜିଲା ଓବିସି ସେଲ୍ ଅଧ୍ୟକ୍ଷ କେଶବ କ୍ଷେତି, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ସୁଜିତ ପାଢୀ, ପୂର୍ବତନ ଏମ୍‌ପି ରାଧାକାନ୍ତ ନାୟକ, ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚତୁର୍ଦ୍ଦଶ ବୌଦ୍ଧ ପୁସ୍ତକ ମେଳା ଉଦ୍‌ଘାଟିତ



ଚତୁର୍ଦ୍ଦଶ ବୌଦ୍ଧ ପୁସ୍ତକମେଳାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୩।୧୨ (ସ୍ୱ.ପ୍ର)**

ଚତୁର୍ଦ୍ଦଶ ବୌଦ୍ଧ ପୁସ୍ତକମେଳା ସୋମବାର କଚେରୀ ପଡିଆରେ ଉଦ୍‌ଘାଟିତ ହୋଇଛି । ଉଦଘାଟନ ଦିବସରେ ଅତିଥି ଭାବେ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ଓ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ । ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ପକ୍ଷରୁ ଆୟୋଜିତ ଏହି ମେଳାରେ ରାଜ୍ୟର ବିଭିନ୍ନ ପ୍ରକାଶନୀ ସଂସ୍ଥା ଓ ବିକ୍ରେତା ଷ୍ଟଲ ଖୋଲି ବିଭିନ୍ନ ପ୍ରକାର ପୁସ୍ତକ ପ୍ରଦର୍ଶନ କରଛନ୍ତି । ପୁସ୍ତକ ମେଳାର ପ୍ରଥମ ସନ୍ଧ୍ୟାର ଶୀର୍ଷକ 'ଓଡିଶାର ସାଂସ୍କୃତିକ ନାଭିକେନ୍ଦ୍ର ବୌଦ୍ଧ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଇନଜୀବୀ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ହିମାଂଶୁ ଶେଖର ପାଢୀ, ସତ୍ୟଜିତ କୁମାର ପଣ୍ଡା, ଇତିହାସ ବିଭାଗର ଅଧାପକ ଡା. ଅମରେଶ ସାହୁ , ସତ୍ୟନାରାୟଣ ପାଣି ଯୋଗ ଦେଇ ବୌଦ୍ଧର ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ, ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ଆବାହକ ସୁକାନ୍ତ ପଟ୍ଟନାୟକ, ପ୍ରୀତିରଞ୍ଜନ ଦାସଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ଜହ୍ନାପଙ୍କ, ୩।୧୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ସ୍ଥାନୀୟ ହାଇସ୍କୁଲ ପଡିଆରେ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବୌଦ୍ଧ ବ୍ଲକ ସରପଞ୍ଚ ସଂଘ ସଭାପତି ବିଦ୍ୟାଧର ସ୍ୱାଇଁ ମୁଖ୍ୟଅତିଥି, ସମ୍ପାଦକ ରାଜେନ୍ଦ୍ର ମେହେର, ସଙ୍କୁଳ ପ୍ରମୁଖ ପ୍ରଭାତ କୁମାର ଶତପଥି, ସମ୍ପାଦକ ହରିଶ୍ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଶେଷଦେବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ଅଲେଖ ପରିଡା ସଭାପତିତ୍ୱ କରିଥିବା ବେଳେ ଶିବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଶିଶୁମାନେ ଜହ୍ନାପଙ୍କ ହନୁମାନ ମନ୍ଦିରରୁ କ୍ରୀଡା ଜ୍ୟୋତି ଆଣି ପଡିଆରେ ସ୍ଥାପନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ କୁମାର ପ୍ରଧାନ ମୁଖ୍ୟଅତିଥି, ସରପଞ୍ଚ ମିତ୍ରଭାନୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମନ୍ଦିର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା ।

# ଜିଲା କୃଷି ଉପନିର୍ଦ୍ଦେଶକଙ୍କୁ ଭେଟିଲା କୃଷକ ସଂଘ

**ବରଗଡ଼ ଅଫିସ୍,୩।୧୨**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଭେଙ୍ଗରାଜପୁର ଅଞ୍ଚଳର ବିଭିନ୍ନ ଚାଷୀ ସମସ୍ୟା ନେଇ ସୋମବାର ସ୍ଥାନୀୟ ଜୟକିଶାନ କୃଷକ ସଂଘର ଏକ ପ୍ରତିନିଧି ଦଳ ଜିଲା କୃଷି ଉପନିର୍ଦ୍ଦେଶକ (ଡିଡିଏ) ଦୀନବନ୍ଧୁ ଗାନ୍ଧୀଙ୍କୁ ଫେରାଦ ହୋଇଥିଲେ। ଏ ନେଇ ସେମାନେ ଡିଡିଏ ଗାନ୍ଧୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଗତ ମାସ ୨୮ ତାରିଖ ଅଞ୍ଚଳର ଚାଷୀ ସମସ୍ୟା ନେଇ ଭେଙ୍ଗରାଜପୁରସ୍ଥିତ ଚାଷୀ ଭବନରେ ଏକ ବୈଠକ ବସିଥିଲା । ବୈଠକରେ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏକ ନିର୍ଦ୍ଦିଷ୍ଟ କୃଷକ ଉତ୍ପାଦକ ସଂଘର ମନମୁଖୀ କାର୍ଯ୍ୟ, ସଭ୍ୟାସଭ୍ୟଙ୍କୁ ଅଣଦେଖା, ଚାଷୀଙ୍କୁ ଗଭୀର ନଳକୂପ ଖନନ, ପମ୍ପସେଟ୍ କିଣା ବାବଦକୁ ରିହାତି ଟଙ୍କା ନ ମିଳିବା ଏବଂ ଧାନ କିଣାବିକା ସମସ୍ୟାରେ ଆଲୋଚନା ହୋଇଥିଲା ।

ଭେଙ୍ଗରାଜପୁର ଅଞ୍ଚଳରେ କାର୍ଯ୍ୟ କରୁଥିବା ନିର୍ଦ୍ଦିଷ୍ଟ କୃଷକ ଉତ୍ପାଦକ କମ୍ପାନୀରେ ଗ୍ରାମର ୧୩୦ଜଣ ସଭ୍ୟ ଅଛନ୍ତି । ସେମାନେ କମ୍ପାନୀଠାରେ ଅଂଶଧନ ମଧ୍ୟ ଜମା କରିଛନ୍ତି । ଏହାସତ୍ତ୍ୱେ ସମ୍ପୃକ୍ତ କମ୍ପାନୀ ସଭ୍ୟାସଭ୍ୟଙ୍କୁ କୌଣସି ସୂଚନା ପ୍ରଦାନ କରୁନାହିଁ ଏବଂ କୃଷକ ଉତ୍ପାଦକ ସଂଘ ନାମରେ ବ୍ୟାପକ ଅନିୟମିତତା ଚାଲିଥିବା ସ୍ମାରକପତ୍ରରେ ଅଭିଯୋଗ ହୋଇଛି । ସେହିପରି ଭେଙ୍ଗରାଜପୁର ଗ୍ରାମର ଋଷିଚନ୍ଦ୍ର ପାଣ୍ଡେ, ଝେଙ୍ଗନାଡିହି ଗ୍ରାମର ଚିନ୍ତାମଣି ରଫା ଗତ ୨୦୧୬-୧୭ ଆର୍ଥିକ ବର୍ଷରୁ ପାଇକମାଳ ସହକାରୀ କୃଷି ଅଧିକାରୀଙ୍କଠାରେ ସମସ୍ତ କାଗଜାତ୍ ସହିତ ଆବେଦନ କରି ଗଭୀର ନଳକୂପ ଖନନ ସହିତ ପମ୍ପ ବସାଇଥିଲେ ମଧ୍ୟ ଏପର୍ଯ୍ୟନ୍ତି ରିହାତି ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜୟ କିଶାନ କୃଷକ ସଂଘ ପକ୍ଷରୁ ଦାବି ହୋଇଛି । ସେହିପରି ପୂର୍ବବର୍ଷ ଭଳି ଧାନ ମଣ୍ଡି ଖୋଲାଯାଇ ଧାନ କିଣାବିକା ପ୍ରକ୍ରିୟା କରିବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ସଂଘ ସଭାପତି ପୀତବାସ ସାହୁ, ସମ୍ପାଦକ ଉମାକାନ୍ତ ଶତପଥୀଙ୍କ ନେତୃତ୍ୱରେ ପ୍ରତିନିଧିମାନେ ଆସି ଡିଡିଏଙ୍କୁ ଭେଟିଥିଲେ ।



ଜୟ କିଷାନ କୃଷକ ସଂଘର ପ୍ରତିନିଧିମାନେ ଡିଡିଏଙ୍କୁ ଭେଟୁଛନ୍ତି ।

# ଜାତୀୟ ସ୍କୁଲ ବାଳିକା ଫୁଟବଲରେ ବରଗଡ଼ର ୩ ଖେଳାଳି

**ବରଗଡ଼ ଅଫିସ୍,୩।୧୨**

ଆସନ୍ତା ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ତ୍ରିପୁରାର ଅଗରତଲାଠାରେ ଜାତୀୟ ସ୍କୁଲ ବାଳିକା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ବରଗଡ଼ ଶିକ୍ଷାଜିଲାର ୩ଜଣ ଛାତ୍ରୀ ସାମିଲ ହୋଇଛନ୍ତି । ସେମାନେ ହେଲେ ନିକିତା ବିଶି, ମୁସ୍କାନ ପୋଡ଼ ଏବଂ ସ୍ୱପ୍ନା ଖମାରୀ। ଜାତୀୟ ଟିମରେ ସେମାନେ ସାମିଲ ହେବା ଅବସରରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବରଗଡ଼ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରିଲୋକ୍ୟ ନାୟକ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିଛନ୍ତି। ସୋମବାର ୩ ଖେଳାଳି ଖେଳ ଭୁବନେଶ୍ୱର ଯାତ୍ରା କରିଛନ୍ତି। ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତାରେ ସେମାନେ ବରଗଡ଼ ଜିଲା ପାଇଁ ଖେଳି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି ।



ଜାତୀୟ ସ୍କୁଲ ବାଳିକା ଫୁଟବଲ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଯାଉଛି ।

### ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୩।୧୨**

ବରଗଡ଼ ଶିକ୍ଷା ଜିଲା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ନିଶାମଣି ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଉପରେ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଏବଂ ଭାର୍ଗବ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିକାଶ ସ୍କୁଲର ଛାତ୍ର ଆର୍ଯ୍ୟାଂଶ ହୋତା ପ୍ରଥମ, ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଅମ୍ଲାନ ଆଚାର୍ଯ୍ୟ ଦ୍ୱିତୀୟ ଏବଂ ଭୁକ୍ତା ଜନତା ହାଇସ୍କୁଲର ଛାତ୍ରୀ ଅଙ୍କିତା ନାୟକ ତୃତୀୟ ହୋଇଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଆସନ୍ତା ୧୩ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ବରଗଡ଼ ଶିକ୍ଷାଜିଲାରୁ ଉପରୋକ୍ତ ଛାତ୍ରୀଛାତ୍ର ଭାଗ ନେବେ ବୋଲି ଜିଲା ବିଜ୍ଞାନ ନିରୀକ୍ଷକ ଡଃ ସାହୁ ସୂଚନା ଦେଇଛନ୍ତି । ଶିକ୍ଷକ ପରିତୋଷ ପାଢ଼ୀ, ବିରେନ୍ଦ୍ର ଦାଶ, ସଦାନନ୍ଦ ଜାଲ, ପୁଷ୍ପାଶ୍ରୀ ସାମନ୍ତରାୟ, ସନ୍ତୋଷୀ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫୁଟବଲ: ଘଣ୍ଟାପଡ଼ା ଚାମ୍ପିୟନ

**ଘଣ୍ଟାପଡା, ୩।୧୨ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ରେକଡୋଲ ଗ୍ରାମର କନ୍ଧେନବୁଢ଼ୀ ଖେଳ ପଡିଆରେ ରେକଡୋଲ ଫୁଟବଲ ସଂଘ ପକ୍ଷରୁ ଚାଲିଥିବା ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ହେମନ୍ତ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚ୍ ଘଣ୍ଟାପଡା ଓ ଏଏଫଆରସି ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଘଣ୍ଟାପଡା ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମାତାକୁପା ଓ କାଣୀସେମେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଯୋଗେ କାଣୀସେମେଲ ୨-୧ରେ ବିଜୟୀ ହୋଇ ଫାଇନାଲ ଖେଳିଥିଲା । ଘଣ୍ଟାପଡା ଓ କାଣୀସେମେଲ ମଧ୍ୟରେ ହୋଇଥିବା ଫାଇନାଲ ଖେଳ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଇସଲା ନ ହେବାରୁ ଟାଇବ୍ରେକରରେ ଘଣ୍ଟାପଡା ୩-୧ ଗୋଲରେ କାଣୀସେମେଲକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଘଣ୍ଟାପଡା ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ସେହିପରି ସମ୍ମାନୀତ ଅତିଥି କଣ୍ଟାମାଳ ବିଧାୟକ ପ୍ରତିନିଧି ସୁଧାଂଶୁ ଶେଖର ରଣା ଯୋଗଦେଇ ଉପବିଜେତାଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ । ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଶିକ୍ଷାବିତ୍ ହେମନ୍ତ ଭୋଇ, ପୂର୍ବ ସମିତି ସଭ୍ୟ ଶେଷଦେବ ମହାଲିକ, ସାମାଜିକ କର୍ମୀ ମନୋଜ ପାଣିଗ୍ରାହୀ, ବରୁଣ ଭୋଇ, ବିଦେଶୀ ରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ମନ୍ଦରଧର ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ବିରବାହୁ ମାଝୀ, ପ୍ରମୋଦ କହଁର, ସୁବଳ ନାଏକ ଖେଳ ପରିଚାଳନା କରିଥିବା ବେଳେ ମଣ୍ଟୁ ଡାଙ୍ଗ, ରାହାସ ବିଭାରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଚାମ୍ପିୟନ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ଓଟିଇଟି ପରୀକ୍ଷା ସୁଯୋଗକୁ ବିରୋଧ

କୁଆଁରମୁଣ୍ଡା,୩।୧୨(ଡି.ଏନ.ଏ.) ରାଜ୍ୟ ସରକାର ବିଭିନ୍ନ ବେସରକାରୀ ସ୍କୁଲରେ ଶିକ୍ଷକତା କରୁଥିବା ଶିକ୍ଷକମାନଙ୍କୁ ଏନ୍‌ଆଇଓଏସ୍(ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ) ଜରିଆରେ ଡିଆଇଇଏଲ୍(ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେଶନ) ତାଲିମ ଦେବାର ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ବେସରକାରୀ ସ୍କୁଲର ଶିକ୍ଷକମାନେ ଏନ୍‌ଆଇଓଏସ୍ ଜରିଆରେ ତାଲିମ ନେବା ବାଧ୍ୟତାମୂଳକ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଅଧିକାଂଶ ବେସରକାରୀ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉକ୍ତ ତାଲିମ ନେଉଛନ୍ତି। ହେଲେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ତାଲିମ କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଦେଇ ପାଠ ପଢୁଥିବା ମେଧାବୀ ଛାତ୍ରୀଛାତ୍ରମାନେ ଏହାକୁ ବିରୋଧ କରିଛନ୍ତି। ଏହି ଉଦ୍ଦେଶ୍ୟରେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଶତାଧିକ ଛାତ୍ରୀଛାତ୍ର ଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ବିରୋଧ କରି ସୋମବାର ଏକ ଶୋଭାଯାତ୍ରାରେ ବାହାରି କୁଆଁରମୁଣ୍ଡା ପରିକ୍ରମା କରିଥିଲେ। ପରେ କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଯାଇ ପ୍ରଚଳିତ ବ୍ୟବସ୍ଥା ବିରୋଧରେ ଏକ ସ୍ମାରକ ପତ୍ର ବିଇଓ ସଦାନନ୍ଦ ପଧାନଙ୍କୁ ଦେଇଛନ୍ତି।

# ଦିବ୍ୟାଙ୍ଗମାନେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ

ରାଉରକେଲା ଅଫିସ,୩। ୧୨

ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର(ଆରଆରଆରସି) ଓ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପ ମିଳିତ ଆନୁକୂଲ୍ୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ରାଉରକେଲାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶୋଭାଯାତ୍ରାକୁ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଡେଲିମାର୍କେଟ ଟାଉନ ହାଇସ୍କୁଲ ପରିସରରେ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ଉଦିତନଗର ପରେଡ ପଡିଆରେ ପହଞ୍ଚି ଥିଲା। ସେଠାରେ ଆୟୋଜିତ ସଭାରେ ଆରଡିଏ ଅଧକ୍ଷ ସାରଦା ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ) ନିର୍ଦ୍ଦେଶକ ଡାକ୍ତର ଉଦୟଭାନୁ ଦାସ, ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ହାବଡାସିଂ, ଲାୟନ୍ସ କ୍ଲବର ବ୍ରିଜମୋହନ ଅଗ୍ରୱାଲ, ମାରୱାଡି ମହିଳା ମଞ୍ଚ ସଭାନେତ୍ରୀ ଇନ୍ଦୁ ଅଗ୍ରୱାଲ ମଞ୍ଚାସୀନ ଥିଲେ।

ଏହି ଅବସରରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରି ଦିବ୍ୟାଙ୍ଗମାନେ ସରକାରୀ ଯୋଜନା ମାଧ୍ୟମରେ ନିଜକୁ ସ୍ୱାବଲମ୍ବୀ କରିବାକୁ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ଆରଆରଆରସିର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରି ଉତ୍ସବ ପାଳନ କରିବାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସେ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ କିପରି ସାହାଯ୍ୟ ସହଯୋଗ କରାଯାଉଛି ତାର ସୂଚନା ପ୍ରଦାନ କରିଥିଲେ। ଗତ ୧ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କାର ବିତରଣ କରାଯାଇଥିଲା। ନୃତ୍ୟକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଦିବ୍ୟାଙ୍ଗ ଛାତ୍ରୀ ଜୁଲି କରଙ୍କୁ ଅତିଥି ସମ୍ମାନୀତ କରିଥିଲେ। ଆଶାଦୀପ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ୩୨ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ସାଇକେଲ, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡି ଆଦି ବଣ୍ଟନ କରାଯାଇ ଥିଲା। ସବିତା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୀତାଞ୍ଜଳି ପତି, ସସ୍ମିତା ଧଳ, ଅନୀତା ଟିଗା, ଦମୟନ୍ତୀ ରାଉତ, ମାରୁୟାନୁସ ଟପୋ, ବିଶିକେଶନ ନାୟକ, ଶାନ୍ତନୁ ପଲାଇ, ସବିତା ସାମଲ, ମୁକେଶ ବାରିକ, ଜ୍ୟୋତିସ୍ମିତା ମହାନ୍ତି, ପ୍ରକାଶ ପଣ୍ଡା ଓ ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଉଦିତନଗର ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

**ବିଶ୍ୱ ଭିନ୍ନକ୍ଷମ ଦିବସ**

# ଆନ୍ତଃ ପ୍ରାଦେଶିକ ଶିବିର ପାଇଁ ୩ ପ୍ରତିଯୋଗୀ ମନୋନୀତ

ରାଉରକେଲା ଅଫିସ,୩।୧୨

ସୁନ୍ଦରଗଡ଼ ଯୋଗିମାଲରେ ଥିବା ଯଶୋଦା ବିଷ୍ଣୁ ଏନଏମପି ମହାବିଦ୍ୟାଳୟରେ ଗତ ନଭେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଓଗାଁରେ ଥିବା ଗାନ୍ଧୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ପରାମର୍ଶଦାତା ଅକ୍ଷୟ ଦାସଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ବିକାଶ ବାରିକ, ପୂଜା କର ଓ ଶ୍ରଦ୍ଧାଞ୍ଜଳି ଚାନ୍ଦ ଯୋଗ ଦେଇଥିଲେ। ଶିବିରରେ ଅନୁଷ୍ଠିତ ତର୍କ ପ୍ରତିଯୋଗିତାରେ ବିକାଶ ଓ ଶ୍ରଦ୍ଧାଞ୍ଜଳି ଯୁଗ୍ମ ପ୍ରଥମ ସ୍ଥାନ, ପ୍ରବନ୍ଧରେ ଶ୍ରଦ୍ଧାଞ୍ଜଳି ୨ୟ ଓ ସାଧାରଣ ଜ୍ଞାନରେ ବିକାଶ ୨ୟ ସ୍ଥାନ, ନୃତ୍ୟରେ ପୂଜା ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏମାନେ ଆନ୍ତଃ ପ୍ରଦେଶିକ ଶିବିରରେ ଯୋଗ ଦେବାକୁ ମନୋନୀତ ହୋଇ ଥିବାରୁ ମହାବିଦ୍ୟାଳୟରେ ଆନନ୍ଦ ପ୍ରକାଶ ପାଇଛି।




ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିରରେ ପୁରସ୍କୃତ ଗାନ୍ଧୀ ମହାବିଦ୍ୟାଳୟର ୩ କୃତୀ ପ୍ରତିଯୋଗୀ।



ପଶୁ କଲ୍ୟାଣ ଟ୍ରଷ୍ଟ ଆର୍ମି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

- ପଶୁ କଲ୍ୟାଣ ଟ୍ରଷ୍ଟ ଆର୍ମି ପକ୍ଷରୁ ନିଷ୍ପତ୍ତି

# ବୁଲାକୁକୁରଙ୍କୁ ଦିଆଯିବ କୃମିନାଶକ ବିରିୟାନୀ

ରାଉରକେଲା ଅଫିସ,୩। ୧୨

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ସଂସ୍ଥା ତଥା ପଶୁ କଲ୍ୟାଣ ଟ୍ରଷ୍ଟ ଆର୍ମି ପକ୍ଷରୁ ବୁଲା କୁକୁରଙ୍କୁ କୃମିନାଶକ ବିରିୟାନୀ ପ୍ରଦାନ ନେଇ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଇଂ ଅଭୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଗ୍ରାମ ପରିଡା, ଡା. ଡି.କେ. ପଟ୍ଟନାୟକ, ଡା. ଜେ.କେ. ପଟ୍ଟନାୟକ ଓ ଡା. ପି.କେ. ମହାନ୍ତି ପ୍ରମୁଖ ଏଭଳି କୃମିନାଶକ ଟିକାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସଦସ୍ୟ ଶଙ୍କର୍ଷଣ ନାୟକଙ୍କ ତତ୍ତ୍ୱାବଧାନରେ ଏହା କିପରି ସୁଚାରୁ ରୂପେ ଶେଷ କରାଯିବ ସେନେଇ କାର୍ଯ୍ୟକ୍ରମ ଚୂଡାନ୍ତ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ରୁଗୁଡ଼ିପଡ଼ା

ରାଉରକେଲା ଅଫିସ,୩। ୧୨

ସେକ୍ଟର-୧୯ ରୁଗୁଡିପଡ଼ା ବସ୍ତି ବାସିନ୍ଦା ସମସ୍ତ ମୌଳିକ ସେବା ଓ ସୁବିଧାରୁ ବଞ୍ଚିତ ରହିଥିବା ଜିଲା କଂଗ୍ରେସ ସଭାପତି ରବି ରାୟ ଅଭିଯୋଗ କରିଛନ୍ତି। ଏହି ବସ୍ତିକୁ ସବୁଦିନିଆ ରାସ୍ତା ନ ଥିବା ବେଳେ ପାନୀୟଜଳ, ବିଜୁଳି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବସ୍ତିର ପରିମଳ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ସ୍ଥାନୀୟ ଲୋକମାନେ ଏ ସଂକ୍ରାନ୍ତରେ ଏକାଧିକ ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ରାଜ୍ୟ ତଥା କେନ୍ଦ୍ର ସରକାର ଲୋକଙ୍କୁ ମାଗଣା ବିଜୁଳି, ସ୍ୱଚ୍ଛ ପାନୀୟ ନେଇ ପ୍ରଦାନ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ରୁଗୁଡିପଡା ବସ୍ତି ବାସିନ୍ଦାଙ୍କ କ୍ଷେତ୍ରରେ ଏହା କେବେ ପ୍ରତିଫଳିତ ହେବ ସେ ନେଇ ରାୟ ପ୍ରଶ୍ନ ଉଠାଇଛନ୍ତି। ବସ୍ତି ବାସିନ୍ଦାଙ୍କ ସର୍ବାଙ୍ଗୀନ ବିକାଶ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ବାହାସ୍ଫୋଟ ମାରୁଥିବା ବେଳେ ଅନେକ ବସ୍ତି ବାସିନ୍ଦାଙ୍କ ପରିସ୍ଥିତି ଅତି ଦୟନୀୟ ଅବସ୍ଥାରେ ରହିଛି। ଏହାର ପରିବର୍ତ୍ତନ ଦିଗରେ କେହି କାଣିଚାଏ ଉଦ୍ୟମ କରୁ ନ ଥିବା ରାୟ ଅଭିଯୋଗ କରିଛନ୍ତି। ତେବେ ଜିଲା ପ୍ରଶାସନ ସହ ଆଲୋଚନା କରି ଯଥାସମ୍ଭବ ବସ୍ତି ବାସିନ୍ଦାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି ରାୟ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

# ଶିଶୁ ଉଦ୍ୟାନ ଉଦ୍‌ଘାଟିତ

ଟେନସା,୩।୧୨(ଡି.ଏନ୍.ଏ.)

କୋଇଡ଼ା ପଞ୍ଚାୟତ ମୁଖ୍ୟାଳୟଠାରେ ଏସ୍‌ଆର ରୁଙ୍ଗଟା ଗ୍ରୁପ ଅଫ୍ ମାଇନ୍ସର ଉଦ୍ୟୋଗିକ ସାମାଜିକ ଦାୟୀତ୍ୱ ବୋଧ (ସିଏସଆର) ବିଭାଗ ସହଯୋଗରେ ଶିଶୁ ଉଦ୍ୟାନ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଣାଇଁ ଉପଜିଲାପାଳ ଡ. ୟେଦୁଲ୍ଲା ବିଜୟ, କୋଇଡ଼ା ବିଡିଓ ରମେଶ ହାସଁଦା, ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ଡିଡିଏମ୍ କୋଇଡା ସଲିଲ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ କୋଇଡ଼ା ସରପଞ୍ଚ ସୁଶ୍ରୀ ସନ୍ଧ୍ୟାରାଣୀ ନାଏକ, ଜିଲା ପରିସଦ ସଭ୍ୟା ମିତାରାଣୀ ନାଏକ, କୋଇଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣି କୁମୁଡିଆଲ, କାଶିରା ଗ୍ରାମ ପଞ୍ଚାୟତ ସରପଞ୍ଚ ରାଣୀ ଲୋହାର ପ୍ରମୁଖଙ୍କ ସହ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରୁଙ୍ଗଟା କମ୍ପାନୀ ନିର୍ଦ୍ଦେଶକ ମହେଶ ଦତ୍ତ ରସ୍ତୋଗୀ, ଯୁଗ୍ମ ଉପସଭାପତି ମାନବସମ୍ବଳ ରାମୁ ଅଗ୍ରୱାଲ, ଉପସଭାପତି ରାମପାଲ ସିଂ ଚୌଧୁରୀ, ଉପ ମହାପ୍ରବନ୍ଧକ ଏଲଏନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ହିନ୍ଦୁ ପ୍ରତିନିଧି ମଣ୍ଡଳୀର ଦାବି

# ଆଶ୍ରୟ ଗୃହ, ଶିଶୁ ଯନ୍ତ୍ରକାରୀ ଅନୁଷ୍ଠାନ କାର୍ଯ୍ୟଶୈଳୀ ଯାଞ୍ଚ ହେଉ

ରାଉରକେଲା ଅଫିସ,୩। ୧୨

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଗାଁର ଆଶ୍ରୟ ଗୃହରେ ଯୌନ କେଳେଙ୍କାରୀ ଘଟଣା ଲୋକ ଲୋଚନକୁ ଆସିବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ସାମାଜିକ କର୍ମୀ ତଥା ପଶ୍ଚିମ ଓଡିଶା ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଶାନ୍ତନୁ କୁସୁମ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲାରେ ଥିବା ଆଶ୍ରୟ ଗୃହ ଓ ଶିଶୁ ଯନ୍ତ୍ରକାରୀ ଅନୁଷ୍ଠାନ ସମ୍ପର୍କରେ ତଦନ୍ତ ଦାବି କରିଛନ୍ତି। ଏନେଇ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ରଙ୍କୁ ସୋମବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଅନ୍ତେବାସୀ ସୁରକ୍ଷା ଆଶଙ୍କାକୁ ଦୂର କରାଯିବା ସହ ବ୍ୟବସ୍ଥାରେ ସ୍ୱଚ୍ଛତା ଅଣାଯିବା ଉପରେ କୁସୁମ ଗୁରୁତ୍ୱାରୋପ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଢେଙ୍କାନାଳ ଘଟଣା ପରେ ବିଭିନ୍ନ ଆଶ୍ରୟ ଗୃହରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ରାଉରକେଲା ପୋଲିସ ଜିଲା ଅଧୀନରେ ରହିଥିବା ଏଭଳି ଆଶ୍ରୟ ଗୃହ ସମ୍ପର୍କରେ ଅଭିଯୋଗ ଆସିଛି। ଯାହାର ଯାଞ୍ଚ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ। ଉପରୋକ୍ତ ଅନୁଷ୍ଠାନଗୁଡ଼ିକରେ କେତେ ଅନ୍ତେବାସୀ ରହୁଛନ୍ତି, ସେମାନେ କିପରି ଅବସ୍ଥାରେ ଅଛନ୍ତି, ଏବେକାର ସ୍ଥିତି କ'ଣ ରହିଛି ସେନେଇ ଜିଲା ପ୍ରଶାସନ ନିୟମିତ ଯାଞ୍ଚ କରିବା ଆବଶ୍ୟକ। ହେଲେ ସେଥିପ୍ରତି ଅବହେଳା ପ୍ରଦର୍ଶନ କରାଯାଇଛି। ବିଭିନ୍ନ ସମୟରେ ଉଦ୍ଧାର ଶିଶୁଙ୍କ ପରବର୍ତ୍ତୀ ରହଣୀ ଅବସ୍ଥା ନେଇ ନିରୀକ୍ଷଣ କରାଯାଉନି। ଏପରି ଅବସ୍ଥାରେ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ ବୋଲି କୁସୁମ କହିଛନ୍ତି। ଅନେକ ଅନୁଷ୍ଠାନ ସରକାରଙ୍କ ବିନା ସ୍ୱୀକୃତିରେ ପରିଚାଳିତ ହେଉଛି। ବିଭାଗୀୟ ନୀତି ନିୟମକୁ ଉଲ୍ଲଂଘନ କରି ସେମାନେ ଆଶ୍ରୟ ସଂସ୍ଥା ପରିଚାଳନା କରୁଛନ୍ତି। ସେ ନିଜ ଦାବିପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ନିର୍ଦ୍ଦିଷ୍ଟ କେତେକ ଆଶ୍ରୟ ଗୃହରେ ଶିଶୁମାନଙ୍କୁ ଠିକ ଭାବେ ଖାଦ୍ୟ ପାନୀୟ ପ୍ରଦାନ କରାଯାଉନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ପ୍ରତି ଆଖି ବୁଜି ଦିଆଯାଇଛି। ନିର୍ଯାତିତ ଅନ୍ତେବାସୀ ଏନେଇ କାହାକୁ ଅଭିଯୋଗ କରିବାକୁ ସୁଯୋଗ ପାଉ ନ ଥିବା ବେଳେ ପ୍ରଶାସନ ଏ ଦିଗରେ ଯତ୍ନବାନ ହେଲେ ଢେଙ୍କାନାଳ ଘଟଣାର ପୁନରାବୃତ୍ତି ହୁଅନ୍ତା ନାହିଁ ବୋଲି କୁସୁମ ଆଶା ବ୍ୟକ୍ତ କରିଛନ୍ତି।

ସେ ଆହୁରି କହିଛନ୍ତି, କେତେକ ସ୍ଥାନରେ ଶିଶୁଙ୍କୁ ଅନୈତିକ କାର୍ଯ୍ୟରେ ଲଗାଯାଉଥିବା ବେଳେ ଆଉ କେତେକ ଶିଶୁଙ୍କୁ ସମ୍ପୃକ୍ତ ଅନୁଷ୍ଠାନ କର୍ତ୍ତୃପକ୍ଷ ରାଜ୍ୟ ବାହାରକୁ ଚାଲାଣ କରୁଥିବା ଶୁଣା ଯାଉଛି। ତେବେ ଏହାର ସତ୍ୟତା ନେଇ ଜିଲା ପ୍ରଶାସନ ପର୍ଦ୍ଦା ହଟାଇବା ନିହାତି ଆବଶ୍ୟକ ବୋଲି କୁସୁମ ମତ ପ୍ରକାଶ କରିଛନ୍ତି। ଯଦି ଉପରୋକ୍ତ ଘଟଣା ସତ୍ୟ ହୋଇଥାଏ ତା'ହେଲେ ଅନ୍ତେବାସୀ ଶିଶୁ ଓ ଅନ୍ୟମାନେ ନିଶ୍ଚିତ ଏକ ଅଭିଶପ୍ତ ଜୀବନ କାଟିବାକୁ ବାଧ ହେଉଛନ୍ତି । ଏ ଦିଗରେ ଜିଲା ପ୍ରଶାସନ ଗୁରୁତ୍ୱ ଦେବା ସହ ସମ୍ପୃକ୍ତ ଆଶ୍ରୟ କେନ୍ଦ୍ରଗୁଡିକର କାର୍ଯ୍ୟକଳାପ ନେଇ ଯାଞ୍ଚ କରିବା ଅତି ଜରୁରି ବୋଲି କୁସୁମ ଅତିରିକ୍ତ ଏସପିଙ୍କୁ ପ୍ରଦାନ କରିଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଅତିରିକ୍ତ ଏସ୍‌ପି ମହାପାତ୍ର ସମସ୍ତ ଅଭିଯୋଗ ଶୁଣିବା ପରେ ଏନେଇ ଯଥାବିଧି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା ପ୍ରତିନିଧି ମଣ୍ଡଳୀ ସଦସ୍ୟ ପ୍ରକାଶ କରିଛନ୍ତି। ଏଥିରେ ଗୋକୁଳାନନ୍ଦ ବେହେରା, ପୋଇତା ମୁଣ୍ଡାରୀ, ଏତୁଆ ଲୋହାର ଓ ପଙ୍କଜ ଦାସ ପ୍ରମୁଖ ସାମିଲ ଥିଲେ।



ଆଶ୍ରୟ ଗୃହ ପରିଚାଳନା ସଂକ୍ରାନ୍ତୀୟ ତଦନ୍ତ ଦାବିରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

# ବନ୍ଦ ହେବ ପିଙ୍କ୍ ଅଟୋ ସେବା

- ସମସ୍ୟାରେ ମହିଳା ଚାଳକ
- କର୍ତ୍ତୃପକ୍ଷଙ୍କ ସାକ୍ଷାତ୍ ନ ପାଇ ନିରାଶ



ଆର୍‌ଏମ୍‌ସି ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଆସିଥିବା ମହିଳା ଅଟୋଚାଳକମାନେ।

ରାଉରକେଲା ଅଫିସ,୩। ୧୨

ଆରଏମ୍‌ସି ସହଯୋଗରେ ୨୦୧୭ ଡିସେମ୍ବରରେ ପିଙ୍କ୍ ଅଟୋ ସେବା ଆରମ୍ଭ ହୋଇଥିଲା । ଏବେ କର୍ତ୍ତୃପକ୍ଷଙ୍କ ସାକ୍ଷାତ୍ ନ ପାଇ ସମସ୍ୟାରେ ପଡିଛନ୍ତି ମହିଳା ଅଟୋରିକ୍ସା ଚାଳକ। ଏନେଇ ସୋମବାର କଂଗ୍ରେସ ନେତା ବୀରେନ ସେନାପତିଙ୍କ ନେତୃତ୍ୱରେ ଆସିଥିବା ମହିଳା ଅଟୋଚାଳକମାନେ ନିରାଶ ହୋଇ ଫେରିଛନ୍ତି । ଦୀର୍ଘଦିନ ଧରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହୋଇ ଆସୁଥିବା ଏହି ମହିଳା ଅଟୋରିକ୍ସା ଚାଳକମାନେ ସୋମବାର ଆରଏମସି ବିରୋଧରେ ମୁହଁ ଖୋଲିଛନ୍ତି। ପିଙ୍କ ଅଟୋ ଚଳାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି, ଅଟୋରିକ୍ସା ପ୍ରଦାନ ସମୟରେ କର୍ତ୍ତୃପକ୍ଷ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ପରବର୍ତ୍ତୀ ସମୟରେ ପାଳନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଅଟୋରିକ୍ସାରେ ଖଞ୍ଜା ଯାଇଥିବା ବ୍ୟାଟେରି ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବୋଲି ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନେଇ କେହି କର୍ଣ୍ଣପାତ କରୁ ନାହାନ୍ତି। ବ୍ୟାଟେରି କମ୍ପାନୀ ଧରାଛୁଆଁ ଦେଉ ନ ଥିବା ବେଳେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଫଳରେ ମାସର ଅର୍ଦ୍ଧାଧିକ ଦିନ ଗାଡି ଅଚଳ ହୋଇପଡୁଛି। ଏପରି ଅବସ୍ଥାରେ ଋଣ ଶୁଝିବା ଅତ୍ୟନ୍ତ କାଠିକର ପାଠ । ବ୍ୟାଟେରି ଚାର୍ଜ କରିବା ନେଇ ସହରର କେତେକ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ବର୍ଷକ ପରେ ବି ଏନେଇ କୌଣସି ସୁବିଧା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଯଦି ପରିସ୍ଥିତି ଅପରିବର୍ତ୍ତିତ ରହେ, ତେବେ ଆଉ ଦିନ କେଇଟା ପରେ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସେମାନେ କହିଛନ୍ତି । ମହିଳା ଚାଳକମାନଙ୍କୁ ପ୍ରଦାନ କରାଯାଇଥିବା ଅଟୋରିକ୍ସା ଭଲ ଭାବେ ଚଳାଚଳ କରିବାକୁ ସକ୍ଷମ ହେଉ ନାହିଁ। ଏଥିରୁ ରଙ୍ଗ ଝଡି ଗଲାଣି। ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି। ଏନେଇ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଛି। ଏହା ସତ୍ତ୍ୱେ ଆରଏମ୍‌ସି କର୍ତ୍ତୃପକ୍ଷ ଧ୍ୟାନ ଦେଲେ ନାହିଁ। ଏପରି ଅବସ୍ଥାରେ ବହୁ ଅଟୋରିକ୍ସା ଚଳାଚଳ କରି ନ ପାରି ବନ୍ଦ ହେବା ଅବସ୍ଥାରେ ରହିଛି।



ଝିରିପାଣିଠାରେ ଆୟୋଜିତ ଭାଜପାର ଜନପରାମର୍ଶ ପଦଯାତ୍ରାରେ ଦଳୀୟ କର୍ମୀ ଓ ନେତାମାନେ।

# ଝିରପାଣିରେ ଜନ ପରାମର୍ଶ ପଦଯାତ୍ରା

ରାଉରକେଲା ଅଫିସ, ୩। ୧୨

କୋଏଲନଗର ମଣ୍ଡଳ ଅନ୍ତର୍ଗତ ଝିରପାଣିରେ ସୋମବାର ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ମଣ୍ଡଳ ସଭାପତି ସରୋଜ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଶିବ ମନ୍ଦିର ନିକଟରୁ ଆରମ୍ଭ କରାଯାଇଥିଲା। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁ ବଳ, ଜିଲା ଉପସଭାପତି ତପନ ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଜନହିତକର ଯୋଜନାରୁ ଲୋକେ କିପରି ସୁଫଳ ପାଇବେ ତାହା ପଦଯାତ୍ରାର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଅଞ୍ଚଳବାସୀଙ୍କ ଠାରୁ ବିଭିନ୍ନ ସମସ୍ୟା ନେଇ ମତାମତ ସଂଗ୍ରହ କରାଯାଇଥିଲା। ଜନତା ଦେଇଥିବା ଲିଖିତ ପରାମର୍ଶ ପତ୍ରକୁ ଗ୍ରହଣ କରାଯାଇଥିଲା। ଏଥିରେ ଜିଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀହାର ରାୟ, ମୁଖପାତ୍ର ଗଙ୍ଗାଧର ଦାସ, ଅନ୍ୟତମ ମୁଖପାତ୍ର ଭଗବାନ ରାଉତ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକ, ମଣ୍ଡଳ ଉପସଭାପତି ଡାକ୍ତର ମନ୍ମଥ ଦାସ, ରବୀନ୍ଦ୍ର ପାଣ୍ଡବ, ଏସଏନ ଚୌଧୁରୀ, ଶେଖ ମୁଜାହିଦ, ବିଶ୍ୱଜିତ ସାମନ୍ତରାୟ ଓ ପି.କେ. ମିଶ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ବିଭିନ୍ନ ଅଞ୍ଚଳ ଏହି ଶୋଭାଯାତ୍ରା ପରିକ୍ରମା କରିଥିଲା।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଶ୍ୟାମ ଉତ୍ସବ ଉଦ୍‌ଯାପିତ

ରାଜଗାଙ୍ଗପୁର,୩।୧୨(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ବସ୍‌ଷ୍ଟାଣ୍ଡ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ମାରୱାଡି ସମୁଦାୟ ପକ୍ଷରୁ ସୋମବାର ୨୦ତମ ଶ୍ୟାମ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ରବିବାର ଦିନ ରାଜଗାଙ୍ଗପୁରର ଶ୍ୟାମବିହାରୀ ମିତ୍ରମଣ୍ଡ ପକ୍ଷରୁ ୨୦ତମ ଶ୍ୟାମ ଉତ୍ସବ ଆରମ୍ଭ କରାଯାଇଥିଲା । ଉତ୍ସବ ଆରମ୍ଭରେ କମ୍ୟୁନିଟି ସେଣ୍ଟରଠାରେ ଥିବା ବିଜୁ କଲ୍ୟାଣ ମଣ୍ଡପରେ ପ୍ରଭୁ କୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇ ଶ୍ୟାମନିତ୍ୟ ଜ୍ୟୋତି ପାଠ କରାଯାଇଥିଲା । ପରେ ନିଶାନ ଶୋଭାଯାତ୍ରାରେ ମାରୱାଡି ସମ୍ପ୍ରଦାୟର ମହିଳା ଓ ପୁରୁଷ ସହର ପରିକ୍ରମା କରିଥିଲେ। ଦ୍ୱିତୀୟ ଦିନରେ ଅଖଣ୍ଡ ଜ୍ୟୋତି, ଆଲୌକିକ୍ ସିଙ୍ଗାର, ୫୬ ଭୋଗର ଆୟୋଜନ କରାଯାଇ ପ୍ରଭୁ କୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ କେ. ମିତା ରାଟୋର ଉଦୟପୁର ଏବଂ ଶ୍ରୀକୃଷ୍ଣ ଦଧିଚି ବନାରସଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଶ୍ୟାମ ବିହାରୀ ମିତ୍ର, ରାଜେଶ ସୁଲତାନିଆ, ଆନନ୍ଦ ଦଧିଚି, ନଟୱର ଅଗ୍ରୱାଲ, ଲଳିତ ଅଗ୍ରୱାଲ, ବଣ୍ଟି ସୁଲତାନିଆଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଜମି, ନାଳପାଣି ଭରସା

ନୂଆଗାଁ, ୩।୧୨ (ଡି.ଏନ୍.ଏ.)



ମହିଳାମାନେ ଧାନ ଜମିରୁ ପାଣି ଆଣୁଛନ୍ତି।

- ଚିତାପେଡି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଅବହେଳିତ
- ମିଥ୍ୟା ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଚାଲିଛନ୍ତି ଅଧିକାରୀ
- ତେଜୁଛି ଜନ ଅସନ୍ତୋଷ

କ୍ଷେଉଁ ଅଞ୍ଚଳର ପାଣିର ସମସ୍ୟା ନାହିଁ ସେଭଳି ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ଚାଲିଛି ନଳକୂପ ଖନନ। ଏପରିକି ପାଇପ୍ ଯୋଗେ ପାନୀୟ ଜଳ ବ୍ୟବସ୍ଥା। ଉଦାହରଣ ଭାବେ ସୁନ୍ଦରଗଡ଼ ଜିଲାର ନୂଆଗାଁ ବ୍ଲକର ସୋରଡା, ବାରିଲେପ୍ଟା, ନୂଆଗାଁ ଭଳି ଅନେକ ପଞ୍ଚାୟତ ରହିଛି। ଉକ୍ତ ପଞ୍ଚାୟତରେ ପାନୀୟ ଜଳ ସଂକଟ ଏତେ ମାତ୍ରାରେ ନ ଥିବା ବେଳେ ତଥାପି ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟ ନେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ହେଲେ ଦୁର୍ଭାଗ୍ୟର ବିଷୟ ଜଳକଷ୍ଟ ପଞ୍ଚାୟତ ଭାବେ ନୂଆଗାଁ ପଞ୍ଚାୟତ ସମିତି ବୈଠକରେ ଘୋଷଣା କରାଯାଇଥିବା ଚିତାପେଡି ପଞ୍ଚାୟତରେ ଆଜିବି ପାନୀୟ ଜଳ ଯୋଗାଣ ଅବହେଳିତ। ପଞ୍ଚାୟତର ଅନେକ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ନଳକୂଅ ଖୋଲାଯାଇ ନାହିଁ। ଲୋକେ ବିଶେଷ କରି ଗ୍ରୀଷ୍ମ ଦିନେ ପାନୀୟଜଳ ପାଇଁ ତହଳବିକଳ ହେଉଥିବା ବେଳେ ପଞ୍ଚାୟତର ପିତାଲ ଗ୍ରାମର ଡିପୋଟୋଲୀ ଅଞ୍ଚଳରେ ଡିସେମ୍ବର ଆରମ୍ଭରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମର ଶତାଧିକ ଲୋକେ ଧାନ ଜମି ଓ ନାଳ ପାଣି ଉପରେ ନିର୍ଭର କରି ଚଳୁଛନ୍ତି। । ଧାନ ଜମିରେ କିଛି ମାସ ଯାଏ ପାଣି ଜମି ରହୁଥିବା ବେଳେ ଗ୍ରୀଷ୍ମ ମାସ ପୂର୍ବରୁ ସେଗୁଡିକ ଶୁଖି ଯାଇଥାଏ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପିତାଲ ଗାଁଠାରୁ କିଛି ଦୂରରେ ଜଣେକ ଲୋକଙ୍କ ଜମିରେ ଥିବା ଏକ କୂଅରୁ ଲୋକେ ପାଣି ଆଣି ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ଗାଁ ଲୋକେ ଗ୍ରାମ୍ୟଜଳ ଓ ପରିମଳ ବିଭାଗ (ଆର୍‌ଡବ୍ଲୁଏସ୍‌ଏସ୍) ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରି ଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି ।

ଚିତାପେଡି ପଞ୍ଚାୟତରେ ପାନୀୟ ଜଳଯୋଗାଣ ପାଇଁ ପାଇପ୍ ବିଛା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପିତାଲଗଞ୍ଜୁ ବସ୍ତିରେ ଏକ ଆରୋପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଉକ୍ତ ପ୍ଲାଣ୍ଟର ଘର ଏତେ ଛୋଟ ଭାବେ ନିର୍ମାଣ ହେଲା ଯେ, ସେଠାରେ ମେଶିନ ଲାଗି ପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି । ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଚିତାପେଡି ପଞ୍ଚାୟତ ଭଳି ଏକ ଉପାନ୍ତ ଅଞ୍ଚଳରେ ପାନୀୟଜଳ ସମସ୍ୟାର ସମାଧାନ ହୋଇପାରୁ ନାହିଁ । ଦେଶ ସ୍ୱାଧୀନତାର ୭୦ ବର୍ଷ ପରେ ମଧ ଲୋକ ନାଳ, ଧାନ ଜମିରୁ ଦୂଷିତ ପାଣି ଆଣି ବ୍ୟବହାର କରୁଛନ୍ତି। ଫଳରେ ସରକାରଙ୍କ ଆମଗାଁ ଆମ ବିକାଶ ଭଳି କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଦିଗରେ ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ଡ଼ିପାଟୋଲାରେ ଏକ ଗଭୀର ନଳକୂଅ ଖନନ ସହ ଅସମ୍ପୂର୍ଣ୍ଣ ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ କରିବାକୁ ଗ୍ରାମର ଇଲିଆଜାର ଏକ୍କା, ଛୋଟୁ ସିଂ, ବିଜେଡି ଯୁବନେତା ଲିଚୁନ ସିଂ ପ୍ରମୁଖ ଦାବି କରିଛନ୍ତି । ଏନେଇ ଆରଡବ୍ଲୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଭାଗୀରଥି ବାଡାଙ୍କୁ ପଚାରିବାରୁ ସେ କହିଥିଲେ, ପାନୀୟଜଳ ଯୋଗାଇ ଦେବା ନେଇ ଏକ ଆରୋପ୍ଲାଣ୍ଟ ପାଇଁ ନଳକୂଅ ଖୋଲାଯାଇଛି। ହେଲେ ଘର କାର୍ଯ୍ୟ ପଞ୍ଚାୟତ ପକ୍ଷରୁ କରାଯିବ। ଏହା ସମ୍ପୂର୍ଣ୍ଣ ହେଲେ ମେଶିନ ଲଗାଯାଇ ପାନୀୟଜଳ ଯୋଗାଇ ଦିଆଯିବ। ଏପରି କି ଗାଁରେ ନଳକୂଅ ଖୋଲାଯିବା ନେଇ ଉଦ୍ୟମ କରାଯାଇଥିଲା। ହେଲେ ନଳକୂଅ ଖୋଲିବା ଗାଡି ଗାଁକୁ ଯାଇ ପାରି ନ ଥିଲା। ନଳକୂଅ ଖୋଲିବାକୁ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସୁରକ୍ଷା ସମିତିର ବାର୍ଷିକୋତ୍ସବ

ଲହୁଣୀପଡା,୩।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହଣୀପଡ଼ା ବ୍ଲକ ଅଧୀନ ଫୁଲଝର ସ୍ଥିତ ଛେଲିଆଟୋକା ସୁରକ୍ଷା ସମିତିର ୧୧ତମ ବାର୍ଷିକ ଉତ୍ସବ ସୋମବାର ଫୁଲଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ କେଦାର ମାହାନ୍ତ, ମନୋଜ କୁମାର ଦାଶ, ମହାଦେବ ମୁଣ୍ଡାରି, ସୁନ୍ଦରମଣି ପ୍ରଧାନ, ଫିଲିପ ବାଗ ଏବଂ ମୁଖ୍ୟବକ୍ତା ଭାବେ ଆଇନଜୀବୀ ପ୍ରଦ୍ୟୁମ୍ନ ତ୍ରିପାଠୀ ଯୋଗଦେଇଥିଲେ । ଛେଲିଆଟୋକା ପାହାଡ଼ ଓ ଜଙ୍ଗଲ ସୁରକ୍ଷା ଦେବା ପାଇଁ ଛେଲିଆଟୋକା ସୁରକ୍ଷା ସମିତି ଗଠନ କରାଯାଇ ଏହାର ସୁରକ୍ଷା ଯୋଗାଇ ଦିଆଯାଉଛି। ସଭାରେ ଦୋଳଗୋବିନ୍ଦ ବାରିକ ଅଧ୍ୟକ୍ଷତା କରିଥିଲେ। ପାରମ୍ପାରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଫୁଲଝର ସରପଞ୍ଚ କିଶୋର ଗିରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କଳାକାରମାନେ ବିଭିନ୍ନ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ତୋଷ ଗିରି, ସିଂରାୟ ମୁଣ୍ଡାରି, ନାମଜାନ ମୁଣ୍ଡା, ସାକାରି ମୁଣ୍ଡାରି, ଅଜୟ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୁରୁ-ଶିଷ୍ୟ ମଧ୍ୟରେ ବାଣ୍ଟିଲେ ସ୍ମୃତି

ସୁନ୍ଦରଗଡ଼,୩।୧୨(ଡି.ଏନ୍.ଏ.)

**ଭବାନୀଶଙ୍କର ହାଇସ୍କୁଲ**

- ୮ ୧୯୭୨ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ୧୯୭୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ଫୁନୁ ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦୀର୍ଘ ୪୫ବର୍ଷ ପରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଏକାଠି ହେବାର ଏକ ସୁଯୋଗ ପାଇଥିଲେ। ଏହି ଅବସରରେ ଉପସ୍ଥିତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୁରୁ-ଛାତ୍ର ପରସ୍ପର ମଧ୍ୟରେ ନିଜ ସ୍ମୃତି ଏବଂ ଅନୁଭୂତିକୁ ବାଣ୍ଟିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦ ଯୋଗଦେଇଥିଲେ। ସେମାନେ ହେଲେ ଶିବଶଙ୍କର ପୃଷ୍ଠେଠ, ଉମେଶ କୁମାର ଚୌଧୁରୀ, ଚୂଡାମଣି ଚୌଧୁରୀ, ନେତ୍ରାନନ୍ଦ ଦୁବେ, ଚସନ୍ତ ପଟେଲ, ବିଦ୍ୟାଧର ସରାଫ୍, ଗଣେଶରାମ ନାଏକ ଏବଂ ପୁରାତନ ଛାତ୍ର ଦୋଳଗଞ୍ଜନ ନାଏକ, କୁଞ୍ଜବିହାରୀ ଛତ୍ରିଆ, ଅଶ୍ୱିନୀ ମିଶ୍ର, ରଜନୀ ପୁରୋହିତ, ପ୍ରଫୁଲ ପଟେଲ, ମନୋରଞ୍ଜନ ଦାସ, ମୀନକେତନ ପଶାୟତ, ଜଗଦୀଶ ପଟେଲଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଏହି ବ୍ୟାଚର ଛାତ୍ରୀଛାତ୍ରମାନେ ସପରିବାର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାଏକ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗୁରୁ ପୂଜା ସହ ପୁରାତନ ଛାତ୍ରଙ୍କ ଭାବବିନିମୟ କାର୍ଯ୍ୟକ୍ରମ ଏକ ନୂତନ ପରମ୍ପରା ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ଶିକ୍ଷା ଦିବସ ପାଳିତ

ସୁନ୍ଦରଗଡ଼,୩।୧୨ (ଡି.ଏନ୍.ଏ.)



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

କୃଷି ବିଜ୍ଞାନ କେନ୍ଦ୍ର କିରେଇ ସୁନ୍ଦରଗଡ଼ ଆନୁକୂଲ୍ୟରେ ସୋମବାର ଭବାନୀପୁର ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ କୃଷି ଶିକ୍ଷା ଦିବସ ପାଳନ ହୋଇଯାଇଛି। ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜନ୍ମବାର୍ଷିକୀ ଦିବସକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର୍)ଙ୍କ ପରାମର୍ଶରେ ପ୍ରତିବର୍ଷ ଡିସେମ୍ବର ୩ ତାରିଖରେ କୃଷି ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମ୍ସ ବାଗେ କୃଷି ଶିକ୍ଷା ଦିବସର ପାଳନ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନବମ ଏବଂ ଦଶମ ଶ୍ରେଣୀର ୧୨୦ଜଣ ଛାତ୍ରୀଛାତ୍ରଙ୍କ ସହିତ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ବଡାଇକ ଏବଂ ସମସ୍ତ ଅଧ୍ୟାପିକା, ଅଧ୍ୟାପିକା ଉପସ୍ଥିତ ରହି ପିଲାଙ୍କ ମଧ୍ୟରେ କୃଷି ଶିକ୍ଷା ନିମନ୍ତେ ଆଗ୍ରହ ସୃଷ୍ଟି କରାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସହିତ କ୍ଷେତ୍ର ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ, ମତ୍ସ୍ୟ ସହକାରୀ ଅଧିକାରୀ ମୁଦାଦା ଦିବନାଥ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ କୃଷି ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଫଳତା

ବାଲିଶଙ୍କରା,୩।୧୨(ଡି.ଏନ.ଏ.)

ବାଲିଶଙ୍କରା ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ୨୦୧୭-୧୮ ଶିକ୍ଷା ବର୍ଷରେ ତୃତୀୟ ଶ୍ରେଣୀର କ୍ରିଷ୍ଣା ମାଝି ଏବଂ ଆକାଶ ଦଣ୍ଡସନା, ପଞ୍ଚମ ଶ୍ରେଣୀର ବିବେକ ମିଞ୍ଜ ଓ ଅମୀଷା କୁଜୁର ସରକାରୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ତୃତୀୟ ଶ୍ରେଣୀର ଛାତ୍ରୀ କ୍ରିତିକା ସାହୁ ୨୦୧୮-୧୯ ଶିକ୍ଷା ବର୍ଷରେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ବିଦ୍ୟାଳୟ ପରିଚାଳନା କମିଟି ଅଭିଭାବକ, ଅଭିଭାବିକା, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କମଳିନୀ ସିଂହ, ସହକାରୀ ଶିକ୍ଷୟିତ୍ରୀ ବେବି ପଟେଲ, ବିଆସିସି ଯୁଗଳ କିଶୋର ସାମଲ ଆଦି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ

ଜୁନାଗଡ,୩।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ୨୫ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ, କାଉନସିଲର ସିତାଦେବୀ ମାଝି, ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ସୁନ୍ଦରଗଡ଼,୩।୧୨ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀର ଅନ୍ତିମ ପର୍ଯ୍ୟାୟ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ପୌରପାଳିକାର ରିଜେଣ୍ଟ ମାର୍କେଟ ଛକଠାରୁ ପଦଯାତ୍ରା ବାହାରି ବିଭିନ୍ନ ୱାର୍ଡ ପରିକ୍ରମାପରେ ଡିଆର୍‌ଡିଏ ଛକଠାରେ ପହଞ୍ଚିଥିଲା। ସେଠାରେ ପଶ୍ଚିମାଞ୍ଚଳ ଛାତ୍ର ବିଜୁଜନତା ଦଳର ଆବାହକ ବୈକୁଣ୍ଠ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ବିଜେଡ଼ି ସଭାପତି ତଥା ବିଧାୟକ ମଙ୍ଗଳା କିଷାନ, ସୁନ୍ଦରଗଡ଼ର ଜିଲା ମହିଳା ବିଜୁଜନତା ଦଳର ସଭାନେତ୍ରୀ ପଦ୍ମିନୀ ଶେଖର ଦେଓ, ରାଜ୍ୟ ସମ୍ପାଦିକା ମିନତୀ ଦେବତା, ପୂର୍ବତନ ବିଧାୟକ ତଥା ପର୍ଯ୍ୟବେକ୍ଷକ ଜ୍ୟୋତିଷ ଦାସ, ସୁନ୍ଦରଗଡ଼ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ଉପାଧ୍ୟକ୍ଷା କୁସୁମ ଟେଟେ, ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ରଞ୍ଜନା ପଣ୍ଡା, ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ଗୋପ ମହାନ୍ତି, ରଜ୍ୟଯୁବ ବିଜେଡି ସମ୍ପାଦକ ତଥା ପୂର୍ବତନ ଉପନଗରପାଳ ସୁମନ୍ତ କୁମାର ପଣ୍ଡା, ଜିଲାଯୁବ ବିଜେଡ଼ି ସଭାପତି ଦେବେନ୍ଦ୍ର ମାଝି, ବାଲିଶଙ୍କରା ବ୍ଲକର ପୂର୍ବତନ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, କାଉନସିଲର ସୁମନ୍ତ ସାହୁ, ବୀଣା ସାହୁ, ଟିକେଶ୍ୱରୀ ନାଏକ, ଶିବାଜୀ ନାଏକ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋପାତ କରିଥିଲେ।





ଆଦିବାସୀ ମୂଳବାସୀ ଅଧିକାର ମଞ୍ଚ ପକ୍ଷରୁ ସୋମବାର ଜଙ୍ଗଲ ଜମି ଅଧିକାର ଦାବିରେ ସୁନ୍ଦରଗଡ଼ ଡିଏଫଓ ଅଫିସ ସମ୍ମୁଖରେ ବିଧାୟକ ଜର୍ଜ ତିର୍କୀଙ୍କ ସହ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଜିଲା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ସମ୍ମିଳନୀ





ଜିଲା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତି ଅତିଥିବୃନ୍ଦ।

ସୁନ୍ଦରଗଡ଼,୩।୧୨ (ଡି.ଏନ୍.ଏ.)

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ସୁନ୍ଦରଗଡ଼ ଜିଲା ଶାଖାର ୨୩ତମ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ମୁଖ୍ୟ ଉପଦେଷ୍ଟା ଶ୍ୟାମସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ପଲେଇ, ଜିଲାସଂଘର କର୍ମକର୍ତ୍ତା ତଥା ଜିଲାର ସମସ୍ତ ଉପଖଣ୍ଡ, ରାଉରକେଲା ଆର୍‌ଜିଏଚ୍ ଓ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ। ଏଥିରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବିଗୁଡିକ ଉପରେ ଆଲୋଚନା କରାଯାଇ ସଂଗଠନକୁ ସୁଦୃଢ କରିବାକୁ ମତପ୍ରକାଶ ପାଇଥିଲା। ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଓ ଅନୁମତି ଅନୁଯାୟୀ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଡାକ୍ତରଖାନାରେ ଖାଲି ପଡିଥିବା ପରିଚାଳକ ଓ ସଫେଇ ଭଳି ଗ୍ରୁପ୍ ଡି ପଦବୀ ପୂରଣ, କର୍ମଚାରୀଙ୍କୁ ପୋଷାକ ଭତ୍ତା, ଶୀତ ବସ୍ତ୍ର ପ୍ରଦାନ, ସପ୍ତମ ବେତନର ୪୦ ପ୍ରତିଶତ ଅର୍ଥ ପ୍ରଦାନ, ପ୍ରତି ମାସ ଦରମା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ତଥା ସଚିବ ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ଏହି ଅବସରରେ ଜିଲାସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଜିଲା ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ମୁଖ୍ୟଉପଦେଷ୍ଟା, ପରମେଶ୍ୱର କଂସରାଳି ସମ୍ପାଦକ, ଜଗଦୀଶ ଚନ୍ଦ୍ର ସାହୁ, ଈଶ୍ୱରୀ ସରାଫ୍ ଏବଂ ଟଙ୍କଧର ରଣା ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ଶୁକ୍ରୁ ମୁଣ୍ଡା ନିର୍ବାଚିତ ହୋଇଛନ୍ତି। ଏପରି କି ୧୨ଜଣଙ୍କ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

### ସାବିତ୍ରୀ ସା ମେମୋରିଆଲ କ୍ରିକେଟ

## ଗର୍ଜନବାହାଲ ଦଳ ବିଜୟୀ

ହେମଗିର,୩।୧୨ (ଡି.ଏନ.ଏ)

ହେମଗିର ବ୍ଲକ ଖପୁରିକଛାର ଗ୍ରାମରେ ଗତ ୨୫ ତାରିଖରୁ ଚାଲିଥିବା ସାବିତ୍ରୀ ସା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ନବକିଶୋର ଯୁବକ ସଂଘ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସୈନିକ ମାଇନିଂ ଏଣ୍ଡ ଏଲାଏଡ୍ କମ୍ପାନୀର ଇଞ୍ଜିନିୟର ସୁରେନ୍ଦ୍ର କୁମାର ଚୌହାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁରଥ କୁମାର ପଧାନ, ସାନଘୁମୁଡା ସରପଞ୍ଚ ରେବତୀ ଛତ୍ରିଆ, ସାରଥି ପ୍ରଧାନ, ନବୀନ ଖରସାଏଲ, ହୃଷୀକେଶ ପଧାନ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ଖଜୁରଡିହି ଦଳ ଏବଂ ଗର୍ଜନବାହାଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଗର୍ଜନବାହାଲ ଦଳ ୮ ଉଇକେଟରେ ବିଜୟୀ ହୋଇଥିଲା। ଉଭୟ ଦଳ ୧୨ ଓଭର ଲେଖାଏଁ ଖେଳିଥିଲେ। ବିଜୟୀ ଦଳକୁ ୧୨ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅଫ୍ ଦଳକୁ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଯୁବକ ସଂଘ ସଭାପତି ଦିନବନ୍ଧୁ ଅତା, ସମ୍ପାଦକ ସୁରେନ୍ଦ୍ର ସାଏ, ସୁମନ୍ତ ପଟେଲ, ରାଜୁ ସାଗର, ପ୍ରଫୁଲ୍ଲ ଖରସାଏଲ, ରାଜେଶ ଭୈଷାଲ, ସହଦେବ ଦଲଦଲିଆ, ଧରଣୀ ଖରସାଏଲ ତଥା ଯୁବକ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଟୁର୍ନାମେଣ୍ଟ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା।





ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି, ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍

## ସଂକ୍ଷେପରେ

### ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଲା

**ବେଲପାହାଡ଼,୩। ୧୨(ଡ଼ି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଧଉଁରାମୁଣ୍ଡା ଗାଁରେ ରହୁଥିବା ଜଣେ ଯୁବତୀଙ୍କ ସୋମବାର ସକାଳେ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ମୃତା ଯୁବତୀଙ୍କ ନାମ ଟିକିରାଣୀ ବିଶୋଇ (୨୨)। ସେ ତାଙ୍କ ବଡ଼ ଭଉଣୀ ଓ ଭିଣୋଇଙ୍କ ସହିତ ରହୁଥିଲେ । ସୋମବାର ସକାଳେ କୌଣସି କାରଣରୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଟିଆର୍ଏଲ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଯୁବତୀଙ୍କ ମୃତ୍ୟୁ ପରେ ହସ୍ପିଟାଲ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏସଂକ୍ରାନ୍ତରେ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (୧୩/୨୦୧୮) ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ତଦନ୍ତକାରୀ ଅଧିକାରୀ କେ.ସି.ହୋତା କହିଛନ୍ତି ।

### ଛାତ ଆଜ୍‌ବେଷ୍ଟ ଖୋଲି ଭେରାଇଟ୍ ଷ୍ଟୋର୍‌ରୁ ଚୋରି

ଲଖନପୁର,୩।୧୨(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ଅଡ଼ାପଡା ଗ୍ରାମର ଏକ ଭେରାଇଟ୍ ଷ୍ଟୋର୍‌ରୁ ଗତ ରବିବାର ରାତିରେ ଦୁର୍ବୃତ୍ତମାନେ ଛାତ ଆଜ୍‌ବେଷ୍ଟ ଖୋଲି ଚୋରି କରିଛନ୍ତି । ଏନେଇ ଦୋକାନ ମାଲିକ ସନ୍ତୋଷ ଭୋଇ ଲଖନପୁର ଥାନାରେ ଅଭିଯୋଗ କରିଛନ୍ତି । ଲଖନପୁର ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛି । ଏନେଇ ଏକ ମାମଲା ରୁଜୁ ହୋଇଛି । ଦୋକାନ ମାଲିକ ଭୋଇଙ୍କ ସୂତ୍ରରୁ ଜଣାପଡିଛି ଦୁର୍ବୃତ୍ତମାନେ ୧୦ହଜାର ଟଙ୍କା ଖୁଚୁରା କଏନ୍ ଓ ଅନ୍ୟାନ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି । ପ୍ରତିଦିନ ଭଳି ମାଲିକ ଭୋଇ ରାତିରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ । ସୋମବାର ସକାଳୁ ଆସି ଦେଖିଲାବେଳକୁ ଦୋକାନ ଛାତ ଆଜ୍‌ବେଷ୍ଟ ଖୋଲା ହୋଇଛି । ଦୋକାନ ଆଖପାଖରେ ଘର ରହିଛି । ଗ୍ରାମ ମଝିରେ ପୁଣି ଦୋକାନ ରହିଛି । ତଥାପି ଦୁର୍ବୃତ୍ତମାନେ ରାତିରେ ଚୋରି କରିବା ପାଇଁ ସାହସ କରୁଛନ୍ତି । ଯାହା ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି ।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଜମନକିରା, ୩।୧୨ (ଡି.ଏନ୍.ଏ.)- ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ମୁଣ୍ଡେନପାଲି-ପାର୍ଥମୁଣ୍ଡା ରାସ୍ତା ଛକରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛି। ଏହି ବାଇକ୍ ଚାଳକ ଜଣକ ହେଲେ ସମ୍ବଲପୁର ଜିଲା କିସିଣ୍ଡା ଥାନା କାଞ୍ଚନପୁର ଗାଁର ଆଲବର୍ଟ ବାର୍ଲା (୨୫)। ସେ ଅଜୟ ସ୍ୱାଇଁ (୨୪)ଙ୍କ ସହ ପାର୍ଥମୁଣ୍ଡାରୁ ଭୋଜି ଖାଇ ଫେରୁଥିଲେ। ହେଲେ ନିୟନ୍ତ୍ରଣ ହରାଇ କଣ୍ଟିଆଳି ଛକ ନିକଟସ୍ଥ ଏକ ଗଛରେ ବାଡ଼େଇ ହୋଇଯାଇଥିଲେ। ଫଳରେ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଜଣାଇ ତୁରନ୍ତ ବୁର୍ଲା ବଡ଼ ଡାକ୍ତରଖାନାକୁ ଏ ଦୁହିଁଙ୍କୁ ପଠାଇଛନ୍ତି।

### ଧାନ ଗାଡ଼ି ରଖି ଟୋଲପ୍ଲାଜାକୁ ଜାମ୍ କରିଦେଲେ ଚାଷୀ

ରେଙ୍ଗାଲି,୩।୧୨(ଡି.ଏନ.ଏ.) ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ପ୍ରଧାନପାଲି ନିକଟରେ ଥିବା ଟୋଲପ୍ଲାଜାକୁ ସୋମବାର ଚାଷୀମାନେ ଦେଢ଼ଘଣ୍ଟା ଧରି ଜାମ କରିଥିଲେ। କିଲାସମା ଗ୍ରାମର ଚାଷୀମାନେ ଧାନ ବିକିବା ପାଇଁ ଶାସନସ୍ଥିତ ମାର୍କେଟ ୟାର୍ଡକୁ ନେଇଥାନ୍ତି । ଏହି ରାସ୍ତାରେ ଟୋଲପ୍ଲାଜାରେ ଧାନ ଗାଡି ଗୁଡିକର ଟୋଲ ଟ୍ୟାକ୍ସ ନ ଦେବା ଦାବିରେ ପ୍ରାୟ ଦେଢ଼ ଘଣ୍ଟା ଧରି ଟୋଲ ପ୍ଲାଜାକୁ ଚାଷୀମାନେ ବନ୍ଦ କରିଥିଲେ। ସମ୍ବଲପୁର ଜିଲା ପ୍ରଶାସନ ନିର୍ଦ୍ଦେଶରେ ୪୦୭, ପିକଅପ୍ ଓ ଟ୍ରାକ୍ଟର ଗୁଡିକୁ ଟୋଲମୁକ୍ତ କରିବାର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାନ ବିକିବାକୁ ଶାସନ ମାର୍କେଟ ୟାର୍ଡକୁ ଯାଇଥିଲେ ।

# ଖରିଫ ଧାନ ସଂଗ୍ରହ ଆରମ୍ଭ

**ଝାରସୁଗୁଡ଼ା ଅଫିସ,୩।୧୨**

ଝାରସୁଗୁଡ଼ା ଜିଲାରେ ଚଳିତ ୨୦୧୮-୧୯ ଖରିଫ୍ ଧାନ ସଂଗ୍ରହ ସୋମବାରରୁ ଆରମ୍ଭ ହୋଇଛି। ଜିଲା ଯୋଗାଣ ଅଧିକାରୀ ଉଦିତ୍ ପଟ୍ଟନାୟକ ସରବାହାଲସ୍ଥିତ ମାର୍କେଟ୍ ୟାର୍ଡ଼ରେ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସମବାୟ ବିଭାଗ ସହକାରୀ ଉପନିବନ୍ଧକ ରଶ୍ମୀଲତା ବେହେରା, ଆରଏମ୍‌ସି ସେକ୍ରେଟାରୀ ଅକ୍ଷୟ ବାରିକଙ୍କ ସମେତ ଚାଷୀ ଏବଂ ମିଲର୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାକୁ ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ କରିବାକୁ ଯୋଗାଣ ଅଧିକାରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ସଫା ଶୁଖିଲା ଧାନ ଆଣିବା ପାଇଁ ଚାଷୀଙ୍କୁ ଅନୁରୋଧ କରିଥିବା ବେଳେ କଟଣି ଛଟଣି ନ କରିବାକୁ ମିଲରଙ୍କୁ କୁହାଯାଇଛି। ଆପୋସ ବୁଝାମଣାରେ ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପାଦନ କରିବା ପାଇଁ ସମସ୍ତ ସହଭାଗିଙ୍କୁ ଆହ୍ୱାନ ଦିଆଯାଇଛି।

ଖରିଫ ଧାନ ସଂଗ୍ରହ ପାଇଁ ସୋମବାର ବଡମାଲ ମାର୍କେଟ ୟାର୍ଡ ଖୋଲିଛି। ହେଲେ ଯୋଗାଡ ପୂର୍ବକ ପ୍ରଥମ ଦିନରେ ମାତ୍ର ୩୦-୪୦ରୁ ବସ୍ତା ଧାନ ବିକ୍ରିପାଇଁ ଆସିପାରିଛି। ଧାନର ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ କରାଯାଇ ଧାନ ମିଲକୁ ପଠାଯାଇଛି। ସେହିପରି ଧାନବିକ୍ରି ନେଇ ଚାଷୀଙ୍କ ନିକଟରେ ନିର୍ଦ୍ଦିଷ୍ଟ ସୂଚନା ନ ଥିବାରୁ ପ୍ରଥମ ଦିନ ଧାନକିଣା ମାନ୍ଦା ରହିଥିବା ପଞ୍ଜିକୃତ ଚାଷୀ ଅଭିଯୋଗ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଜିଲାରେ ଧାନ ଓଜନ ପାଇଁ ରହିଥିବା ଏକମାତ୍ର ୱେ-ବ୍ରିଜ୍ ମଧ ଏହି ୟାର୍ଡରେ ଅଚଳ ହୋଇ ପଡିରହିଛି। ଆରଏମ୍‌ସି ପକ୍ଷରୁ ଏହାକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଧାନ କିଣା ଆରମ୍ଭ ହୋଇଯାଇଥିଲେ ମଧ ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ।

ସୂଚନାଯୋଗ୍ୟ, ସରକାରୀ ନିର୍ଦ୍ଦେଶ ଅନୁସାରେ ଚଳିତ ବର୍ଷ ୪୫୮୮୨.୩୫୨ ମେଟ୍ରିକ୍ ଟନ୍ ଧାନ ଏବଂ ୩୧୨୦୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିପାଇଁ ଜିଲାରେ ୩୨ଟି ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ) ସମେତ ମୋଟ ୪୦ ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଏଫଏକ୍ୟୁ ସାଧାରଣ କିସମର ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଏବଂ ଗ୍ରେଡ-ଏ କିସମ ଧାନର ମୂଲ୍ୟ ୧୭୭୦ ଟଙ୍କା ଧାର୍ଯ୍ୟ ହୋଇଛି। ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଚାଷୀଙ୍କୁ ସୂଚନା ଦିଆଯାଇଛି।



ମାର୍କେଟ ୟାର୍ଡରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉଦ୍‌ଘାଟନ କରାଯାଉଛି।

- ପ୍ରଥମ ଦିନ ୩୦ରୁ ୪୦ରୁ ବସ୍ତା ଧାନ ବିକ୍ରି ପାଇଁ ଆସିଛି
- ଏକମାତ୍ର ୱେ-ବ୍ରିଜ୍ ମଧ ଏହି ୟାର୍ଡରେ ଅଚଳ
- ଚଳିତ ବର୍ଷ ୪୫୮୮୨.୩୫୨ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ

 କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଅଁଳାବାହାଲ ଦଳ ଚାମ୍ପିୟନ

**କିର୍ମିରା, ୩।୧୨ (ଡି.ଏନ.ଏ.)**

ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଲଗା ଗ୍ରାମ ପଞ୍ଚାୟତ ତାଳମାଳ ଗ୍ରାମରେ ଏକ ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ୱାଇଏସଏନ ହାଇସ୍କୁଲ ପଡିଆରେ ଉଦ୍‌ଯାପିତ ହୋଇଛି । ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ନୂଆଡିହି (ସୁନ୍ଦରଗଡ଼) ଦଳକୁ ହରାଇ ଅଁଳାବାହାଲ (ସୁନ୍ଦରଗଡ଼) ଦଳ ଚାମ୍ପିୟନ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀଚରଣ କିସାନ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ । ଚିନ୍ମୟ ବାଗ ଓ ଋଷି ବୁବୁଲା ମ୍ୟାଚ ପରିଚାଳନା କରିଥିଲେ । ସଞ୍ଜୟ ବୁଦ୍ଧୁଲା, ରେଷଜ ମେହେର, ଚିରଞ୍ଜିବ କିଶାନ, ଅତିଶ ନାଏକ, ରଙ୍କୁ ବାଗ, ମନ୍ଥନ ବୁଦ୍ଧୁଲା, ସନ୍ତୋଷ ବୁଦ୍ଧୁଲା, ଲିପନ ପଟ୍ଟା, ସଞ୍ଜୟ ସାହୁ, ଅଜିତ ସାହୁ, ଦୀପକ ପଟେଲ ତଥା ତାଲମାଲ ମା'ସମଲେଶ୍ୱରୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

**ବେଲପାହାଡ଼,୩।୧୨(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ସୋମବାରରୁ ଭାଜପାର ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି । ଉକ୍ତ ପଦଯାତ୍ରାରେ ବହୁ କର୍ମୀ ଓ ସାଙ୍ଗଠନିକ କର୍ମକର୍ତ୍ତା ସାମିଲ ହୋଇ ବିଭିନ୍ନ ୱାର୍ଡ଼କୁ ବୁଲି ଲୋକଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଲୋକମାନଙ୍କ ଠାରୁ ଦୈନନ୍ଦିନ ସମସ୍ୟା ବିଷୟରେ ମତ ସଂଗ୍ରହ କରାଯାଇଥିଲା । ଏଥିସହିତ ଲୋକଙ୍କ ଠାରୁ ପରାମର୍ଶ ଗ୍ରହଣ କରିଥିଲେ । ପଦଯାତ୍ରା ସମୟରେ ସହରର ୩,୪ ଓ ୫ ନମ୍ବର ୱାର୍ଡ଼ରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ପଦଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ମଙ୍ଗଳ ସାହୁ, ପ୍ରମୋଦ ସେନାପତି, ଜିଲା ସାଧାରଣ ସମ୍ପାଦକ ସୁନୀଲ ପଣ୍ଡା, ଉପସଭାପତି ସଞ୍ଜୟ ସିଂ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଟିଙ୍କିନା ଧଳଙ୍କ ସମେତ ବହୁ ମହିଳା ଓ ଯୁବ କର୍ମୀ ଯୋଗ ଦେଇଥିଲେ ।



ବେଲପାହାଡ଼ରେ ଆୟୋଜିତ ଭାଜପାର ଜନପରାମର୍ଶ ପଦଯାତ୍ରାରେ କର୍ମୀମାନେ ଲୋକଙ୍କ ମତ ସଂଗ୍ରହ ପାଇଁ ପରାମର୍ଶ ବାକ୍ସ ଧରି ବୁଲୁଛନ୍ତି ।



ବୈଠକରେ ଉପସ୍ଥିତଥିବା ଚାଷୀମାନେ।

ଚାରପାଲି ପଞ୍ଚାୟତରେ ଚାଷୀ ବୈଠକ

# ସଙ୍ଗଠନ ସମ୍ପର୍କରେ ଗୁରୁତ୍ୱାରୋପ

**ଲଖନପୁର,୩।୧୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତ ରାଜୀବ ଭବନରେ ସୋମବାର ଚାଷୀ ସଙ୍ଗଠକବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଢେଇକେଲା,ରେମତା, ପିଥିଣ୍ଡା, କନକତୋରା, ବାଦିମାଲ, ଚାରପାଲି, ବଞ୍ଜାରୀ, ଲଖନପୁର ଓ କୁଡାଲୋଇ ଆଦି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ । ଚାଷୀମାନଙ୍କ ମଧ୍ୟରେ ପଞ୍ଚାନନ ପ୍ରଧାନ, ଲଳିତ ପ୍ରଧାନ, ଅଲେଖ ସାହୁ, ବିରଞ୍ଚି ସାହୁ, ଫକୀର ଖାନ୍, ଭବାନୀ ଶଙ୍କର ବାଗ୍, ଟିକେଲାଲ ପ୍ରଧାନ, ସୌକିଲାଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଲଖନପୁର ବ୍ଲକ୍‌ରେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷ କ୍ଷତିଗ୍ରସ୍ତ ହେଉଛି । ଏନେଇ ଚାଷୀ ସଙ୍ଗଠିତ ହୋଇ ନିଜର ହକ୍‌ପାଇଁ ଲଢେଇ କରିବା ଆବଶ୍ୟକ ରହିଛି । ଏଥିପାଇଁ ଲଖନପୁର ବ୍ଲକ୍‌ରେ ଏକ ସୁଦୃଢ ଚାଷୀ ସଙ୍ଗଠନ ଦରକାର । ଏହି ସଙ୍ଗଠନ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ । ଆଗାମୀ ଦିନରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବୈଠକ କରାଯାଇ ସଙ୍ଗଠନକୁ ସୁଦୃଢ କରାଯିବ ବୋଲି ମତପ୍ରକାଶ ପାଇଛି । ଚଳିତବର୍ଷ ଖରିଫ ଧାନଫସଲ କ୍ଷୟକ୍ଷତିକୁ ନେଇ ଚାଷୀ ସଙ୍ଗଠନ ତରଫରୁ ତହସିଲଦାରଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିମଧ୍ୟରେ ରହିଛି ବ୍ଲକ୍‌କୁ ମରୁଡି ଘୋଷଣା କରାଯାଉ,କୃଷିରଣ ସମ୍ପୂର୍ଣ୍ଣ ଛାଡ କରାଯାଉ, ଲଖନପୁର ବ୍ଲକ୍‌ର ୩୩ ପଞ୍ଚାୟତ ଚାଷ ଜମିକୁ ଜଳସେଚିତ କରିବା, ରବିଋତୁରେ ଚାଷୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ରହିଛି ।

### ଅଜଣା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**କୋଲାବିରା,୩।୧୨(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ କେଲଡାମାଲ ପଞ୍ଚାୟତର କେଲଡାମାଲ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଗଳିତ ଅବସ୍ଥାରେ ପଡିଥିବା ଏକ ଅଜଣା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ମିଳି ପାରି ନାହିଁ । ମୃତକଙ୍କ ବୟସ ୨୫ ରୁ ୩୦ ବର୍ଷ ହେବ ବୋଲି ପୋଲିସ କହିଛି । ସୋମବାର ସକାଳୁ ଧାନ କଟିବାକୁ ଯାଇଥିବା କେଲେଣ୍ଡାମାଲ ଗ୍ରାମର କେତେଜଣ ଲୋକ ଜଙ୍ଗଲ ଭିତରୁ ଉତ୍କଟ ଗନ୍ଧ ଆସୁଥିବା କହିଥିଲେ । କୌଣସି ଜଙ୍ଗଲି ପଶୁ ମରି ପଡିଥିବ ଭାବି ଜଙ୍ଗଲ ଭିତରକୁ ସେମାନେ ଯାଇଥିଲେ । ମାତ୍ର ସେଠାରେ ଜଣେ ମହିଳାଙ୍କ ମୃତଦେହ ଗଳିତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । କୋଲାବିରା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତଦେହକୁ ଜିଲା ମୁଖ୍ୟଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ଏହା ଆତ୍ମହତ୍ୟା ନା ହତ୍ୟା ସେ ସଂକ୍ରାନ୍ତରେ କୌଣସି ତଥ୍ୟ ମିଳିନାହିଁ।

### ବାଇକ୍ ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ

**ଖଡିଆଳ,୩।୧୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରଠାରୁ ୫ କି.ମି. ଦୂର ନୂଆପଡା ଯିବା ରାସ୍ତା ଜେଭିଆର୍ କମ୍ପାନୀରୟ କ୍ୟାମ୍ପ ଅଫିସ ସମ୍ମୁଖ ୩୫୩ ନଂ. ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ଯୁବକଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ମୃତକଙ୍କ ନାମ କାନ୍ତ ମାଝି (୨୨) ତାଙ୍କ ଘର ଖଡିଆଳ ଥାନା ଦେଓବାହାଲ ଗାଁରେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ କାନ୍ତ ନିଜର ଅନ୍ୟ ଏକ ସାଥି ସହ ଏକ ବାଇକ ଯୋଗେ ଖଡିଆଳରୁ ନିଜ ଗାଁ ଦେଓବାହାଲକୁ ସନ୍ଧ୍ୟାରେ ଯାଉଥିଲେ । ଜେଭିଆର କମ୍ପାନୀ କ୍ୟାମ୍ପ ଅଫିସ ସମ୍ମୁଖରେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ପଛପଟେ ବସିଥିବା ଅନ୍ୟ ସାଥି ସୁରକ୍ଷିତ ଥିବା ବେଳେ କାନ୍ତ ଗୁରୁତର ଅବସ୍ଥାରେ ସ୍ଥାନୀୟ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହନ୍ତି

**ରେଢ଼ାଖୋଲ,୩।୧୨(ଡି.ଏନ.ଏ.)**

ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହନ୍ତି। ଦୃଢ ଇଛା ଶକ୍ତି ଓ ମନୋବଳ ଯୋଗୁ ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି। ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସୋମବାର ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତପୋଷଣ କରିଛନ୍ତି। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧକ୍ଷ ତଥା ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ବିଶିକେସନ ଦେହୁରୀ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ବିପିନ ବିହାରୀ ସାହୁ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମମାନଙ୍କ ପାଇଁ ଥିବା ବିଭିନ୍ନ ଆଇନଗତ ସାହାଯ୍ୟ ଓ ସହାୟତା ଉପରେ ସବଜଜ ଆଲୋଚନା କରିଥିଲେ। ଉପଜିଲାପାଳ ଦେହୁରୀ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଯୋଗାଇ ଦିଆଯାଉଥିବା ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ କହିଥିଲେ। ସଭାରେ ବରିଷ୍ଠ ନାଗରିକ ସମିତିର ବିବେକା ମହାକୁଡ, ରଘୁନାଥ ମିଶ୍ର, ପ୍ରମୋଦ ପ୍ରଧାନ, ବିଜୟ ମହାନ୍ତି, ଭୁବନେଶ୍ୱର ପ୍ରଧାନ, ଭାସ୍କର ପ୍ରଧାନ, ଲଳିତ ମୋହନ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ। ଜେଏଚଏମ ଶିବାନୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।



ଭିନ୍ନକ୍ଷମ ଦିବସ ପାଳନ ସଭାରେ ଯୋଗଦେଇଥିବା ଅତିଥିମାନେ ।

# ଅଭିଭାବିକାଙ୍କ ଜିଲାପାଳଙ୍କୁ ଫେରାଦ

**ନୂଆପଡା ଅଫିସ,୩।୧୨**

ନୂଆପଡା ଏକ ମାଓବାଦୀ ପ୍ରବଣ ଜିଲା ହୋଇଥିବା ବେଳେ ଏଠିକାର ଶିକ୍ଷା ବ୍ୟବସ୍ଥା ଅତି ନିମ୍ନରେ ରହିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଏଠାରେ ଆଜକୁ ୮ ବର୍ଷ ତଳେ ଏକ କେନ୍ଦ୍ରୀୟ ବିଦ୍ୟାଳୟର ଆରମ୍ଭ କରିଥିଲେ । ଏହା ଏହି ସମୟ ମଧ୍ୟରେ ଏଠିକାର ଶିକ୍ଷାର ମାନ ବହୁ ଉଚ୍ଚକୁ ଯାଇ ପାରିଛି । ହେଲେ ଯେଉଁ ପରିମାଣରେ ଏହାକୁ ସରକାର ମାନ୍ୟତା ଦେଇ ପିଲାଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେବା କଥା, ସେଥିରୁ ଏହି ବିଦ୍ୟାଳୟର ବଞ୍ଚିତ ରହୁଛି। ଫଳରେ କୋମଳମତି ଶିଶୁମାନେ ନିଜର ଶିଶୁ ଅଧିକାରରୁ ବଞ୍ଚିତ ରହୁଛନ୍ତି ବୋଲି ସୋମବାର ଛାତ୍ରୀଛାତ୍ରମାନଙ୍କ ମା'ମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ଜଣାଇଛନ୍ତି। ଜିଲାପାଳ ନିଜେ ହସ୍ତକ୍ଷେପ କରି ଏହା ଉପରେ ଦୃଷ୍ଟି ଦେବା ସହ ଏହାକୁ ଏକ ହାର୍ଡ ଷ୍ଟେଶନର ମାନ୍ୟତା ଦେବାକୁ ଦାବି କରିଛନ୍ତି ।

ଏହି ବିଦ୍ୟାଳୟରେ ପିଲାମାନଙ୍କ ରେଜଲ୍ଟ ଶତ ପ୍ରତିଶତ ଆସୁଥିବାବେଳେ ଏକ ସ୍ୱୟଂ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ବିଦ୍ୟାଳୟର ମାନ୍ୟତା ପାଇବାର ସମସ୍ତ ଯୋଗ୍ୟତା ହାସଲ କରିଛି । ଏହା ସତ୍ତ୍ୱେ ଏହାକୁ ଏକ ହାର୍ଡ ଷ୍ଟେଶନର ମାନ୍ୟତା ଦେବା କଥା । ତାହା ହେଉନାହିଁ । ଫଳରେ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ହୋଇପାରୁନାହି କି ଉଚ୍ଚ ମାଧ୍ୟମିକ ଶିକ୍ଷାର ବ୍ୟବସ୍ଥା ନ ଥିବାରୁ ଏଠିକାର ଗରିବ ପିଲାମାନେ ଭୁବନେଶ୍ୱର କିବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଏଠାରେ ପାଣ୍ଠି ଅଭାବ ବୋଲି ଉଚ୍ଚ ମାନର ଲାବୋରେଟରୀ କି ଖେଳ ସାମଗ୍ରୀ ପାଇବାରୁ ପିଲା ବଞ୍ଚିତ ରହୁଛନ୍ତି । ଗତ ରବିବାର ପେରେଣ୍ଟ ଟିଚର ବୈଠକରେ ପିଲାମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ଏବଂ ସାଇନ୍ସ ପ୍ରାକ୍ଟିକାଲରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରଣ କରୁଥିବାବେଳେ ପ୍ରାୟ ୭୦ % ପିଲା ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରୁ ନ ଥିବା ଆଲୋଚନା ହୋଇଥିଲା । ଏହା ଉପରେ ଜିଲାପାଳ ଖୋଦ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଅଭିଭାବକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଭିଭାବିକାମାନଙ୍କ ମଧ୍ୟରେ ସୁଦେଷ୍ଣା ମହାପାତ୍ର, ଯାଜ୍ଞସେନୀ ମହାପାତ୍ର, ରଶ୍ମୀଲତା ଦାସ, ଟୁନି ପଣ୍ଡା, ଜୟଶ୍ରୀ ପଣ୍ଡା, ସୁଧାମୟୀ ମୁଗୁରୀ, ନନ୍ଦିନୀ ହୋତା, ପ୍ରତିଭା ହୋତା ପ୍ରମୁଖ ସାମିଲ ଥିଲେ।



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଆଗରେ ଅଭିଭାବିକାମାନେ ।

**କେନ୍ଦ୍ରୀୟ ବିଦ୍ୟାଳୟରେ ଅବ୍ୟବସ୍ଥା**

- ହାର୍ଡ ଷ୍ଟେଶନ କରିବାରୁ ବଞ୍ଚିତ
- ଶିଶୁ ଅଧିକାରୀ କ୍ଷୁଣ୍ଣ ହେଉଛି



ପଡ଼ି ପଡ଼ି କଳଙ୍କି ଲାଗି କ୍ଷୟହେବା ଅପେକ୍ଷା
କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ

**ଖଡିଆଳ,୩।୧୨(ଡି.ଏନ.ଏ.)**
ନୂଆପଡା ଜିଲା ଖଡିଆଳ ସହରଠାରୁ ୫ କି.ମି. ଦୂର ନୂଆପଡା ଯିବା ରାସ୍ତା ଜେଭିଆର୍ କମ୍ପାନୀରୟ କ୍ୟାମ୍ପ ଅଫିସ ସମ୍ମୁଖ ୩୫୩ ନଂ. ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ଯୁବକଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ମୃତକଙ୍କ ନାମ କାନ୍ତ ମାଝି (୨୨) ତାଙ୍କ ଘର ଖଡିଆଳ ଥାନା ଦେଓବାହାଲ ଗାଁରେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ କାନ୍ତ ନିଜର ଅନ୍ୟ ଏକ ସାଥି ସହ ଏକ ବାଇକ ଯୋଗେ ଖଡିଆଳରୁ ନିଜ ଗାଁ ଦେଓବାହାଲକୁ ସନ୍ଧ୍ୟାରେ ଯାଉଥିଲେ । ଜେଭିଆର କମ୍ପାନୀ କ୍ୟାମ୍ପ ଅଫିସ ସମ୍ମୁଖରେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ପଛପଟେ ବସିଥିବା ଅନ୍ୟ ସାଥି ସୁରକ୍ଷିତ ଥିବା ବେଳେ କାନ୍ତ ଗୁରୁତର ଅବସ୍ଥାରେ ସ୍ଥାନୀୟ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ପିଆଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଜୁନାଗଡ,୩।୧୨(ସ୍ୱ.ପ୍ର.)**
ଜୁନାଗଡ ପ୍ରିୟ ଦର୍ଶିନୀ ଇନ୍ଦିରା କଲେଜର ବାର୍ଷିକ କ୍ରିଡା ସୋମବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଉଦଘାଟିତ ହୋଇଛି। ପ୍ରଥମ କରି ପୁରାତନ ଛାତ୍ରଙ୍କୁ ଏହି ଅବସରରେ ଯୋଡିବା ପାଇଁ ପୁରାତନ ଛାତ୍ର ଦ୍ୱାରା ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ରମାନେ ବୁଲେଟ ରାଲିରେ ଲଙ୍କେଶ୍ୱରୀ ମନ୍ଦିରରୁ ମଶାଲ ଧରି ଷ୍ଟାଡିୟ୍ କୁ ଆସିବା ପରେ ମୁଖ୍ୟଅତିଥି ଜୁନାଗଡ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ଦେହୁରୀ ମଶାଲ ଗ୍ରହଣ କରିବା ସହିତ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବରେ କ୍ରିଡା ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ କଲେଜ ଅଧକ୍ଷ ବିଭୁତି ଭୁଷଣ ମେହେରଙ୍କ ସଭାପତିତ୍ୱରେ ପଦ୍ମମୁଖୀ ଚଲାନ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଧାପକ ସରୋଜ ଠାକୁର, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ବିଶ୍ୱ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କ୍ରୀଡା ଦୁଇ ଦିନ ଧରି ଚାଲିବ।

### ଏସ୍‌ଏସ୍‌ଜି ମହିଳାଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ

**ଭବାନୀପାଟଣା,୩।୧୨(ଡି.ଏନ.ଏ.)**
ଜାତୀୟ ସହରାଞ୍ଚଳ ଜିବିକା ମିଶନ ଅନ୍ତର୍ଗତ ଭବାନୀପାଟଣା ପୌର ପରିଷଦ ତରଫରୁ ୪୦ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପରିଭ୍ରମଣ ସକାଶେ ପୁରୀ, ଭୁବନେଶ୍ୱର ଗତ ରବିବାର ରାତିରେ ଯାଇଛନ୍ତି। କାର୍ଯ୍ୟକ୍ରମରେ ସେଠାରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଭେଟିକିପରି ମହିଳାମାନେ ନିଜେ ସକ୍ଷମ ହୋଇ ପାରିଛନ୍ତି ସେହିବିଷୟରେ ଅନୁଧ୍ୟାନ କରିବେ। ଏଥିରେ ମୁଖ୍ୟଅତିଥି ବିଧାୟକ ଭବାନୀପାଟଣା ଅନାମ ନାଏକ, ପୌର ପାଳିକା ଅଧକ୍ଷ ଆଦିତ୍ୟ ନନ୍ଦ, ପୌରପାଳିକା ନିର୍ବାହି ଅଧିକାରୀ ବିଶ୍ୱମ୍ବର ମିଶ୍ର, ଗୋଷ୍ଠୀ ସାଙ୍ଗଠିକ ଗୀତା ଦାସ, ପରିଚାଳକ ଜିତେନ୍ଦ୍ର ଦାସ, ସୌମ୍ୟରଞ୍ଜନ ନାୟକ ଓ ସମସ୍ତ ପୌରପାଳିକା କର୍ମଚାରୀ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠି ମହିଳାଙ୍କୁ ସମ୍ବର୍ଦ୍ଧନା ଦେଇ ଥିଲେ।

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

# ମଣ୍ଡିରେ ପଡ଼ିଛି ୩ ହଜାର ବସ୍ତା ଧାନ

**ନୂଆପଡା ଅଫିସ,୩।୧୨**

ରାଜ୍ୟ ସରକାର ଚାଷୀଙ୍କୁ ଠିକ ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ପାଇଁ ବାରମ୍ବାର ବୈଠକ କରୁଥିବାବେଳେ ମିଲର୍ସ ଏବଂ ବିଭାଗୀୟ ଅଧିକାରୀ ମଧୁଚନ୍ଦ୍ରିକା କରି ଚାଷୀଙ୍କୁ ହଇରାଣ କରିବାର ନାଟକ ଭିଆଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସ୍ଥାନୀୟ କୋଦୋମେରୀ ମଣ୍ଡିରେ ଧାନ କିଣା ଆରମ୍ଭ ଦିନଠାରୁ ମିଲର୍ସ ଆସୁ ନ ଥିବାରୁ ୩ ହଜାର ବସ୍ତା ଧାନ ପଡିରହିଛି । ବିଭାଗୀୟ ଅଧିକାରୀମାନେ କିଛି ନ ଶୁଣିବାରୁ ଶେଷରେ ସୋମବାର ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ପ୍ରକାଶ ଯେ, ଆଜକୁ ୩ ଦିନ ତଳେ ଗତ ଶୁକ୍ରବାରଠାରୁ ଧାନ କିଣା ଆରମ୍ଭ ହୋଇଛି । ସ୍ଥାନୀୟ ଚାଷୀମାନେ ଦିନ ପରେ ଦିନ ଧାନ ଆଣି ଚାଲିଥିବାବେଳେ ମିଲର୍ସମାନେ ଆସୁନାହାନ୍ତି । ଚାଷୀମାନେ ପ୍ରଚଣ୍ଡ ଶୀତରେ ଦିନରାତି ଜଗି ରହୁଛନ୍ତି। ମୋଟ ୩୫ ଜଣ ଚାଷୀଙ୍କର ୧୫ ଶହ କୁଇଣ୍ଟାଲ ଅର୍ଥାତ ୩ ହଜାର ବସ୍ତା ଧାନ ଜମା ହୋଇଛି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୋଦୋମେରୀ ଗାଁର ଚାଷୀମାନେ ।

ଏହି ମଣ୍ଡି ପାଇଁ ଦୁଇଟି ରାଇସ ମିଲ ଯଥା ଶାନ୍ତି ବିଜୟ ଏବଂ ବୀର ବଜରଙ୍ଗବଳି ମିଲର୍ସଙ୍କୁ ଅବସ୍ଥାପିତ କରାଯାଇଛି। ସରକାର ଧାନ କିଣାକୁ ସେବା ସମବାୟ ସମିତି (ପ୍ୟାକ୍ସ)ଜରିଆରେ ନିଶ୍ଚିତ କରିବାକୁ କହୁଥିବାବେଳେ ଏଠାରେ ମିଲର୍ସମାନେ ରାଜ କରୁଥି ଅଭିଯୋଗ ହୋଇଛି। ତେବେ ଏହାକୁ ନେଇ ପ୍ୟାକ୍ସ କର୍ମକର୍ତ୍ତା ଏବଂ ଚାଷୀମାନେ ନୂଆପଡା ଆସି ଜିଲାପାଳ ଡା.ପୋମା ଟୁଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଏହା ଉପରେ ଦୃଷ୍ଟି ଦେବା ସହ ତୁରନ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ କରିବା ପରେ ଯୋଗାଣ ବିଭାଗ କର୍ମଚାରୀମାନେ କୋଦୋମେରୀ ମଣ୍ଡିକୁ ଯାଇଥିବା ପ୍ୟାକ୍ସ ସଭାପତି ପ୍ରକାଶ କୁମାର ପ୍ରଧାନ କହିଛନ୍ତି । ତେବେ ଜିଲାପାଳଙ୍କୁ ଭେଟିବାକୁ ଚାଷୀମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଅସୀତ କୁମାର ପୁଞ୍ଜି, ଜଗଦିଶ ସାହୁ, ଗଣେଶ ରାମ ଦଣ୍ଡସେନା, ଦିରେଶ ସାହୁ, ଶଙ୍କରଲାଲ ସାହୁ, ଗୁଲାପ ସାହୁ, ନନ୍ଦ କୁମାର ସାହୁ ପ୍ରମୁଖ ନୂଆପଡା ଆସିଥିଲେ । ଏଭଳି ସ୍ଥିତି ମୋଟା ନୂଆପଡା, ଅମାନାରା ଏବଂ ନୂଆପଡା ମଣ୍ଡିରେ ମଧ୍ୟ ହୋଇଛି । ଏହା ଉପରେ ଖୋଦ ଜିଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

**କୋଦୋମେରୀ ମଣ୍ଡି**
- ମିଲର୍ସଙ୍କ ଦେଖା ନାହିଁ
- ଅଧିକାରୀ ଚୁପ୍‌ହୋଇ ବସିଛନ୍ତି

## ଦ୍ରୋଣାଚାର୍ଯ୍ୟ ସ୍କୁଲର ୧୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**କେସିଙ୍ଗା,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କେନ୍ଦୁପଡାସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲର ୧୩ତମ ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେସିଙ୍ଗା ସହରର ୨୩ଟି ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟା, ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଖବରଦାତା ଏଥିରେ ସାମିଲ ହୋଇ କେସିଙ୍ଗା ଗୌରିଶଙ୍କର ମନ୍ଦିରଠାରୁ ଏକ ବିଶାଳ ମଶାଲ ଶୁଭାରମ୍ଭ ହୋଇ ବିଭିନ୍ନ ଛକଠାରେ ସ୍ୱାଗତ କରାଯାଇ ଗଣ ଦୌଡ କରାଯାଇଥିଲା। ଏହି ମଶାଲ ଯାତ୍ରା ଗୌରିଶଙ୍କର ମନ୍ଦିରଠାରୁ କେନ୍ଦୁପଡାସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲ ପର୍ଯ୍ୟନ୍ତ ସାଢ଼େ ୮ କି.ମି. ଯାଏ ମଶାଲ ଯାତ୍ରା ସହ ଗଣଦୌଡ ହୋଇଥିଲା । ଶେଷରେ ସ୍କୁଲ ଖେଳ ପଡିଆଠାରେ ସ୍କୁଲ ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କ ଦ୍ୱାରା ମଶାଲ ସ୍ଥାପନ କରାଯାଇଥିଲା । ଏହି ଉପଲକ୍ଷେ ଅଧକ୍ଷା ପତାକା ଉତ୍ତୋଳନ କରି ୧୦୦ ମିଟର ରନ୍ ପ୍ରଥମେ ଶୁଭାରମ୍ଭ କରିଥିଲେ । ଏହି ଖେଳରେ ବରିଷ୍ଠ ଖବରଦାତା ତୁମେଶ୍ୱର ସାହୁ ଖେଳାଳିମାନଙ୍କ ସହ ହାତ ମିଳାଇ ଖେଳାଳୀମାନଙ୍କ ପରିଚୟ ଗ୍ରହଣ କରିଥିଲେ । ଏହି ୧୩ତମ ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଚାଲିବ ।



ଦ୍ରୋଣାଚାର୍ଯ୍ୟ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ମଶାଲ ଯାତ୍ରା ।

ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ

## ତାଲୁକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ତାଲୁକ ଆଇନ ସେବା ସମିତି ତରଫରୁ ସୋମବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ସ୍ଥାନୀୟ ସିଭିଲ କୋର୍ଟ ପରିସରଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଦିବ୍ୟାଙ୍ଗମାନଙ୍କ ମନୋବଳ ବଢାଇବା ତଥା ସମାଜରେ ଜନ ସାଧାରଣମାନଙ୍କ ଦିବ୍ୟାଙ୍ଗ ପ୍ରତି ଥିବା ଭୂମିକା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ କରାଯାଇଥିଲା । ଏହି ଅବସରରେ ଚୌଧୁରୀ ଉପସ୍ଥିତ ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିବା ସହିତ ଦିବ୍ୟାଙ୍ଗମାନଙ୍କ ଆଇନଗତ ଅଧିକାର ଉପରେ କହିଥିଲେ। ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ସିଭିଲ ଜଜ୍ ଅରବିନ୍ଦ ରଥ ଯୋଗଦାନ କରି ଦିବ୍ୟାଙ୍ଗମାନଙ୍କ ପାଇଁ ଆଇନ ତରଫରୁ ଦିଆଯାଉଥିବା ସୁବିଧା ତଥା ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋବେସନ ବିଚାରପତି ଅଞ୍ଜୁ ସାହୁ, ବରିଷ୍ଠ ଆଇନଜୀବୀ ମିହିର ରଞ୍ଜନ ପଟ୍ଟଯୋଷୀ, ସଂଯୁକ୍ତା ପଣ୍ଡା, ରିଟେନର ଅଶୋକ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅଞ୍ଚଳର ବହୁ ଦିବ୍ୟାଙ୍ଗମାନେ ଯୋଗଦେଇଥିଲେ।




ବିଶ୍ୱ ଭିନ୍ନକ୍ଷମ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ୧୯୯୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଭବାନୀପାଟଣା,୩।୧୨(ଡି.ଏନ.ଏ.)**

ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲର ୧୯୯୦ ମାଟ୍ରିକ୍ ବ୍ୟାଚ୍‌ର ୨ୟ ବନ୍ଧୁମିଳନ ରବିବାର ସ୍ଥାନୀୟ ରାରଣ ଦରୋଠାରେ ଅନୁଷ୍ଠିତ ହେଇଯାଇଥିଲା। ଏଠାରେ ୧୧୦ ଜଣ ପୁରୁଣା ସାଙ୍ଗ ସାମିଲ ହେଇଥିଲେ । ରାହେଶ କୁମାର ଦାସ, ବିକାଶ ରଞ୍ଜନ କର, ଅଜିତ୍ ସାହୁ, କାହ୍ନୁ ଅଗ୍ରୱାଲ୍, ବିକାଶ ବାବୁ ଓ ପ୍ରବୀଣ କୁମାର ଦାସଙ୍କ ତତ୍ତ୍ୱବଧାନରେ ଏହା ହୋଇଥିଲା । କଳାହାଣ୍ଡି ଏବଂ କଳାହାଣ୍ଡି ବାହାରୁ ମଧ ଆସି ଏହି ବନ୍ଧୁମିଳନରେ ଯୋଗଦେଇଥିଲେ। ସ୍ୱର୍ଗତ ସଞ୍ଜୀବ ମହାପାତ୍ର, ସ୍ୱର୍ଗତ ସୁରେଶ ଦୋରା ଓ ସ୍ୱର୍ଗତ ସୁବୋଧ କୁମାର ରାଜପୁର ପ୍ରମୁଖଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଛି । ଦେବେନ୍ଦ୍ର ଦାସ (ଭୁବନେଶ୍ୱର) ଓ ସନ୍ତୋଷ ମିଶ୍ର (ଝାରସୁଗୁଡା)ରୁ ଆସି ଏହି ବନ୍ଧୁ ମିଳନକୁ ଆହୁରୀ ହର୍ଷ ଉଲ୍ଲାସ କରିଥିଲେ। ଏହି ବନ୍ଧୁମିଳନରେ ସମସ୍ତେ ମିସି ଏକ ଏକ ଜମାଖାତା ଖୋଲି ସେଥିରେ କିଛି କିଛି ଅର୍ଥ ଜମା କରି ଯେଉଁ ବନ୍ଧୁମାନଙ୍କ ଆବସ୍ୟକ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମୋ ସ୍କୁଲ ଅଭିଯାନ ଦ୍ୱାରା ନିଜ ସ୍କୁଲର କିଭଳି ବିକାଶ ହେବ ତାହା ମଧ ଆଲୋଚନା କରାଯାଇଥିଲା । ଏଥି ସହିତ ନିଜ ସ୍କୁଲର କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍କୁଲ କିଭଳି ଉନ୍ନତି ହେବ ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା ।

## ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ

**ଖଡିଆଳ,୩।୧୨(ଡି.ଏନ.ଏ.)**

ବିଶ୍ୱ ଅକ୍ଷମତା ଦିବସ ଅବସରରେ ସୋମବାର ଜିଲା ଅକ୍ଷମ ସମିତି ପକ୍ଷରୁ ବ୍ଲକ ଅଫିସ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୬ ଦଫା ଦାବିପତ୍ର ଖଡିଆଳ ବିଡିଓଙ୍କୁ ପ୍ରଦାନ କରାଯାଇଛି । ଶତାଧିକ ସଂଖ୍ୟାରେ ଦିବ୍ୟାଙ୍ଗମାନେ ହାତରେ ପ୍ଲାକାର୍ଡ ସହ ବିଭିନ୍ନ ସ୍ଲୋଗାନ ଦେଇ ଥାନା ଛକଠାରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ଅଧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବ୍ଲକ ଅଫିସ ଘେରାଉ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୬ ଦଫା ଦାବିପତ୍ର ଖଡିଆଳ ବିଡିଓ ଉତ୍ତମ ବାଗଙ୍କୁ ପ୍ରଦାନ କରାଯାଇଥିଲା ।

ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଜିଲା ଅକ୍ଷମ ସମିତି ସଭାପତି ଅଚ୍ୟୁତାନନ୍ଦ ସୁନାନୀଙ୍କ ଅଧକ୍ଷତାରେ ବିଶ୍ୱ ଅକ୍ଷମତା ଦିବସ ପାଳିତ ହୋଇଯାଇଛି । ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ମୁଖ୍ୟଅତିଥି ଏବଂ ଖଡିଆଳ ବ୍ଲକ ଡବ୍ଲୁଇଓ କ୍ଷଣପ୍ରଭା ପାଣିଗ୍ରାହୀ, ଅକ୍ଷମ ସମିତି ସମ୍ପାଦକ ବଗଲା ପ୍ରସାଦ ଶର୍ମା ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିବା ସହ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସବୁ ବର୍ଗର ଲୋକେ ଆଗେଇ ଆସିବା ପାଇଁ ଆହ୍ୱାନ କରାଯାଇଥିଲା ।



ଜିଲା ଅକ୍ଷମ ସମିତି ପକ୍ଷରୁ ସ୍ଥାନୀୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିବା ସହ ବିଶ୍ୱ ଅକ୍ଷମତା ଦିବସ ପାଳନ ଅବସରରେ ହୋଇଥିବା କ୍ରୀଡା ସମେତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ଖଡିଆଳ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ସବଜଜ୍ ସଂଘମିତ୍ରା ଦାଶଙ୍କ ଅଧକ୍ଷତାରେ ବିଶ୍ୱ ଅକ୍ଷମତା ଦିବସ ପାଳିତ ହୋଇଛି । ଏଥିରେ ଜେଏମଏଫସି ମାଜିଷ୍ଟ୍ରେଟ ଶ୍ରଦ୍ଧା ମାଣ୍ଡୋଠିଆ, ତହସିଲଦାର ସିନ୍ଧୁସୁତା ପାତ୍ର, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ବରାଲ, ସଦସ୍ୟ ରାମଚନ୍ଦ୍ର ମିଶ୍ର, ଆଇନଜୀବୀ ବିରଜା ସିଂ ଦଳପତି, ସତ୍ୟନାରାୟଣ ଦାଶ, ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଅଧିକାରର ବିଭିନ୍ନ ଦିଗ ସମେତ ମିଳୁଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଭବେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କେଉଁର ଭୂଷଣ ଭିତରିଆ ମଞ୍ଚ ପରିଚାଳନା କରିଥିଲେ ।

ବିଭିନ୍ନ ଦାବି ମଧରେ ଦିବ୍ୟାଙ୍ଗଙ୍କୁ ମିଳୁଥିବା ମାସିକ ଭତ୍ତା ୩ ଶହରୁ ୧ ହଜାର ଟଙ୍କାକୁ ବୃଦ୍ଧି, ଚାକିରୀ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ପାଇଁ ୫ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା, ପଞ୍ଚାୟତିରାଜରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ୩ ପ୍ରତିଶତ ଆରକ୍ଷଣ, ଗୃହହୀନ ଦିବ୍ୟାଙ୍ଗମାନଙ୍କୁ କ୍ରମାନ୍ୱୟରେ ଇନ୍ଦିରା ଆବାସ, ମୋ କୁଡିଆ ଓ ଜମିପଟ୍ଟା ପ୍ରଦାନ, ନୂଆପଡା ଜିଲାରେ ପ୍ରସ୍ତାବିତ ଜିଲା ଭିନ୍ନକ୍ଷମ ପୁନଃର୍ବାସ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଆଦି ଦାବି କରାଯାଇଛି ।

ଗ୍ରାମୀଣ ଆବାସ ହିତାଧିକାରୀଙ୍କୁ ପ୍ରୋତ୍ସାହନ

## ୧୭୦ହିତାଧିକାରୀଙ୍କୁ ୩୧.୨ଲକ୍ଷ ଟଙ୍କା

**ନୂଆପଡା ଅଫିସ,୩।୧୨**

ସରକାର ଗ୍ରାମାଞ୍ଚଳରେ ସମସ୍ତ ଗୃହହୀନ ହିତାଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ଆବାସ ଯୋଗାଇଦେବାକୁ ଲକ୍ଷ୍ୟ ରଖି ତୁରନ୍ତ ନିର୍ମାଣ କରିବାକୁ ପ୍ରୋତ୍ସାହିତ କରୁଛନ୍ତି । କାର୍ଯ୍ୟାଦେଶର ୪ ମାସ ମଧ୍ୟରେ ନିର୍ମାଣ କଲେ ୨୦ ହଜାର ଟଙ୍କା ଏବଂ ୬ ମାସରେ ନିର୍ମାଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ । ଏହି କ୍ରମରେ ସଦର ବ୍ଲକରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ହିତାଧିକାରୀମାନଙ୍କ ନିରଙ୍କୁଶ ଉଦ୍ୟମ ଫଳରେ ୩ଟି ଗ୍ରାମପଞ୍ଚାୟତରେ ମୋଟ ୧୭୦ଜଣ ହିତାଧିକାରୀ ମାତ୍ର ୪ ମାସ ମଧ୍ୟରେ ଘର ନିର୍ମାଣ କରିଥିବାରୁ ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ବିଡିଓ ସୁନୀଲ କୁମାର କେର୍କେଟା ସଭାପତିତ୍ୱ କରିଥିବାବେଳେ ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟଅତିଥି, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ସହକାରୀ ଯନ୍ତ୍ରୀ ସୀତାକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲାପାଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ହିତାଧିକାରୀମାନଙ୍କୁ ସାଧୁବାଦ ଜଣାଇବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ । ଏହିକ୍ରମରେ ଜଣ ଜଣ କରି ହିତାଧିକାରୀମାନଙ୍କୁ ଚେକ ପ୍ରଦାନ କରିଥିଲେ । କୁଲିହାବନ୍ଧା ଗ୍ରାମପଞ୍ଚାୟତର ୧୦୪ଜଣ ହିତାଧିକାରୀଙ୍କୁ ୧୮ଲକ୍ଷ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିବାବେଳେ ବୋଇରଭାଡି ଗ୍ରାମପଞ୍ଚାୟତ ୫୪ଜଣଙ୍କୁ ୧୦ ଲକ୍ଷ ୭୦ ହଜାର ଟଙ୍କା ଏବଂ କୋଦୋମେରୀର ୧୨ଜଣଙ୍କୁ ୨ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ କୁମାର ସାହୁ, ଚିନ୍ମୟ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ ।



ଜିଲାପାଳ ହିତାଧିକାରୀଙ୍କୁ ପ୍ରୋତ୍ସାହିତ ରାଶି ପ୍ରଦାନ କରୁଛନ୍ତି ।

କେନ୍ଦ୍ରୀୟ ବିଦ୍ୟାଳୟରେ ଅବ୍ୟବସ୍ଥା

## ଅଭିଭାବିକାଙ୍କ ଜିଲାପାଳଙ୍କୁ ଫେରାଦ

**ନୂଆପଡା ଅଫିସ,୩।୧୨**

ନୂଆପଡା ଏକ ମାଓବାଦୀ ପ୍ରବଣ ଜିଲା ହୋଇଥିବା ବେଳେ ଏଠିକାର ଶିକ୍ଷା ବ୍ୟବସ୍ଥା ଅତି ନିମ୍ନରେ ରହିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଏଠାରେ ଆଜକୁ ୮ ବର୍ଷ ତଳେ ଏକ କେନ୍ଦ୍ରୀୟ ବିଦ୍ୟାଳୟର ଆରମ୍ଭ କରିଥିଲେ । ଏହା ଏହି ସମୟ ମଧ୍ୟରେ ଏଠିକାର ଶିକ୍ଷାର ମାନ ବହୁ ଉଚ୍ଚକୁ ଯାଇ ପାରିଛି । ହେଲେ ଯେଉଁ ପରିମାଣରେ ଏହାକୁ ସରକାର ମାନ୍ୟତା ଦେଇ ପିଲାଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେବା କଥା, ସେଥିରୁ ଏହି ବିଦ୍ୟାଳୟର ବଞ୍ଚିତ ରହୁଛି। ଫଳରେ କୋମଳମତି ଶିଶୁମାନେ ନିଜର ଶିଶୁ ଅଧିକାରରୁ ବଞ୍ଚିତ ରହୁଛନ୍ତି ବୋଲି ସୋମବାର ଛାତ୍ରୀଛାତ୍ରମାନଙ୍କ ମା'ମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ଜଣାଇଛନ୍ତି। ଜିଲାପାଳ ନିଜେ ହସ୍ତକ୍ଷେପ କରି ଏହା ଉପରେ ଦୃଷ୍ଟି ଦେବା ସହ ଏହାକୁ ଏକ ହାର୍ଡ ଷ୍ଟେଶନର ମାନ୍ୟତା ଦେବାକୁ ଦାବି କରିଛନ୍ତି ।

ଏହି ବିଦ୍ୟାଳୟରେ ପିଲାମାନଙ୍କ ରେଜଲ୍ଟ ଶତ ପ୍ରତିଶତ ଆସୁଥିବାବେଳେ ଏକ ସ୍ୱଂୟ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ବିଦ୍ୟାଳୟର ମାନ୍ୟତା ପାଇବାର ସମସ୍ତ ଯୋଗ୍ୟତା ହାସଲ କରିଛି । ଏହା ସତ୍ତ୍ୱେ ଏହାକୁ ଏକ ହାର୍ଡ ଷ୍ଟେଶନର ମାନ୍ୟତା ଦେବା କଥା । ତାହା ହେଉନାହିଁ । ଫଳରେ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ହୋଇପାରୁନାହି କି ଉଚ୍ଚ ମାଧ୍ୟମିକ ଶିକ୍ଷାର ବ୍ୟବସ୍ଥା ନ ଥିବାରୁ ଏଠିକାର ଗରିବ ପିଲାମାନେ ଭୁବନେଶ୍ୱର କି ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଏଠାରେ ପାଣ୍ଠି ଅଭାବ ବୋଲି ଉଚ୍ଚ ମାନର ଲାବୋରେଟରୀ କି ଖେଳ ସାମଗ୍ରୀ ପାଇବାରୁ ପିଲା ବଞ୍ଚିତ ରହୁଛନ୍ତି । ଗତ ରବିବାର ପେରେଣ୍ଟ ଟିଚର ବୈଠକରେ ପିଲାମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ଏବଂ ସାଇନ୍ସ ପ୍ରାକ୍ଟିକାଲରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରଣ କରୁଥିବାବେଳେ ପ୍ରାୟ ୭୦ % ପିଲା ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରୁ ନ ଥିବା ଆଲୋଚନା ହୋଇଥିଲା । ଏହା ଉପରେ ଜିଲାପାଳ ଖୋଦ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଅଭିଭାବକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଭିଭାବିକାମାନଙ୍କ ମଧ୍ୟରେ ସୁଦେଷ୍ଣା ମହାପାତ୍ର, ଯାଜ୍ଞସେନୀ ମହାପାତ୍ର, ରଶ୍ମୀଲତା ଦାସ, ଚୁନି ପଣ୍ଡା, ଜୟଶ୍ରୀ ପଣ୍ଡା, ସୁଧାମୟୀ ମୁଗୁରୀ, ନନ୍ଦିନୀ ହୋତା, ପ୍ରତିଭା ହୋତା ପ୍ରମୁଖ ସାମିଲ ଥିଲେ।




ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଆଗରେ ଅଭିଭାବିକାମାନେ ।

- ହାର୍ଡ ଷ୍ଟେଶନ କରିବାରୁ ବଞ୍ଚିତ
- ଶିଶୁ ଅଧିକାରୀ କ୍ଷୁଣ୍ଣ ହେଉଛି



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଜରାସିଂହାରେ ଆନନ୍ଦପର୍ବ ପାଇଁ ବୈଠକ

**ଦେଓଗାଁ,୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାଠାରେ ସତ୍ୟସାଇ ଅନୁଷ୍ଠାନ ତରଫରୁ ଫେଷ୍ଟିଭେଲ୍ ଅଫ୍ ଜୟ ଆନନ୍ଦ ପର୍ବ ପାଳନ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦ ମେହେରଙ୍କ ତତ୍ତ୍ୱାବଧାନରେ ଉକ୍ତ ବୈଠକରେ ଜିଲା ସଭାପତି କ୍ଷୀରୋଦ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ । ରାଜ୍ୟ ବାଳ ବିକାଶ କମିଟି ସଦସ୍ୟ ମନୋଜ ମହାପାତ୍ର, ଜିଲା ଆଧାତ୍ମିକ ସଂଯୋଜିକା ପୁଷ୍ପାଞ୍ଜଳୀ ମେହେର, ଜିଲା ସେବା ସଂଯୋଜକ ଯିତେନ୍ଦ୍ର ପଣ୍ଡା । ଜିଲା ଆଧାତ୍ମିକ ସଂଯୋଜକ ସୁରେନ୍ଦ୍ର ପଧାନ, ଜିଲା ବେଦ ସଂଯୋଜକ ବିନୋଦ ବିହାରୀ ସାହୁ, ପୂର୍ବତନ ତୁଷୁରା ସମିତି ଆବାହକ ରମେଶ ଚନ୍ଦ୍ର ପାଣିଗ୍ରାହୀ, ପିପଲମୁଣ୍ଡା ଭଜନ ମଣ୍ଡଳୀ ଆବାହକ ସରୋଜ ସାହୁ, ଜିଲା କାର୍ଯ୍ୟାଳୟ ସଂଯୋଜକ ପ୍ରଦୀପ୍ତ ତ୍ରିପାଠୀ, ଭଇଁଷା ସକ୍ରୀୟ କର୍ମୀ ଫକୀର ମୋହନ ସାହୁ, ସମ୍ବଲପୁର ସଦସ୍ୟା ସୁନୀତା ମେହେର ପ୍ରମୁଖ ଯୋଗଦେଇଥିଲେ। ଚଳିତ ମାସ ୧୬ରେ ଅନୁଷ୍ଠିତ ହେବାକୁ ଥିବା ପର୍ବର ପ୍ରାକ୍ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଅଞ୍ଚଳର ଛାତ୍ରୀଛାତ୍ର କେମିତି ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ସେ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବିର୍ଦ୍ଧି ଚନ୍ଦ ଅଗ୍ରୱାଲ, ଆବାହକ ଷାଣ୍ଡ, କୃଷ୍ଣ ସାହୁ, ଶରତ ପୁଟେଲ, ସାନ୍ତନୁ ପୁରୋହିତ ଏବଂ ମନିସ ମେହେର ଉପସ୍ଥିତ ଥିଲେ।

### ଫୁଟବଲ ଟୁର୍ନାମେଣ୍ଟ, ଖଇରମାଲ ଚାମ୍ପିୟନ

**ଡୁଙ୍ଗୁରିପାଲି,୩।୧୨:** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗସିରା ଉହ୍ଲମଣି ଯୁବକ ସଂଘ ପକ୍ଷରୁ ତୃତୀୟ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍ଘାଟନୀ ଉତ୍ସବରେ ଡୁଙ୍ଗୁରୁପାଲି ବ୍ଲକ ଅଧକ କମରଧ୍ୱଜ ସାହୁ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡବ୍ଲୁଡିସି ମେମ୍ବର ହିମାଂଶୁ ଶେଖର ବିଶ୍ୱାଳ ଯୋଗ ଦେଇଥିଲେ।

# ସରକାରୀ ସାହାଯ୍ ଆଶ୍‌ରେ ନିସାହା କୁମୁଦିନୀ

**ଲୋଇସିଂହା,୩।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ପଣ୍ଡକିଟାଲ ଗାଁର ବିଧବା କୁମୁଦିନୀ ସାଗର(୪୦)। ତାକର ୪ ନାବାଳିକା ଝିଁ ଭିତ୍ରୁ ଗଲା ବଛର ଝିଁ ନମିତାକେ ହରେଇଥିଲେ। ଦୁଇମାସ ତଲେ ଆପ୍‌ନେ ସବୁଦିନର ଲାଗି ହାତ୍ ଛାଡି ଚାଲିଯାଇଛନ୍। ଏହେଦେ ବାକି ୪ ପିଲାଛୁଆକର ଭବିଷତ୍ ଚିନ୍‌ତାରେ ହରମେଶା ଘାରି ହେଉଛନ୍ କୁମୁଦିନୀ। ଆପ୍‌ନେ ଅଣବିଶ ସାଗର, ଝିଁ ବବିତା(୧୫), କବିତା(୧୪), ସ୍ୱର୍ଗତ ନମିତା, ଅଙ୍କିତା(୭) ଅର ଦିବ୍ୟାଙ୍ଗ ପୁଓ ଶୁଭମ୍(୧୦)କେ ନେଇ ତାକର ହସ୍‌ଖୁସିର ସଁସାର ଥିଲା। ଜମିବାଡ଼ି ନାଇଁଥିବାର ଲାଗି ଦୁଇ ଘଏତାମାଏପୋ କୁଲି ମଜୁରି କରି ପରିବାର ଚଲଉଥିଲେ। ଦୁଇ ବଛର ତଲେ ଅଣବିଶ ପକ୍ଷାଘାତ ରୋଗ୍‌ର ଶିକାର ହେଲେ। ଚିକିସ୍ସା ଲାଗି ତାହାକୁ ବଲାଙ୍ଗୀର ଡାକ୍‌ତରଖାନା ନିଆଯାଇଥିଲା।



**ଆଗଲପୁର ବ୍ଲକ୍**
- ସବୁ ପରକାର ସରକାରୀ ଯୋଜ୍‌ନାରୁ ବଁଚିତ
- ବାପ୍‌କେ ଦେଖ୍‌ବାର ଲାଗି ଆସି ଝିଁ ଚାଲିଗଲେ
- ୨ ମାସ୍ ତଲେ ଆପ୍‌ନେ ଆରପାରକେ ଚାଲିଯାଇଛନ୍

ବଲାଙ୍ଗୀରର ଗୁଟେ ମିଶନ ସ୍କୁଲରେ ପାଠ୍ ପଢୁଥିବାର ଝି ନମିତା ଖବର ପାଇ ବାପାକେ ଦେଖ୍‌ବାର ଲାଗି ଡାକ୍‌ତରଖାନା ଆଏଲେ। ହେଲେ ସେଠାନେ ସେ ନିଜର ଦିହିପା ବିଗ୍‌ଡେଇ ଆରପାରକେ ଚାଲିଗଲେ। ଟଁକା ପଏସା ଅଭାବୁ ଠିକ୍ ହିସାବେ ଚିକିସ୍ତିତ ନାଇଁ ହେଇପାରି କରି ଗଲା ଅକ୍ଟୋବର ୧୨ରେ ଅଣବିଶ ବି ସବୁଦିନର ଲାଗି ଆଏଁଖ୍ ମୁଜିଦେଲେ। ନାବାଲିକ୍ ଝିଁ ଆର ଆପ୍‌ନେକେ ହରେଇ ଭାଂଗି ପଡ଼ିଛନ୍ କୁମୁଦିନୀ। ଏହେଦେ ସାନ ଝିଁ ଅଙ୍କିତା ମା'ର ପାସେ ରହି ଗାଁର ସ୍କୁଲରେ ପାଠ୍ ପଢୁଥିଲା ବେଲେ ବଡ଼ ଝିଁ ବବିତା ଆର ପୁଓ ଶୁଭମ୍ ବଲାଙ୍ଗୀରରେ ଥିବାର ଗୁଟେ ମିଶନ ସ୍କୁଲରେ ରହି ପାଠ୍ ପଢୁଛନ୍। ଦୁତିଅ ଝିଁ କବିତା ଲୋଇସିଂହା ପାସର ବାଞ୍ଜିପାଲିରେ ଥିବାର ମିଶନ ସ୍କୁଲରେ ରହୁଛନ୍। ଆଗ୍‌ରୁ ଲୋଇସିଂହା ଢୋଲମହୁଲରେ ଥିବାର ଆର ପଛେ ବୁର୍ଡା ଗାଁକେ ଉଠିଯାଇଥିବାର ଇଂରାଜୀ ମାଧ୍ୟମିକ ପବ୍ଲିକ ସ୍କୁଲରେ ଶୁଭମ ପାଠ୍ ପଢୁଥିଲେ। ପାଠ୍‌ପଢ଼ା ଷ୍ଟାଇପେଣ୍ଡ ବାବ୍‌ଦେ ଶୁଭମକେ ସ୍କୁଲରୁ ୨୪ ହଜାର ଟଁକା ମିଲବାର ଥିଲା। ଇ ଟଁକା ମିଳିଥିଲେ ଆପ୍‌ନେର ଚିକିସ୍ସାରେ ଲଗାବାର ଆଶ୍ ରଖିଥିଲେ କୁମୁଦିନୀ। ହେଲେ ସ୍କୁଲ କତ୍ତୁରପକ୍ଷ ଧରାଛୁଆଁ ନାଇଁଦେଲେ। ଶେଷେ ଟଁକା ଅଭାବୁ ଚିକିସ୍ସା କରାଇ ନାଇଁପାରି ଆପ୍‌ନେର ମୁର୍ତ୍ତୁ ହେଇଥିବାର କୁମୁଦିନୀ ଅଭିଯୋଗ କରିଛନ୍। ସେ ରହୁଥିବାର ଘର ବି ଭଂଗା ଦଦ୍‌ରା ହେଇ ପଡ଼ିଛେ, ପଲିଥିନ ଢ଼ାପି ରହୁଛନ୍। ବର୍ଷାଦିନେ ଘର ଭିତ୍‌ରେ ପାଏନ୍ ଦରହ ଛୁଟିଯାଉଛେ। ଦୁଖି ପରିବାର ଉପ୍‌ରେ ଜିଲା ପର୍‌ଶାସନ ଦୁରୁଷ୍ଟି ଦେଇ ସରକାରୀ ଯୋଜ୍‌ନାରେ ଘରଖଁଡେ, ଅନ୍ତ୍ୟୋଦୟ ଯୋଜ୍‌ନାରେ ଚାଉଲ, ବିଧବା ଭତା ଆର୍ ଆପ୍‌ନେ ଗଲା ଉତାରୁ ସେ ପାଏବାକେ ଥିବାର ପରିବାର ମଙ୍ଗଳ ଯୋଜ୍‌ନାର ସାହାଯ୍ ଯୁଗେଇ ଦେବାକେ କୁମୁଦିନୀ ଦାବି କରିଛନ୍।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚାଲିଚାଲି ଯେଉଁଠି
ଘୋଡ଼ା ଦଉଡ଼ି ଦଉଡ଼ି ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରନ୍ତି। ଧୀରେ ସୁସ୍ଥେ ଏକନିଷ୍ଠ ହୋଇ କାର୍ଯ୍ୟକଲେ ସଫଳତା ହାସଲ କରିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାକିମ ଉଠିଗଲେ ବି
ହୁକୁମ ଉଠେ ନାହିଁ ।**

ପଦବୀଧାରୀ ପରିବର୍ତ୍ତିତ ହୁଏ। କିନ୍ତୁ ପଦାସନ ସେମିତି ପଡ଼ିରହିଥାଏ। ପଦ ଓ ଆସନ ଖାଲି ପଡ଼ି ନ ଥାଏ। ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଂକୃତ କରିଥାନ୍ତି। ହୁକୁମ ବା ନିୟମର ସ୍ଥାୟିତ୍ୱ ବେଶି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରାମଲୀଳା କଳାକାରଙ୍କ ଭେଟ୍‌ଘାଟ୍

**ଦେଓଗାଁ,୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ରାମଲୀଳା କଳାକାର ସଂଘର ରବିବାର ଏକ ବନ୍ଧୁ ମିଳନ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୃସିଂହନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ସଂଘର ୨୦ଜଣ ସଭ୍ୟ ସପରିବାର ସହ ନୃସିଂହନାଥ ମନ୍ଦିର ପରିଦର୍ଶନ କରିଥିଲେ । ଶରତ ପୁଟେଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ କଳାର ବିକାଶ ପାଇଁ ସମସ୍ତ କଳାକାର ସତଚେଷ୍ଟିତ ରହିବା ସହ ଆଗାମୀ ପିଢୀ କେମିତି ଏହି କଳାକୁ ବଞ୍ଚାଇ ରଖିବେ ସେ ଉପରେ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ ପାଇଥିଲା । ସୁରଥ ଧରୁଆଙ୍କ ସଂଯୋଜନାରେ ନୀଳାଞ୍ଚଳ ମେହେର, ମୁଖ୍ୟବକ୍ତା ଭାବେ ମାଷ୍ଟର ଶୂନ୍ୟବାଣୀ ପଧାନୀ, ସମ୍ପାଦକ ରମାକାନ୍ତ ମିଶ୍ର, ମୁଖ୍ୟ ଭଜନ ଗାୟକ ଆର୍ତ୍ତତ୍ରାଣ ନାଗ, ରାମଚନ୍ଦ୍ର ବିଶ୍ୱାଳ, ଚୈତନ୍ୟ ମେହେର, ସାଇ ଗାୟତ୍ରୀ ପୁଟେଲ ଏବଂ ନନ୍ଦିନୀ ପୁଟେଲ ଭଜନ ଗାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ସମସ୍ତ କଳାକାରମାନଙ୍କ ପରିବାର ଏକତ୍ର ହୋଇ ନୃସିଂହନାଥ ବାବାଙ୍କ ମନ୍ଦିର ପରିସରରେ ଭେଟଘାଟ ଉତ୍ସବ ରଖାଯାଇଥିଲା। ପରେ ହରିଶଙ୍କର ମନ୍ଦିର ଦର୍ଶନ କରିବା ପାଇଁ ବାହାରିଥିଲେ । ଉକ୍ତ ଉତ୍ସବରେ ଆର୍ତ୍ତତ୍ରାଣ ନାଗ, ରମାକାନ୍ତ ମିଶ୍ର, ରାମଚନ୍ଦ୍ର ବିଶ୍ୱାଳ, ରିଦ୍ଧି ଶିଦ୍ଧି ମେହେର, ସମାରୁ ମେହେର, ସୁରଥ ଧରୁଆ, ବିରାଟ ଏବଂ ବିଦ୍ୟାଧର, ଚୈତନ୍ୟ ମେହେର, ଶରତ ପୁଟେଲ, ପ୍ରେମଜୀ ବଶ୍ୱାଳ, ଡୋଳାମଣୀ ବିଶ୍ୱାଳ, ସଚିଦାନନ୍ଦ ବିଶ୍ୱାଳ ଏବଂ ଗେଥଳ ମଲ୍ଲିକଙ୍କ ପରିବାର ଉପସ୍ଥିତ ଥିଲେ ।

# ଭାଜପାର ଜନପରାମର୍ଶ ପଦଯାତ୍ରା

**ମୁରିବାହାଲ,୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଭାରତୀୟ ଜନତା ପାର୍ଟି ଶାଖା ପକ୍ଷରୁ ରବିବାର ୨୭ନମ୍ବର ମୁରିବାହାଲ ଜୋନର ଚଳକି ଗ୍ରାମ ପଞ୍ଚାୟତ କର୍ଲା ଗ୍ରାମଠାରୁ ଜନ ପରାମର୍ଶ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ମୁରିବାହାଲ ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତର ୧୦୮ଟି ବୁଥକୁ ପଦଯାତ୍ରା ମାଧ୍ୟମରେ ଆରମ୍ଭ ହୋଇଥିବା ଜନପରାମର୍ଶ ପଦଯାତ୍ରା କର୍ଲା ଗ୍ରାମଠାରୁ ଶୁଭାରମ୍ଭ ହୋଇଥିଲା । ପ୍ରାରମ୍ଭରେ ଗ୍ରାମର ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇ ମୋର ଆଶାନୂଆଁ ଓଡିଶା ସ୍ଲୋଗାନ ଦେଇ ପଦଯାତ୍ରା ଆରମ୍ଭ କରାଯାଇଥିଲା । ଏହି ଅବସରରେ ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ଶିବାଜୀ ମହାନ୍ତି, କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ହୃତାସନ ବଗର୍ତ୍ତି, ଜିଲା ଉପସଭାପତି ଲକ୍ଷ୍ମଣ ବାଗ, ଅଶୋକ ଦାସ, ମୋହନ ଶର୍ମା, ପରମାନନ୍ଦ ହାତୀ, ନିର୍ବାଚନ ପ୍ରଭାରୀ ଶୈଳବାଳା ବାଗ, ଜିଲାପରିଷଦ ସଭ୍ୟ ସ୍ମୃତିଧାରା ମହାପାତ୍ର ପ୍ରମୁଖ ଯୋଗଦେଇ ଜନ ପରାମର୍ଶ ଯାତ୍ରାର ଉଦ୍ଦେଶ୍ୟ ଏବଂ ଜନସାଧାରଣଙ୍କୁ ଏକପତ୍ର ମାଧ୍ୟମରେ ୩ଟି ପ୍ରସ୍ତାବ ଦେବା ପାଇଁ ଏକ ଲିଫ୍ଲେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀବତ୍ସ ବେହେରାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ନାରାୟଣ ସାହୁ, ମଣ୍ଡଳ ସଭାପତି ବାଳକୃଷ୍ଣ ପୁଟେଲ, ଟୁନୁ ସରାଫ, ମହାଦେବ ସାହାଣୀ, ରାମୁ କୁମ୍ଭାର, ସରପଞ୍ଚ ଦିବ୍ୟଲୋଚନ ବୁଡେକ, ଶୁରେଶ ଭୋଇ, ବସନ୍ତ ସେଲମା, ମକୁନ୍ଦ ବଗର୍ତ୍ତି, କୁନ୍ତି ବନଛୋର ପ୍ରମୁଖ ସହଯୋଗ କରିଥିଲେ ।




ଜନ ପରାମର୍ଶ ପଦଯାତ୍ରାରେ ଯୋଗଦେଇଥିବା କର୍ମୀ।

### ଲଡୁଗାଁ ଯୁକ୍ତ ୨ କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଲଡୁଗାଁ,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ଯୁକ୍ତ ୨ କଲେଜ ଆନୁକୂଲ୍ୟରେ ୧୨ ଦିବସୀୟ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରେମାନନ୍ଦ ସାହା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଲଡୁଗାଁ ସରପଞ୍ଚ କହ୍ନେଇଚରଣ ଦାସ ଯୋଗଦେଇଥିଲେ । ଯୁବ ରେଡକ୍ରସ ପରାମର୍ଶଦାତା ତଥା ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପିକା କଲ୍ୟାଣି ମହାନ୍ତି ଶିବିରର ଅଭିମୁଖ୍ୟ ଉପସ୍ଥାପନା କରିଥିଲେ । କୋକସରା ଯୁକ୍ତ ୨ ମହାବିଦ୍ୟାଳୟର ପ୍ରିୟଦର୍ଶିନୀ ବେହେରା ଓ ଆଲିଶା ମାଝି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣର କୌଶଳ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଯୋଗଦେଇଥିଲେ। ପ୍ରଶାନ୍ତ ଯୋଶୀ, ବିରେନ୍ଦ୍ର ନାରାୟଣ ଦାସ, ଶଙ୍କର ସତନାମି, ଭାରତଭୂଷଣ ଠାକୁର, ବିଭୁ ସାହୁ, ଭାଗବତ କଟା, ତୁଳସୀରାମ ନାୟକ, ଭାନୁମତି ମାଝି, ଦିବାକର ଦୁର୍ଗା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ହେମନ୍ତ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋଲାମେଲାରେ ଗାଧୋଉଛନ୍ତି ଅନ୍ତେବାସୀ

**ଲୋଇସିଂହା,୩।୧୨(ଡି.ଏନ.ଏ.)**

ଲୋଇସିଂହାସ୍ଥିତ କସ୍ତୁରବା ଗାନ୍ଧୀ ସେବାଶ୍ରମରେ ରହୁଥିବା ଅନ୍ତେବାସୀ ଖୋଲାମେଲାରେ ଗାଧଉଥିବା ଅଭିଯୋଗ ହେଉଛି । ଅନ୍ତେବାସୀ ଛାତ୍ରୀମାନେ ଅସୁରକ୍ଷିତ ଥିବା ନେଇ ସ୍ଥାନୀୟ ସଚେତନ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଲୋଇସିଂହା ଏମଇ ସ୍କୁଲ ପରିସରରେ କସ୍ତୁରବା ଗାନ୍ଧୀ ସେବାଶ୍ରମ ଅବସ୍ଥିତ । ଏହି ସେବାଶ୍ରମରେ ଶହେ ଜଣ ଅନ୍ତେବାସୀ ରହି ପାଠ ପଢୁଛନ୍ତି। ସେବାଶ୍ରମରେ ଶୌଚାଳୟ ଏବଂ ଗାଧୁଆ ଘର ଥିଲେ ମଧ୍ୟ କୁନିକୁନି ଅନ୍ତେବାସୀମାନେ ବାହାରେ ଶୌଚ ହେଉଛନ୍ତି । ଏମଇସ୍କୁଲ ପାଚେରୀ କମ ଉଚ୍ଚତା ହୋଇଥିବାରୁ ଥାନା ପଟ ଏବଂ ୨୬ ନଂ ଜାତୀୟ ରାଜପଥରୁ ଏହି ସବୁ ଦୃଶ୍ୟ ଦେଖାଯାଉଛି। ସେବାଶ୍ରମରେ ବାଥ ରୁମ୍ ଥାଇ ସୁଦ୍ଧା ଅନ୍ତେବାସୀମାନେ ବ୍ୟବହାର ନ କରିବା ପରିଚାଳନା ଗତ ତ୍ରୁଟିକୁ ନେଇ ସାଧାରଣରେ ଆଲୋଡନ ସୃଷ୍ଟି କରୁଛି। ଏ ସମ୍ପର୍କରେ ୱାଡେନ ମୋହିନିଗିରଙ୍କୁ ପଚାରିବାରୁ, ବାଥ ରୁମରେ ଶହେ ଅନ୍ତେବାସୀ ଏକାଥରେ ଗାଧୋଇବା ସମ୍ଭବ ହେଉନାହିଁ। ତେଣୁ ନଳକୂପରେ ଗାଧୋଇଥାନ୍ତି। ଏମଇ ସ୍କୁଲ ସମ୍ମୁଖ ପଟ ପାଚେରୀ ଉଚ୍ଚତା କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଅକର୍ଷଣ କରାଯାଇଛି । ନିର୍ମାଣରେ ବିଳମ୍ବ ଯୋଗୁ ଏ ସବୁ ଅସୁବିଧା ସମାନାକୁ ଆସୁଥିବା କହିଥିଲେ । କୌଣସି ଅପ୍ରୀତିକର ଘଟଣା ନ ଘଟିବା ପୂର୍ବରୁ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅନ୍ତେବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286 7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ
ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।

ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବେଲପଡ଼ାରେ ବନ୍ଦ ପାଳନ ସଫଳ

**ବେଲପଡା,୩।୧୨(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ବେଲପଡାଠାରେ ବନ୍ଦ ପୂର୍ଣ୍ଣ ମାତ୍ରାରେ ସଫଳ ରହିଥିଲା । ଭାରିଯାନ ସମେତ ବସ ଚଳାଚଳ ବନ୍ଦ ରହିଥିଲା । ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । କମଳ ମେହେର, ଦୁର୍ଯୋଧନ ସାହୁ, ଗୁଣନିଧି ଦନ୍ତା, ଲଙ୍କେଶ୍ୱର ମେହେର ପ୍ରମୁଖଙ୍କ ସମେତ କର୍ମକର୍ତ୍ତା ବୃନ୍ଦ ପିକେଟିଂ କରିଥିଲେ ।

### ହାଇକୋର୍ଟ ଦାବି ନେଇ ତୁଷୁରା ବନ୍ଦ

**ଗୁଡ଼ଭେଲା,୩।୧୨(ଡ଼ି.ଏନ.ଏ.):** ବଲାଙ୍ଗୀରରେ ପନର୍ବାର ହାଇକୋର୍ଟ ବେଞ୍ଚ ଦାବି କରି ଜିଲା ବାର ଏସୋସିଏଶନ ତରଫରୁ ଆହୂତ ବଲାଙ୍ଗୀର ଜିଲା ବନ୍ଦ ଡ଼ାକରାରେ ସୋମବାର ତୁଷୁରା ଓ ଗୁଡ଼ଭେଲା ବନ୍ଦ ସଫଳ ହୋଇଛି। ତୁଷୁରା ବାରଏସୋସିଏଶନ ତରଫରୁ ସକାଳ ୬ଟା ସମୟରୁ ସହରକୁ ଆସୁଥିବା ସମସ୍ତ ରାସ୍ତାରେ ଟାୟାର ଜାଳି ଓକିଲମାନେ ପିକେଟିଂ କରିଥିଲେ । ତୁଷରା- ଗୁଡ଼ଭେଲା ରାସ୍ତାରେ ମଧ ପିକେଟିଂ କରିଥିଲେ। ଏହି ବନ୍ଦକୁ ତୁଷୁରା ନାଗରିକ କମିଟି ପକ୍ଷରୁ ସମର୍ଥନ କରାଯାଇ ପିକେଟିଂରେ ମଧ ସାମିଲ ହୋଇଥିଲେ । ଏହି ବନ୍ଦରେ ତୁଷୁରା ବାରଏସୋସିଏଶନର ସଭାପତି ଆର୍ତ୍ତତ୍ରାଣ ପୁରୋହିତଙ୍କ ନେତୃତ୍ୱରେ, ବୈଷ୍ଣବ ସାହୁ, ଶିବପ୍ରସାଦ ବାଗ, ସୁମୀତମିଶ୍ର, ଦିବ୍ୟସିଂ ମେହେର, ପ୍ରଦୀପ ମହାପାତ୍ର, ଭକ୍ତରାମକଏଣ୍ଡା, ଗୁରୁଦେବ ଷଡ଼ଙ୍ଗୀ, ଦୈତାରୀ ଆଚାର୍ଯ୍ୟ ଓ ନାଗରିକ କମିଟି ପକ୍ଷରୁ ସଭାପତି ରୁନୁ ଗୋପାଳ ସାହୁ, ବିଜୟବାଗ ଆଦି ସାମିଲ ହୋଇଥିଲେ।

### ଭରୁଆମୁଣ୍ଡା ପୋଲରୁ ମୃତଦେହ ଉଦ୍ଧାର

**ଲାଠୋର,୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ଭରୁଆମୁଣ୍ଡା ଗ୍ରାମରେ ଥିବା ଏକ ପୋଲରୁ ସୋମବାର ସକାଳେ ଲାଠୋର ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ଜଣଙ୍କ ହେଲେ ଜୟଧର ବିଶି(୨୨)। ସୂଚନାଯୋଗ୍ୟ, ଭରୁଆମୁଣ୍ଡା ଗ୍ରାମର ଶୁକ୍ରୁ ବିଶିଙ୍କ ପୁଅ ଜୟଧର ରବିବାର ରାତି ଖାଇ ସାରି ଏକ ସାଇକେଲ ଯୋଗେ ଘରୁ ବାହାରିଥିଲେ। ପରେ ରାତି ସାରା ସେ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ଭୟଭୀତ ହୋଇ ସକାଳେ ଖୋଜାଖୋଜି କରିଥିଲେ। ଗ୍ରାମର କିଛି ଲୋକ ଉକ୍ତ ପୋଲ ନିକଟକୁ ଶୌଚ ପାଇଁ ଯାଇଥିବାବେଳେ ପୋଲ ତଳେ ଜୟଧରଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ କ୍ଷତ ବିକ୍ଷତ ଚିହ୍ନ ଦେଖି ସଙ୍ଗେ ସଙ୍ଗେ ଲାଠୋର ଥାନାରେ ତାଙ୍କ ଭାଇ ସଂକୀର୍ତ୍ତନ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଲାଠୋର ଥାନା କେସ ନଂ ୧୦୦/୧୮ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ଖପ୍ରାଖୋଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ୪ଜଣ ବନ୍ଧୁଙ୍କୁ ପୋଲିସ ସନ୍ଦେହ କରି ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣା ପଡିବ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ଶିବିର

**ଟିକ୍ରାପଡା/ବେଲପଡା,୩।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟାସ୍ଥିତ ବୀଣାପାଣି ଯୁକ୍ତ୨ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ଯୁବ ରେଡକ୍ରସ ସାମାଜିକକର୍ମୀଙ୍କ ପାଇଁ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧକ୍ଷ ଦେବାର୍ଚ୍ଚନ ନାଗ ଅଧକ୍ଷତା କରିଥିଲେ । ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ବିନୟ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଅବଜରଭର ବିଶ୍ୱନାଥ ମିଶ୍ର, ଡ. ପ୍ରବୀର ମିଶ୍ର, ଡ. ବି ଗୋବିନ୍ଦ ରାଓ, ମଦନ ମୋହନ ପ୍ରଧାନ, ଜିଲା ସଂଯୋଜକ ଗୋପାଳ ବେହେରା, ସ୍ଥାନୀୟ +୩ କଲେଜ ଅଧକ୍ଷା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ କାଉନସିଲର ସତ୍ୟନାରାୟଣ ସ୍ୱାଗତ ଭାଷଣ ଓ ଅଧାପକ ବାସୁଦେବ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ଗଣ ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଷୟରେ ସାମାଜିକର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଶିବିର ତିନି ଦିନ ଧରି ଚାଲିବ ।









ସୋମବାର ବଲାଙ୍ଗୀରରେ ୨୪ ଘଣ୍ଟିଆ ମହାବନ୍ଦ ଅବସରରେ ବଲାଙ୍ଗୀରଠାରେ ରେଳରୋକୋ କରାଯାଇଛି (ବାମ) । କଣ୍ଟାବାଞ୍ଜିଠାରେ ଧାରଣାରେ ସାମିଲ ହୋଇଥିବା ହେମାଲ ସଂଘର ଶତାଧିକ ସଭ୍ୟ (ମଝି) । ଖପ୍ରାଖୋଲଠାରେ ଦୋକାନ ବଜାର ବନ୍ଦ ରହିଛି ।




ବିଜେଡିର ଶୋଭାଯାତ୍ରା ।



କଂଗ୍ରେସର ଶୋଭାଯାତ୍ରା ।



ଭାଜପାର ଶୋଭାଯାତ୍ରା ।








ବଲାଙ୍ଗୀର ବିଇଂ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ବାଇକ ରାଲି (ବାମ)। ପାଟଣାଗଡ଼ଠାରେ ପ୍ରତିବାଦ କରାଯାଉଛି (ମଝି) । ବଲାଙ୍ଗୀର ବଣିକ ସଂଘ ସଦସ୍ୟ ଶୋଭାଯାତ୍ରାରେ ଆସୁଛନ୍ତି ।

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କର

**ବଲାଙ୍ଗୀର ଅଫିସ,୩।୧୨**

ପଶ୍ଚିମ ଓଡିଶାର ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିକୁ ନେଇ ସୋମବାର ବଲାଙ୍ଗୀର ଜିଲାରେ ବିଭିନ୍ନ ସ୍ଥାନରେ ମହାବନ୍ଦ ଅଭୂତପୂର୍ବ ସଫଳ ହୋଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହାବନ୍ଦ ପ୍ରତିବାଦ ସଭାରେ ଉପସ୍ଥିତ ଜନପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର ପ୍ରତିନିଧି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପୂର୍ବକ ପଶ୍ଚିମ ଓଡିଶାର ହାଇକୋର୍ଟ ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ଦାବି କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାର ବଲାଙ୍ଗୀରର ନ୍ୟାଯ୍ୟ ଦାବି ପ୍ରତି ଉପେକ୍ଷା କଲେ ପରିଣାମ ଭୟାବହ ହେବ ବୋଲି ଚେତାବନୀ ଦେଇଥିଲେ । ଯଶବନ୍ତ ସିଂ କମିଶନ ଆଧାରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ସବୁ ଦିଗରୁ ଉପଯୁକ୍ତ ସ୍ଥାନ । ପାଲ କମିଶନ ରିପୋର୍ଟରେ ମଧ ବଲାଙ୍ଗୀର ସପକ୍ଷରେ ମତ ଯାଇଥିବା ଶୁଣିବାକୁ ମିଳୁଛି । ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଅନ୍ୟ କୌଣସି ଚାପର ବଶବର୍ତ୍ତୀ ନହୋଇ ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ଘୋଷଣା କରନ୍ତୁ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଅନ୍ୟ କୌଣସି ଚାପର ବଶବର୍ତ୍ତୀ ନ ହୋଇ ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ଘୋଷଣା କରନ୍ତୁ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଏହା ନ ହେଲେ ନ୍ୟାଯ୍ୟ ଦାବି ହାସଲ ପାଇଁ ବଲାଙ୍ଗୀରବାସୀ ଚରମ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଥିଲା । ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ଯଶବନ୍ତ ସିଂ କମିଶନ ରିପୋର୍ଟ ହିସାବରେ ବଲାଙ୍ଗୀର ହିଁ ହାଇକୋର୍ଟ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ । ବିଧାନସଭାରେ ବାରମ୍ବାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ହେଉ ବୋଲି ଦାବି କରିଆସିଛି । ଜିଲାର ଅନ୍ୟ ବିଧାୟକମାନେ ଏହି ଦାବିକୁ ଭରପୂର ସମର୍ଥନ କରିଛନ୍ତି । ପଶ୍ଚିମ ଓଡିଶାର ହାଇକୋର୍ଟ ବେଞ୍ଚ ବଲାଙ୍ଗୀରରେ ସ୍ଥାପନ କରିବା ପାଇଁ ବଲାଙ୍ଗୀର ଜିଲା ଓକିଲ ସଂଘ ଓ କ୍ରିୟାନୁଷ୍ଠାନ କମିଟି ଅନ୍ୟ ଜିଲାକୁ ଯାଇ ଆଲୋଚନା ମାଧ୍ୟମରେ ଏ ନେଇ ସହମତି ଆଣିବାର ପ୍ରୟାସ ମଧ କରିବା ଉଚିତ୍ ବୋଲି ସେ କହିଥିଲେ । ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ତାଙ୍କ ବକ୍ତବ୍ୟରେ ଜିଲାର ସମସ୍ତ ବିଧାୟକ, ଏମପି, ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂଦେଓଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ଦିଗରେ ଅନୁରୋଧ କରିବା ସହ ଏ ନେଇ ସେ ମଧ ଉଦ୍ୟମ କରିବେ ବୋଲି କହିଥିଲେ। ଭାଜପା ନେତା ପ୍ରଭାସ ପାଣିଗ୍ରାହୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାରେ ବିଜେଡି ଓ କଂଗ୍ରେସ ଭୂମିକା ଅଧିକ କହି ଏ ନେଇ ଭାଜପା ସବୁ ପ୍ରକାର ସମର୍ଥନ ଯୋଗାଇବ ବୋଲି କହିଥିଲେ । ସକାଳ ୬ଟାରୁ ବିଭିନ୍ନ ସଂଗଠନ ପକ୍ଷରୁ ରେଳରୋକୋ କରାଯାଇଥିଲା । ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ସିଭିଲ କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ରହିବ।



ବଲାଙ୍ଗୀର ମହାବନ୍ଦ ଅବସରରେ ଶୂନଶାନ୍ ରାସ୍ତାରେ ଟାୟାର ଜଳାଯାଇଛି ।

**ପାଲ କମିଶନ ରିପୋର୍ଟ ଉପସ୍ଥାପନ ଦାବି**

- ଯଶବନ୍ତ ସିଂ କମିଶନ ଆଧାରରେ ସ୍ଥାନ ଚିହ୍ନଟ୍ ହେଉ
- ସାମିଲ ହେଲେ ଶତାଧିକ ସଂଗଠନ, ଜନସାଧାରଣ
- ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ସିଭିଲ କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ରହିବ।

**ଲୋଇସିଂହା,(ଡି.ଏନ.ଏ)**

ଲୋଇସିଂହାଠାରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ସହ ସ୍କୁଲ କଲେଜ ବନ୍ଦ ରହିଥିଲା । ସୋମବାର ସକାଳୁ ସ୍ଥାନୀୟ ସଂଘ କର୍ମକର୍ତ୍ତା ତଥା ସଂଘ ସଭାପତି ରାଜକିଶୋର ମିଶ୍ର, ରାଜେନ୍ଦ୍ର ନାଏକ, ଅଶୋକ ସାହୁ, ଦିଲୀପ ବେହେରା, ଶୁଭେନ୍ଦୁ ସାହୁ, ଶଶାଙ୍କ ଶେଖର ଭୋଇ, ପ୍ରଦୀପ ତ୍ରିପାଠୀ, ପ୍ରବୀଣ ତ୍ରିପାଠୀ, ସଞ୍ଜୟ ଷଡଙ୍ଗୀ ପ୍ରମୁଖ ବ୍ଲକ ଛକଠାରେ ୨୬ନଂଜାତୀୟ ରାଜପଥରେ ବସି ବନ୍ଦ ପାଳନ କରିଥିଲେ । ଏହି ବନ୍ଦ ପାଳନକୁ ସ୍ଥାନୀୟ ବ୍ଲକ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇଥିଲେ । ଜୋନ ସଭାପତି ସରୋଜ ବିଶ୍ୱାଳ, ଶିବ ଅଗ୍ରୱାଲ ଓ ବହୁ କର୍ମୀ ୨୬ ନଂ ଜାତୀୟ ରାଜପଥର ଚାରିଛକଠାରେ ବ୍ୟାନର ମାରି ସମର୍ଥନ ଜାହିର କରିଥିଲେ ।

**ଲାଠୋର,(ଡି.ଏନ.ଏ.)**

ପାଟଣାଗଡ ମିଳିତ ଓକିଲ ସଂଘ ପକ୍ଷରୁ ମହାବନ୍ଦ ଡାକରାକୁ ଲାଠୋର ଗ୍ରାମବାସୀ ସମର୍ଥନ ଜଣାଇ ଗ୍ରାମରେ ଗାଡି ଚଳାଚଳ, ବ୍ୟାଙ୍କ, ସ୍କୁଲ, କଲେଜ ବନ୍ଦ ଥିବା ବେଳେ ଦୋକାନ ବଜାର ଆଂଶିକ ଭାବେ ବନ୍ଦ ରହିଥିଲା ।

**ଟିଟିଲାଗଡ଼,(ଡି.ଏନ.ଏ.)**

ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚର ପୁନଃ ପ୍ରତିଷ୍ଠା ତଥା ଟିଟିଲାଗଡ଼ ଜିଲା ଦାବିକୁ ନେଇ ଟିଟିଲାଗଡ ବାର ଏସୋସିଏଶନ ପକ୍ଷରୁ ସୋମବାର ବନ୍ଦ ପାଳନ କରାଯାଇଛି। ଆନ୍ଦୋଳନକାରୀ ଟାୟାର ଜାଳି ସହର ଦେଇ ଯାଇଥିବା ରାୟପୁର ବ୍ରହ୍ମପୁର ଜାତୀୟ ରାଜପଥ ୫୯ସମେତ ଟିଟିଲାଗଡ ବଲାଙ୍ଗୀର, ଟିଟିଲାଗଡ କଣ୍ଟାବାଞ୍ଜି ରାସ୍ତାକୁ ଅବରୋଧ କରିବା ନେଇ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପୂର୍ବରୁ ଗତ ମାସ ୧ତାରିଖ ଠାରୁ ଟିଟିଲାଗଡ ଜିଲା ଦାବି ନେଇ ଟିଟିଲାଗଡ ସହରରେ ଥିବା ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ତଥା କୋର୍ଟ ବନ୍ଦ ରହିଥିବାବେଳେ ଆନ୍ଦୋଳନକାରୀ ପିକେଟିଂ କରି ସମସ୍ତ ବ୍ୟାଙ୍କ ପ୍ରତିଷ୍ଠାନ, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ବନ୍ଦ କରିଦେଇଥିଲେ। ଶନିବାର ସକାଳୁ ଶତାଧିକ ଆନ୍ଦୋଳନକାରୀ ଟିଟିଲାଗଡ ରେଳବାଇ ଜଙ୍କସନରେ ପହଞ୍ଚି ରେଳଧାରଣାରେ ବସି ନାରାବାଜି କରିଥିଲେ। ଟିଟିଲାଗଡ ବାର ଏସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଉପସଭାପତି ପଙ୍କଜ ପାଢୀ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ, ସଞ୍ଜୟ ବେହେରା, ପ୍ରଭାସ ବହିଦାର, ଶ୍ୟାମପ୍ରସାଦ ଗରିଆ, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ବୀରେନ୍ଦ୍ର ବାଗ, କାଉନସିଲର କୃଷ୍ଣ ସରାଫ, ଜିତୁ ସାହୁ, ସଞ୍ଜିବ ପାଢୀ, ଯୋଗେଶ ସାହୁ, ରାଜେଶ ବାବୁ, ରିଙ୍କୁ ସେଠ, ରଞ୍ଜିତ ଆଡୱାଣୀ ଗୋପାଳ ସାହୁ, ଜୟସିଂ ତାଣ୍ଡି, ରଣଜିତ ପୃଷ୍ଟି, ଅଶୋକ ଭୋଇ, ଅଲେଖ ବେହେରା ପ୍ରମୁଖ ଆଇନଜୀବୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ବନ୍ଦ ସମର୍ଥନରେ ରାସ୍ତାକୁ ଓହ୍ଲାଇଥିଲେ।

**ସଇଁତଳା,(ଡି.ଏନ.ଏ.)**

ସଇଁତଳା ଦେଇ ଯାଇଥିବା ଜାତୀୟ ରାଜପଥ ନଂ.୨୬କୁ ସୋମବାର ସକାଳୁ ଓକିଲ ସଂଘର ସଦସ୍ୟମାନେ ବନ୍ଦ କରିଦେଇଥିଲେ । ଏହି ଆନ୍ଦୋଳନରେ ଓକିଲ ସଂଘର ସଭାପତି ଦେବରାଜ ପଣ୍ଡା, ସୁବୋଧ ମିଶ୍ର, ଆନନ୍ଦ ସାହୁ, ଫିରୋଜ ବରର୍ତ୍ତୀ, ମନୋଜ ପୃଷେଠ, କୁନା ପାଣିଗ୍ରାହୀ, ସନ୍ତୋଷ ପୋଢ଼, ମନୋଜ ଅଗ୍ରୱାଲ ପ୍ରମୁଖଙ୍କ ସହ ସମସ୍ତ ଓକିଲ ସଂଘର ସଦସ୍ୟ ଉପସ୍ଥିତ ଥିଲେ ।

**ପାଟଣାଗଡ,(ଡି.ଏନ.ଏ.)**

ପାଟଣାଗଡ କ୍ରିମିନାଲ କୋର୍ଟସ ବାର ଏସୋସିଏଶନ ସଭାପତି ବାସୁଦେବ ପାଢୀ ଏବଂ ବାର ଏସୋସିଏଶନ ସଭାପତି ଶ୍ରୀମତ ପାଣିଗ୍ରାହୀଙ୍କ ନେତୃତ୍ୱରେ ସୋମବାର ପାଟଣାଗଡ ଉପଖଣ୍ଡ କରାଯାଇଥିଲା। ଏଥିରେ ଓକିଲ ପ୍ରକାଶ ଭୋଇ, ଦର୍ପଗଞ୍ଜନ ପଟ୍ଟନାୟକ, ସିଦ୍ଧାର୍ଥ ମିଶ୍ର, ଉପେନ୍ଦ୍ର ମିଶ୍ର, ଶଙ୍କର ପ୍ରସାଦ ପ୍ରଧାନ, ଆଶିଷ ଚନ୍ଦନ, ବିବେକାନନ୍ଦ ପାଣିଗ୍ରାହୀ, ଶମ୍ଭୁ ଚରଣ ପଣ୍ଡା, ରାଜେଶ ପୁରୋହିତ, ମନରଞ୍ଜନ ହୋତା, କିଶୋର ସାହୁ, ଚିନ୍ତାମଣି ରାଉତ, ପ୍ରବୀଣ ପୁରୋହିତ ପ୍ରମୁଖଙ୍କ ସମେତ ଜିଲା ଆଦିବାସୀ କଲ୍ୟାଣ ସଂଘର ନିରଞ୍ଜନ ବିଶି, ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ପିସିସି ସଭ୍ୟ ଅନୀଲ ମେହେର, ବଜରଙ୍ଗ ସେବାଦଳର ଅଜିତ ପୁରୋହିତ, କୁନା ସେଠ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ବଙ୍ଗୋମୁଣ୍ଡା,୩।୧୨(ଡି.ଏନ୍.ଏ.)**

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ବଙ୍ଗୋମୁଣ୍ଡା ଓକିଲ ସଂଘ ବନ୍ଦ ପାଳନରେ ସାମିଲ ହୋଇଛି । ଚାରିଛକ ଠାରେ ଯାନ ବାହାନ ଚଳାଚଳ ବନ୍ଦ କରିଥିବାବେଳେ ସରକାରୀ ଅନୁଷ୍ଠାନ ଗୁଡିକ ବନ୍ଦ କରାଯାଇଥିଲା । ତେବେ ଶିକ୍ଷାନୁଷ୍ଠାନମାନ ଖୋଲାଥିବାର ଦେଖିବାକୁ ମିଳିଥିଲା । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଓକିଲ ସଂଘର ଆହ୍ୱାନ କ୍ରମେ ଏହି ବନ୍ଦ ଡାକରାରେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ଦାସ, ସଂଘ ସଭାପତି ଉଦ୍ଧବ ବେହେରା, ସମ୍ପାଦକ ଭବାନୀଶଙ୍କର ରାଓ, ଆଇନଜୀବୀ ସୁଧାଂଶୁ ମେହେର, ସୁଧାଂଶୁ ଦାସ ଜୁନିୟର, ହରିବନ୍ଧୁ ମେହେର, କୈଳାଶ ବିଶ୍ୱାଳ, ଜଶପାଲ ମେହେର, ବୁଦ୍ଧଦେବ ଭରାସଗରିଆ, ମିତ୍ରଭାନୁ ମେହେର ପ୍ରମୁଖଙ୍କ ସହ ଓକିଲ ସଂଘର ସଦସ୍ୟମାନେ ଏହି ବନ୍ଦ ପାଳନରେ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

**ଖପ୍ରାଖୋଲ,(ଡି.ଏନ.ଏ.)**

ଖପ୍ରାଖୋଲ ସମେତ ଧଣ୍ଡାମୁଣ୍ଡା, ଜୁରିଆ, ସମେତ ଅନ୍ୟ ସ୍ଥାନମାନଙ୍କରେ ବି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଖପ୍ରାଖୋଲ ବାର ଏସୋସିଏଶନର ଦେବକାନ୍ତ ପାଣିଗ୍ରାହୀ, ତ୍ରିଲୋଚନ ପୁଞ୍ଜି, ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇ, କ୍ଷମାନିଧି ଭୋଇ, ଉମାକାନ୍ତ ଦାଶ, ଅଭୟ ତ୍ରିପାଠୀ, ଅଚ୍ୟୁତ ପୁରୋହିତ, ପଞ୍ଚାନନ ସାହୁ, ଅମୁଲ୍ୟ ଭୋଇ, ଶେଷଦେବ ପଟେଲଙ୍କ ସମେତ ଖପ୍ରାଖୋଲ ଏବଂ ଧଣ୍ଡାମୁଣ୍ଡା ବଣିକ ସଂଘ, ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲେ ।

**କଣ୍ଟାବାଞ୍ଜି,(ଡି.ଏନ.ଏ.)**

ହାଇକୋର୍ଟର ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ସ୍ଥାପନ ଦାବି ନେଇ କଣ୍ଟାବାଞ୍ଜିରେ ସୋମବାର ବନ୍ଦ ପାଳନ କରାଯାଇଛି । ସ୍ଥାନୀୟ ଓକିଲ ସଂଘର ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ କରାଯାଇଥିଲା । ଅନ୍ୟପଟେ କଣ୍ଟାବାଞ୍ଜିକୁ ଜିଲା ଦାବି ନେଇ ତହସିଲ ଅଫିସ ସମ୍ମୁଖରେ ଧାରଣା ୧୭ଦିନରେ ପହଞ୍ଚିଛି । ଆଜିର ଏହି ଧାରଣାରେ ସ୍ଥାନୀୟ ହେମାଲ ସଂଘର ଶତାଧିକ କର୍ମକର୍ତ୍ତା ଏବଂ ସଭ୍ୟ ହେମାଲ ସଂଘ ଭବନରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ଧାରଣା ସ୍ଥଳକୁ ଆସି ସାମିଲ ହୋଇଥିଲେ । ଧାରଣାସ୍ଥଳରେ କଣ୍ଟାବାଞ୍ଜିକୁ ଜିଲା ମାନ୍ୟତା ଦାବି ନେଇ ସ୍ଲୋଗାନ ଦେବା ସହ ସରକାର କଣ୍ଟାବାଞ୍ଜିକୁ ଜିଲାର ମାନ୍ୟତା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଅବ୍ୟାହତ ରଖିବେ ବୋଲି ସଂଘର ସଭାପତି ଶେଷଦେବ ପୁଟେଲ, ଉପସଭାପତି ବିଦେଶୀ ବେହେରା ତାଙ୍କର ବକ୍ତବ୍ୟରେ କହିଛନ୍ତି । ଆଜିର ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ରସିଆନନ୍ଦ ରାଏ, ଶ୍ୟାମସୁନ୍ଦର ସୁନା, ସଞ୍ଜୟ ନାଥ, ସୁଧାଂଶୁ ମିଶ୍ର, ବିସର୍ବ ହେହେରା, ସହିତ ଶତାଧିକ ଧାରଣାରେ ସାମିଲ ଥିଲେ ।



ଲୋଇସିଂହା ଠାରେ ଜିଲାପରିଷଦ ଅଧକ୍ଷା କାରରୁ ଓହ୍ଲାଇ ବାଇକ୍‌କୁ ଯାଉଛନ୍ତି ।

## ବନ୍ଦ ବେଳେ ଜିଲା ପରିଷଦ ଅଧକ୍ଷା ହଟହଟା

ବନ୍ଦ ପାଳନବେଳେ କାରରେ ଆସି ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ ହଟହଟା ହେବା ଚର୍ଚ୍ଚାର ବିଷୟ ପାଲଟିଛି । ଜିଲା ପରିଷଦ ଅଧକ୍ଷା ଏବଂ ତାଙ୍କ ସ୍ୱାମୀ ଆଗଲପୁର ବ୍ଲକ ପାଣ୍ଡେସରରାରୁ ବଲାଙ୍ଗୀର ଅଭିମୁଖେ ଯାଉଥିଲେ । ପଦ୍ମପୁର ରାସ୍ତାରେ ଆସି ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଆନ୍ଦୋଳନ କରୁଥିବା ଓକିଲ ସଂଘ ତାଙ୍କ ଗାଡିକୁ ଅଟକାଇଥିଲେ। ପରେ ସେ ବଲାଙ୍ଗୀରଠାରେ ଆୟୋଜିତ ଧାରଣା ସ୍ଥଳକୁ ଯାଉଥିବା କହିଥିଲେ। କିନ୍ତୁ ଆନ୍ଦୋଳନକାରୀ ତାଙ୍କ ଗାଡିକୁ ଫେରାଇ ଦେଇଥିଲେ । ପଦ୍ମପୁର ଚାରିଛକରୁ ତାଙ୍କ ଗାଡି ଫେରିଲା ବେଳେ ଆନ୍ଦୋଳନକାରୀ କଂଗ୍ରେସ କର୍ମୀମାନେ ପୁଣି ତାଙ୍କୁ ଅଟକାଇ ଛାଡି ନ ଥିଲେ। ପରିଶେଷରେ ଚାରି ଚକିଆ ଯାନକୁ ସ୍ଥାନୀୟ ତାଙ୍କ ଜଣେ ସମର୍ଥକଙ୍କୁ ଦେଇ ତାଙ୍କ ବାଇକରେ ବଲାଙ୍ଗୀର ଅଭିମୁଖେ ଯିବା ଚର୍ଚ୍ଚାର ବିଷୟ ହୋଇଥିଲା ।

## ସଂକ୍ଷେପରେ



### ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ

**ଜୁନାଗଡ,୩।୧୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ସହର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ୨୫ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏନ୍ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ, କାଉନସିଲର ସିତାଦେବୀ ମାଝି, କୁନ୍ତି ଶବର, ନଅରଲାଲ କୈବର୍ତ୍ତ, ଗଜାନନ ଛତ୍ରିଆ, ପ୍ରଗତୀ ସହାୟକ ଶାରଦା ସେଠିଆ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।

### ୮ରେ କୃଷକ ସଚେତନତା ମଞ୍ଚର ରାସ୍ତା ଅବରୋଧ

**କୋକସରା,୩।୧୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା କୋକସରାଠାରେ ଚଳିତବର୍ଷ ଦେଖାଦେଇଥିବା ମରୁଡି ସମସ୍ୟାକୁ ନେଇ ଚାଷୀନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଗତ ଅକ୍ଟୋବରଠାରୁ ବିକ୍ଷୋଭ ଓ ପ୍ରତିବାଦ ଜାରି ରହିଛି। କୃଷକ ସଚେତନ ମଞ୍ଚ ତରଫରୁ ଅକ୍ଟୋବର ୨୬ ତାରିଖରେ କୋକସରା ତହସିଲ ଅଫିସ ସମ୍ମୁଖରେ ଧାରଣା ସହ ପ୍ରତିବାଦ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା । ପୁଣି ୯ ନଭେମ୍ବର ଧର୍ମଗଡ ଉପଜିଲାପାଳଙ୍କ ଅଫିସ ଆଗରେ ହଜାର ହଜାର ଚାଷୀ ଏକତ୍ରିତ ହୋଇ ଧାରଣା ସହ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ ଅନ୍ୟାନ୍ୟ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ । ନଭେମ୍ବର ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ବ୍ଲକର ୨୨ଟି ଗ୍ରାମପଞ୍ଚାୟତ ଆଗରେ ପ୍ରଦର୍ଶନ ସହ ପଞ୍ଚାୟତ ଚାଲ ଅଭିଯାନ କାର୍ଯ୍ୟକ୍ରମରେ ପଞ୍ଚାୟତ କର୍ମଚାରୀଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି । ଚାଷୀ ସଙ୍ଗଠନର ଦାବି ଉପରେ ଏ ଯାଏ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ପୁଣିଥରେ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚାଷୀ ସଙ୍ଗଠନ ସଜବାଜ ହେଉଛି । ଚାଷୀ ସଙ୍ଗଠନ ପକ୍ଷରୁ ଆସନ୍ତା ୮ ତାରିଖରେ (ଶନିବାର) କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତ ଆମପାଣିଠାରେ ଜାତୀୟ ରାସ୍ତା ଅବରୋଧ କରିବା ପାଇଁ ଡାକରା ଦେଇଛି । ଏ ନେଇ ସଚେତନ କୃଷକ ମଞ୍ଚ ତରଫରୁ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀ ସ୍ଥାନୀୟ ତହସିଲଦାର, ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଆନ୍ଦୋଳନରେ କେବଳ ଗାଡି ଚଳାଚଳ ବନ୍ଦ କରାଯିବା।

## କର୍ଲାମୁଣ୍ଡା ସମବାୟ ସମିତି

# ୭୮ ହଜାର ୭୫୭ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ

**କର୍ଲାମୁଣ୍ଡା,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ କର୍ଲାମୁଣ୍ଡା ସମବାୟ ସମିତି ଜରିଆରେ ସୋମବାର ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ଆଦିବାସୀ ଯୁବ ନେତା ତଥା ଚାଷୀ ନେତା ନନ୍ଦି କିଶୋର ଭୋଇ, ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇ, ସମ୍ପାଦକ ଭବାନୀ ଶଙ୍କର ସାହୁ, ଡିଇଓ ଅଚିନ ଅନୁଭବ ଷଡଙ୍ଗୀ, ଆରଆଇ ନିହାରିକା ଦୋରା, ଗ୍ରାମ୍ୟ କୃଷି କର୍ମୀ ଘନଶ୍ୟାମ ଜାନୀ ଓ ଅନ୍ୟ ଚାଷୀ ନେତାମାନେ ଯୋଗଦେଇ ଉଦ୍‌ଘଟନ କରିଥିଲେ। ଏହି ମଣ୍ଡି ଜରିଆରେ ୧୦ଟି ମିଲ୍ସ ମାଧମରେ ୭୮ ହଜାର ୭ ଶହ ୫୭ କୁଇଇଣ୍ଟାଲ ଧାନ କ୍ରୟ କରାଯିବା ଲକ୍ଷ୍ୟ ଥିବା ସମବାୟ ସମିତି ପକ୍ଷରୁ କୁହାଯାଇଛି। କର୍ଲାମୁଣ୍ଡା ମଣ୍ଡିଠାରେ ସୋମବାର, ମଙ୍ଗଳବାର, ବୁଧବାର ଓ ସବମଣ୍ଡି ରିଞ୍ଜାଠାରେ ଗୁରୁବାର, ଶୁକ୍ରବାର ଧନକ୍ରୟ କରାଯିବ ବୋଲି ସଭାପତି ଗୋବର୍ଦ୍ଧନ ଭୋଇ ପ୍ରକାଶ କରିଛନ୍ତି। ମଣ୍ଡି ଖୋଲିବାର ପ୍ରଥମ ଦିନରେ ୨୫ ଜଣ ଚାଷୀଙ୍କ ୨୦୦୦ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଥିବା ଜଣାପଡିଛି। ଏଥିରେ ଚାଷୀ ପ୍ରେମାନନ୍ଦ ସାହୁ, ରଥ ରଣା, ଭରତ ବେହେରା, ଜୟଲାଲ ସାହୁ, ନେପାଳଚନ୍ଦ୍ର ସାହୁ, ସୂର୍ଯ୍ୟମଣି ସାହୁ, ମୁରଲୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଚାଷୀନେତା ନନ୍ଦି କିଶୋର ଭୋଇ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

## କୋକସରା ବ୍ଲକରେ ଖୋଲିଲା ଧାନ ମଣ୍ଡି

**କୋକସରା,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଯୋଗାଣ ବିଭାଗ ନଭେମ୍ବର ପହିଲାରୁ ମଣ୍ଡି ଆରମ୍ଭ କରିବା ପାଇଁ ଘୋଷଣା କରିଥିଲେ । କିନ୍ତୁ ଘୋଷଣାର ୧ ମାସ ପରେ କୋକସରା ବ୍ଲକରେ ୩ ତାରିଖଠାରୁ ଧାନ ମଣ୍ଡି ଖୋଲାଯାଇଛି। ବ୍ଲକର କୋକସରା, ଟେମରା, ଆମପାଣିଠାରେ ମଣ୍ଡି ଖୋଲିଥିବା ଜଣାପଡିଛି। ଚଳିତବର୍ଷ ବ୍ଲକର ୨୨ଟି ପଞ୍ଚାୟତରୁ ୬୭୧୪ ଜଣ ଚାଷୀ ବିଭିନ୍ନ ପ୍ୟାକ୍ସରେ ଧାନବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ସୋମବାର କୋକସରା ଧାନ ମଣ୍ଡିରେ୧୭ ଜଣ ଚାଷୀଙ୍କଠାରୁ ୭୮୦ କୁଇଣ୍ଟାଲ, ଟେମରା ମଣ୍ଡିରେ ୧୬ ଜଣ ଚାଷୀଙ୍କ ୮୦୦ କୁଇଣ୍ଟାଲ ଓ ଆମପାଣି ମଣ୍ଡିରେ ୨୦ ଚାଷୀଙ୍କ ୯୭୮ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଇଛି । ମିଲମାଲିକମାନେ ପହଞ୍ଚି ଧାନର ମାନ ଖରାପ ଥିବା ବେଳେ ଧାନରେ ମାନ ବିଶ୍ଳେଷଣ ପରେ କୁଇଣ୍ଟାଲ ପିଛା ୪ ରୁ ୫ କେଜି କଟନି କରୁଥିବାରୁ ଚାଷୀମାନେ ଏହାକୁ ବିରୋଧ କରିଛନ୍ତି । ତେବେ ତାହା ଚାଷୀଙ୍କୁ ଟୋକନ ଦିଆଯାଉଥିବା ବେଳେ ସନ୍ଧ୍ୟା ସୁଦ୍ଧା ଧାନ ଲିଫଟିଂ ହୋଇ ନ ଥିବା ଜଣାପଡିଛି । ଏ ନେଇ କୋକସରା ସୁପରଭାଇଜର ଦାୟିତ୍ୱରେ ଥିବା ଇନ୍ଦ୍ରମଣି ଧଙ୍ଗଡାମାଝିଙ୍କୁ ପଚାରିବାରୁ ସୋମବାର ମଣ୍ଡି ଆରମ୍ଭ ହୋଇଛି । ମଙ୍ଗଳବାଠାରୁ ଧାନ ଉଠାଇବା ସ୍ୱାଭାବିକ ହେବ ବୋଲି କହିଛନ୍ତି ।
ତେବେ ଚଳିତବର୍ଷ କୋକସରା ବ୍ଲକରେ ଅନାବୃଷ୍ଟି ଓ ରୋଗପୋକ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି । ଯାହାକିଛି ଧାନ ଅମଳ ହୋଇଛି, ତାହାକୁ ଚାଷୀମାନେ ବିଭିନ୍ନ ଜଳ ଉତ୍ସରୁ ମଟର ଯୋଗେ ପାଣି ଉଠାଇ ଅମଳ କରିଥିଲେ । ଏବେ ମଣ୍ଡିରେ ଧାନ ଦେବା ବେଳକୁ ମିର୍ଲସମାନେ ଧାନର ମାନକୁ ନେଇ ପ୍ରଶ୍ନ ଉଠାଉଛନ୍ତି । ନିୟନ୍ତ୍ରିତ ବଜାର କମିଟି ଧାନର ବିଶ୍ଳେଷଣ କରିବା ସହ ଜଳୀୟ ଆଦ୍ରତା ସହ ଅନ୍ୟାନ୍ୟ ଦ୍ରବ୍ୟକୁ ସମୀକରଣ କରି କୁଇଣ୍ଟାଲ ପିଛା ଧାନରେ କେତେ ଓଜନ ଆସିବ ତାହାକୁ ନେଇ ରିପୋର୍ଟ ଦେଉଛନ୍ତି ।



କୋକସରା ବ୍ଲକରେ ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି ।

### ଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କୁ ସିରମସ୍କା ସ୍କୁଲରୁ ହଟାଗଲା

**ଭବାନୀପାଟଣା,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ସିରିମସ୍କା ସ୍କୁଲ ଅନ୍ତେବାସୀଙ୍କୁ ଅସଦାଚରଣ ଏବଂ କର୍ତ୍ତବ୍ୟରେ ଅବହେଳା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ପିଏଆଇଟିଡିଏ ଓ ଜିଲା ମଙ୍ଗଳ ଅଧିକାରୀ ସିରିମସ୍କା ସ୍କୁଲ ଅନୁସନ୍ଧାନ କରି ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ତଦନ୍ତ ରିପୋର୍ଟ ଅଧିକାରୀମାନେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କୁ ପ୍ରଦାନ କରିଥିଲେ । ତଦନ୍ତ ରିପୋର୍ଟ ପାଇବା ପରେ ଜିଲାପାଳ ଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କୁ ସିରିମସ୍କା ସ୍କୁଲରୁ ଅନ୍ୟତ୍ର ହଟାଇବା ନିମନ୍ତେ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂହ ଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କୁ ସିରିମସ୍କା ସ୍କୁଲରୁ ହଟାଇ ଜୁନାଗଡ ବ୍ଲକ ଦେଦର ଉନ୍ନିତ ହାଇସ୍କୁଲକୁ ଡିପ୍ଲୋଇମେଣ୍ଟରେ ପଠାଇଛନ୍ତି। ୩ ତାରିଖ ପରଠାରୁ ସିରିମସ୍କା ସ୍କୁଲରେ ସମ୍ପୃକ୍ତ ଶିକ୍ଷକ ବାଳକୃଷ୍ଣଙ୍କୁ ପ୍ରବେଶ କରାଇ ନ ଦେବା ପାଇଁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ସିରିମସ୍କା ସ୍କୁଲରେ ହଷ୍ଟେଲ ଥିବା ବେଳେ ବର୍ତ୍ତମାନ ତାଙ୍କୁ ପଠାଯାଇଥିବା ଦେଦର ହାଇସ୍କୁଲରେ ହଷ୍ଟେଲ ନାହିଁ।

## ଆଦର୍ଶ ସଂସ୍ଥାର, ଆଦର୍ଶ କାମ

# ମାଗଣାରେ ଦିଆଯାଉଛି ଚା', ବିସ୍କୁଟ

**ଜୁନାଗଡ,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର କିଛି ଆଗ୍ରହୀ ଉତ୍ସାହୀ ଯୁବକ ସେବା କରିବା ପାଇଁ ଭିନ୍ନ ତରିକା ବାଛିଛନ୍ତି। ଗତ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠୁ ଆଦର୍ଶ ଜନସେବା ସଂସ୍ଥା ନାମରେ ସେମାନେ ନିଜ ଆୟରୁ ସହରର ଡାକ୍ତରଖାନା ଛକଠାରେ ଏକ ଚା ଦୋକାନ ଖୋଲି ପ୍ରତ୍ୟହ ସକାଳ ୬ରୁ ୭ ଯାଏଁ ଲୋକଙ୍କୁ ମାଗଣାରେ ଚା ବଣ୍ଟନ କରୁଛନ୍ତି। କେବଳ ସେତିକି ନୁହେଁ ନିକଟରେ ଥିବା ଡାକ୍ତରଖାନାକୁ ଯାଇ ସେଠାରେ ଥିବା ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀଙ୍କୁ ମଧ୍ୟ ଚା ଦେଉଛନ୍ତି। ସେହିପରି ସପ୍ତାହର ଶନିବାର ଓ ସୋମବାର ଲୋକଙ୍କୁ ଚା ସହିତ ବିସ୍କୁଟ ମଧ୍ୟ ମାଗଣାରେ ଦେଉଛନ୍ତି। ଗତ ୨ମାସ ଧରି ନିରବିଚ୍ଛିନ ଭାବରେ ଏପରି ମହତ୍ତ୍ୱ କାର୍ଯ୍ୟ ଚଳାଇଥିବା ଏହି ଆଦର୍ଶ ଜନସେବା ସଂସ୍ଥାକୁ ଏବେ ସ୍ଥାନୀୟ ଲୋକଙ୍କ ସହ ବୁଦ୍ଧିଜୀବୀମାନେ ମଧ୍ୟ ପ୍ରଶଂସା କରିଛନ୍ତି। ଏପରି କି ଏହି କିଛିଦିନ ତଳେ ଜୁନାଗଡ ସହରକୁ ଆସିଥିବା ଛତିଶଗଡ ଅଞ୍ଚଳର କିଛି ଲୋକ ମଧ୍ୟ ଏଠାରେ ଚା ପିଇ ଏହି ଜନସେବା ସଂସ୍ଥାକୁ ପ୍ରଶଂସା କରିଥିଲେ।



ଜୁନାଗଡ ଡାକ୍ତରଖାନା ଛକଠାରେ ଖୋଲିଥିବା ଆଦର୍ଶ ଜନସେବା ସଂସ୍ଥା ।

### ଜିଲାପାଳଙ୍କ ଧାନମଣ୍ଡି ପରିଦର୍ଶନ

**ପଲମ,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ସେବା ସମବାୟ ସମିତିର ଧାନ ମଣ୍ଡି ପରିଦର୍ଶନ କରିଛନ୍ତି କଳାହାଣ୍ଡି ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି । ଏହି ଅବସରରେ ସେ ବିଭିନ୍ନ କାଗାଜପତ୍ର ଯାଞ୍ଚ କରିବା ସହ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ଆରଏମସି ଟଙ୍କଧର ଖମାରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାନର ମାନ ନିର୍ଦ୍ଧାରଣ ପଦ୍ଧତିରେ ଜିଲାପାଳ ସନ୍ତୋଷ ପ୍ରକାଶ କରିଥିଲେ। ଚାଷୀମାନେ ଧାନ ଓଜନ ସମୟରେ ମିଲର୍ସମାନେ ଅଖା ବସ୍ତା ପ୍ରତି ୧ କି.ଗ୍ରା. ହିସାବରେ ଓଜନ ଯୋଡୁଥିବା ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ୪୦ କି.ଗ୍ରା. ଧାନ ଓ ଅଖାବସ୍ତା ବାବଦରେ ୧ କି.ଗ୍ରା. ଏହିପରି ୪୧ କି.ଗ୍ରା. ହିସବରେ ମିଲର୍ସ ଧାନ ଓଜନ କରାଉଛନ୍ତି । ଜିଲାପାଳ କେବଳ ଅଖାବସ୍ତା ଓଜନ ନିଜେ କରାଇ ସମସ୍ତ ମିଲର୍ସଙ୍କୁ ୪୦ କି.ଗ୍ରା. ୬୫୦ ଗ୍ରାମ ହିସାବରେ ଧାନ ଓଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଡ.ଗାଭାଲି ପ୍ୟାକ୍ସ ସଭାପତି ସରୋଜ ରାଉତଙ୍କ ସହ ଆଲୋଚନା କରିଥିଲେ ।

## ଜୁନାଗଡ ଏନ୍ଏସିରେ ସାଧାରଣ ସଭା

# ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଘୋଷଣା

**ଜୁନାଗଡ,୩।୧୨(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ପରିସରରେ ସୋମବାର ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁନାଗଡ ସହରକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚ ମୁକ୍ତ ସହର ଘୋଷଣା ନିମନ୍ତେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ସହରର ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ପାରିଷଦ ସମେତ ଏନ୍ଏସି କର୍ତ୍ତୃପକ୍ଷ ଯୋଗଦେଇଥିଲେ। ଜୁନାଗଡ ଏନ୍ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଜୁନାଗଡ ସହରକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର କରିବା ପାଇଁ ସମସ୍ତଙ୍କୁ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ତହସିଲଦାର ଉପେନ୍ଦ୍ର ଲୁହା, ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ, ଜିଲା ପରିମଳ ବିଶେଷଜ୍ଞ ଚିନ୍ମୟ ସାହୁ, ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମି ରଞ୍ଜନ ନାୟକ, ସାମାଜିକ କର୍ମୀ ବେଦ ପ୍ରକାଶ ଗୋଏଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।



ଜୁନାଗଡ ଏନ୍ଏସିରେ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ଅଧିକାରୀବୃନ୍ଦ ।

# ଜବାହାର ନବୋଦୟ ବିଦ୍ୟାଳୟର ଆଲୁମିନା ମିଟ୍




ଜବାହାର ନବୋଦୟ ବିଦ୍ୟାଳୟର ଆଲୁମିନା ମିଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ପଲମ,୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଜବାହାର ନବୋଦୟ ବିଦ୍ୟାଳୟର ଆଲୁମିନା ମିଟ୍-୨୦୧୮ ଅନୁଷ୍ଠିତ ହୋଇଯାଇଛି । ନର୍ଲା ନବୋଦୟ ଆଲୁମିନା ଆସୋସିଏଶନ୍ ପକ୍ଷରୁ ଆୟୋଜିତ ସମାରୋହ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ନର୍ଲା ନବୋଦୟ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷା ବି. ସିତାଲକ୍ଷ୍ମୀ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ନବୋଦୟ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷାଙ୍କ ସହ ପୁରାତନ ଛାତ୍ର ସଂସଦ ବୈଠକ ଅନୁଷ୍ଠିତ ହୋଇଥିଲା । ଆଲୁମିନା ଆସୋସିଏଶନ୍ ସମ୍ପାଦକ ଭବାନୀଶଙ୍କର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି କେଦାର ଖମାରୀ ତାଙ୍କ ଅଭିଭାଷଣରେ ଏହି ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ ଆସୋସିଏଶନ୍ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗତ ବର୍ଷର କାର୍ଯ୍ୟଧାରା ଓ ଆଗାମୀ ବର୍ଷ ପାଇଁ ଯୋଜନାର ରୂପରେଖା ବିଷୟରେ ଆଲୋଚନା କରାଯାଇଥିଲା। ଅପରାହ୍ନ ୪ଟାରେ ବିଦ୍ୟାଳୟ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ସହ ଆଲୁମିନା ଆସୋସିଏଶନ୍ ମଧ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ବି. ଗଙ୍ଗାଧର, ଏଡିଏମ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଡିଏଫଓ ଟି. ଅଶୋକ କୁମାର ଏବଂ ଭାରପ୍ରାପ୍ତ ଅଧକ୍ଷା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦଯାପନୀ ହେବ ବୋଲି ଲକ୍ଷ୍ମୀନାରାୟଣ ପଣ୍ଡା ସୂଚନା ଦେଇଥିଲେ। ପ୍ରଦୀପ ବଳିଆର ସିଂ, ସ୍ନିଗ୍ଧାରାଣୀ ସିଂ, ଶିବାଶିଷ ବାଗ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଲିପିକା ଦାଶ, ନିଳାଞ୍ଚଳ ମହାପାତ୍ର, ତୁଷାର ପଣ୍ଡା, ସୌମ୍ୟରଞ୍ଜନ ନାଏକ, ଅନନ୍ତ ମହାପାତ୍ର, ତ୍ରିଲୋକ୍ୟ ହରପାଲ, ନେପାଳ ଶବର, ତିରୁପତି କୁଆଁର, ସିଦ୍ଧାନ୍ତ ଗହିର, କାର୍ତ୍ତିକ ସୁନା, ମନୋଜ ଦୁର୍ଗା, ପ୍ରଦୀପ ହରପାଲ, ଭବାନୀ ବାଗ ଓ ପୁରାତନ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଏହି ଉତ୍ସବରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଭିନ୍ନକ୍ଷମ ଦିବସରେ ସଚେତନତା ଶୋଭାଯାତ୍ରା

**ଭବାନୀପାଟଣା,୩।୧୨(ଡି.ଏନ.ଏ.)**

ସୋମବାର ସ୍ଥାନୀୟ ଜିଲା ଭିନ୍ନକ୍ଷମ ପୂନର୍ବାସ କେନ୍ଦ୍ର କଳାହାଣ୍ଡିରୁ ଜିଲା ଭିନ୍ନକ୍ଷମ ସମିତି, କଳାହାଣ୍ଡି ଓ ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସମ୍ମେଳନରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଏକ ଶୋଭାଯାତ୍ରା କରାଯାଇଥିଲା । ଜିଲା ଭିନ୍ନକ୍ଷମ ପୂନର୍ବାସ କେନ୍ଦ୍ର କଳାହାଣ୍ଡି କାର୍ଯ୍ୟାଳୟରୁ ଜିଲାପାଳଙ୍କ ବାସଭବନ ଓ ଜିଲା ସମାଜ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦେଇ ପୁଣି ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରରେ ସମାପ୍ତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭାଗ ଅଧିକାରୀ ଡି.ଡି ଆର.ଶୁଭାଶିସ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭୋଳାନାଥ ନାଏକ ତଥା କର୍ମଚାରୀ ବିଜୁ ପଟ୍ଟନାୟକ ବିଦ୍ୟାଳୟ ଅଧିକାରୀ ଅଜିତ ପ୍ରସାଦ ମହାନ୍ତି, ଡିଷ୍ଟିକ୍ ଡିଜେବୁଲ ଫେଡେରେଶନ୍ କଳାହାଣ୍ଡି ସଭାପତି ହେମନ୍ତ କୁମାର ତାଣ୍ଡି, ସମ୍ପାଦକ ଡୋଳାମଣୀ ପ୍ରଧାନ, କଳାହାଣ୍ଡି ବିକଳାଙ୍ଗ ମଞ୍ଚ ସଭାପତି ଶୁରେଶ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ । କଳାହାଣ୍ଡିର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭିନ୍ନକ୍ଷମମାନେ ଶୋଭାଯାତ୍ରାରେ ଯୋଗଦେଇଥିଲେ । ପରେ ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ସମାଜିକ ସୁରକ୍ଷା ଅଧିକାରୀ ଭୋଳାନାଥ ନାଏକ ତତ୍ତ୍ୱବଧାନରେ ଏକ ସଚେତନ ସଭା ହୋଇଥିଲା। ଏଥିରେ ଡିଡିଆରଓ ଶୁଭାଶିସ ମହାନ୍ତି ଉକ୍ତ ସଭାକୁ ପରିଚାଳନା କରିଥିଲେ। ଏଥିରେ ଡିଷ୍ଟିକ୍ ଡିଜାବୁଲ ଫେଡେରେଶନ୍ କଳାହାଣ୍ଡି ସଭାପତି ହେମନ୍ତ କୁମାର ତାଣ୍ଡି ବିଭିନ୍ନ ଯୋଜନା ଓ ଭିନ୍ନକ୍ଷମମାନଙ୍କ ଯୋଜନା ଓ ଅଧିନିୟମ ବିଷୟରେ ଉଲ୍ଲେଖ କରିଥିଲେ। ଜବକାର୍ଡ ଓ ଲେବର କାର୍ଡ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯକ୍ରମ ଭିନ୍ନକ୍ଷମମାନଙ୍କ ଆଇନ୍ ଓ ଯୋଜନାକୁ ନେଇ କଥୋପକଥନ, ଭିନ୍ନକ୍ଷମମାନଙ୍କ ଉପସ୍ଥିତିରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି (୧୦୦%) ସୁଦା ସାହୁ ତାଙ୍କର ପ୍ରତିଭା ଓ କଳା, ଭଜନ ଗାଇ ସମସ୍ତଙ୍କୁ ଶୁଣାଇଥିଲେ । କେତେକ ଭିନ୍ନକ୍ଷମ ତାଙ୍କର ହସ୍ତ ପ୍ରସ୍ତୁତି ଜିନିଷ ପ୍ରଦର୍ଶନ କରିଥିଲେ । ତନ୍ମଧ୍ୟରୁ ଜୟପାଟଣା ବ୍ଲକ ବତାସୀଗୁଡା ଦୁଷନ୍ତ ପାତ୍ର ଭିନ୍ନକ୍ଷମ ଧାନରେ ଶୁଷ୍କ ହସ୍ତଶିଳ୍ପ କରି ଦେଖାଇଥିଲେ । ଏହି କାର୍ଯ୍ୟକ୍ରମକୁ

## ଜିଲାସ୍ତରୀୟ କାର୍ଯ୍ୟକ୍ରମ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲା ପ୍ରସାଶନ ପକ୍ଷରୁ ଆୟୋଜିତ କରାଯାଇଛି। ଏହା ମଙ୍ଗଳବାର ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମରେ ରେଡକ୍ରସ୍ ମୁକ ବଧିର ବିଦ୍ୟାଳୟ, ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର ବିଦ୍ୟାଳୟ, ଜିଲା ଭିନ୍ନକ୍ଷମ ଫେଡେରେଶନ୍, ଜିଲା ବିକଳାଙ୍ଗ ମଞ୍ଚ, ଜିଲା ମୁକ ବଧିର ସଂଘ, ଜିଲା ଦୃଷ୍ଟିହୀନ ସଂଘ ପ୍ରମୁଖ ସହଯୋଗ କରିଛନ୍ତି ।




ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସରେ ଆୟୋଜିତ ସଚେତନତା ଶୋଭାଯାତ୍ରା